# ସଂଚାର
THE SANCHAR
Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 303 | ଭାଗ ୩୩ | ସଂଖ୍ୟା ୩୦୩ Sunday 25 January 2026 | Page 8 Rs. 5.00 ● ଭୁବନେଶ୍ୱର ରବିବାର ୨୫ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ରାଷ୍ଟ୍ରୀୟ ହିତକୁ ସର୍ବାଗ୍ରେ ରଖାଯିବା ଦରକାର ପୃଷ୍ଠା ୪


## ଟି-୨୦ ବିଶ୍ୱକପ | ବାଂଲାଦେଶ ଆଉଟ୍, ସ୍କଟ୍‌ଲ୍ୟାଣ୍ଡର ଏଣ୍ଟ୍ରି



**ଦୁବାଇ,୨୪।୧:** ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଛି ଆଇସିସି ଟି-୨୦ ବିଶ୍ୱକପ୍। ତେବେ ଭାରତରେ ଏହି ପ୍ରତିଯୋଗିତା ଖେଳାଯିବାକୁ ଥିବା ବେଳେ ଅନ୍ୟତମ ଦଳ ବାଂଲାଦେଶ ଭାରତ ଆସିବାକୁ ରାଜି ହୋଇନଥିଲା। ଭାରତ ସହ ଏହି ଦେଶର କୂଟନୈତିକ ସମ୍ପର୍କ ତିକ୍ତ ହୋଇଥିବାରୁ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଭାରତ ପରିବର୍ତ୍ତେ ଶ୍ରୀଲଙ୍କାରେ ଆୟୋଜନ ପାଇଁ ଆଇସିସି ନିକଟରେ ଦାବି କରିଥିଲା। କିନ୍ତୁ ଆଇସିସି ଏହାକୁ ସ୍ୱୀକାର ନ କରି ବାଂଲାଦେଶକୁ ଭାରତରେ ଖେଳିବା ସକାଶେ ନିଷ୍ପତ୍ତି ନେବାକୁ ୨୪ ଘଣ୍ଟାର ସମୟ ଦେଇଥିଲା। ଶନିବାର ଏହି ସମୟ ସୀମା ଶେଷ ହୋଇଥିଲେ ମଧ ବିସିବି କୌଣସି ପ୍ରକାର ପ୍ରତିକ୍ରିୟା ନ ଦେବାରୁ ଶେଷରେ ଆଇସିସି ଆଗାମୀ ଟି-୨୦ ବିଶ୍ୱକପ୍ ସଂସ୍କରଣରୁ ବାଂଲାଦେଶକୁ ବାଦ୍ ଦେଇଛି। ଏଥିସହ ଏହି ପ୍ରତିଯୋଗିତାରେ ବାଂଲାଦେଶ ସ୍ଥାନରେ ସ୍କଟ୍‌ଲ୍ୟାଣ୍ଡକୁ ସାମିଲ୍ ହେବାର ସୁଯୋଗ ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ଆଇସିସିର ଏକ ଟିମ୍ ଗତକାଲି ରାତିରେ ଦୁବାଇଠାରେ ଆଇସିସି ଅଧକ୍ଷ ଜୟ ଶାହଙ୍କ ସମେତ ଏକ ଟିମ୍ ବିସିବି ମୁଖ୍ୟ ଆମିନୁଲ୍ ଇସଲାମ୍ ବୁଲ୍‌ବୁଲ୍‌ଙ୍କୁ ଏ ସଂକ୍ରାନ୍ତ ନିଷ୍ପତ୍ତି ସମ୍ପର୍କରେ ଇମେଲ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି। ଏହି ଇମେଲ୍‌ରେ ଆଇସିସି ପକ୍ଷରୁ କୁହାଯାଇଛି ଯେ ବିସିବିକୁ ଦିଆଯାଇଥିବା ୨୪ ଘଣ୍ଟା ଡେଡ୍‌ଲାଇନ୍ ସରିଯାଇଥିଲେ ମଧ ନିଜର ଭାଗୀଦାରୀ ନେଇ କୌଣସି ବିଧିବଦ୍ଧ ସୂଚନା ନ ➪ପୃଷ୍ଠା-୬

### ନୀତି ଆୟୋଗ ଉପାଧକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଆୟୋଗଙ୍କ ସହଭାଗିତା ଓଡ଼ିଶା ବିକାଶର ଚାବିକାଠି

- ଅର୍ଥନୈତିକ କରିଡର ପାଇଁ ଲୋଡ଼ିଲେ ସହଯୋଗ
- ସହରୀ ବିକାଶ ପାଣ୍ଠିରୁ ଓଡ଼ିଶା ଅନୁଦାନ ପ୍ରସ୍ତାବ
- ରୂପାନ୍ତରଣ ପ୍ରକ୍ରିୟାକୁ ନୀତି ଆୟୋଗଙ୍କ ପ୍ରଶଂସା
- ଭୁବନେଶ୍ୱରକୁ ମଡେଲ ସହର କରିବାକୁ ପ୍ରସ୍ତାବ
- ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଓଡ଼ିଶା ବିକାଶ ପାଇଁ ନୀତି ଆୟୋଗର ଭାଗିଦାରୀ ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୋଗ ଉପାଧକ୍ଷ ସୁମନ ବେରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା ଗସ୍ତରେ ଆସି ନୀତି ଆୟୋଗ ଉପାଧକ୍ଷ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ରୂପାନ୍ତରଣ ପ୍ରକ୍ରିୟା ଏବଂ ଭବିଷ୍ୟତ ବିକାଶର ବିଭିନ୍ନ ଦିଗ ନେଇ ଆଲୋଚନା କରିଛନ୍ତି। ଏଥିରେ ରାଜ୍ୟ ସରକାର ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ନୀତି ଆୟୋଗ ସଦସ୍ୟ ଡକ୍ଟର ଅରବିନ୍ଦ ଭିରମାନୀ ମଧ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ସଡ଼କ, ଜଳସେଚନ, ଶକ୍ତି ଆଦି କ୍ଷେତ୍ରରେ ହୋଇଥିବା ଭିତ୍ତିଭୂମି ବିକାଶ ସମ୍ପର୍କରେ ନୀତି ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଭିତ୍ତିଭୂମି ବିକାଶ ହିଁ ଶିଳ୍ପାୟନ ଓ ଗ୍ରାମୀଣ ବିକାଶରୁ ବଳ ଦେଉଛି। ଏବେ ରାଜ୍ୟ ସରକାର କ୍ଷୁଦ୍ର, ମଧମ ଓ ଅଣୁ ଶିଳ୍ପର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। କାରଣ ଏମଏସଏମଇ ରାଜ୍ୟକୁ ଅଧିକ ନିବେଶ ଆକୃଷ୍ଟ କରୁଥିବା ବେଳେ ସ୍ଥାନୀୟ ଦକ୍ଷ ମାନବ ସମ୍ବଳ ଜରିଆରେ ଆଞ୍ଚଳିକ ଅର୍ଥନୀତିର ବିନିଯୋଗ କରି ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି କରାଯାଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କରିଡର ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଅର୍ଥନୈତିକ କରିଡର ଅଧିନରେ ୯୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ, ଯାହା ରାଜ୍ୟରେ ବ୍ୟାପକ ସହରୀକରଣ ପାଇଁ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଅନ୍ୟତମ ଗ୍ରୋଥ ଇଞ୍ଜିନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଲୋକପାତ କରି ଏହି ଯୋଜନା ପାଇଁ ନୀତି ଆୟୋଗଙ୍କ ସହଯୋଗ ଏବଂ ମାର୍ଗଦର୍ଶନ ଲୋଡ଼ିଥିଲେ। ଏଥିସହ ଅର୍ବାନ ଚ୍ୟାଲେଞ୍ଜ ପାଣ୍ଠିରୁ ରାଜ୍ୟକୁ ଅନୁଦାନ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ରାଜ୍ୟରେ ବିକାଶ ଧାରାକୁ ପ୍ରଶଂସା କରିବା ସହ ନୀତି ଆୟୋଗ ଉପାଧକ୍ଷ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ➪ପୃଷ୍ଠା-୬

### ଗୋ-ମାଫିଆଙ୍କ ଆକାଉଣ୍ଟରେ ପୁଳାପୁଳା ଟଙ୍କା

## ୯୧ ଆକାଉଣ୍ଟରୁ ସାଢ଼େ ୪ କୋଟି ଜବତ



**ଏବେ ବି ଖୋଲିନି ୧୦୦ ଆକାଉଣ୍ଟ ଓ ୬୦ ଲକର୍**

**କେନ୍ଦୁଝର,୨୪।୧(ସଂଚାର ବ୍ୟୁରୋ):** କିଛି ଦିନ ତଳେ ବିଭିନ୍ନ ଜିଲ୍ଲାରେ ଗୋ-ମାଫିଆଙ୍କ ଉପରେ ଚଢ଼ାଉ ହୋଇଥିବା ବେଳେ ଆଜି ପୁଣିଥରେ ଏପରି ଚଢ଼ାଉ କରାଯାଇଛି। ଏଥିସହ କେନ୍ଦୁଝରର ଜଣେ ଗୋ-ମାଫିଆଠାରୁ ଜବତ ହୋଇଥିବା ସମ୍ପତ୍ତି ଦେଖି ଚଢ଼ାଉରେ ସାମିଲ୍ ହୋଇଥିବା ପୁଲିସ୍ କର୍ମଚାରୀମାନେ ତାଜୁବ୍ ହୋଇଯାଇଛନ୍ତି। ଯେଉଁଠି ହାତ ମାରିଲେ ମିଳିଥିଲା ପୁଳାପୁଳା ଟଙ୍କା। ଘରୁ ଟଙ୍କା ଗଣିଗଣି ଥକି ପଡ଼ିଥିବା ପୁଲିସ ବ୍ୟାଙ୍କରେ ଜବତ ହୋଇଥିବା ଟଙ୍କାର ହିସାବ ଦେଖି ଏହାକୁ ସହଜରେ ବିଶ୍ୱାସ କରିପାରୁନାହିଁ। ଛୋଟ ଛୋଟ ବ୍ୟବସାୟୀଙ୍କ ଆକାଉଣ୍ଟ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଯେତିକି ସମ୍ପତ୍ତି ଠାବ ହୋଇଛି, ତା' ସମସ୍ତଙ୍କୁ ତାଟକା କରିଛି। ଏବେ ବି ଏହି ଚୋରା ଚାଲାଣ ସହ ଜଡ଼ିତ ବଡ଼ବଡ଼ିଆଙ୍କ ଆକାଉଣ୍ଟ ସବୁ ଖୋଲା ସରିନି। ତେବେ ପୁଲିସର ଏପରି କାର୍ଯ୍ୟାନୁଷ୍ଠାନ ପରେ ଗୋ-ମାଫିଆ ମହଲରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି। ଆଜି ୯୧ଟି ଗୋ-ମାଫିଆଙ୍କ ଆକାଉଣ୍ଟ ଖୋଲାଯିବା ପରେ ସେଥିରେ ୪ କୋଟି ୪୦ ଲକ୍ଷ ୭୫ ହଜାର ୩୧୦ ଟଙ୍କା ଥିବା ଜଣାପଡ଼ିଛି। ଏବେ ବି ଆହୁରି ୧୦୦ରୁ ଅଧିକ ଆକାଉଣ୍ଟ ସହ ଲକର୍ ଖୋଲାଯାଇନାହିଁ। ସେଗୁଡ଼ିକ ଖୋଲା ହେବା ପରେ ଗୋ-ମାଫିଆଙ୍କ କଳାସାମ୍ରାଜ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନାନୁସାରେ, କେନ୍ଦୁଝରର ଦୈତାରୀ ଥାନାଞ୍ଚଳରେ ଘଟିଥିବା ଏକ ଅପରାଧକୁ ଆଧାର କରି ପୁଲିସ ଗୋରୁ ବେପାରୀଙ୍କ ଚେର ଠାବ କରିବା ସକାଶେ ଉଦ୍ୟମ ଚଳାଇଛି। ଅପରାଧୀଙ୍କ ଲମ୍ବା ତାଲିକା ଦେଖି ପୁଲିସ ଆଖି ଖୋସି ହୋଇଯାଇଛି। କୋର୍ଟ ସର୍ଚ୍ଚ ୱାରେଣ୍ଟ ବଳରେ ଦକ୍ଷ ପୁଲିସ ଅଧିକାରୀମାନେ କେନ୍ଦୁଝର ସହ ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ଗୋ-ମାଫିଆଙ୍କ ଘର ଉପରେ ଅତର୍କିତ ➪ପୃଷ୍ଠା-୬

## ଓଡ଼ିଆରେ ହେବ ଏଆଇ ଆପ୍ଲିକେସନ୍



- ସର୍ଭମ ସହ ରାଜ୍ୟ ସରକାରଙ୍କ ବୈଠକ
- ଫେବୃଆରୀ ୫ରେ ସ୍ୱାକ୍ଷରିତ ହେବ ଚୁକ୍ତି

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଭିଜନ-୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ସୁସ୍ଥ ଓ ସୁରକ୍ଷିତ କୃତ୍ରିମ ବୁଦ୍ଧିମତା (ଏଆଇ) ବାତାବରଣ ସୃଷ୍ଟି କରିବାକୁ ଦେଶର ପ୍ରମୁଖ ଏଆଇ କମ୍ପାନୀ ସର୍ଭମର ଅଧିକାରୀଙ୍କ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ଅଧିକାରୀ। ବୈଠକରେ ଦୀର୍ଘକାଳୀନ ସାଧାରଣ ଲୋକଙ୍କ ଦକ୍ଷତା ବୃଦ୍ଧି ସହ ରାଜ୍ୟର ନିଜସ୍ୱ ସାର୍ବଭୌମ୍ୟ ଭିତ୍ତିଭୂମି ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା।

ମୁଖ୍ୟମନ୍ତ୍ରୀ ସହ ରାଜ୍ୟ ବୈଷୟିକ ଓ ଆଇଟି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ କମ୍ପାନୀ ଅଧିକାରୀଙ୍କ ସହ ଏଆଇର ଉପଯୋଗ ଏବଂ ରାଜ୍ୟ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟ ସରକାର ରାଜ୍ୟରେ ଏକ ସୁରକ୍ଷିତ ଏଆଇ ଭିତ୍ତିଭୂମି ସୃଷ୍ଟି ସହ ରାଜ୍ୟର ଡାଟା ପରିଚାଳନା ଓ ସାଧାରଣ ଲୋକଙ୍କ ପାଇଁ ଉପଯୋଗୀ ଏଆଇ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ରାଜ୍ୟରେ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ସେବା, ଇ-ଗଭର୍ଣ୍ଣାନ୍ସ ଓ ସର୍ବସାଧାରଣ ସୁରକ୍ଷା ନେଇ ସ୍ୱର ପରିଚାଳିତ ବା ଭଏସ ଏନବ୍‌ଲ ଏଆଇ ଆପ୍ଲିକେସନର ବିକାଶକୁ ମଧ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଆପ୍ଲିକେସନ ଦ୍ୱାରା ରାଜ୍ୟର ତୃଣମୂଳ ସ୍ତର ପର୍ଯ୍ୟନ୍ତ ସରକାରଙ୍କ ବିକାଶମୂଳକ ଯୋଜନାର ସୁଫଳ ଓ ବାର୍ତ୍ତା ପହଞ୍ଚିପାରିବ। ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ଅଳ୍ପଶିକ୍ଷିତ ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇପାରିବ। ଏହାଦ୍ୱାରା ସାଧାରଣ ଗ୍ରାମୀଣ ଲୋକେ ଯୋଜନାର ସୁଫଳ ନେବା ସହ ନିଜ ଅଭିଯୋଗ ମଧ ସହଜରେ ଦାଖଲ କରିପାରିବେ।

ଉଭୟ ପକ୍ଷର ଆଲୋଚନା ଉପଯୋଗୀ ଆପ୍ଲିକେସନର ବିକାଶ ପାଇଁ ଏକ ବର୍ଷ ସମୟ ସୀମା ଧାର୍ଯ୍ୟ କରାଯାଇଥିବା ବେଳେ ବିଭାଗଗୁଡ଼ିକ ନିଜର ଡାଟା ପ୍ରସ୍ତୁତ କରିବା ➪ପୃଷ୍ଠା-୬

### ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ

## ପଞ୍ଚମ ପ୍ରାର୍ଥୀଙ୍କ ପାଇଁ ହେବ କ୍ରସ୍ ଭୋଟିଂ

**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଆସନ୍ତା ରାଜ୍ୟସଭା ନିର୍ବାଚନର ଗଣିତ ଅତ୍ୟନ୍ତ ସ୍ପଷ୍ଟ। କିନ୍ତୁ କିଛି ନେତାଙ୍କ ଉଚ୍ଚାଭିଳାଷ ପାଇଁ ଜଟିଳ ହୋଇପଡିଛି ରାଜ୍ୟସଭାର ସବୁ ହିସାବ ନିକାଶ। ଆସନ୍ତା ଏପ୍ରିଲ ୨ ତାରିଖରେ ଓଡ଼ିଶାରୁ ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ମାର୍ଚ୍ଚ ମଧଭାଗରେ ଏହି ୪ ଆସନ ପାଇଁ ନିର୍ବାଚନ ହେବ। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୋଟିଏ ଓ ବିଜେପି ଦୁଇଟି ଆସନ ଜିତିବା ସ୍ପଷ୍ଟ। ଚତୁର୍ଥ ଆସନରେ ବିଜେପିର ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିବା ନିଶ୍ଚିତ।

ତେବେ ବିଜେପିରୁ ଏହି ଚତୁର୍ଥ ପ୍ରାର୍ଥୀ କିଏ ହେବେ, ତାହା ଏବେ ବି ସନ୍ଦେହରେ। ଚର୍ଚ୍ଚା ହେଉଛି ଦିଲ୍ଲୀପ ରାୟ ବିଜେପିରୁ ପ୍ରାର୍ଥୀ ହେବେ ଆଉ ବିଜେଡି ତାଙ୍କୁ ସମର୍ଥନ ଦେବାକୁ ବାଧ ହେବ। କିନ୍ତୁ ନା ଦିଲ୍ଲୀପ ରାୟ ନିଜ ତରଫରୁ ନା ଦଳ ତରଫରୁ ତାଙ୍କ ନାଁ ଏଯାଏଁ ଘୋଷଣା ହୋଇଛି। କେବଳ ରାଜନୈତିକ ଆଲୋଚନା ପର୍ଯ୍ୟାଲୋଚନା ଓ ସମ୍ଭାବନାର ମରୀଚିକା ମଧରେ ଗଣମାଧମ ଓ ବିଶ୍ଳେଷକ ବିଭିନ୍ନ ଆକଳନ କରୁଛନ୍ତି। ଏମିତି ବି ବିଜେପି ନିଜର ପ୍ରଥମ ଦୁଇଟି ପ୍ରାର୍ଥୀଙ୍କୁ ଚୂଡ଼ାନ୍ତ କରିପାରିନାହିଁ। କାରଣ ଦଳ କ୍ଷମତାକୁ ଆସିବା ପରେ ଆଶାୟୀଙ୍କ ସଂଖ୍ୟା ଢେର ଅଧିକ ବଢ଼ିଯାଇଛି।

ବିଜେଡି ମଧ କାହାକୁ ପ୍ରାର୍ଥୀ କରିବ, ➪ପୃଷ୍ଠା-୬

### ଆଇନ ମନ୍ତ୍ରୀଙ୍କ ଘରେ ଦିଲ୍ଲୀପ ରାୟ



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସରକାରୀ ବାସଭବନରେ ଦିଲ୍ଲୀପ ରାୟ। ରାଜ୍ୟସଭା ଚତୁର୍ଥ ସିଟ୍‌କୁ ନେଇ ଦିଲ୍ଲୀପ ରାୟଙ୍କ ନାଁ ଚର୍ଚ୍ଚାରେ ଥିବା ବେଳେ ସେ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଘରେ ଅଧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିବା ଜଣାପଡ଼ିଛି। ଉଭୟ ନେତାଙ୍କ ଭେଟଘାଟ ନେଇ ଚର୍ଚ୍ଚା ଜୋର ଧରିଛି। ଅଧା ଘଣ୍ଟାରୁ ଅଧିକ ସମୟ ଆଲୋଚନା କରି ➪ପୃଷ୍ଠା-୬

### ପ୍ରଥମ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍' ଉଦ୍‌ଘାଟିତ

## ପୂରଣ ହେବ କନ୍ୟାରତ୍ନଙ୍କ ଆକାଶ ଛୁଇଁବା ସ୍ୱପ୍ନ



**ମାତୃଭାଷାରେ ଶିକ୍ଷା ସହ ପିଲାଙ୍କ ସ୍ୱାସ୍ଥ୍ୟଗତ ଯତ୍ନକୁ ଗୁରୁତ୍ୱ**

**ସମ୍ବଲପୁର,୨୪।୧(ସଂଚାର ବ୍ୟୁରୋ):** ଜ୍ଞାନ ଓ ବିଜ୍ଞାନର ସମନ୍ୱୟରେ ଓଡ଼ିଶାର ଛାତ୍ରୀମାନେ ଏବେ ସ୍ୱପ୍ନ ଦେଖିବେ ନାହିଁ, ବରଂ ସେହି ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରିତ କରିବେ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରର ଐତିହାସିକ ଚନ୍ଦ୍ରଶେଖର ବେହେରା (ସିଏସବି) ଜିଲ୍ଲା ସ୍କୁଲ ସମେତ ୩ଟି ସ୍ଥାନରେ ଉଦଘାଟିତ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍' କେବଳ ଏକ ବିଜ୍ଞାନାଗାର ନୁହେଁ, ବରଂ ଏହା କନ୍ୟାରତ୍ନଙ୍କ ଆକାଶ ଛୁଇଁବା ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଶକ୍ତିଶାଳୀ ମାଧମ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ଆଜି 'ଜାତୀୟ ଶିଶୁ କନ୍ୟା ଦିବସ'ରେ ସିଏସବି ଜିଲ୍ଲା ସ୍କୁଲର ବାର୍ଷିକୋତ୍ସବ 'ଜ୍ୟୋତିର୍ଗମୟ'ରେ ଯୋଗଦେବା ସହ ଏଠାରୁ ଆଭାସୀରେ 'ବୋଇଂ ସୁକନ୍ୟା ପ୍ରୋଗ୍ରାମ ଷ୍ଟେମ୍ ଲ୍ୟାବ୍'ର ଉଦଘାଟନ କରିଥିଲେ। ସେ କହିଛନ୍ତି ଯେ 'ଜାତୀୟ ଶିଶୁ କନ୍ୟା ଦିବସ' ଅବସରରେ ଓଡ଼ିଶାର ପ୍ରଥମ 'ବୋଇଂ ଷ୍ଟେମ ଲ୍ୟାବ୍' ସମ୍ବଲପୁରରୁ ଆରମ୍ଭ ହୋଇଛି। ଏହି ଲ୍ୟାବ୍‌ରେ ବିଜ୍ଞାନ ସହ ଏରୋସ୍ପେସ୍ ସମ୍ବନ୍ଧୀୟ ଶିକ୍ଷା ଓ ପାଇଲଟ୍ ହେବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଉଦ୍ୟମ ଛାତ୍ରଛାତ୍ରୀ, ବିଶେଷକରି ଛାତ୍ରୀମାନଙ୍କ ମଧରେ ବୈଜ୍ଞାନିକ ଚିନ୍ତାଧାରା ଓ ନବସୃଜନର ନୂତନ ଜ୍ୟୋତି ପ୍ରଜ୍ୱଳିତ କରିବ।

ମନ୍ତ୍ରୀ କହିଛନ୍ତି ଯେ ଆଗାମୀ ୧୦ ବର୍ଷ ମଧରେ ଭାରତରେ ବିମାନ ସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇବ। ଏଥିପାଇଁ ବହୁ ସଂଖ୍ୟାରେ ପାଇଲଟ୍, ଇଞ୍ଜିନିୟର ଓ ଡିଜାଇନର୍ ଆବଶ୍ୟକ। ➪ପୃଷ୍ଠା-୬

### ସମଗ୍ର ଅଞ୍ଚଳରେ ଚର୍ଚ୍ଚା

## କଲରା ପତରିଆ ସହ ଲଢ଼ିଲେ ଯୁବକ

- ଛୁରୀ ମାଡ଼ରେ ବାଘ ମୃତ
- କଟକ ସ୍ଥାନାନ୍ତର ହେଲେ ଶୁଭ୍ରାଂଶୁ





**କଟକ,୨୪।୧(ସଂଚାର ବିରୋ):** କଟକ ଜିଲ୍ଲା ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନନ୍ତପ୍ରସାଦ ଗାଁରେ ଆଜି ଏକ ନିର୍ଦ୍ଦିଷ୍ଟ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଜଣେ ଯୁବକ ଅଦମ୍ୟ ସାହସ ଦେଖାଇ ଏକ କଲରା ପତାରିଆ ବାଘଠାରୁ ନିଜକୁ ବଞ୍ଚାଇପାରିଛନ୍ତି। ଏପରିକି ତାଙ୍କ ଛୁରୀ ଆକ୍ରମଣରେ ଆହତ ହୋଇଥିବା ବାଘଟି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଅବଶ୍ୟ ଉକ୍ତ ଯୁବକ ଜଣଙ୍କ ଆହତ ହୋଇ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର ହୋଇଛନ୍ତି। କିନ୍ତୁ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ମିଳିଥିବା ଖବର ➪ପୃଷ୍ଠା-୬



### କାନ ଡେରିଆ

ପିସି କାରବାର
କୁଜିନେତା ହାତେ
ପ୍ରଶାସନ ଏବେ ଖୁସି
ମଧସ୍ଥି ସାଜିକି ସରକାରୀ ଧନ
ନିଅନ୍ତି ରାଜସ୍ୱ ଚୁଷି
ସେବେ କହୁଥିଲ ପିସି...
କୁଜିନେତା କଲେ କଣ କହିବ
ତାଙ୍କୁ ଦରକାର ବେଶୀ ।

■ ଦେବାଶିଷ

# ଅସନ୍ତୁଷ୍ଟଙ୍କୁ ପରୋକ୍ଷ ଚେତାବନୀ, ଶୃଙ୍ଖଳା ଓ ଅନୁଶାସନ ଜରୁରୀ

"୨୪ ବର୍ଷ ଧରି ବିଜେଡି ନେତାମାନେ କ୍ଷମତା ଭିତରେ ରାଜନୀତି କରୁଥିଲେ। ପ୍ରଥମ ଥର ପାଇଁ କ୍ଷମତା ବାହାରେ ରାଜନୀତି କରୁଛି ବିଜେଡି। ଯେଉଁଥିପାଇଁ ବିଭିନ୍ନ ଫୋରମରେ ଦଳର ନେତାମାନେ ନିଜ ନିଜ ମଧରେ ଥିବା ନୈରାଶ୍ୟର ପରିପ୍ରକାଶ କରୁଛନ୍ତି, ଯାହାକୁ ଦଳୀୟ ଅସନ୍ତୋଷର ରୂପ ଦିଆଯାଉଛି। କ୍ରମାଗତ ଭାବେ ବିଶ୍ୱକପ ଜିତୁଥିବା ଦଳ ବି ହାରିଯାଏ। ତେଣୁ ହାରିଯିବା ପରେ ବିଭିନ୍ନ କାରଣ ଖୋଜାଯିବା ସ୍ୱାଭାବିକ। କିନ୍ତୁ ଦଳରେ ଶୃଙ୍ଖଳା ଓ ଅନୁଶାସନ ଜରୁରୀ। ଯଦି କାହା ମନରେ କିଛି ବି ଦ୍ୱନ୍ଦ୍ୱ ଥାଏ ସେମାନେ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ଫୋରମରେ ଆଲୋଚନା କରିବା ଉଚିତ। ସଭାପତିଙ୍କୁ ଚିଠି ଲେଖି ମିଡିଆରେ ବତର୍କ କରିବା ଦଳୀୟ ବିଶୃଙ୍ଖଳା।
ଆଜି 'ସଂଚାର' ସହ ଏକ ସ୍ୱତନ୍ତ୍ର ଆଲୋଚନାରେ ଏଭଳି ବାର୍ତ୍ତା ଦେଇଛନ୍ତି ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ଡକ୍ଟର ସଂତୃପ୍ତ ମିଶ୍ର।"

**ଆପଣ କର୍ପୋରେଟରୁ ରାଜନୀତିରୁ କାହିଁକି ଆସିଲେ:-** ମୁଁ ହଠାତ ଆସିନି। ୨୦୨୪ରେ ରାଜନୀତିକୁ ଆସିବାର ଥିଲା। ୨୦୧୮ରେ ଓ ୨୦୧୯ରେ ବି ସୁଯୋଗ ମିଳିଥିଲା। ଗତ ୧୦ ବର୍ଷ ହେଲା ଯେଉଁମାନେ ମତେ ଜାଣିଥିଲେ, ସେମାନେ ଯାଇଥିଲେ ଯେ ଅବସର ପରେ ମୁଁ ଲୋକ ସମ୍ପର୍କ ପାଇଁ ଓଡ଼ିଶା ଆସିବି।

**'ପାନ ଗୁଆ ତେଜରାତି, ରାଜନୀତି ଏକ ଭଲ ବ୍ୟବସାୟ' ଭାବି ଆସିଥିଲେ କି:-** ଏବେ ରାଜନୀତିକୁ ଏକ ପେଶା ଓ ବ୍ୟାପକ କରାଯାଇଛି। ମୁଁ ଜୀବନରେ ଅନେକ ଦାୟିତ୍ୱ ସମ୍ପନ୍ନ କାମ କରିଛି। ଅନ୍ତରାଷ୍ଟ୍ରୀୟ ସ୍ତରରେ ସଫଳତା ପାଇଛି। ଘର ଦ୍ୱାର ପରିବାରର ଯାହା ଦାୟିତ୍ୱ ତୁଲାଇ ସାରିବା ପରେ ମୁଁ ରାଜ୍ୟ ପାଇଁ କିଛି କରିବାକୁ ଆଗ୍ରହ ପ୍ରକାଶ କରିଆସିଛି। ନବୀନ ବାବୁଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ମତେ ଆକର୍ଷଣ କରିଥିଲା।



**ବିଜେଡି ତ ଏବେ କ୍ଷମତାରେ ନାହିଁ, ତେଣୁ ଆପଣଙ୍କ ବିକଳ୍ପ କ'ଣ:-** ରାଜନୀତି ମୋ ପାଇଁ କ୍ଷମତା ବା ବ୍ୟାପାର ନୁହେଁ। କ୍ଷମତାରେ ନ ଥାଇ ମଧ ମୁଁ ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀରେ ଦକ୍ଷତା ବିକାଶ ପାଇଁ କାମ କରୁଛି। କେବଳ ମୁଁ ନୁହେଁ, ସମସ୍ତଙ୍କ ପାଇଁ ଏହା ସମ୍ଭବ। ସମସ୍ତେ ନିଜ ନିଜ କ୍ଷେତ୍ରରେ ସମସ୍ୟା ଓ ସମାଧାନ କଥା ଜାଣନ୍ତି। କ୍ଷମତାରେ ବହୁ ବର୍ଷ ଧରି ଥିବାରୁ ସମସ୍ତେ ବିକାଶମୂଳକ ରାଜନୀତି କଥା ଜାଣିପାରୁନାହାଁନ୍ତି। ନବୀନ ବାବୁ ସବୁବେଳେ କହୁଛନ୍ତି, କ୍ଷମତାରେ ନଥାଇ ମଧ ଲୋକଙ୍କ ପାଇଁ କାମ କର।

**ନବୀନ ପଟ୍ଟନାୟକଙ୍କ ମାନସିକତାକୁ ଦଳ କାର୍ଯ୍ୟକାରୀ କରିପାରିବ ତ:-** ବିଜେଡି କ୍ଷମତାରେ ଥାଇ କାମ କରିବା ଜାଣିଥିଲା। କ୍ଷମତା ଏକ ଫିଲଟର ମେକାନିଜିମ ଭଳି କାମ କରୁଥିଲା। ଯେପରି ବର୍ତ୍ତମାନର ସରକାରକୁ ନୂଆ ବୋଲି କହି ସବୁ କଥାରେ ସମାଲୋଚନା କରାନଯାଉ ବୋଲି କୁହାଯାଉଛି, ସେହିଭଳି ବିଜେଡି ମଧ ନୂଆ ନୂଆ ବିରୋଧୀ ଦଳ ହୋଇଛି। ତାକୁ ମଧ ସମୟ ଦେବା ଦରକାର ବିକଳ୍ପ ରାଜନୀତି ପାଇଁ।

**ବିଜେଡିରେ ଏବେ ବିଭିନ୍ନ ପ୍ରକାର ମେଳି ହେଉଛି:-** ମେଳି କେବଳ ମିଡିଆ ଦ୍ୱାରା ପ୍ରସ୍ତୁତ ଏକ ନ୍ୟାରେଟିଭ। ବିଜେଡି ବିଷୟରେ ବହୁ କଥା କୁହାଯାଉଛି, ଯାହା ପ୍ରକୃତରେ ସମ୍ପୂର୍ଣ୍ଣ ଓଲଟା। ହାରିବା ପରେ ବହୁ ନେତାଙ୍କ ମଧରେ ନୈରାଶ୍ୟ ଭାବ ଦେଖାଦେଇଛି। ଏହା ଏକ ଚିରାଚରିତ କଥା। ଏହି ନୈରାଶ୍ୟ ଭିତରେ ସେମାନେ ନିଜେ ହାରିବାର କାରଣ ଖୋଜୁଛନ୍ତି। ସେମାନଙ୍କ ବିକଳ୍ପକୁ ମିଡିଆ ଭିନ୍ନ ଭାବେ ଚିତ୍ରଣ କରୁଛି। ➪ପୃଷ୍ଠା-୬

## ବାଚସ୍ପତି ସୁରମା ପାଢ଼ୀଙ୍କୁ ସାଲେପୁରରେ ସମ୍ବର୍ଦ୍ଧନା



**ସାଲେପୁର,୨୪।୧ (ସଂଚାର ବ୍ୟୁରୋ):** ଆଜି ସାଲେପୁରଠାରେ ବିଜେପି ପକ୍ଷରୁ ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର ବିଜେପିର ବହୁ କର୍ମକର୍ତ୍ତା ବିଜେପି ନେତା ତଥା କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଲେପୁର କୁଆଁପାଳ ଛକଠାରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ପାଢ଼ୀ କୁଆଁପାଳ ଛକରେ ଥିବା ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଜେପି କର୍ମକର୍ତ୍ତାଙ୍କ ସହିତ କିଛି ସମୟ ଆଲୋଚନା କରି କେନ୍ଦ୍ରାପଡ଼ା ଅଭିମୁଖେ ଯାଇଥିଲେ। ଶ୍ରୀମତୀ ପାଢ଼ୀ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ସ୍କୁଲ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ତାଙ୍କୁ ସାଲେପୁରଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁ ଚରଣ ଦାସଙ୍କୁ ମଧ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ସାଲେପୁର ମଣ୍ଡଳ ସଭାପତି ଅସିତ୍ କୁମାର ମହାନ୍ତି, କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ତ୍ରିଲୋଚନ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# କାହା ଛତ୍ରଛାୟା ତଳେ କାଠମାଫିଆ

**ଡେରାବିଶ,୨୪।୧ (ସଂଚାର ବ୍ୟୁରୋ):** ଡେରାବିଶ ବନାଞ୍ଚଳ ଅଧିକାରୀ ସୁକାନ୍ତ ବେହେରାଙ୍କୁ ନେଇ ଆସିଛି ସାଙ୍ଘାତିକ ଅଭିଯୋଗ। ଅନେକ ସମୟରେ କାର୍ଯ୍ୟାଳୟ ଆସୁନାହାନ୍ତି ଏହି ଅଧିକାରୀ ଜଣଙ୍କ ଯାହା ଦ୍ୱାରା ଖୁଲମଖୁଲା ଅନେକ ମୂଲ୍ୟବାନ ଗଛ କାଟି ଜଙ୍ଗଲରୁ ଚୋରିକରି ନେଇଯାଉଛନ୍ତି କାଠ ମାଫିଆମାନେ। ହେଲେ ଘରେ ନିଘୋଡ଼ ନିଦ୍ରାରେ ସୋଇ ରହୁଛନ୍ତି ଏହି ବାବୁ ଜଣଙ୍କ। ନା ଆସୁଛନ୍ତି କାର୍ଯ୍ୟାଳୟ ନା ଜଗୁଛନ୍ତି ଜଙ୍ଗଲ। ଅନେକ ସମୟରେ କିଏ ନିଜ ଝିଅ ବାହାଘର ପାଇଁ ବାଡ଼ିରେ ଥିବା ଗଛ କାଟିବା ପାଇଁ ଅନୁମତି ପାଇଁ ଫେରୁଛି ତ ଆଉ କିଏ ମାସେ ମାସେ ଧରି ଅପେକ୍ଷା କରିବାକୁ ପଡୁଛି



କିନ୍ତୁ କିଛିବି ଫରକ ପଡୁନି ଉକ୍ତ ବାବୁଙ୍କୁ। ଗୋଟେ ପଟେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୃଷ୍ଟି କରୁଥିବା ବେଳେ ଏହି ଭଳି କିଛି ଦାଇତ୍ୱହୀନତା ଅଧିକାରୀଙ୍କ ପାଇଁ ଏବେ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ବାବୁଙ୍କୁ ଯୋଗାଯୋଗ କଲେ ମଧ ବାବୁଙ୍କ ଫୋନ ଲାଗେନାହିଁ।

### ବେଫିକର ବନ ଅଧିକାରୀ

ଏଠି ପ୍ରଶ୍ନ ଉଠୁଛି କାହା ଛତ୍ର ଛାୟା ତଳେ ଏହି ବନ ଅଧିକାରୀ ସୁକାନ୍ତ ବେହେରା? କାହିଁକି ମାସ ମାସ ଧରି କାର୍ଯ୍ୟାଳୟ ଆସୁନାହାନ୍ତି ଏହି ବାବୁ ଜଣଙ୍କ? ଏ ବାବୁଙ୍କ ମୁଣ୍ଡ ଉପରେ ରହିଛି କି କେଉଁ ବଡ଼ ବାବୁଙ୍କ ହାତ? ଲୋକଙ୍କ ଟିକସରୁ ଦରମା ନେଇ କାର୍ଯ୍ୟାଳୟ ନ ଆସି ଘରେ ଶୋଇବାକୁ କିଏ ଦେଉଛି ଅନୁମତି। ନାଁ କାଠ ମାଫିଆଙ୍କ ସହ ରହିଛି କି ତାଙ୍କର କିଛି ଭିତିରିଆ ସମ୍ପର୍କ? ଯାହାଦ୍ୱାରା କାଠ ମାଫିଆ ମାନେ ନେଉଛନ୍ତି ଫାଇଦା। ଅନେକ ସମୟରେ ବିଭିନ୍ନ ବନଖଣ୍ଡ ଅଧିକାରୀଙ୍କୁ ଭିଜିଲାନ୍ସ ଚଢ଼ାଉ କରୁଥିବା ବେଳେ କାହିଁକି ଏ ବାବୁଙ୍କ ପ୍ରତି ହେଉନି ଭିଜିଲାନ୍ସ ଚଢ଼ାଉ। ତେବେ ଖବର ପ୍ରକାଶ ପରେ ବନ ବିଭାଗର ବଡ଼ ବାବୁ ମାନେ ଏଭଳି ଅଧିକାରୀଙ୍କ ପ୍ରତି କଣ ନେଉଛନ୍ତି କାର୍ଯ୍ୟାନୁଷ୍ଠାନ। ଏନେଇ ବନଅଧିକାରୀ ସୁକାନ୍ତ ବେହେରାଙ୍କ ପ୍ରତିକ୍ରିୟା ପାଇଁ ତାଙ୍କୁ ଯୋଗାଯୋଗ କରିଥିଲୁ କିନ୍ତୁ ତାଙ୍କ କାର୍ଯ୍ୟାଳୟରେ ତାଲା ଝୁଲୁ ଥିବା ବେଳେ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ମାର୍ଶାଘାଇ ଫିଲିଂ ଷ୍ଟେସନରେ ମକ ଡ୍ରିଲ



**ମାର୍ଶାଘାଇ,୨୪।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଫିଲିଂ ଷ୍ଟେସନରେ ମାର୍ଶାଘାଇ ଅଗ୍ନିଶମ, ବିପିସିଏଲ୍, ମାର୍ଶାଘାଇ ଫିଲିଂ ଷ୍ଟେସନ ସହଯୋଗରେ ମକ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ ପମ୍ପରେ ରେ ଥିବା ସିଏନ୍‌ଜି ରେ ଅଗ୍ନିକାଣ୍ଡ ହେଲେ କେମିତି ଧନ ଜୀବନ ରକ୍ଷା କରାଯାଇପାରିବ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷା ଦେଇଥିଲେ ମାର୍ଶାଘାଇ ଅଗ୍ନିଶମ ବିଭାଗ ଅଧିକାରୀ ସୋମ୍ୟରଞ୍ଜନ ସାହୁ। ଲୋକଙ୍କୁ ସଚେତନ କରିବା ସହ ଡେମୋ ମଧ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ମାର୍ଶାଘାଇ ଫିଲିଂ ଷ୍ଟେସନର ମ୍ୟାନେଜର ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି ଆମେ ସଚେତନ ରହିବା ସହିତ ଅନ୍ୟ ମାନଙ୍କୁ ସଚେତନ କରାଇଲେ ଅଗ୍ନିକାଣ୍ଡ ଦୁର୍ଘଟଣାରୁ ଜୀବନ ରକ୍ଷା କରିପାରିବା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ମାର୍ଶାଘାଇ ଫିଲିଂ ଷ୍ଟେସନ ମାଲିକ ବିଶ୍ୱ ପ୍ରକାଶ ସ୍ୱାଇଁ, ଜ୍ୟୋତି ପ୍ରକାଶ ସ୍ୱାଇଁ, ଭାରତ ପେଟ୍ରୋଲିୟମର ସମସ୍ତ ଅଧିକାରୀ ଶ୍ରୀ ଉପେନ୍ଦ୍ର ନାଥ ସେଠି, ଶ୍ରୀ ମନୀଷ କୁମାର, ଶ୍ରୀ ପୃଥ୍ୱୀରାଜ ଦାସ, ଶ୍ରୀ ଅନିମେଷ ଯାଦବ, ଶ୍ରୀ ରୋହିତ ପ୍ରଧାନ ଓ ଟେକ୍ନିସିଆନ ସହ ମାର୍ଶାଘାଇ ଅଗ୍ନିଶମ ବିଭାଗ, ମାର୍ଶାଘାଇ ଫିଲିଂ ଷ୍ଟେସନ କର୍ମଚାରୀ ଉପସ୍ଥିତ ଥିଲେ।

### ରାସ୍ତା ଉପରେ ପାଣି ଲହଡ଼ି ମାରିବା ଘଟଣା

## ଅଭିଯୋଗ ପରେ ବିଭାଗର ତତ୍ପରତା

**ମହାକାଳପଡ଼ା,୨୪।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ, ଓଳିହା ଗ୍ରାମର ପୁରୁଣା ବିଦ୍ୟାଳୟ ନିକଟ ଆର ଆଣ୍ଡ୍ ବି ଢଳେଇ ରାସ୍ତା ଉପରେ ରେ ଲହଡ଼ି ମାରୁଥିଲା ନର୍ଦ୍ଦମା ବର୍ଷା ପାଣି। ଯାହା ଫଳରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଥିଲା। ଜଳନିଷ୍କାସନ ହୋଇ ନପାରିବାରୁ ପାଣି ଭିତରେ ଯାତାୟତ କରି ନିଇତି ଦୁର୍ଘଟଣାର ଶୀକାର ହେଉଥିଲେ ଯାତ୍ରୀ। ଏନେଇ ବାରମ୍ବାର ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ସମେତ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟକୁ ସମାଧାନ ପାଇଁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ପ୍ରଭାତ ଦେଇଥିବା ପ୍ରସ୍ତାବକୁ ବିଭାଗୀୟ ଅନୁମୋଦନ କରାଯାଇଛି। ନୂତନ ଆର୍ଥିକ ବର୍ଷ ର ୫ମ ରାଜ୍ୟ ଅର୍ଥ କମିଶନ ତରଫରୁ ଆର୍ଥିକ ଅନୁମୋଦନ ହେବା ପରେ ପ୍ରସ୍ତାବିତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପ୍ରଭାତଙ୍କୁ ସୂଚନା ଦେଇଛି ମହାକାଳପଡ଼ା ପଞ୍ଚାୟତ ସମିତି। ପ୍ରଭାତଙ୍କ ପ୍ରୟାସରେ ହଜାର ହଜାର ଲୋକଙ୍କ ସମସ୍ୟା ସମାଧାନ ହେବ ବୋଲି ଶୁଣିବାକୁ ପାଇ ପ୍ରଭାତଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।



ନୂଆ ଆର୍ଥିକ ବର୍ଷ ବଜେଟ୍ ଆସିଲେ କାମ ଆରମ୍ଭ

## ଲାଲବାହାଦୂର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ଡେରାବିଶ,୨୪।୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଆଜି ପାଳିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଅବନୀ କୁମାର ବରାଳଙ୍କ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମାଜସେବୀ ବିଷ୍ଣୁ ଚରଣ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ରାଉତ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଞ୍ଚାନନ ଶତପଥି ଯୋଗଦେଇଥିଲେ।

ଅତିଥିମାନେ ପ୍ରଥମେ ଶ୍ରୀ ବଳଦେବଜୀୟୁଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ।





ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସଂସଦର ସଭାପତି ଶ୍ରୀ ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ସନ୍ତୋଷ ସିହ୍ନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଯେମିତି ଅନୁଷ୍ଠାନର ଗାରିମା ବଢ଼ାଉଛି ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ନିଷ୍ଠା ଓ ପରିଶ୍ରମ କରି ଜଣେ ଜଣେ ଉତ୍ତମ ନାଗରିକ ହେବା ସହ ସମାଜ ସେବା ପାଇଁ ସମୟ ଓ ସାମର୍ଥ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସଂସଦର ମୁଖପତ୍ର 'ଦିପ୍ତିକା'କୁ ଲୋକାର୍ପଣ କରିଥିଲେ। ସଂସଦ ପକ୍ଷରୁ ରାଜକିଶୋର ଶତପଥିଙ୍କ ସ୍ମୃତିରେ ପ୍ରତିବର୍ଷ କୃତି ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ପୁରସ୍କାର ରାଶି ଦେବା ପାଇଁ ସ୍ଥିର କରିବା ସହ ଚଳିତ ବର୍ଷରେ ବିଦ୍ୟାଳୟର କୃତୀ ଛାତ୍ରୀ ନିରୂପମା ବେହେରାଙ୍କୁ ବୃତି ପ୍ରଦାନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଶ୍ରୀ ପତି ମଞ୍ଚ ସଂଯୋଜନା କରିଥିଲେ।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



**ରାଜନଗର,୨୪।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଖମାରସାହି ପଂଚାୟତ ଗୋବିନ୍ଦପୁର ଗ୍ରାମର ନଳିନୀ ଗିରିଙ୍କ ପୁଅ ସୁବ୍ରତ ଗିରି (୧୯) ତାମିଲନାଡୁରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ପିତା ନଳିନୀଙ୍କ କହିବାନୁଯାୟୀ ପ୍ରାୟ ୫ମାସ ପୂର୍ବରୁ ସୁବ୍ରତ ତାମିଲନାଡୁର କାଞ୍ଚିପୁରମ ଜିଲ୍ଲା ଅନ୍ତର୍ଗତ ମେଡ଼ାଭକ୍କାମ ଥାନା ଅନ୍ତର୍ଗତ ଏସ କୋଲଥୁରରେ ରହି ଆରବ ରିଡୁସ କଂପାନୀରେ କାମ କରୁଥିଲା। ସେଠାରେ ସେ ମାଲ ପରିବହନ କରୁଥିବା କ୍ରେନରେ କମ୍ପ୍ୟୁଟର ଅପରେଟର ଭାବେ କାମ କରୁଥିଲା। ଚଳିତ ମାସ ୨୩ ତାରିଖ ଶୁକ୍ରବାର ଦିନ ମାଲ ପରିବହନ ହେଉଥିବା କ୍ରେନ ଜାମ ହୋଇଯିବାରୁ କ୍ରେନରୁ ଓହ୍ଲାଇ ଅନ୍ୟ ଦୁଇ ଜଣଙ୍କ ସହ ଜାମ ହୋଇଥିବା ସ୍ଥାନକୁ ଯାଇଥିଲେ। ସେଠାରୁ ସେ ଖସି ପଡିଲେ କି ଯାନ୍ତ୍ରିକ ଅବ୍ୟବସ୍ଥା ଯୋଗୁଁ ପ୍ରାୟ ୫୦ଫୁଟ ତଳକୁ ପଡି ମୃତ୍ୟୁ ହେଲା, ସେ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ। ଅପର ପକ୍ଷରେ ସୁବ୍ରତଙ୍କୁ ଅମନ ହେଲଥ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ କୌଣସି ଲାଭ ହୋଇ ନଥିଲା। ସେ ମୃତ୍ୟୁବରଣ କରିସାରିଥିଲା। ଖବର ପାଇ ପରିବାର ଲୋକ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ଏହି ଦରିଦ୍ର ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିବା ସହ ଶବ ଆଣିବାକୁ ବ୍ୟବସ୍ଥା କରିବାକୁ ମୃତକଙ୍କ ପିତାଙ୍କ ସହ ଗ୍ରାମବାସୀ ନିବେଦନ କରିଛନ୍ତି।

## ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ହିନ୍ଦୁ ସମ୍ମିଳନୀ





**କେନ୍ଦ୍ରାପଡା,୨୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ମା ତୁଳସୀ ବସତି ଓ ବାରଙ୍ଗେଇ ବସତି ଅଂଚଳର ୨ ହଜାରରୁ ଊର୍ଦ୍ଧ ହିନ୍ଦୁ ଭାଇ ଭଉଣୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସମାଜସେବୀ ଅରବିନ୍ଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱରୂପ ଗିରି ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବଡପଣ୍ଡା ମାଧବ ପତ୍ରୀ ସମ୍ମାନିତ ଅତିଥି ଓ ଜିଲ୍ଲା ସଂଘ ଚାଳକ ବିରଂଚି ନାରାୟଣ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଉପସ୍ଥିତ ସମାବେଶକୁ ଉଦବୋଧନ ଦେଇଥିଲେ।

### ଏସିଏଫଙ୍କ ଉପରେ ଆଇଆଇସି ବର୍ଷିବା ଘଟଣା

## ଓଡ଼ିଶା ବନ ସେବା ସଂଘକୁ ଲିଖିତ ଜଣାଇଲେ ଏସିଏଫ୍

**ରାଜନଗର,୨୪।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଘଟଣାରେ ଦବଙ୍ଗଗିରି ଦେଖାଇଥିବା ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଗତକାଲି ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଆଜି ଡିଏଫଓଙ୍କୁ ଦାବିପତ୍ର ଦେଇଥିଲେ। ଘଟଣା ସମ୍ପର୍କରେ ଡିଏଫଓ ସମସ୍ତ ଅଭିଯୋଗ କପି ସହିତ ଏକ ରିପୋର୍ଟ ପିସିସିଏଫ ସାଧାରଣ, ପିସିସିଏଫ ବନ୍ୟପ୍ରାଣୀ, ପୁଲିସ ଡିଜି, ଏସପି କେନ୍ଦ୍ରପଡାଙ୍କୁ ଜଣାଇବା ସହ ବିଶୃଙ୍ଖଳିତ ଆଚରଣ କରିଥିବା ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଥିଲେ। ଆଜି ଦୁର୍ବ୍ୟବହାରର ଶିକାର ହୋଇଥିବା ଏସିଏଫ ଗଗନ ବିହାରୀ ମଲ୍ଲିକ ଓଡିଶା ବନ ସେବା ସଂଘର ସଭାପତି ଓ ସମ୍ପାଦକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ରାଜନଗର ଲୁଣାଜଙ୍ଗଲ ବନ୍ୟପ୍ରାଣୀ ବନ୍ୟଜନ୍ତୁ ଡିଭିଜନର ଏସିଏଫ ଗଗନ ବିହାରୀ ମଲିକ ୨୧ ତାରିଖ ଦିନ ରାଜନଗର ରେଞ୍ଜ କାର୍ଯ୍ୟାଳୟ ଭିତରେ ଘଟିଥିବା ଘଟଣା ସମ୍ପର୍କରେ ଓଡିଶା ବନ ସେବା ସଂଘର ସଭାପତି ଓ ସମ୍ପାଦକଙ୍କୁ ଜଣାଇଛନ୍ତି।

୨୧ ତାରିଖ ଦିନ ପଟାମୁଣ୍ଡାଇର ଶଣ୍ଢପଲ୍ଲୀ କେନାଲ ରୋଡରେ ଶିଡ୍ୟୁଲ ୱାନ ପ୍ରଜାତିର ବଜ୍ରକାପ୍ତା କାତି ୧୪ଟି ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଥିଲୁ। ଅଭିଯୁକ୍ତମାନଙ୍କୁ ପଚରା ଉଚରା ପାଇଁ ରାଜନଗରରେ ଥିବା ରେଞ୍ଜ ଅଧିକାରୀଙ୍କ ଚାମ୍ବରକୁ ଅଣାଯାଇଥିଲା। ଆଇନଗତ ପ୍ରକ୍ରିୟା ଚାଲିଥିବା ସମୟରେ, ପ୍ରାୟ ଅପରାହ୍ନ ୦୪:୧୫ ସମୟରେ, ପଟ୍ଟାମୁଣ୍ଡାଇ ଆଦର୍ଶ ପୁଲିସ ଷ୍ଟେସନର ଆଇଆଇସି ବନ୍ଦନା ପାତ୍ର ହଟାତ ଜୋର ଜବରଦସ୍ତ କାର୍ଯ୍ୟାଳୟରେ ପ୍ରବେଶ କରି ଆଇଆଇସି ଅତ୍ୟନ୍ତ ଆକ୍ରମଣାତ୍ମକ ଏବଂ ଅଣପେଶାଦାର ଭାବରେ ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଚିତ୍କାର କରିଥିଲେ ଏବଂ ଏସିଏଫ ଏବଂ କର୍ମଚାରୀମାନଙ୍କୁ ମିଥ୍ୟା "ମାଓବାଦୀ" ଅଭିଯୋଗରେ ଫସାଇବା ପାଇଁ ଏକ ଆଶ୍ଚର୍ଯ୍ୟଜନକ ଧମକ ଦେଇଥିଲେ। ଏହି ଘଟଣା କେବଳ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧ ତଦନ୍ତରେ ବାଧା ସୃଷ୍ଟି କରିଛି ତାହା ନୁହେଁ ବରଂ ବନ ସେବାର ମନୋବଳ ଏବଂ ମର୍ଯ୍ୟାଦାକୁ ମଧ ଗୁରୁତର ଭାବରେ ପ୍ରଭାବିତ କରିଛି ବୋଲି ଏସିଏଫ ଜଣାଇଛନ୍ତି।

ଏଥିସହ ରାଜ୍ୟର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ବାଜି ଲଗାଉଥିବା କ୍ଷେତ୍ର ଅଧିକାରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ମୁଁ ଆସୋସିଏସନର ସମର୍ଥନ ଆଶା କରୁଛି ବୋଲି ଏସିଏଫ ସଂଘର ବୈଠକ ବସିଥିବା ଜଣାପଡିଛି।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

**ସାଲେପୁର,୨୪।୧ (ସଂଚାର ବ୍ୟୁରୋ):** ଅଟଳ ସେନା, ଓଡ଼ିଶା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସାଲେପୁରସ୍ଥ ଶାରଳା ମଣ୍ଡପ ପରିସରରେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି



ଉତ୍ସବଟିକୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦୀନବନ୍ଧୁ ରାଉତ ପ୍ରଦୀପ୍ତ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କଟକ ବିଭାଗ ସଂଘ ଚାଳକ ଡଃ. ଗୌତମ ମହାରଣା, ମୁଖ୍ୟ ବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଡଃ. ପୂର୍ଣ୍ଣଚନ୍ଦ୍ର ଓଝା, ବିଶିଷ୍ଟ ଅତିଥି ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ. ଉମେଶ ଚନ୍ଦ୍ର ପତି, ସମ୍ମାନିତ ଅତିଥି ଶିକ୍ଷାବିତ୍ ବିପିନ ବିହାରୀ କର ଓ ଚୌ. ପ୍ରମୋଦ କୁମାର ଶରଣ ଯୋଗଦେଇ ଦେଶ ସ୍ୱାଧୀନତା ସଂଗ୍ରାମରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗପୁତ ଓ ବୀରତ୍ୱର କାହାଣୀ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ।

## ଶକ୍ତି ଦେଖାଇଲେ ଅରବିନ୍ଦଙ୍କ ସମର୍ଥକ





**କେନ୍ଦ୍ରାପଡ଼ା,୨୪।୧ (ସଂଚାର ବ୍ୟୁରୋ):** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଜେଡିରୁ ନିଲମ୍ବନ ପରେ ରାଜ୍ୟ ରାଜନୀତି ହଟଚମଟ ହୋଇଛି। ଅରବିନ୍ଦ ନବୀନ ଙ୍କୁ ପ୍ରମାଣ ମାଗିଥିବା ବେଳେ ଦଳୀୟ ନେତା ମଧ ମୁହଁ କେହି ଖୋଲୁନାହାନ୍ତି। ଗତକାଲି ବିଧାୟକଙ୍କ ସମର୍ଥନ ଶଙ୍ଖ ଭବନରେ ଭିଡ଼ ଜମାଇ ନିଲମ୍ବନର କାରଣ ଖୋଜୁଥିବା ବେଳେ ଦଳର ବରିଷ୍ଠ ନେତା କିଛିଦିନ ସମୟ ମାଗିଥିବା ମାଗିଛନ୍ତି। ଏତେ ସବୁ ପରେ ବି ଅରବିନ୍ଦ ମହାପାତ୍ର କିନ୍ତୁ ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଜେଡ଼ିରୁ ନିଲମ୍ବନ ବିଧାୟକ ଶ୍ରୀ ମହାପାତ୍ର ଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଫେରିବା ପରେ ଆଜି ନିଜ ନିର୍ବାଚନ ମଣ୍ଡଳୀ ଗ୍ରସ୍ତ କରିଛନ୍ତି। ନିଜର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ବିଧାୟକଙ୍କ ସମର୍ଥକ କିନ୍ତୁ ନିଜର ଶକ୍ତି ଦେଖାଇଛନ୍ତି। ପ୍ରଥମେ ଚାନ୍ଦୋଳ ବଜାରରେ ପହଞ୍ଚିବା ପରେ ହଜାର ହଜାର ସମର୍ଥକ ବାଇକ୍ ରାଲି କରି ଅରବିନ୍ଦଙ୍କ ନାରା ଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ପଟ୍ଟାମୁଣ୍ଡାଇ,୨୪।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଅଂଚଳର ଅନ୍ୟତମ ଗଣପର୍ବ ଓ ମହାନ ଆଧାତ୍ମିକ କାର୍ଯ୍ୟକ୍ରମ ୭୭ତମ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ଆଜି ଶୁଭ ଦିଆଯାଇଛି। ଏହି ଉପଲକ୍ଷେ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ମଧ୍ୟରେ ଏହି ଯଜ୍ଞର ଶୁଭ ଦିଆଯାଇଥିଲା। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରରୁ ବାହାରି ବାଲିପଡ଼ା ବ୍ରାହ୍ମଣୀ ନଦୀ ଘାଟ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି ),ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା ସହସମ୍ପାଦକ ସରୋଜ ପାଢ଼ୀ କୋଷାଧକ୍ଷ ପର୍ଶୁରାମ ଷଣ୍ଢ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ବିଦ୍ୟାଧର ସେଠୀ, ଗୋପୀବଲ୍ଲଭ ନାୟକ ଓ ମଳୟ ଓଝା ବଣିକ ସଂଘ ଉପଦେଷ୍ଟା କିରଣ କୁମାର ଭୂୟାଁ କିଶୋର ଜେନା (ବାଇନ), ରବୀନ୍ଦ୍ର ସାହୁ,କବି ବ୍ରଜସୁନ୍ଦର ସାହୁ,ସଞ୍ଜୟ ବର୍ମା,ସୁଦର୍ଶନ ଦାସ, ହରେକୃଷ୍ଣ ସାହୁ, ବିଶ୍ୱରଞ୍ଜନ ପାତ୍ର,ବିଜୟ ଦାସ ଅଚ୍ୟୁତାନନ୍ଦ ଜେନା,ପ୍ରତାପ ସାହୁ ( ବାବୁଲି), ମୁନା ପ୍ରଧାନ, ସଂଗ୍ରାମ ଦାସ,ସୁନୀଲ ଦାସ ଅଜୟ ପାଢ଼ୀ,ଅନିଲ ପଣ୍ଡା,ଗଣେଶ ସାହୁ ପ୍ରମୁଖ ବଣିକ ସଂଘ ଯଜ୍ଞ କମିଟି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ମହାଯଜ୍ଞ ଆଜି ୨୪ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୧ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

## ଜାତୀୟ ବାଳିକା ଦିବସ ପାଳିତ

**ରାଜନଗର,୨୪।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗାନାରାୟଣ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠାନର ଅଧକ୍ଷ ମାନସରଂଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜାତୀୟ ବାଳିକା(କନ୍ୟା) ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁସ୍ଥ ସମାଜ ଗଠନ ନିମନ୍ତେ ବାଳିକା(କନ୍ୟା)ମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେବା ସହିତ ସେମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି ବୋଲି ଆୟୋଜିତ ସଭାରେ ଶିକ୍ଷକ ଶିକ୍ଷୟତ୍ରୀମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଏକ ସଚେତନତା ଶୋଭାଯାତ୍ରା ଖମାରସାହି ବଜାର ପରିକ୍ରମା କରି କନ୍ୟା ସନ୍ତାନର ସୁରକ୍ଷା ଆବଶ୍ୟକତା ଅଛି ବୋଲି ବାଳିକାମାନେ ପ୍ଲାକାର୍ଡ ଧରି ସ୍ଲୋଗାସ୍ମାଧମରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରୀ ତୃପ୍ତି ପ୍ରିୟଦର୍ଶନୀ ବାରିକ, ଉଷଶ୍ରୀ ରାଉତ ଓ ପ୍ରିୟାଶଂ ବେହେରାଙ୍କୁ ସେମାନଙ୍କର ସୁନ୍ଦର ବକ୍ତବ୍ୟ ନିମନ୍ତେ ପୁରସ୍କୃତ କରାଯାଇଥିଲା।

## ଶ୍ରୀରାମ କଲେଜ ଅଫ୍ ନର୍ସିଂର ସ୍ୱାଗତ ସଭା



**କେନ୍ଦ୍ରାପଡ଼ା,୨୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା, ଜିଲ୍ଲା ଦୁହୁରିଆ ନିକଟସ୍ଥ କସୋଟି ଠାରେ ନୂତନ ଭାବେ ଗଢ଼ି ଉଠିଥିବା ଶ୍ରୀରାମ କଲେଜ ଅଫ୍ ନର୍ସିଂ ଛାତ୍ରୀଙ୍କର ପ୍ରଥମ ସ୍ୱାଗତ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୁଭେନ୍ଦୁ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡଃ ଅଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଓ ପ୍ୟାରୀମୋହନ ନନ୍ଦ, ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଓ ସଦରଥାନା ଅଧିକାରୀ ସୁଭେନ୍ଦୁ ସାହାଣୀ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ସମ୍ବୋଧିତ କରିଥିଲେ। ଅତିଥି ଓ ଅଭିଭାବକ ମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ସେବିକା ଭାବେ ଜୀବନର ସେବା ମନୋଭାବକୁ ବଳିଷ୍ଠ କରାଇ ଜୀବନର ଲକ୍ଷକୁ ସୁଗମ କରିବା ପାଇଁ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଏକ ସଚେତନତା ଧର୍ମୀ ନାଟକ 'ଝରା ଫୁଲ' ଅଜୟ କୁମାର ଚୌଧୁରୀଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନାରୀ ପୁରୁଷ ଉଭୟ ସମାନ ଓ ସମାଜରେ ପୁଅ ମାନଙ୍କ ସହିତ ଝିଅ ମାନଙ୍କୁ ମଧ ପ୍ରାଧାନ୍ୟ ଦେଇ ଶିକ୍ଷିତ କରାଇଲେ ଝିଅମାନେ ମଧ ପୁଅ ମାନଙ୍କ ଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ବୋଲି ନାଟକ ଜରିଆରେ ସୁନ୍ଦର ବାର୍ତ୍ତା ଦେଇଥିଲେ।

### ସ୍ଥାନୀୟ ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ଜେଏସଡବ୍ଲୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି

## ଏବେ ସ୍ଥାନୀୟ ନିଯୁକ୍ତି ଉପରେ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ



**ପାରାଦୀପ,୨୪।୧ (ସଂଚାର ବ୍ୟୁରୋ):** ପାରାଦୀପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ-ସ୍ଥାପନ କାର୍ଯ୍ୟ ପୂର୍ବରୁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ସାମୂହିକ ଅଂଶ ଗ୍ରହଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ କୃଷି, ସ୍ୱାସ୍ଥ୍ୟ, ଆଲୋକୀକରଣ, ଓ ଗ୍ରାମଞ୍ଚଳରେ ଆତ୍ମନିର୍ଭରଶୀଳ ହେବା ପାଇଁ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ଜେଏସଡବ୍ଲ୍ୟୁ ପହଞ୍ଚିଛି ପାରିଛି।

ଏବେ ସ୍ଥାନୀୟ ଯୁବକ ଯୁବତୀ ବିଶେଷ କରି ଢିଙ୍କିଆ, ନୂଆଗାଁ ଓ ଗଡ କୁଜଙ୍ଗ ଅଞ୍ଚଳର ବୈଷୟିକ ବିଭାଗର ଡିଗ୍ରୀ, ଡିପ୍ଲୋମା ଏବଂ ଆଇଟିଆଇମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏ ନେଇ ୩ ଶହ ଯୁବକ ଯୁବତୀଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଛି। ସେହି ଆବେଦନ ପତ୍ରକୁ ସ୍କ୍ରୁଟିନ କରାଯାଇ ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ସେମାନଙ୍କ ମଧ୍ୟରେ ଲିଖିତ ପରୀକ୍ଷା କରାଯାଇଛି। ସ୍ଥାନୀୟ ନିଯୁକ୍ତିକୁ ଉପରେ ଗୁରୁତ୍ୱାରୋପ କରି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଚଳିତ ମାସ ୨୩ ରେ ପ୍ରଥମ ପର୍ଯ୍ୟାୟରେ ସାକ୍ଷାତକାର ପରୀକ୍ଷା ଆରମ୍ଭ ହୋଇଛି। ଆଗକୁ ଅଣ ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକ ଯୁବତୀଙ୍କ ପାଇଁ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଯୋଗାଇ ଦିଆଯିବ। ଏ ନେଇ ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ ଥାଉ କି ଏ ନେଇ ଏକ ନିଯୁକ୍ତି ଶିବିର ଗତ ଡିସେମ୍ବର ୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଚଳିତ ମାସ ୬ ତାରିଖରେ ଆବେଦନ କରିଥିବା ବୈଷୟିକ ବିଭାଗର ଡିଗ୍ରୀ, ଡିପ୍ଲୋମା ଏବଂ ଆଇଟିଆଇ ହାସଲ କରିଥିବା ଯୁବକ ଯୁବତୀ ମାନେ ଲିଖିତ ପରୀକ୍ଷା ଦେଇଥିଲେ।

ଜେଏସଡବ୍ଲୁ ପ୍ରକଳ୍ପ ଅଞ୍ଚଳ ଓ ପାରାଦୀପରେ ଜେଏସଡବ୍ଲ୍ୟୁର ବିକାଶ ମୂଳକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି।

## ଶିଶୁଙ୍କୁ ଗୁରୁଙ୍କ ଶିକ୍ଷା ଭଳି ମା' ଶିକ୍ଷା ବି ଅବଶ୍ୟମ୍ଭାବୀ

**ରାଜକନିକା,୨୪।୧ (ସଂଚାର ବ୍ୟୁରୋ):** ବିଦ୍ୟାଳୟରେ ପ୍ରତ୍ୟେକ ଶିଶୁର ଶିକ୍ଷା ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗୁରୁ ନିଭାଇ ଥାଆନ୍ତି। ଫଳରେ ଶିଶୁ ମାନସିକ, ଶୈକ୍ଷିକ ଆଉ ଚାରିତ୍ରିକ ଭାବେ ବଳିଷ୍ଠ ହୋଇଥାଏ।କିନ୍ତୁ ପରିବାରରେ ମାଆ ହିଁ ପ୍ରଥମ ଗୁରୁ ଭାବେ ଶିଶୁଙ୍କୁ ଅସଲ ଶିକ୍ଷା ପ୍ରଦାନ କରିଥାଏ ବୋଲି ଆଜି ଦେଉଳତରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ୧୯ତମ ମାତୃ ସମ୍ମିଳନୀର ଶୁଭ ଅବସରରେ ଅତିଥିଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି।

### ମାତୃ ସମ୍ମିଳନୀ

ବରିଷ୍ଠ ସମାଜସେବୀ ବନମାଳୀ ସୂତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିକେବି ହାଇସ୍କୁଲ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତି, ସମ୍ମାନୀତ ଅତିଥି ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମିନତୀ ରାଉତ,ମୁଖ୍ୟବକ୍ତା ଆଳି ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସୂତାର ପ୍ରମୁଖ ଯୋଗଦେଇ ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ମାଆ ମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ।

ଆଚାର୍ଯ୍ୟ ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ ସମ୍ପାଦକ ଜ୍ଞାନେନ୍ଦ୍ର ପ୍ରସାଦ ଜେନା, ମାଆ ମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ ଆଚାର୍ଯ୍ୟା ମଧୁସ୍ମିତା ସାମଲ।ପ୍ରଧାନ ଆଚାର୍ଯ୍ୟ ନଳିନୀକାନ୍ତ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ମାଆ ମାନେ ଉପସ୍ଥିତ ରହିଥିଲେ।

### ଅନ୍ତଃକନ୍ଦଳ ତୀବ୍ର ରୂପ ନେଲା
# ଦଳ ଛାଡ଼ିଲେ ୪୧ କଂଗ୍ରେସ ନେତା

**ଭୁବନେଶ୍ୱର ୨୪।୧(ସଂଚାର ବ୍ୟୁରୋ) :** କଂଗ୍ରେସକୁ ଲାଗିଛି ବଡ଼ ଝଟ୍‌କା। ଗୋଟିଏ ପଟେ ଦଳ ସୁଧାରିବାକୁ ଘନ ଘନ ବୈଠକ ବସୁଛି, ହେଲେ ଦଳ ସୁଧୁରିବ କଣ ଛିଣ୍ଡିବାକୁ ବସିଛି। ଏବେ ଦଳ ଛାଡ଼ିଲେଣି ପୁଳା ପୁଳା ନେତା। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏହା ପୂର୍ବରୁ କଂଗ୍ରେସକୁ ଲାଗିଛି ଜୋରଦାର ଝଟ୍‌କା। ଏକାସାଙ୍ଗେ ୪୧ କଂଗ୍ରେସ ନେତା ପାର୍ଟି ଛାଡ଼ିଥିବା ଜଣାପଡିଛି। ଏକାସାଙ୍ଗେ ନିଜ ଇସ୍ତଫା ଦେଇଛନ୍ତି। ଦଳରେ ଚାଲିଥିବା ଅନ୍ତଃକନ୍ଦଳ ଲାଗି ଇସ୍ତଫା ଦେଇଥିବା ଜଣାପଡିଛି।

ଖବର ଅନୁଯାୟୀ, ରାଜ୍ୟ କଂଗ୍ରେସର ବଡ଼ ଧରଣର ହଇଚଇ ସୃଷ୍ଟି ହୋଇଛି। ଲଗାତାର ଭାବେ ରାଜ୍ୟ କଂଗ୍ରେସରେ ପିସିସି ସଭାପତି ଭକ୍ତ ଦାସଙ୍କୁ ବିରୋଧ ଜାରି ରହିଛି। ଏହି କ୍ରମରେ ଶନିବାର ଦିନ ଏକକାଳୀନ ଇସ୍ତଫା ଦେଇଛନ୍ତି ୪୧ କଂଗ୍ରେସ ନେତା। ଦଳରୁ ମହମ୍ମଦ ମୋକିମଙ୍କୁ ବହିଷ୍କାରକୁ ବିରୋଧ କରି ଏମାନେ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ଦେଇଥିବା

ନେତାଙ୍କ ମଧ୍ୟରେ ପୂର୍ବତନ ପିସିସି ସମ୍ପାଦକ, ପୂର୍ବତନ ପିସିସି ମୁଖପାତ୍ର, ପୂର୍ବତନ ବ୍ଲକ କଂଗ୍ରେସ ଅଧ୍ୟକ୍ଷ, ମହିଳା କଂଗ୍ରେସ ସମ୍ପାଦକଙ୍କ ସହ ଯୁବ ଓ ଛାତ୍ର କର୍ମକର୍ତ୍ତା ରହିଥିବା ଜଣାପଡ଼ିଛି। ତେବେ ଆଗକୁ ପୌର ନିର୍ବାଚନ, ପଞ୍ଚାୟତ ନିର୍ବାଚନ ରହିଥିବା ବେଳେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କଂଗ୍ରେସରୁ ଲଗାତାର ଭାବେ କର୍ମୀ ଇସ୍ତଫା ଦେଇଚାଲିଲେ ଦଳ ପାଇଁ ବିକଟ ସ୍ଥିତ ସୃଷ୍ଟି ହେବ, ଏହା କହିବା ବାହୁଲ୍ୟ ମାତ୍ର। ଦଳ କ୍ରମଶଃ ନେତାଶୂନ୍ୟ ହେବାରେ ଲାଗିଥିବା ବେଳେ ଏପରି ସ୍ଥିତିରେ ଶ୍ରୀ ଦାସ କି ପ୍ରକାର ପଦକ୍ଷେପ ନେବେ, ତା' ଉପରେ ସମସ୍ତଙ୍କ ନଜର ରହିଛି।

# ଭଲ ବହି ସାରା ଜୀବନ ପ୍ରଭାବିତ କରେ: ଧର୍ମେନ୍ଦ୍ର

- ସମ୍ବଲପୁରର ଐତିହ୍ୟ ସହ ଜଡ଼ିତ ବିଭିନ୍ନ ପୁସ୍ତକ ଉନ୍ମୋଚିତ
- ଗୋଟିଏ ବହି ଖୋଲିବା ଅର୍ଥ ଭାରତକୁ ଦୁଇ ପାଦ ଆଗକୁ ନେବା

ସମ୍ବଲପୁର ପୁସ୍ତକ ମେଳା



**ସମ୍ବଲପୁର, ୨୪।୧(ସଂଚାର ବ୍ୟୁରୋ):** ପୁସ୍ତକ ମେଳା ବିଚାର ଓ ଆଚାରର ଏକ ଉତ୍ସବ। ବହି ପଢ଼ିବା ଦ୍ୱାରା ଜ୍ଞାନର ଗଭୀରତା ବଢ଼େ ଏବଂ ଆଗକୁ ଯିବାର ପଥ ମିଳେ । ଆଜିକାଲିର ମୋବାଇଲ ଓ ୩୦ ସେକେଣ୍ଡର 'ରିଲ୍' ମସ୍ତିଷ୍କକୁ କିଛି ସମୟ ପାଇଁ ପ୍ରଭାବିତ କରିପାରେ, କିନ୍ତୁ ଗୋଟିଏ ଭଲ ବହି ସାରା ଜୀବନକୁ ପ୍ରଭାବିତ କରିଥାଏ। ଯିଏ ପଢ଼େ, ସେ କେବଳ ଶ୍ରେଷ୍ଠ ବନାଏ ନାହିଁ, ସେ ଇତିହାସ ବନାଏ। ପ୍ରତ୍ୟେକ ଥର ଗୋଟିଏ ବହି ଖୋଲିବା ଅର୍ଥ ଭାରତର ଭବିଷ୍ୟତ ଦୁଇ ପାଦ ଆଗକୁ ବଢ଼ିବା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସଂସ୍କୃତି ଓ ସାହିତ୍ୟର ଅନନ୍ୟ ଭୂମି ତଥା ବୀର ଓ ସଂଗ୍ରାମୀଙ୍କ ପବିତ୍ର ମାଟି ସମ୍ବଲପୁର ଠାରେ ଆଜି '୨୬ତମ ସମ୍ବଲପୁର ପୁସ୍ତକ ମେଳା'କୁ ଉଦଘାଟନ କରିଛନ୍ତି ଶ୍ରୀ ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ଏହି ମେଳାକୁ ଏକ ପୁସ୍ତକ ସମାହାର ଅପେକ୍ଷା ଜାତିର ପୂର୍ବଜ ଓ ମହାପୁରୁଷଙ୍କ ସ୍ମୃତି ଚାରଣର ଏକ 'ବୌଦ୍ଧିକ ମହାକୁମ୍ଭ' ଭାବେ ଅଭିହିତ କରିଛନ୍ତି। ସେ ଆହୁରି କହିଥିଲେ ଯେ ସମ୍ବଲପୁର କେବଳ ଏକ ଭୂଖଣ୍ଡ ନୁହେଁ, ଏହା ହେଉଛି ସଂଗ୍ରାମ, ସଂସ୍କୃତି ଏବଂ ସ୍ୱାଭିମାନର ଏକ ଜ୍ୱଳନ୍ତ ପ୍ରତୀକ। ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ ଓ ଉଦନ୍ତ ସାଏଙ୍କ ଭଳି ନାୟକଙ୍କ ଅଦମ୍ୟ ସାହସ ଯୋଗୁଁ ଆଜି ଆମେ ସ୍ୱାଧୀନ। ଉଦନ୍ତ ସାଏ ୩୭ ବର୍ଷ କାଳ କାରାଦଣ୍ଡ ଭୋଗି ଯେଉଁ ତ୍ୟାଗ କରିଛନ୍ତି, ତାହା ଅତୁଳନୀୟ। ଯେଉଁ ସମାଜ ନିଜ ପୂର୍ବଜଙ୍କ ଇତିହାସ ଭୁଲିଯାଏ, ସେ ପଥଭ୍ରଷ୍ଟ ହୁଏ । ତେଣୁ ନୂଆ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଖିଣ୍ଡା ପରିଦର୍ଶନ ସହ ରେଢ଼ାଖୋଲର ଭୀମମଣ୍ଡଳୀ ଇତିହାସ ବିଷୟରେ ଜାଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ମେଳାର ଉଦଘାଟନୀ ସନ୍ଧ୍ୟାରେ ସମ୍ବଲପୁରର ଐତିହ୍ୟ, ପରମ୍ପରା ଓ ଅସ୍ମିତା ସହ ଜଡ଼ିତ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହୋଇଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ କାଳଜୟୀ କୃତି 'ଆନନ୍ଦ ମଠ'ର ଓଡ଼ିଆ ଅନୁବାଦ ଏବଂ ଦୀପକ ପଣ୍ଡାଙ୍କ ଦ୍ୱାରା ସମ୍ବଲପୁରର ଅକୁହା ଇତିହାସକୁ ସଂକଳିତ କରୁଥିବା ପୁସ୍ତକକୁ ଉନ୍ମୋଚନ କରି ମନ୍ତ୍ରୀ ଆନନ୍ଦ ବ୍ୟକ୍ତ କରିଥିଲେ।

## ଅଟୋ ସହ ୩୦ କିଲୋ ଗଞ୍ଜେଇ ଜବତ, ୫ ଗିରଫ

**ଫୁଲବାଣୀ, ୨୪।୧(ସଂଚାର ବ୍ୟୁରୋ):** ଫିରିଙ୍ଗିଆ ଥାନାରେ ଗଞ୍ଜେଇ ଗଛକଟା ଅଭିଯାନ ଜାରି ରହିଥିବା ବେଳେ ପୁଲିସର ନଜର ଆଢୁଆଳରେ କେତେକ ମାଫିଆ ଏହାର ଫାଇଦା ନେଉଛନ୍ତି। କିନ୍ତୁ ସେମାନେ ପୁଲିସ୍ ବିଭାଗକୁ ଚକ୍‌ମା ଦେବାରେ ବିଫଳ ହେଉଛନ୍ତି। ଏହି କ୍ରମରେ ଆଜି ଫିରିଙ୍ଗିଆ ପୁଲିସ୍ ଆଜି ଏକ ଅଟୋ ସହ ୩୦ କିଲୋ ଓଜନର ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଚାଲାଣରେ ସମ୍ପୃକ୍ତ ଥିବା ଅଟୋର ଚାଳକ ୪ ଚାଳକ ସମେତ ମୋଟ ୫ ଜଣଙ୍କୁ ପୁଲିସ୍ ଗିରଫ କରିଛି। ପ୍ରକାଶ ଯେ, କୌଣସି ସୂତ୍ରରୁ ସୂଚନା ପାଇ ଫିରିଙ୍ଗିଆ ଥାନାଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶରେ ଫିରିଙ୍ଗିଆ ଥାନାର ଏକ ଟିମ ଗୋଚ୍ଛାପଡ଼ା-ଫିରିଙ୍ଗିଆ ମୁଖ୍ୟ ରାସ୍ତାର ମାଝୀପଡ଼ା ଘାଟିରେ ମାଝୀପଡାପଟୁ ଫିରିଙ୍ଗିଆ ଆଡକୁ ଆସୁଥିବା ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଉକ୍ତ ଅଟୋରୁ ଗଞ୍ଜେଇ ଜବତ ହୋଇଥିଲା। ଜିଲ୍ଲାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ପରେ ତା' ୩୦ କେଜି ଗଞ୍ଜେଇ ଥିବା ସ୍ପଷ୍ଟ ହୋଇଥିଲା। ଏହି ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଅଟୋ ଚାଳକ ଫିରିଙ୍ଗିଆ ଥାନା ଅଧୀନସ୍ଥ ମାଝୀପଡ଼ା ଗାଁର ଅନନ୍ତ ଦିଗାଲ ଓ ସେହି ମାଟିପଡ଼ା ଗାଁର ଅମ୍ବିକା ଦିଗାଲ, କୁଞ୍ଜମତି ଦିଗାଲ, କୁମାରୀ ଦିଗାଲ, ନର୍ମଦା ଦିଗାଲ ବୋଲି ପୁଲିସ ସୂଚନା ଦେଇଛି। ଜବତ ଗଞ୍ଜେଇ ଫିରିଙ୍ଗିଆ ଥାନା ଅଞ୍ଚଳରୁ ଭୁବନେଶ୍ୱର ଚାଲାଣ ହେଉଥିବା ସମୟରେ ଜବତ କରାଯାଇଛି। ଏହି ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନାଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ୩ ମୋବାଇଲ୍ ଚୋରଙ୍କୁ ଧରିଲା ପୁଲିସ୍



**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ରାଜଧାନୀରେ ଲୁଟେରାଙ୍କ ଦୌରାତ୍ମ୍ୟ ସାମ୍ନାକୁ ଆସିଛି। ତିନି ଜଣ ଲୁଟେରା ମୋବାଇଲ୍ ଲୁଟ୍ କରି ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କୁ ଆଜି ଗିରଫ କରାଯାଇଛି। ଚନ୍ଦ୍ରଶେଖରପୁର ପଣ୍ଡା ପାର୍କ କଡ଼ରେ ଏହି ଲୁଟ୍ ଘଟଣା ଘଟିଥିଲା। ଜଣେ 'ଆମ ବସ୍' ଡ୍ରାଇଭର ଡ୍ୟୁଟି ସାରି ସଉଦା କିଣିସାରି ଫେରୁଥିବା ସମୟରେ ଉକ୍ତ ଲୁଟେରାମାନେ ତାଙ୍କୁ ଅଟକାଇଥିଲେ। ବିଧା, ଗୋଇଠା ଓ ମୁଥ ମାରି ଲହୁଲୁହାଣ କରି ସେମାନେ ମୋବାଇଲ ଛଡ଼ାଇ ନେଇ ପାଇଯାଇଥିଲେ। ହରେକୃଷ୍ଣ ନଗର ବସ୍ତି କଡ଼ରେ ଏଭଳି ଲୁଟ୍ ଘଟିଥିବା ବେଳେ ଏନେଇ ଥାନାରେ ଉକ୍ତ ବସ୍ ଡ୍ରାଇଭର୍ ଜଣଙ୍କ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୁଲିସ୍ ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶିବୁ ନାୟକ, କାହ୍ନା ନାୟକ ଓ ସମୀର ମହାନ୍ତି। ଏଥିସହ ପୁଲିସ୍ ମଧ ସେମାନଙ୍କଠାରୁ ଚୋରି ମୋବାଇଲ୍ ଜବତ କରିଛି।

## ଗଞ୍ଜେଇ ଜବତ, ୫ ଅଟକ

**କୋରେଇ, ୨୪।୧(ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ଚମାରଗଡିଆ ଆଡିରେ ଆଦିବାସୀ ମରାନ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଖେନ୍ତୁଆ ପୋଖରୀ ଆଡି ଶ୍ମଶାନରେ ସତ୍କାର କରିବାକୁ ନେବା ବେଳେ ଏକ ଗଞ୍ଜେଇ ବସ୍ତା ମିଳିଥିଲା। ସେମାନେ ଗଞ୍ଜେଇକୁ ନେଇ ଲୋକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଖବର ଥାନାରେ ପହଞ୍ଚିଥିଲା। ପାଣିକୋଇଲି ପୁଲିସ ତଦନ୍ତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଗଞ୍ଜେଇ କେଉଁଠୁ ଆସିଲା ଓ ଏହା କିଏ ବେପାର କରୁଛି ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

## ବେଦାନ୍ତ ଦେଲା ୨୫ ଶହ କୋଟିର ସର୍ବବୃହତ କର୍ମଚାରୀ ଇକ୍ୱିଟି
### ଇଏସଓପି ୨୦୨୨ ଭେଷ୍ଟିଂରୁ ୩୦୦ କୋଟିରୁ ଅଧିକ ସମ୍ପତ୍ତି ସୃଷ୍ଟି



**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଦେଶର ଅଗ୍ରଣୀ ଧାତୁ, ତୈଳ ଓ ଗ୍ୟାସ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଓ ପ୍ରଯୁକ୍ତିବିଦ୍ୟା ସମନ୍ୱୟ ବେଦାନ୍ତ ଲିମିଟେଡ୍ (ଏନଏସଇ: ଭିଇଡିଏଲ) ଗତ ୫ ବର୍ଷ ମଧ୍ୟରେ ସ୍ଥାୟୀ କର୍ମଚାରୀ ଷ୍ଟକ୍ ବିକଳ୍ପ (ଇଏସଓପି) ଅନୁଦାନ ମାଧ୍ୟମରେ କର୍ମଚାରୀଙ୍କ ପାଇଁ ପ୍ରାୟ ୨୫ ଶହ କୋଟି ଟଙ୍କାର କ୍ରମାଗତ ଆର୍ଥିକ ଯୋଗଦାନ ଦେଇଛି। ଏହା ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାପକ-ଆଧାରିତ ସମ୍ପତ୍ତି ସୃଷ୍ଟି ପଦକ୍ଷେପ ମଧ୍ୟରୁ ଅନ୍ୟତମ। ଏଥିରେ ଇଏସଓପି ୨୦୨୫ ଅନ୍ତର୍ଗତ ୫୦୦ କୋଟିରୁ ଅଧିକ ମୂଲ୍ୟର ଷ୍ଟକ୍ ବିକଳ୍ପ ଅନ୍ତର୍ଭୁକ୍ତ, ଯାହା ଫ୍ରେସର୍ସ ସମେତ ପ୍ରାୟ ୧୨୦୦ ପ୍ରଥମ ଥର ପାଇଁ ପ୍ରାପ୍ତ କରିଥିବା ଗ୍ରାହକଙ୍କୁ ସଶକ୍ତ କରିଥାଏ।

ବେଦାନ୍ତର ଇଏସଓପି ମଡେଲ୍ ଦେଶର ସବୁଠାରୁ ଅନ୍ତର୍ଭୁକ୍ତିମୂଳକ ମଧ୍ୟରୁ ଗୋଟିଏ, ଯାହାକି ପ୍ଲାଣ୍ଟ, କାର୍ଯ୍ୟ ଓ କ୍ୟାରିଅର ସ୍ତରରେ ଏହାର ପ୍ରାୟ ୪୦ ପ୍ରତିଶତ କର୍ମଚାରୀଙ୍କୁ କଭର କରିଥାଏ। ୨୦ ବର୍ଷରୁ ଅଧିକ ନିରନ୍ତର ଇଏସଓପି ପ୍ରଶାସନ ସହ, କର୍ମଚାରୀ ମାଲିକାନା ସଂଗଠନର ସଂସ୍କୃତିରେ ଗଭୀର ଭାବରେ ସନ୍ନିବେଶିତ ହୋଇଛି। ଏହା ଫ୍ରେସର୍ସ ଓ ପ୍ରାରମ୍ଭିକ-କ୍ୟାରିଅର ବୃତ୍ତିଗତମାନଙ୍କୁ ଅନୁଦାନ ପ୍ରଦାନ କରେ, ଯେଉଁମାନେ ମାନକ ତିନି ବର୍ଷର ଭେଷ୍ଟିଂ ଚକ୍ରରେ ସ୍ଥିର ଦରମାର ପ୍ରାୟ ୩୦ ପ୍ରତିଶତ ପରିମାଣର ଆବଣ୍ଟନ ପାଇଁ ଯୋଗ୍ୟ, ଯାହା ବେଦାନ୍ତକୁ ଫ୍ରେସର୍ସମାନଙ୍କୁ ଇଏସଓପି ପ୍ରଦାନ କରୁଥିବା ଏକମାତ୍ର ଗୋଷ୍ଠୀ ମଧ୍ୟରୁ ଅନ୍ୟତମ।

ବେଦାନ୍ତର ଇଏସଓପି ଗଠନର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ଶେୟାରଗୁଡ଼ିକୁ ୧ ଟଙ୍କା ର ଏକ ରିହାତି ମୂଲ୍ୟରେ ଆବଣ୍ଟନ କରାଯାଏ, ଯାହା ସର୍ବନିମ୍ନ ଆଗୁଆ ନିବେଶ ସହ ବେଦାନ୍ତର ସହଭାଗୀ ମାଲିକାନା ଓ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ବର୍ଷ ବର୍ଷ ଧରି ସ୍ଥିର ଶେୟାର ମୂଲ୍ୟ ବୃଦ୍ଧି ସହ ବିଶେଷକରି ବର୍ତ୍ତମାନ ବେଦାନ୍ତର ଶେୟାର ସର୍ବକାଳୀନ ଉଚ୍ଚତା ଦେଖୁଥିବାରୁ ଇଏସଓପି ହଜାର ହଜାର କର୍ମଚାରୀଙ୍କୁ ଘର କିଣିବା, ଉଚ୍ଚଶିକ୍ଷା ପାଇଁ ପାଣ୍ଠି ଯୋଗାଇବା, ସେମାନଙ୍କର ପ୍ରଥମ କାର କିଣିବା, ସେମାନଙ୍କ ପରିବାରକୁ ସମର୍ଥନ କରିବା କିମ୍ବା ଦୀର୍ଘକାଳୀନ ସଞ୍ଚୟ ନିର୍ମାଣ କରିବା ଭଳି ପ୍ରମୁଖ ଜୀବନ ମାଇଲଖୁଣ୍ଟ ହାସଲ କରିବାରେ ସକ୍ଷମ କରିଛି।

### ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
## ପାଇକ ବିଦ୍ରୋହର ଅମର ନାୟକଙ୍କ ତ୍ୟାଗ ଓ ବୀରତ୍ୱକୁ ସ୍ମରଣ



**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଇଂରେଜ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୋଧରେ ଓଡ଼ିଶାର ମାଟିରୁ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ପ୍ରଜ୍ୱଳିତ କରିଥିବା ପାଇକ ବିଦ୍ରୋହର ଅମର ନାୟକ, ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଅଦମ୍ୟ ସାହସ, ଅସୀମ ବୀରତ୍ୱ, ଅପୂର୍ବ ରଣକୌଶଳ ଓ ମାଟି ମା' ପାଇଁ ନିସ୍ୱାର୍ଥ ସେବା ଓଡ଼ିଶା ସହ ସମଗ୍ର ଦେଶ ପାଇଁ ପ୍ରେରଣାର ପ୍ରତୀକ। ଏହି ମହାନ ବିପ୍ଳବୀଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସକାଳ ସମୟରେ ସ୍ଥାନୀୟ ମ୍ୟୁଜିୟମ୍ ଛକରେ ଥିବା ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କ ବୀରତ୍ୱ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ଲୋକସମ୍ପର୍କ ଅଧିକାରୀ ପ୍ରମୋଦିନୀ ଟେଟେ, ସହାୟକ କାର୍ଯ୍ୟକ୍ରମ ସମନ୍ୱୟକାରୀ (ଏପିସି) ବାସନ୍ତୀ ମହାଳି, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାସଙ୍କ ସହ ଉତ୍କଳ ସମ୍ମିଳନୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ମଧ କାର୍ଯ୍ୟକ୍ରମରେ ଯୋଗଦେଇ ପାଇକ ବିଦ୍ରୋହର ନାୟକ ବକ୍ସି ଜଗବନ୍ଧୁଙ୍କ ସଂଘର୍ଷମୟ ଜୀବନ, ଅଦମ୍ୟ ସାହସ ଓ ଦେଶପ୍ରେମକୁ ସ୍ମରଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ




**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଆଜି ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଘେରାଉ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼େ ଅଗ୍ରସର ହେଉଥିବା ବେଳେ ବାରିକେଡ୍‌ଠାରେ ପୁଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ପୁଲିସ୍ ସହ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ଧସ୍ତାଧସ୍ତି ହୋଇଥିଲା। ପରେ ଘଟଣାସ୍ଥଳରୁ ସେମାନଙ୍କୁ ପୁଲିସ ଭ୍ୟାନ ଯୋଗେ ଉଠାଇନେଇଥିଲା। ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ଦିନକୁ ଦିନ ବଢୁଥିବା ବେଳେ ମୁଖ୍ୟମନ୍ତ୍ରୀ ଚୁପ୍‌ଚାପ୍ ବସିଛନ୍ତି। ନିକଟରେ ପରଜଙ୍ଗଠାରେ ପାଦ୍ରୀ ବିପିନ ନାୟକଙ୍କୁ ବଜରଙ୍ଗ ଦଳ ଓ ଆରଏସ୍‌ଏସ୍‌ର କର୍ମକର୍ତ୍ତାମାନେ ଅମାନୁଷିକ ଅତ୍ୟାଚାର କରିଛନ୍ତି। ସେହିପରି ବାଲେଶ୍ୱରରେ ମହମ୍ମଦ ମକନ୍ଦର ନାମକ ମୁସଲିମ୍ ଯୁବକଙ୍କୁ କଥାକଥିତ ନକଲି ହିନ୍ଦୁମାନେ ପିଟି ହତ୍ୟା କରିଛନ୍ତି। ତା'ଛଡ଼ା ପଶ୍ଚିମବଙ୍ଗରୁ ଆସି ଗାଁ ଗାଁରେ ସାଇକେଲ ଧରି ବେପାର କରୁଥିବା ଗରୀବ ଲୋକଙ୍କୁ ବିବାଙ୍ଗଲାଦେଶ କହି ନିର୍ମମ ଅତ୍ୟାଚାର କରାଯାଉଛି।

ଏହାକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅସମର୍ଥ ନା ବିଜେପି ପକ୍ଷରୁ ଏପରି କରାଯିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ? ଯଦି ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ତେବେ ଇସ୍ତଫା ଦିଅନ୍ତୁ। ନକଲି ହିନ୍ଦୁମାନେ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଂପୂର୍ଣ୍ଣ ବିଗାଡିବାକୁ ବସିଲେଣି। ମାତ୍ର ପ୍ରଶାସନ କଣ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯୁବ କଂଗ୍ରେସ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସୁରକ୍ଷା ଦାବି କରୁଛି। ଯଦି ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି।

## ଓଓଏର ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ




**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଓଡ଼ିଶା ଅର୍ଥୋପେଡିକ୍ସ ଆସୋସିଏସନର ୫୦ତମ ବାର୍ଷିକ ସମ୍ମିଳନୀ ଗତକାଲି ଉଦ୍‌ଘାଟିତ ହୋଇଛି। ଏହି ତିନିଦିନିଆ କର୍ମଶାଳାର ପ୍ରଥମ ଦିନରେ ହାଇଟେକ୍ ହସ୍ପିଟାଲରେ ଡାକ୍ତରମାନଙ୍କ ପାଇଁ ଏକ ଲାଇଭ୍ ସର୍ଜରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଦେଶ ବିଦେଶର ୫୦ରୁ ଅଧିକ ଅର୍ଥୋପେଡିକ୍ ଡାକ୍ତର ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୦୦ ଅର୍ଥୋପେଡିକ୍ ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହାଡ଼-ଗଣ୍ଠି, କାନ୍ଧ, ଆଣ୍ଠୁ ଓ ହିପ୍ ପ୍ରତିସ୍ଥାପନ, ଦୁର୍ଘଟଣାଜନିତ ଆଘାତ, କ୍ରୀଡ଼ା ଆଘାତ, ବୃଦ୍ଧାବସ୍ଥାରେ ଅସ୍ଥି ଦୁର୍ବଳତା, ଆଧୁନିକ ସର୍ଜରୀ ପ୍ରଣାଳୀ, ରୋବୋଟିକ୍ ଓ ମିନିମାଲ୍ ଇନଭେସିଭ୍ ଚିକିତ୍ସା ପରି ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଡାକ୍ତରମାନେ ସର୍ଜରୀ ସମ୍ପର୍କରେ ନିଜର ଅନୁଭୂତି ବଖାଣିବା ସହ ନୂଆ ପ୍ରଯୁକ୍ତି ଓ ଗବେଷଣା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଯୋଗଦେଇ ଅର୍ଥୋପେଡିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ହୋଇଥିବାରୁ ଓଡ଼ିଶାର ସମସ୍ତ ଜିଲ୍ଲାରେ ଏହାକୁ ଉପଲବ୍ଧ କରିବା ଦିଗରେ ସରକାର ପଦକ୍ଷେପ ନେବେ ବୋଲି କହିଛନ୍ତି। ସଭାପତି ଡାକ୍ତର କେଆର୍ ମହାପାତ୍ର, ସମ୍ପାଦକ ଡାକ୍ତର ସତ୍ୟ ରଞ୍ଜନ ପାତ୍ର ଓ ଆୟୋଜକ କମିଟି ଅଧ୍ୟକ୍ଷ ପ୍ରଫେସର ଡାକ୍ତର ବିଶ୍ୱଜିତ ସାହୁ ଅଭିଭାଷଣ ଦେଇଛନ୍ତି। ଆୟୋଜକ କମିଟି ସମ୍ପାଦକ ଡାକ୍ତର ସୁନୀଲ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



ୟୁନିଟ୍-୧ ମାର୍କେଟ୍ ପୋଡ଼ିକୁ ୫ ଦିନ ବିତିଯାଇଥିଲେ ମଧ ଏବେ ବି ଦୋକାନୀ ପରିବାର ଖୋଲା ଆକାଶ ତଳେ ଜୀବନ କାଟୁଛନ୍ତି।

### କୃଷି ଓଡ଼ିଶା ୨୦୨୬
## କୃଷି-ଉଦ୍ୟୋଗ ଆନ୍ଦୋଳନର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି



**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଯୁବପିଢ଼ି ଓଡ଼ିଶାରେ କୃଷି-ଉଦ୍ୟୋଗ ଆନ୍ଦୋଳନର ନେତୃତ୍ୱ ନେବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଖେଳପଡିଆ, ବରମୁଣ୍ଡାଠାରେ ଚାଲିଥିବା 'କୃଷି ଓଡ଼ିଶା-୨୦୨୬'ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଆଧୁନିକ କୃଷି ପାରମ୍ପରିକ କୃଷିଠାରୁ ବହୁ ମାତ୍ରାରେ ଆଗେଇଛି ଓ ପ୍ରଯୁକ୍ତିବିଦ୍ୟା, ପ୍ରକ୍ରିୟାକରଣ, ପ୍ୟାକେଜିଂ, ମାର୍କେଟିଂ ଏବଂ ରପ୍ତାନି କ୍ଷେତ୍ରରେ ବିପୁଳ ସୁଯୋଗ ପ୍ରଦାନ କରୁଛି। ତେଣୁ ଏହି କ୍ଷେତ୍ରକୁ ଗତିଶୀଳ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଓ ସ୍ଥାୟୀ କରିବାରେ କୃଷି-ଉଦ୍ୟୋଗର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ରାଜ୍ୟପାଳ ଆଲୋକପାତ କରିଛନ୍ତି।

ଅମଳ ପରବର୍ତ୍ତୀ ପରିଚାଳନା, ମୂଲ୍ୟ ବୃଦ୍ଧି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଥିବା ସୁଯୋଗ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ ଓ ଏହା ଫସଲ କ୍ଷତି ହ୍ରାସ କରିପାରିବ, କୃଷକଙ୍କ ଆୟ ବୃଦ୍ଧି କରିପାରିବ, ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରିପାରିବ ଏବଂ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ ବୋଲି ରାଜ୍ୟପାଳ କହିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ଯୁବପିଢ଼ି ଏହି ସୁଯୋଗଗୁଡ଼ିକର ଅନୁସନ୍ଧାନ କରିପାରିବେ। ଯୁବପିଢ଼ି ନବସୃଜନ ଓ ଶକ୍ତି ସହ କୃଷିକୁ ଏକ ଲାଭଜନକ କ୍ଷେତ୍ର କରିପାରିବେ ବୋଲି ରାଜ୍ୟପାଳ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମର ସଫଳ ପରିଚାଳନା ସହ ଆଲୋଚନା, ନବସୃଜନ ଓ ସହଯୋଗ ପାଇଁ ଏକ ଅର୍ଥପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଥିବାରୁ ସେ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ପ୍ରଶଂସା କରିଛନ୍ତି। କୃଷିକୁ ଭାରତର ମେରୁଦଣ୍ଡ ଭାବେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ ଜନସଂଖ୍ୟାର ଅଧାରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ। କୃଷି ଗ୍ରାମୀଣ ସ୍ଥିତିକୁ ବଜାୟ ରଖେ, ଆମ ସମାଜକୁ ମଜବୁତ କରେ ଏବଂ ଶିଳ୍ପକୁ ସହଯୋଗ କରେ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଛନ୍ତି। ସମାରୋହରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଧନ୍ୟବାଦ ଦେଇଥିଲେ।

## ସାଇବର ଅପରାଧ ଓ ଫେକ୍ ନ୍ୟୁଜ୍‌କୁ ଗୁରୁତ୍ୱ ଦେଉନି ପୁଲିସ୍: ବିଜେଡି



**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସାଇବର ଅପରାଧ, ଫେକ୍ ନ୍ୟୁଜ୍ ଓ ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ ବଢ଼ିଯାଇଛି ବୋଲି ଅଭିଯୋଗ କରିଛି ବିଜେଡି। ଏପରି ମାମଲାରେ ଏଫଆଇଆର ଓ ତଦନ୍ତରେ ପୁଲିସ ଉଦାସୀନ ରହୁଥିବାରୁ କ୍ରମାଗତ ଭାବେ ଏହା ବଢ଼ିଚାଲିଛି, ଫଳତଃ ସାଇବର ଅପରାଧର ଶିକାର ହେଉଥିବା ଲୋକେ ନ୍ୟାୟରୁ ବଞ୍ଚିତ ହେଉଛନ୍ତି ବୋଲି ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ପ୍ରିୟବ୍ରତ ମାଝୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତିଯେ ଗତ ୨୨ ତାରିଖରେ ଏକ ନକଲି ବହିଷ୍କାର ଆଦେଶ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଏଥିରେ ପୂର୍ବତନ ସିମୁଳିଆ ବିଧାୟକ ଜ୍ୟୋତି ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହୋଇଥିବା ଉଲ୍ଲେଖ କରାଯାଇଛି। ଏଥିରେ ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ନକଲି ଦସ୍ତଖତ ମଧ ରହିଛି। କିନ୍ତୁ ବାସ୍ତବତା ହେଉଛି ଯେ ବିଜେଡି ପକ୍ଷରୁ ଏପରି କୌଣସି ବହିଷ୍କାର ଆଦେଶ ଦିଆଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏପରି ଏକ ଫେକ୍ ନ୍ୟୁଜ୍ ସଂକ୍ରାନ୍ତରେ ଆଜି ଅପରାହ୍ନରେ ଡ. ମାଝୀ ଭିଏସ୍‌ଏସ୍ ନଗରସ୍ଥିତ ସାଇବର ପୁଲିସ ଥାନାରେ ଏଫଆଇଆର ଦେବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ୍ କେବଳ ଡାଏରୀ ଏଣ୍ଟ୍ରି କରିଥିଲା। ସେହିପରି ଗତ ୧୯ ତାରିଖରେ ବିଜେଡି ନେତା ଓ କାର୍ଯ୍ୟକର୍ତ୍ତାଙ୍କ ନାଁରେ ଖୋଲାଯାଇଥିବା କେତେକ ନକଲି ଫେସବୁକ୍ ଆକାଉଣ୍ଟ ବିରୋଧରେ ଏଫଆଇଆର ଦାଖଲ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏନେଇ ପୁଲିସ୍ ଉଦାସୀନ ରହିଛି। ଏପରି ସ୍ଥିତିରେ ରାଜ୍ୟରେ ଯେତେବେଳେ ପ୍ରମୁଖ ବିରୋଧୀ ଦଳର ଅଭିଯୋଗକୁ ଅଣଦେଖା କରାଯାଉଛି, ସେତେବେଳେ ସାଧାରଣ ଲୋକ କିପରି ନ୍ୟାୟ ପାଉଥିବେ, ତା' ସହଜେ ଅନୁମେୟ ବୋଲି ଡ. ମାଝୀ କହିଛନ୍ତି।

# ଆମେରିକା ପ୍ରତି ବିପଦ

ବର୍ତ୍ତମାନର ବିଶ୍ୱ ରାଜନୀତିରେ ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଏକ ଗମ୍ଭୀର ରୂପ ନେଇଛି। ଜାନୁଆରୀ ୨୪, ୨୦୨୬ ରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ନୌସେନା ବଳକୁ ଇରାନ ଆଡ଼କୁ ପଠାଇବାର ଘୋଷଣା କରିଛନ୍ତି, ଯାହାକୁ ସେ 'ଆର୍ମଡା' ବୋଲି ବର୍ଣ୍ଣନା କରିଛନ୍ତି। ଏହି ପଦକ୍ଷେପର ପ୍ରତିକ୍ରିୟାରେ ଇରାନର ଉଚ୍ଚପଦସ୍ଥ ଅଧିକାରୀମାନେ କହିଛନ୍ତି ଯେ ଯେକୌଣସି ଆକ୍ରମଣକୁ ସେମାନେ 'ସମ୍ପୂର୍ଣ୍ଣ ଯୁଦ୍ଧ' ଭାବରେ ଗ୍ରହଣ କରିବେ ଏବଂ 'ସମସ୍ତ ଶକ୍ତି ସହିତ' ପ୍ରତିଶୋଧ ନେବେ। ଏହି ବିବାଦ କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନୁହେଁ, ବରଂ ସମଗ୍ର ମଧ୍ୟପ୍ରାଚ୍ୟ ଏବଂ ବିଶ୍ୱ ଅର୍ଥନୀତିରେ ବ୍ୟାପକ ପ୍ରଭାବ ପକାଇବ। ଇରାନର ଏହି ଧମକ ଆମେରିକା ପ୍ରତି କେତେ ବଡ଼ ବିପଦ ସୃଷ୍ଟି କରୁଛି, ତାହା ବିଶ୍ଳେଷଣ କରିବା ଆବଶ୍ୟକ।

ଇରାନ-ଆମେରିକା ସମ୍ପର୍କର ଇତିହାସ ଦୀର୍ଘକାଳୀନ ବିରୋଧରେ ଭରପୂର। ୧୯୭୯ର ଇରାନୀ କ୍ରାନ୍ତି ପରେ ଆମେରିକୀୟ ଦୂତାବାସର ଅଧିକାର ହେବା ଠାରୁ ଆରମ୍ଭ କରି ପରମାଣୁ କାର୍ଯ୍ୟକ୍ରମ ଏବଂ ପରମାଣୁ ଅସ୍ତ୍ର ବିକାଶ ପର୍ଯ୍ୟନ୍ତ, ଉଭୟ ଦେଶ ମଧ୍ୟରେ ଅବିଶ୍ୱାସ ବଢ଼ିଚାଲିଛି। ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ସେ ଇରାନ ପରମାଣୁ ଚୁକ୍ତିରୁ ବାହାରି ଯାଇଥିଲେ ଏବଂ ଜେନେରାଲ କାସେମ ସୋଲେମାନୀଙ୍କୁ ହତ୍ୟା କରିଥିଲେ, ଯାହା ଇରାନକୁ ଆହୁରି କ୍ରୋଧିତ କରିଥିଲା। ବର୍ତ୍ତମାନ ଘଟଣାକ୍ରମ ଇରାନରେ ଚାଲିଥିବା ବ୍ୟାପକ ବିକ୍ଷୋଭରୁ ଉତ୍ପନ୍ନ। ବିକ୍ଷୋଭକାରୀଙ୍କ ଉପରେ ସରକାରୀ ଦମନରେ ୫,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ କହୁଛନ୍ତି। ଏହି ବିକ୍ଷୋଭକୁ ଆମେରିକା ଏବଂ ତାର ସହଯୋଗୀମାନେ ପ୍ରୋତ୍ସାହିତ କରୁଛନ୍ତି ବୋଲି ଇରାନ ଅଭିଯୋଗ କରୁଛି। ଫଳସ୍ୱରୂପ, ଇରାନର ବୈଦେଶିକ ମନ୍ତ୍ରୀ ଆମେରିକାକୁ ସିଧାସଳଖ ଧମକ ଦେଇଛନ୍ତି, ଯାହା ଏକ ନୂଆ ଯୁଦ୍ଧର ସଙ୍କେତ ଦେଉଛି।

ଇରାନର ଏହି ଧମକ ଆମେରିକା ପ୍ରତି ବିପଦର କେତେ ପରିମାଣରେ ବାସ୍ତବିକ? ଇରାନର ପାଖରେ ଉନ୍ନତ ଯୁଦ୍ଧାସ୍ତ୍ର ଏବଂ ଡ୍ରୋନ୍ ପ୍ରଯୁକ୍ତି ରହିଛି, ଯାହା



ମଧ୍ୟପ୍ରାଚ୍ୟରେ ଆମେରିକୀୟ ସୈନ୍ୟ ଆଧାରକୁ ଟାର୍ଗେଟ କରିପାରିବ। ଏହା ବ୍ୟତୀତ, ଇରାନର ପ୍ରକ୍ସି ଦଳ ଯେପରିକି ହେଜବୋଲ୍ଲାହ୍, ହୁତି ବିଦ୍ରୋହୀ ଏବଂ ଇରାକୀ ମିଲିସିଆ ଆମେରିକୀୟ ସେନାକୁ ଆକ୍ରମଣ କରିପାରନ୍ତି। ଉଦାହରଣ ସ୍ୱରୂପ, ହୁତିମାନେ ଲୋହିତ ସାଗରରେ ଆମେରିକୀୟ ଜାହାଜକୁ ଆକ୍ରମଣ କରିଛନ୍ତି। ଏହା କେବଳ ସୈନିକ ବିପଦ ନୁହେଁ, ବରଂ ଅର୍ଥନୈତିକ ବିପଦ ମଧ୍ୟ। ଇରାନ ହର୍ମୁଜ ଜଳସନ୍ଧିକୁ ଅବରୋଧ କରିପାରିବ, ଯାହା ବିଶ୍ୱର ତେଲ ଯୋଗାଣର ପ୍ରାୟ ୨୦ ପ୍ରତିଶତ ପ୍ରଭାବିତ କରିବ। ଏହା ଦ୍ୱାରା ତେଲ ମୂଲ୍ୟ ବଢ଼ିବ ଏବଂ ବିଶ୍ୱ ଅର୍ଥନୀତିରେ ମନ୍ଦାବସ୍ଥା ଆସିବ। ଆମେରିକାର ନିର୍ଭରତା ତେଲ ଉପରେ କମ ହୋଇଥିଲେ ମଧ୍ୟ, ଏହାର ସହଯୋଗୀ ଦେଶମାନେ ପ୍ରଭାବିତ ହେବେ।

ତଥାପି, ଇରାନର ଧମକ ଏକ ରକ୍ଷଣାତ୍ମକ ରଣନୀତି ହୋଇପାରେ। ଦେଶରେ ଚାଲିଥିବା ବିକ୍ଷୋଭ ସରକାରକୁ ଦୁର୍ବଳ କରିଛି। ଇରାନର ପୂର୍ବତନ ନେତାଙ୍କ ପୁତ୍ର ରେଜା ପାହଲଭୀ ଆମେରିକୀୟ ବାୟୁଆକ୍ରମଣକୁ ସମର୍ଥନ କରିଛନ୍ତି, ଯାହା ଆଭ୍ୟନ୍ତରୀଣ ବିଭାଜନକୁ ସୂଚିତ କରୁଛି। ଆମେରିକାର ନୂଆ ପ୍ରତିବନ୍ଧକ ଇରାନର 'ଶାଡୋ ଫ୍ଲିଟ୍' ଉପରେ ଲାଗୁ ହୋଇଛି, ଯାହା ବିକ୍ଷୋଭ ଦମନକୁ ସହାୟତା କରୁଥିବା ବୋଲି କୁହାଯାଉଛି। ଏହି ପରିସ୍ଥିତିରେ ଇରାନର ଧମକ ଏକ ବାହ୍ୟ ଶତ୍ରୁ ସୃଷ୍ଟି କରି ଆଭ୍ୟନ୍ତରୀଣ ସମସ୍ୟାରୁ ଧ୍ୟାନ ବିଭ୍ରାନ୍ତ କରିବାର ପ୍ରୟାସ ହୋଇପାରେ। କିନ୍ତୁ ଏହା ଯୁଦ୍ଧର ବିପଦକୁ ବଢ଼ାଇବ।

ବିଶ୍ୱ ସମୁଦାୟକୁ ଏହି ଉତ୍ତେଜନାକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ଯୁଦ୍ଧ କେବଳ ମାନବୀୟ କ୍ଷତି ଏବଂ ଅର୍ଥନୈତିକ ବିନାଶ ଆଣିବ ନାହିଁ, ବରଂ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ବଢ଼ାଇବ। ତେଣୁ ଆମେରିକା ଓ ଇରାନ ଉଭୟ ସଂଯମ ଓ କୂଟନୈତିକ ଆଲୋଚନାର ଆଶ୍ରୟ ନେବା ଉଚିତ। ଭାରତ ଭଳି ଦେଶମାନେ ମଧ୍ୟସ୍ଥତା କରି ଶାନ୍ତି ସ୍ଥାପନରେ ଭୂମିକା ନେବା ଆବଶ୍ୟକ। ଶେଷରେ, ଇରାନର ଧମକ ଏକ ଚେତାବନୀ ଯାହା ବିଶ୍ୱକୁ ଏକ ନୂଆ ସଙ୍କଟରୁ ରକ୍ଷା କରିବାର ଆହ୍ୱାନ ଦେଉଛି।

# ଗ୍ରାମ୍ୟ ଶିକ୍ଷାର ବର୍ତ୍ତମାନ

**ଇଂ ସତ୍ୟନାରାୟଣ ମାଝୀ**



ଶିକ୍ଷା ହେଉଛି ସଭ୍ୟତାର ମେରୁଦଣ୍ଡ। ଇତିହାସକୁ ଓଲଟାଇଲେ ଶିକ୍ଷାର ଫର୍ଦ୍ଦ ସ୍ୱର୍ଣ୍ଣିମ ହୋଇ ଲିପିବଦ୍ଧ ରହିଛି।ଶିକ୍ଷା ହେଉଛି ବିଶ୍ୱ ବିଜୟୀ ଅସ୍ତ୍ର। ପ୍ରାଚୀନ କାଳରୁ ଶିକ୍ଷାକୁ ବିଭିନ୍ନ ରୂପରେ ଗ୍ରହଣ କରି ମାନବ ସମାଜରେ ଦ୍ରୁତ ପରିବର୍ତ୍ତନ ଓ ପ୍ରଗତି ଆସିଛି। ସେତେବେଳେ ଶିକ୍ଷାକୁ ବିଭିନ୍ନ ଢଙ୍ଗରେ ଗ୍ରହଣ କରାଯାଇ ଥାଇପାରେ, କିନ୍ତୁ ଇତିହାସ ଶିକ୍ଷାର ଦିବ୍ୟସ୍ପର୍ଶ ସ୍ୱର୍ଣ୍ଣିମ।ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଠାରୁ ଆରମ୍ଭ କରି ଶ୍ରୀକୃଷ୍ଣ, ବ୍ୟାସଦେବ, ସ୍ୱାମୀ ବିବେକାନନ୍ଦ, ଆର୍ଯ୍ୟଭଟ୍ଟ, ଡ.ଏପିଜେ ଅବଦୁଲ କାଲାମ ପର୍ଯ୍ୟନ୍ତ ଆହୁରି ଅନେକ ଉଦାହରଣ ରହିଛି ଶିକ୍ଷାର ସଂଦର୍ଶନକୁ ନେଇ।ସମାଜକୁ ଏକ ନୂଆ ଆଶା, ଆକାଂକ୍ଷା,ପ୍ରଜ୍ଞାଦୀପ୍ତ ତଥା ସୃଜନଶୀଳ କରିଥାଏ ଶିକ୍ଷା।ପ୍ରାଚ୍ୟ ସଂସ୍କୃତିରେ ଶିକ୍ଷାର ଭୂମିକା ଏତେ ବ୍ୟାପକ ଯେ ଶିକ୍ଷାଦାନ କରୁଥିବା ଗୁରୁଙ୍କୁ ଭଗବାନ ରୂପରେ ଗ୍ରହଣ କରାଯାଏ। ତେଣୁ କୁହାଯାଇଛି "ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁସାକ୍ଷାତ ପରମବ୍ରହ୍ମ..." ଭାରତର ଅନେକ ଗାଁର ଶୈକ୍ଷିକ ପରିବେଶରୁ ଆସି ଭାରତୀୟ ପ୍ରଶାସନିକ ସେବା, ବୈଜ୍ଞାନିକ,ଚିକିତ୍ସକ, ଯନ୍ତ୍ରୀ ଇତ୍ୟାଦି ବହୁ ବ୍ୟକ୍ତି ବଡ ବଡ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଯାହାକି ଗ୍ରାମ୍ୟ



ପରିବେଶର ଗୌରବ ବହନ କରୁଛି।

ଉଭୟ ନାରୀ ଓ ପୁରୁଷ ଶିକ୍ଷା ସମାନ୍ତରାଳ ଭାବରେ ଗତି କରୁଥିଲେ ହେଁ ନାରୀମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ଏପରି ବୃଦ୍ଧି ପାଇଛି ସେମାନେ ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ ହୋଇଛନ୍ତି। ଶିକ୍ଷାର ସ୍ୱର୍ଣ୍ଣିମ ଇତିହାସକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ବର୍ତ୍ତମାନ ପରିପେକ୍ଷୀରେ ମଧ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି।ଯେହେତୁ ଶିକ୍ଷା ଗ୍ରହଣର ପ୍ରାରମ୍ଭ ବାଲ୍ୟକାଳରୁ ହୋଇଥାଏ, ଗ୍ରାମର ଶୈକ୍ଷିକ ପରିବେଶ ବହୁ ଗୁରୁତ୍ୱ ବହନ କରିଥାଏ।କାରଣ ପ୍ରାଚୀନ ସଭ୍ୟତାର ଶିକ୍ଷା ବ୍ୟବସ୍ଥାରୁ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଆକାଶ ପାତାଳ ତଫାତ ରହିଛି। ଶିକ୍ଷାର ଶୈକ୍ଷିକ ପରିବେଶ ସ୍ୱ ଜାଗରଣ ତଥା ପାରିପାର୍ଶ୍ୱିକ ପରିବେଶରୁ ହିଁ ଗଠନ ହୋଇଥାଏ। ଶିକ୍ଷାର ଗୁରୁତ୍ୱ ପରିବାର ମାତାପିତା, ଗ୍ରାମର ବୁଦ୍ଧିଜୀବି ତଥା ସ୍ଥାନୀୟ ବାତାବରଣ ଉପରେ ରହିବା ଜରୁରୀ। ସମ୍ପ୍ରତି ଗ୍ରାମସ୍ତରରେ ଶୈକ୍ଷିକ ବାତାବରଣ ସଂକୁଚିତ ହେବାର ପରିଲକ୍ଷିତ ହେଉଛି।ଗ୍ରାମ୍ୟ ପରିବେଶ ଏମିତି ଅବସ୍ଥାକୁ ନେଇ ଗତି କରୁଛି ତାକୁ ସମୀକ୍ଷା କରିବା ପାଇଁ କାହାରିକୁ ବେଳ ନାହିଁ। ଗ୍ରାମର ଶୈକ୍ଷିକ ପରିବେଶକୁ ସୁରକ୍ଷା ଦେବାରେ କୁଳଷିତ ସମାଜ ହିଁ ଦାୟୀ।ସଜ୍ଜନଶକ୍ତିର ନିଷ୍କ୍ରିୟତା ବି ଗୋଟେ ପ୍ରମୁଖ କାରଣ ହୋଇପାରେ।ସ୍ୱାର୍ଥକେନ୍ଦ୍ରିକ ଜୀବନଶୈଳୀ ହିଁ ଗ୍ରାମର ଶୈକ୍ଷିକ ବାତାବରଣକୁ ସଙ୍କୁଚିତ କରୁଛି।ପ୍ରାଚୀନରୁ ଗ୍ରାମ ସଭ୍ୟତାର ନିଦର୍ଶନ ରହିଆସିଛି।

ବିଶାଳ ଭାରତରେ ସହର ଓ ଗ୍ରାମ୍ୟ ପରିବେଶର ବାତାବାରଣ ବହୁ ଅଲଗା, କହିପାରିବା ସମାନ୍ତରାଳ ଯାହା କେବେ ମିଶିପାରିବନି।ଗ୍ରାମ୍ୟ ପରିବେଶରେ ବ୍ୟକ୍ତିର ପରିଚୟ ଯେତିକି ଗୁରୁତ୍ୱବହନ କରେ ପରିବାର ମଧ ତତୋଧିକ ଗୁରୁତ୍ୱପୂର୍ଣ୍ଣ।ପ୍ରାକୃତିକ ଚିନ୍ତନରୁ ବାହାରି ଆମେ କୃତ୍ରିମ ବୁଦ୍ଧିମତ୍ତାର ପରିବେଶକୁ ପହିଂଚି ଗଲୁଣି।ଏହାର ଉପଲବ୍ଧି ବହୁ ଉଚ୍ଚକୋଟୀର ହୋଇପାରେ କିନ୍ତୁ ତାର ସଦୁପୋଯୋଗରେ ରହିଲା କଥା।ମଂଜି କଥାଟା ହେଲା ଗାଁରେ ମାଦ୍ରକ ଦ୍ରବ୍ୟ ତଥା ଅନ୍ୟାନ୍ୟ ନିଶାର ଆସର ଜମିଲା ବେଳେ ଆମ ପରିବାରରୁ ବି କେହି ଜଣେ ସଦସ୍ୟ ସେଥିରେ ଲିପ୍ତ।ଏହାର ଫଳସ୍ୱରୂପ ଘରେ କଳିଝଗଡା, ଅଶାନ୍ତ ବାତାବରଣ ଇତ୍ୟାଦି ଇତ୍ୟାଦି ଆହୁରି ଅନେକ ସୃଷ୍ଟି ହେଉଛି।ତାପରେ ଗାଁରେ ବହୁ ଅସାମାଜିକ କାର୍ଯ୍ୟ ଯେମିତିକି ବେଆଇନ କାର୍ଯ୍ୟ, ଚୋରି, ମାରପିଟ୍ ଗଣ୍ଡଗୋଳ ପ୍ରଭୃତି ବଢିଚାଲିଛି।ଅତ୍ୟଧିକ ସ୍ମାର୍ଟ୍‌ଫୋନ୍‌ର ଦୂରପୋଯୋଗ ବି ଏହାର କାରଣ ହୋଇପାରେ।କାରଣ ଯେଉଁ ବିଷୟ ଦୃଶ୍ୟ ବାଲ୍ୟକାଳରୁ ଆଖିସାମ୍ନାକୁ ସ୍ମାର୍ଟଫୋନ୍ ମାଧମରେ ଆସୁଛି ତାର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ବାଲ୍ୟ କିଶୋର ଅବା ଯୁବକ କାହାରି ନିକଟରେ ବିନୟ ଭାବ ଦେଖିବାକୁ ମିଳୁନାହିଁ କେବଳ ଆକ୍ଷେପ,ଅଟ୍ଟହାସ୍ୟ,ତାଚ୍ଛଲ୍ୟ ଏବଂ ସ୍ୱାର୍ଥପରତା ଭରିଦିଆଯାଉଛି।ଯଦି ବି କିଛି ଶିକ୍ଷାଦାନ କରାଯାଉଛି ତାହା ଭିତରରେ କୌଣସି ନା କୌଣସି ସ୍ୱାର୍ଥପରତା ଲୁଚିରହୁଛି।ଯଦ୍ୱାରା ଗୋଷ୍ଠୀ ସମ୍ପଦ ସଦୃଶ୍ୟ ଗ୍ରାମର ଶୈକ୍ଷିକ ପରିବେଶର ମର୍ଯ୍ୟାଦାହାନୀ ହେବା ସଙ୍ଗେ ସଙ୍ଗେ ଚିନ୍ତା ଓ ଚେତନା ଏକ ସଙ୍କୁଚିତ ବାତାବରଣ ଆଡକୁ ଗତି କରୁଛି।ଯାହା ଏକ ଶୁଭ ସୂଚନା ନୁହେଁ। ଏଥିପାଇଁ ସମାଜର ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି ଦିଗରେ ଆମକୁ ଯତ୍ନବାନ ହେବାକୁ ପଡିବ। ନହେଲେ ଆଗାମୀ ପିଢି ଶିକ୍ଷା କ୍ଷେତ୍ରରେ ବିପର୍ଯ୍ୟସ୍ତତାର ହେବାର ସମ୍ମୁଖୀନ ହେବାକୁ ଏଡାଇ ଦିଆଯାଇ ଯାଇପାରିବନି।ତେଣୁ ଗ୍ରାମ୍ୟ ଶିକ୍ଷାର ମୁଳଦୂଆକୁ ମଜବୁତ କରିବା ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ।


**ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ, ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ**

**ମୋବାଇଲ୍: ୯୪୩୮୫୩୭୦୧୩**


# ସ୍ୱାଧୀନତା ଭିକ୍ଷାରେ ନୁହେଁ, ସଂଘର୍ଷରେ ମିଳେ

**ଡ଼ ମନୋଜ କୁମାର ମହାନ୍ତି**



ପ୍ରକୃତିର ନିୟମ ପରିବର୍ତ୍ତନ ତଥାପି ମଣିଷ ସମାଜ ତା ଅତୀତ ବିନା ନିଜର ଅସ୍ତିତ୍ୱ ଜାହିର କରିବା ଅସମ୍ଭବ।କାରଣ; ଇତିହାସ ବୃହତ୍ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ପୁନରାବୃତ୍ତି କରି ମାନବ ସମାଜକୁ ବିକାଶ ପଥରେ ଅଗ୍ରଗତି ହେବା ପାଇଁ ପ୍ରେରଣା ଯୋଗାଇ ଥାଏ। ବିଶେଷ କରି ବ୍ୟକ୍ତି ବିଶେଷଙ୍କ ଚିନ୍ତାଧାରା, କର୍ମ, ତ୍ୟାଗ ଓ ଜୀବନଦର୍ଶନ ଭବିଷ୍ୟତ ପୀଢ଼ି ପାଇଁ ନିଶ୍ଚିତରୂପେ ପ୍ରେରଣାଦାୟୀ ସ୍ରୋତ ପାଲଟି ଯାଏ। ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜର ଜନସାଧାରଣଙ୍କ ସ୍ମୃତିପଟରେ ସ୍ମରଣୀୟ ହୋଇ ରହିଯାଏ। କାଳଜୟୀ ପୁରୁଷ ଭାବେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇ ରହିଯାନ୍ତି ଇତିହାସର ଅଧ୍ୟାୟରେ, ଏକ ସ୍ୱର୍ଣ୍ଣିମ ପୃଷ୍ଠାଭାବରେ। ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବଶକ୍ତିର ଏକ ଚଳଚଞ୍ଚଳ ପ୍ରବାହମାନ ସ୍ରୋତ। ନେତାଜୀ ୪୮ ବର୍ଷର ସ୍ୱଳ୍ପ ଜୀବନଯାତ୍ରା ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ। ରାଷ୍ଟ୍ରୀୟ ସୈନ୍ୟବାହିନୀର ପ୍ରତିଷ୍ଠା(ଆଜାଦ୍ ହିନ୍ଦ୍ ଦୌଜ), ଆଜାଦ ହିନ୍ଦ୍ ସରକାର ସ୍ଥାପନ, ଆଜାଦ ହିନ୍ଦ୍ ରେଡିଓ ବାର୍ତ୍ତାର ପ୍ରଚାରକ, ଦୀଲ୍ଲୀ ଚଲୋର ଡାକରା, ଭରତୀୟ ବନ୍ଦୀକଏଦୀ ସଂଘଠନ, ଜୟହିନ୍ଦ୍ ସ୍ଲୋଗାନ ଓ ସାମ୍ୟବାଦ ନୀତିକୁ ଅଗ୍ରାଧିକାର ଦେବା ସହ ଭାରତୀୟଙ୍କୁ ଏକଜୁଟ କରି ଇଂରେଜ ସରକାରଙ୍କୁ ଭାରତରୁ ବହିଷ୍କାର କରିବାରେ ଯେଉଁ ଆନ୍ତରିକ ଉଦ୍ୟମ ଆରମ୍ଭ କରିଥିଲେ ତାହା ଯୁବ ସମାଜ ସଦାସର୍ବଦା ମନେ ରଖିବ।

ଇଂରେଜ ଶାସନ କାଳରେ ଭାରତୀୟ ମାନଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା ଓ ସେ ମାନସିକ ସ୍ତରରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଜଣେ ଯୁବକ ହୋଇଥିବାରୁ ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସାକାର କରି ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ କିପରି ସାମିଲ୍ କରାଯାଇପାରିବ ଓ ଦେଶପ୍ରେମର ମହାମନ୍ତ୍ରରେ ଦୀକ୍ଷିତ କରାଯିବ ସେଥିପାଇଁ ସେ ଉପାୟ ଖୋଜିଲେ। ପରାଧିନତା ହିଁ ସବୁ ଦୁଃଖ ଓ ମାନସିକ ଯନ୍ତ୍ରଣାର କାରଣ। ଭାରତର ଜନସାଧାରଣଙ୍କ ମଧ୍ୟରେ ଅଧିକାଂଶ ଯୁବଗୋଷ୍ଠୀ। ସେ ଅନୁଭବ କରିଥିଲେ ଯେ ସାମରିକ ଶକ୍ତି ହିଁ ଏକମାତ୍ର ଅସ୍ତ୍ର ଯାହାକୁ ହତିୟାର କରି ଭାରତୀୟ ମାନେ ସ୍ୱାଧୀନତାର ସ୍ୱାଦ ଅନୁଭବ କରିପାରିବେ। ଯେପର୍ଯ୍ୟନ୍ତ ଯୁବ ଗୋଷ୍ଠୀ ନିଜ ରକ୍ତ ନବୁହାଇଛି ସେପର୍ଯ୍ୟନ୍ତ ପରାଧିନତାର ପଞ୍ଜୁରୀରେ ଆବଦ୍ଧ ହୋଇ ପିଟିଛାଟି ହେବା ଛଡ଼ା ଅନ୍ୟ ଗତିନାହିଁ। ପରାଧିନତାର ଫିକା ମାନଚିତ୍ରକୁ ମଧ ନିଜ ତ୍ୟାଗ ସଂଘର୍ଷ ମାଧମରେ ରଙ୍ଗୀନ୍ କରିହେବ। ଯଦି ଜୀବନରେ ସଂଘର୍ଷ ନାହିଁ ସେ ଜୀବନ ଜିଇଁବାରେ ଆନନ୍ଦବା କାହିଁ। ୧୯୨୧ ରେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚପଦ ଓ ସମ୍ମାନକୁ ପାଦରେ ଏଡେଇ ସେ ଗାନ୍ଧୀଙ୍କ ଆଦର୍ଶ ତଥା ଦେଶ ପ୍ରେମରେ ଅନୁପ୍ରାଣିତ ହୋଇ ଭାରତୀୟ ମୁକ୍ତି ଆନ୍ଦୋଳନରେ ନିଜକୁ ସାମିଲ୍ କଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗାନ୍ଧୀଙ୍କ ମୁକ୍ତି ଆନ୍ଦୋଳନର ଚିନ୍ତାଧାରାକୁ ନେଇ ଭାରତର ସ୍ୱାଧୀନତାର ସ୍ୱପ୍ନ ଅସ୍ପଷ୍ଟ ଦିଶୁଥିବାରୁ ସେ ନିଜ ରାସ୍ତାର ଗତିପଥକୁ ବଦଳାଇବାକୁ ବାଧହେଲେ। ଗାନ୍ଧୀଙ୍କ ଅହିଂସାର ପଥ ତଥା ଇଂରେଜ ମାନଙ୍କ ନିକଟରେ ନିଜ ଦେଶର ସ୍ୱାଧୀନତାକୁ ଭିକ୍ଷା କରିବାର ଅର୍ଥ ଭାରିତୀୟ ସ୍ୱାଭିମାନର ଭିକ୍ଷା। ସ୍ୱାଧୀନତା କେହି କାହାକୁ ଦିଏନାହିଁ ବରଂ ତାକୁ ଜୋରକରି ଅଣାଯାଇଥାଏ। ଭାରତ ବର୍ଷକୁ ସ୍ୱାଧୀନତା ଦେବା ପାଇଁ ସେ ତାଙ୍କର ଚିନ୍ତାଧାରା ଓ କର୍ମଧାରାକୁ କ୍ରାନ୍ତିକାରୀ ରୂପ ଦେଲେ। ଜଣେ ଭାରତୀୟ ନାଗରିକ ଓ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀଭାବେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଥିଲା; କଣ୍ଟାକୁ କଣ୍ଟାଦ୍ୱାରା କେବଳ ବାହାର କରାଯାଇ ପାରିବ। ଯେଉଁ ଯୁବକ ଦିନେ ଗାନ୍ଧିବାଦର ଅହିଂସା ମାର୍ଗକୁ ଆପଣାଇ ଇଂରେଜମାନଙ୍କ ବିରୋଧରେ ନିଜକୁ ଆନ୍ଦୋଳନରେ ସାମିଲ୍ କରିଥିଲେ, ସେହି ଯୁବକ ହିଁ ହିଂସାର ଆବଶ୍ୟକତାକୁ ଅନୁଭବ କରି ସ୍ୱାଧୀନତାକୁ କିପରି ହାତେଇବାକୁ ହେବ ତାର ସମସ୍ତ କୌଶଳ



ଅବଲମ୍ବନ କରିବାରେ ପଛଘୁଞ୍ଚା ଦେଇନଥିଲେ। ଗାଲଚାପୁଡ଼ା ଓ ଲାଠି ପାହାର ଖାଇ କେହି ସ୍ୱାଧୀନ ହୋଇ ବଞ୍ଚିପାରେନି ବରଂ ଉପଯୁକ୍ତ ପ୍ରତିବାଦ ସହ ପ୍ରତିଆକ୍ରମଣ ହିଁ ସ୍ୱାଧୀନତା ଅନୁଭବର ଏକମାତ୍ର ମାଧମ। ଇଂରେଜଶାସନକୁ ଦେଶରୁ ବିନାଶ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ।

କ୍ରାନ୍ତିକାରୀ ରାସ ବିହାରୀ ବୋଷଙ୍କ ପ୍ରୟାସରେ ସୃଷ୍ଟି ହେଲା ଭାରତୀୟ ସ୍ୱାଧୀନତା ସଂଘ। ବ୍ରିଟିଶ୍ ସୈନ୍ୟବାହିନୀରୁ ନିଷ୍କାସିତ ଭାରତୀୟ ପରିତ୍ୟକ୍ତ ସୈନିକମାନଙ୍କର ସହଯୋଗରେ କ୍ୟାପଟେନ୍ ମୋହନ ସିଂ ଦ୍ୱାରା ୧୯୪୨ରେ ସ୍ଥାପନା ହୋଇଥିବା ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀର (ଆଇଏନ୍ଏ) ଦାୟିତ୍ୱ ତଥା ପରିଚାଳନା ପାଇଁ ନେତାଜୀଙ୍କୁ ଜର୍ମାନୀରୁ ନିମନ୍ତ୍ରଣ କରାଯାଇଥିଲା। ୨୧ ଅକ୍ଟୋବର ୧୯୪୩ରେ ସୁଭାଷ ବୋଷଙ୍କ ଦ୍ୱାରା ସିଙ୍ଗାପୁରରେ ଆଇଏନଏକୁ ପୁନର୍ଜୀବିତ କରି ତାର ନୂତନ ନାମ ଦେଲେ 'ଆଜାଦ୍ ହିନ୍ଦ୍ ଫୌଜ'। ଯେଉଁଥିରେ ୬୦ ହଜାର ସୈନିକ ଯୋଗ ଦେଇଥିଲେ ତାହାର ସେନାଧକ୍ଷ ହେଲେ ନେତାଜୀ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପ୍ରତିଦ୍ୱନ୍ଦୀ ଭାବେ ଉଭା ହୋଇଥିବା ବ୍ରିଟିଶକୁ ପୂର୍ବଏସିଆରେ ଦୁର୍ବଳ କରିବାକୁ ଜାପାନ ଚାହୁଁଥିଲା ଫଳରେ ଜର୍ମାନ, ଜାପାନ ଓ ଇଟାଲୀ ଆଜାଦ୍ ହିନ୍ଦ୍ ଫୌଜକୁ ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୩୯ରୁ ୧୯୪୫ ମଧରେ ଚାଲିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆଜାଦ୍ ହିନ୍ଦ ଫୌଜର ଭୂମିକା ଥିଲା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ଅଗଷ୍ଟ ୩୧ ତାରିଖ ୧୯୪୨ ମସିହାରେ ଜର୍ମାନୀରେ ଜୟ ହିନ୍ଦ୍ ରେଡିଓ ପ୍ରସାରଣରେ ନେତାଜୀ ଭାରତୀୟ ମାନଙ୍କ ପାଇଁ ଯେଉଁ ବାର୍ତ୍ତା ପ୍ରେରଣ କଲେ ତାହାର ରୂପରେଖ ତୀବ୍ରତର ହୋଇଥିଲା। ନେତାଜଙ୍କ ବାର୍ତ୍ତା ସିଧାସଳଖ ବ୍ରିଟିଶ୍ ସରକାରଙ୍କୁ ଚେତାବନୀ ଥିଲା। ସରକାରଙ୍କ ଦ୍ୱାରା ଆଦାୟ କରାଯାଉଥିବା 'କର'କୁ ତୁରନ୍ତ ବନ୍ଦ୍ କରାଯିବା ସହ ଭାରତରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଉତ୍ପାଦନ ଗୋଳାବାରୁଦ୍ ଓ ଅସ୍ତ୍ରଶସ୍ତ୍ର କାରଖାନାର ଉଚ୍ଛେଦ ସହ ଉତ୍ପାଦନରେ ମଧ ନିଷେଧ ହେଉ। ଯଦି ବ୍ରିଟିଶ୍ ସରକାର ଅସ୍ତ୍ରଶସ୍ତ୍ର ଉତ୍ପାଦନ କରେ ତେବେ ଭାରତକୁ ମଧ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ନରହୁ। ଭାରତ ମଧ ତାର ନିଜସ୍ୱ ସରକାର ଗଠନ କରି ସମାଜର ସବୁ ବର୍ଗର ମଣିଷଙ୍କୁ ସମାନ ସୁବିଧା ପ୍ରଦାନ ଓ ସହଭାଗିତାରେ ସାମିଲ୍ କରୁ। କେବଳ ଭାରତ ନୁହେଁ ବରଂ ଜର୍ମାନ, ଇଟାଲୀ ଓ ଜାପାନରେ ନେତାଜୀଙ୍କ ଜଣେ ଚର୍ଚ୍ଚିତ ବ୍ୟକ୍ତିରୂପେ ପରିଗଣିତ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ବିପକ୍ଷରେ ଥିବା ବ୍ରିଟିଶ୍ ସୈନ୍ୟଶକ୍ତିର ପୂର୍ବ-ଏସିଆରେ ପତନ ପାଇଁ ଜାପାନ ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀକୁ ସାହାଯ୍ୟ ଓ ସହଯୋଗ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିଲା। ନେତାଜୀଙ୍କ ରେଡିଓ ବାର୍ତ୍ତା ଭାରତର ଜନସାଧାରଣଙ୍କ ମଧରେ ତୀବ୍ର ଉତ୍ତେଜନା ସୃଷ୍ଟି କଲା ଯେଉଁଥିରେ ସର୍ବସାଧାରଣ ଭାରତରେ ବ୍ରିଟିଶ୍ ସରକାର ବିରୋଧରେ ବିପ୍ଳବର ନିଆଁ ଜାଳିବା ଆରମ୍ଭ କଲେ। ସରକାର ଦ୍ୱାରା ଉତ୍ପାଦିତ ହେଉଥିବା ଅସ୍ତ୍ରଶସ୍ତ୍ର ଓ କାରଖାନା, ସରକାର କାର୍ଯ୍ୟାଳୟ, ସରକାର ଦପ୍ତର, ଗୁପ୍ତ ଖବର ତଥ୍ୟ କାର୍ଯ୍ୟାଳୟ, ରେଡିଓ କେନ୍ଦ୍ର, ରେଳ ଷ୍ଟେସନ ଓ ପୋଲିସ କାର୍ଯ୍ୟାଳୟ ଆଦିର ପୋଡାଜଳା ଭଳି ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ସୁଭାଷ ବୋଷଙ୍କ ବ୍ୟକ୍ତିତ୍ୱର ପ୍ରଭାବ କେବଳ ଭାରତରେ ସୀମିତ ନ ହୋଇ ସିଙ୍ଗାପୁର, ବର୍ମା, ଜର୍ମାନ, ଜାପାନ, ଇଟାଲୀ ତଥା ଇଂଲଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ଥିଲା। ଜୟ ହିନ୍ଦ୍ ରେଡିଓ ପ୍ରସାରଣରେ ନେତାଜୀଙ୍କ ବାର୍ତ୍ତା ଭାରତର ଜନସାଧାରଣ ତଥା ଯୁବକ ଗୋଷ୍ଠୀକୁ ଏତେମାତ୍ରାରେ ପ୍ରଭାବିତ କରିଥିଲା ଯାହା ପରବର୍ତ୍ତୀ ସ୍ୱାଧୀନତା ସଂଗ୍ରାମର ବିଦ୍ରୋହବହ୍ନିକୁ ଆହୁରି ତେଜୀୟାନ କରିଥିଲା।ଜଣେ ସଫଳ ବ୍ୟକ୍ତି ଭାବରେ, ଯୁବ ନାୟକ ଭାବରେ, ସେନାଧକ୍ଷ ଭାବରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ନିଜର ମହତ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ତ୍ୟାଗ କରିଥିଲେ, ତାହା ପ୍ରତ୍ୟେକ ଭାରତୀୟ ପାଇଁ ନିଶ୍ଚୟ ଶିକ୍ଷଣୀୟ। ନିଜ ଦେଶପାଇଁ, ମାଟିପାଇଁ ନେଇଥିବା ବୃହତ୍ ନିଷ୍ପତ୍ତି ନିକଟରେ ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢ଼ୀ ନିଶ୍ଚିତ ଭାବେ କୃତଜ୍ଞତା ଜ୍ଞାପନ କରିବ।ସବୁ ଘାତପ୍ରତିଘାତ ସତ୍ତ୍ୱେ ଦେଶକୁ ସ୍ୱାଧୀନତାପ୍ରାପ୍ତିର ଶିଖରରେ ପହଞ୍ଚାଇବାର ସତ ପ୍ରଚେଷ୍ଟାକୁ ଭାରତବାସୀ ସର୍ବୋପରି ଓଡିଶାର ଜନସାଧାରଣ ନିଶ୍ଚୟ ହୃଦୟଙ୍ଗମ କରିବେ। ଯେଉଁ ବ୍ୟକ୍ତିତ୍ୱ କେବେ ମଳିନ ପଡ଼ିଛି ନା କେବେ ପଡ଼ିବ। ସେହି କାଳଜୟୀ, ଜାଜୁଲ୍ୟମାନ, ମୂର୍ତ୍ତିମନ୍ତ ପ୍ରତିଛବି ପାଲଟିଯାଉ ଯୁବପ୍ରତିଭାଙ୍କ ପ୍ରେରଣାର ଉତ୍ସ।ଯାହାଙ୍କ ନିର୍ଭୀକତା, ବାଗ୍ମିତା, ଦକ୍ଷ ନେତୃତ୍ୱ ପରିଶେଷରେ ରାଷ୍ଟ୍ରପ୍ରେମ, ଭାରତୀୟଙ୍କ ମାନସ ପଟରେ ଓ ଭାରତ ଭୂମିରେ ଯୁଗଯୁଗ ଧରି ଉଜ୍ଜୀବିତ ହୋଇରହିବ। ସବୁ ଘାତପ୍ରତିଘାତ ସତ୍ତ୍ୱେ ରାଷ୍ଟ୍ରକୁ ମୁକୁଳେଇବାର ଯେଉଁ ସଙ୍ଘର୍ଷର ଗୀତ ଜନମାନସକୁ ଗାଇବା ଶିଖେଇ ଥିଲେ ସେ ବ୍ୟକ୍ତିର ପରାକ୍ରମକୁ ଭାରତବାସୀ ନିଶ୍ଚୟ ହୃଦୟଙ୍ଗମ କରିବେ। ବୟସର ଅପରାହ୍ନ ଯାହାକୁ ସ୍ପର୍ଶ କରିବାର ବହୁ ଆଗରୁ ଯେ ମୃତ୍ୟୁଞ୍ଜୟ ହୋଇ ଇତିହାସ ନିଜେ ରଚନା କରିଗଲେ ସେହିଭଳି ନେତୃତ୍ୱକୁ ପ୍ରଣାମ।


**ଦର୍ଶନ ବିଭାଗୀୟ ମୁଖ୍ୟ, ବିଏନଏମ ଏ ମହାବିଦ୍ୟାଳୟ**

**ଭଦ୍ରକ, ମୋବାଇଲ୍: ୮୮୯୫୩୪୧୦୩୩**


**ରୀତା ସ୍ୱାଇଁ**



# ମାଘସପ୍ତମୀ ସୂର୍ଯ୍ୟ ଉପାସନାର ପ୍ରତୀକ

ସୂର୍ଯ୍ୟ ସକଳ ଶକ୍ତିର କେନ୍ଦ୍ର। ସୃଷ୍ଟିର ସ୍ଥିତି ଓ ବିଲୟ ସୂର୍ଯ୍ୟଶକ୍ତିର ଅଧୀନ। ତେଣୁ ସପ୍ତାହବ୍ୟାପୀ ବାରଗୁଡ଼ିକର ଆଦ୍ୟରେ ରବି ଏହି ସୂର୍ଯ୍ୟପୂଜାର ବଳିଷ୍ଠତା ପ୍ରମାଣ କରିବାକୁ ମାଘମେଳାର ଆୟୋଜନ ଏବଂ ସୂର୍ଯ୍ୟ ଦର୍ଶନର ଆବଶ୍ୟକତା ଯୁଗାଶ୍ରୟୀ ଧର୍ମଚେତନାର ପାପାତ୍ମାକୁ ଧର୍ମାତ୍ମା, ଧର୍ମାତ୍ମାକୁ ଦେବତାତ୍ମା ଏବଂ ଦେବତାତ୍ମାକୁ ପରମାତ୍ମାରେ ଲୀନ ହେବାକୁ ପଡ଼ିଥାଏ। ଏହି ସୂର୍ଯ୍ୟପୂଜା ତଥା ମହାଦିତ୍ୟ ଆରାଧନା ପାର୍ବଣର ପରମ୍ପରାକୁ ଅଧିକ ସୁସ୍ପଷ୍ଟ କରି କୃଷ୍ଣଙ୍କ ଅଦମନୀୟ ପୁତ୍ର ଶାମ୍ବ କୁଷ୍ଠରୋଗରୁ କିପରି ମୁକ୍ତିଲାଭ କଲେ ସେ ପୌରାଣିକ ଉପଜୀବ୍ୟଟି ଜନମାନସର ପରମ ଅଭିବ୍ୟକ୍ତି ଏବଂ ଶ୍ରେଷ୍ଠ ଆଭିମୁଖ୍ୟର ଦିଗ୍‌ଦର୍ଶନ ହୋଇଛି। ପିତାଙ୍କ ଦ୍ୱାରା ଅଭିଶପ୍ତ ହୋଇ ଶାମ୍ବ ଏହି ପର୍ବର ସୂତ୍ରପାତ କରିଥିଲେ ଏବଂ ମାଘସପ୍ତମୀ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଚନ୍ଦ୍ରଭାଗାରେ ପ୍ରାତଃସ୍ନାନ କରି କୁଷ୍ଠରୋଗରୁ ମୁକ୍ତିଲାଭ କରିଥିବା କଥା ପୁରାଣରେ ବର୍ଣ୍ଣିତ। ଭଗବାନ କୃଷ୍ଣଙ୍କର ପୁତ୍ର ଶାମ୍ବ ରୈବତକ ପର୍ବତରେ ଗୋପୀମାନଙ୍କ ସହ ଲୀଳାବିଳାସ କରୁଥିଲେ। ଗୋପୀମାନେ ଅଜ୍ଞାନତାବଶତଃ ଶାମ୍ବ ଓ କୃଷ୍ଣଙ୍କ ଶରୀରରେ ସାମ୍ୟତା ଥିବା ଯୋଗୁ ତାଙ୍କ ସହିତ କୃଷ୍ଣ ଲୀଳାବିଳାସ କରୁଛନ୍ତି ଅନୁମାନ କରି ସ୍ୱଚ୍ଛନ୍ଦବିହାର କଲାବେଳେ ନାରଦ କୃଷ୍ଣଙ୍କୁ ଆଣି ଦେଖାଇ ଦେଇଥିଲେ, ଦେଖ ହୋ ତୁମ ପୁତ୍ର କ'ଣ କରୁଛି। ସେହିକ୍ଷଣି ଗୋପୀମାନଙ୍କ ଦ୍ୱାରା ଅଭିଶପ୍ତ ହୋଇଥିଲେ ଶାମ୍ବ ଯେ ଯେଉଁ ଅଙ୍ଗକୁ କୃଷ୍ଣଙ୍କର ଭାବି ଆମେ ଲୀଳାବିଳାସ କଲୁ ଏଇଟା ଯେ ତାଙ୍କ ପୁଅ (ଶାମ୍ବ)ଙ୍କର ଅଙ୍ଗ ତା ଅଙ୍ଗ କୁଷ୍ଠବ୍ୟାଧିଗ୍ରସ୍ତ ହୋଇଯାଉ। ଯେତେ ସୁନ୍ଦର ହୁଅ, ତୋ ସୌନ୍ଦର୍ଯ୍ୟବନ୍ତ କନ୍ଦର୍ପ୍ୟବନ୍ତ ହୋଇଯାଉ। ଯାହାର ଫଳସ୍ୱରୂପ ଶାମ୍ବଙ୍କୁ କୁଷ୍ଠ ରୋଗ ହୋଇଥିଲା। ଏଥିପାଇଁ ଭଗବାନ କୃଷ୍ଣ ସମଗ୍ର ଭାରତବର୍ଷ ପରିକ୍ରମା କରିଥିଲେ। ଶରୀର ହେଉଛି ପରମାତ୍ମାଙ୍କର ବିଶ୍ରାମକକ୍ଷ, ତେଣୁ ଆମେ ତାକୁ ଯେତେ ଶୁଦ୍ଧ ପବିତ୍ର ରଖିବା, ତାହା ଆମପକ୍ଷରେ ମଙ୍ଗଳକର ହେବ। ଏହି ଦୃଷ୍ଟିକୋଣରୁ ପୂର୍ବକାଳର ସିଦ୍ଧସାଧକ, ମହାମନୀଷୀ ଏବଂ ମହାପୁରୁଷମାନେ କାୟାକ୍ଳେଶ ସ୍ୱୀକାରକରି ଭଗବତ ଆରାଧନା କରୁଥିଲେ। ତାହାରି ଏକ କ୍ଷୀଣସ୍ମୃତି ମାଘସପ୍ତମୀର ଆଧ୍ୟାତ୍ମିକ ପରିବେଶକୁ ଅତ୍ୟଧିକ ଭାବରେ ଆଦର୍ଶ ଉତ୍ତାପରେ ତାପକ୍ଲିଷ୍ଟ କରିଥାଏ।

ଉତ୍କଳ ହେଉଛି ସନାତନ ଧର୍ମବନ୍ଦିତ ପଞ୍ଚଦେବତାଙ୍କର ଉପାସନାସ୍ଥଳୀ। ସୂର୍ଯ୍ୟ ସକଳ ଶକ୍ତିର ଆଧାରହେତୁ ଏହି ପଞ୍ଚ ଉପାସନା ମଧ୍ୟରେ ସୌର ଉପାସନା ପ୍ରାଚୀନତମ ବୋଲି ପଣ୍ଡିତମାନେ କହନ୍ତି। ଏଣୁ ପୁରାଣରେ ସେ ଆଦିଦେବ ନାମରେ ପରିଚିତ। କଶ୍ୟପମୁନି ଅଦୀତିଙ୍କ ଉଦରରୁ ସୂର୍ଯ୍ୟଦେବ ଏହିଦିନ ଆବିର୍ଭାବ ହୋଇଥିଲେ। ତେଣୁ ଉକ୍ତଦିନ ଆଦିଦେବ ସୂର୍ଯ୍ୟଙ୍କ ଜନ୍ମୋତ୍ସବ 'ମାଘସପ୍ତମୀ' ଭାରତରେ ଏକ ପବିତ୍ର ଦିବସ। ଏହା ବର୍ଷର ଅନ୍ୟତମ ପୂଣ୍ୟମାସ 'ମାଘ'ର ଶୁକ୍ଳ ସପ୍ତମୀ ତିଥିରେ ପାଳିତ ହୋଇଆସୁଛି। ଏହିଦିନ ଅରୁଣୋଦୟ ପୂର୍ବରୁ କୋଣାର୍କ ସନ୍ନିକଟ ପୁଣ୍ୟତୋୟା ଚନ୍ଦ୍ରଭାଗାରେ ସ୍ନାନ ଓ ସୂର୍ଯ୍ୟୋପାସନା କୋଟିଜନ୍ମର ପାପହାରକ। ସୂର୍ଯ୍ୟଦେବଙ୍କ ରଥର ୧୨ଟି ଚକ ରହିଛି। ମାଘ ସପ୍ତମୀ ଦିନ ସୂର୍ଯ୍ୟଦେବ ନିଜର ରଥକୁ ଉତ୍ତରଗୋଲାର୍ଦ୍ଧ୍ ଆଡ଼କୁ ଉତ୍ତରପୂର୍ବ ଦିଗରେ ଟାଣି ନିଅନ୍ତି ବୋଲି ଏହିଦିନର ନାମ ମଧ୍ୟ 'ରଥ ସପ୍ତମୀ' ।

'ମାଘ ସପ୍ତମୀ' ଦିନ 'ଅର୍କକ୍ଷେତ୍ର' କୋଣାର୍କରେ ବିରାଟ ଜନସମାଗମ ହୁଏ। ପ୍ରାତଃକାଳରୁ ସମୁଦ୍ରରୁ ଉଠୁଥିବା ବାଳସୂର୍ଯ୍ୟଙ୍କ ଦର୍ଶନଲାଗି ଦୂରଦୂରାନ୍ତରୁ ବ୍ୟକ୍ତିମାନେ ପୂର୍ବଦିନରୁ ଏହି ପୀଠରେ ଏକତ୍ର ହୋଇଥାନ୍ତି। ବାଳସୂର୍ଯ୍ୟଙ୍କୁ ଦେଖିଲେ ସମସ୍ତ ରୋଗ, ଦୁଃଖ, ଶୋକ ଦୂର ହୁଏ ବୋଲି ଲୋକବିଶ୍ୱାସ ରହିଛି। ଏହିଦିନର ପ୍ରତ୍ୟୁଷକାଳୀନ ସୂର୍ଯ୍ୟଙ୍କ ବାଳ କିରଣରେ ବୈଜ୍ଞାନିକଙ୍କ ମତ ଅନୁସାରେ ବହୁପ୍ରକାର ରୋଗ ନିବାରଣ ଶକ୍ତିଥିବାରୁ ମାଘ ସପ୍ତମୀକୁ 'ଆରୋଗ୍ୟ ସପ୍ତମୀ' ମଧ କହନ୍ତି। ସପ୍ତମୀ ପୂର୍ବଦିନ ସମଗ୍ର ଓଡ଼ିଶା ଓ ଓଡ଼ିଶା ବାହାରର ଧର୍ମପ୍ରାଣ ନରନାରୀ ହଜାର ହଜାର ସଂଖ୍ୟାରେ କୋଣାର୍କରୁ ଚନ୍ଦ୍ରଭାଗ ତୀର୍ଥକୁ ଯାଇ ବୁଡ଼ ପକାଇ ସାରିବାପରେ ସାଗର ବେଳାଭୂମିରେ ପୂର୍ବମୁଖୀ ଓ ଅଞ୍ଜଳିବଦ୍ଧ ହୋଇ ଠିଆ ହୁଅନ୍ତି। ପୂର୍ବ ଆକାଶରେ ସିନ୍ଦୂରା ଫାଟେ। ସାଗରର ନୀଳ ଜଳରାଶି ଉପରେ ତରଳ ତରଙ୍ଗ ଖେଳିଯାଉଥାଏ। ସମଗ୍ର ବେଳାଭୂମି ସ୍ତୁତି-ସ୍ତୋତ୍ର, ଘଣ୍ଟି, ଘଣ୍ଟା, ଶଙ୍ଖ, ହୁଳହୁଳି ଧ୍ୱନିରେ ଗୁଞ୍ଜରି ଉଠେ। ଏହି ସମୟରେ ଦୂର ଚକ୍ରବାଳରେ ଦେଖାଯାଏ ଏକ ରଥର ଛାୟା। ମା'ର କୋଳକୁ ଶିଶୁ ଡେଇଁପଡ଼ିଲା ପରି ଏକ ଗାଢ଼ ରକ୍ତବର୍ଣ୍ଣ ମଣ୍ଡଳାକାର ବସ୍ତୁରୂପେ ସୂର୍ଯ୍ୟ ସେହି ରଥରେ ବିଜେ କରନ୍ତି। ଧୀରେ ଧୀରେ ସୂର୍ଯ୍ୟ ଜଳସ୍ତରର ଉପରକୁ ଉଠିଯାଆନ୍ତି। ସୂର୍ଯ୍ୟଙ୍କ ପ୍ରଭାରେ ରଥର ଛାୟା



ଅଦୃଶ୍ୟ ହୋଇଯାଏ।

ସାରଳା ଦାସଙ୍କ ମହାଭାରତର ଶାନ୍ତିପର୍ବ ବର୍ଣ୍ଣନାନୁସାରେ ଅର୍କ ନାମରେ ଏକ ଅସୁର ଥିଲା। ଭାରତ ଭୂଖଣ୍ଡ ପୂର୍ବରେ ନୀଳସାଗର ତଟରେ ମୁନିଋଷିଙ୍କର ଆଶ୍ରମ ଥିଲା। ଅର୍କ ମୁନିଋଷିଙ୍କ ପାଇଁ ଆତଙ୍କ ସୃଷ୍ଟି କଲା। ତାହା ସୂର୍ଯ୍ୟଦେବଙ୍କ କାନକୁ ଗଲା। ସୂର୍ଯ୍ୟଦେବ ଅର୍କ ସାଙ୍ଗରେ ଲଢ଼ି କୋଣାର୍କର ଅଗ୍ନିକୋଣରେ ତାର ଜୀବନ ନେଇଗଲେ। ସୂର୍ଯ୍ୟଙ୍କର ଘୋର ତେଜରେ ଅର୍କ ଟଳିପଡ଼ିଲା। ଅର୍କ ପାଇଁ ସେହିସ୍ଥାନ ଅର୍କକ୍ଷେତ୍ର ହୋଇଥିଲା। ଯେହେତୁ ଅଗ୍ନିକୋଣରେ ଅର୍କର ନିଧନ ହୋଇଥିଲା ସେଥିପାଇଁ ସେଠାର ନାମ କୋଣାର୍କ ହୋଇଥିଲା। ଯେଉଁଦିନ ଅର୍କ କୋଣାର୍କରେ ନିଧନ ହୋଇଥିଲା ସେଦିନ ମାଘ ଶୁକ୍ଳ ସପ୍ତମୀ ହୋଇଥିଲା। ତେଣୁ କୋଣାର୍କକୁ ସୂର୍ଯ୍ୟକ୍ଷେତ୍ର ବା ଅର୍କକ୍ଷେତ୍ର ଭାବେ ନାମିତ କରାଯାଇଛି। ଅର୍କକ୍ଷେତ୍ର ଚନ୍ଦ୍ରଭାଗାଠାରେ ପ୍ରଭୁ କୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠରୋଗରୁ ମୁକ୍ତି ପାଇଁ ୧୨ବର୍ଷ ତପସ୍ୟା କରି ମାଘ ସପ୍ତମୀ ଦିନ ତାଙ୍କର ଶେଷ କଠିନ ୨୧ଦିନର ତପସ୍ୟା ଶେଷକରି ଚନ୍ଦ୍ରଭାଗା ବୁଡ଼ ପକାଇଥିଲେ। ସ୍ନାନ କରୁଥିବାବେଳେ ଶାମ୍ବ ସୂର୍ଯ୍ୟଙ୍କର ମଣିବିଗ୍ରହ ପାଇଥିଲେ। ସ୍ୱୟଂ ସୂର୍ଯ୍ୟଦେବ ତାଙ୍କର ସେହି ମୂର୍ତ୍ତିକୁ ଚନ୍ଦ୍ରଭାଗା ନଦୀ ଭିତରେ ଗୋଟିଏ ମନ୍ଦିର ନିର୍ମାଣକରି ସେଥିରେ ପ୍ରତିଷ୍ଠିତ କରିବାପାଇଁ ଶାମ୍ବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ସୂର୍ଯ୍ୟଦେବଙ୍କର ରଥଯାତ୍ରା ପାଳନ କରାଯାଉଥିବାର ଅନୁମାନ କରାଯାଏ।

ପଦ୍ମ ପୁରାଣ ବର୍ଣ୍ଣନା ଅନୁସାରେ-ନର୍ମଦା ନଦୀ କୂଳରେ ବଡ଼ ବିଦ୍ୱାନ ବ୍ରାହ୍ମଣ ରହୁଥିଲେ ଯାହାଙ୍କ ନାମ ସୁବ୍ରତ। ସେ ବିଦ୍ୱାନ ହେଲେ ମଧ କୌଣସି ଧର୍ମକାର୍ଯ୍ୟ କରନ୍ତି ନାହିଁ ବହୁତ ଧନ ଅର୍ଜନ କରିପାରିଥିଲେ ସେ, ଯାହାକି ଦିନେ ଚୋରି ହୋଇଗଲା। ତେଣୁ ଧନ ଚିରକାଳ ନୁହେଁ ନୈଶ୍ୱର ଅଟେ, ଏହା ତାଙ୍କର ଜ୍ଞାନ ଉଦୟ ହେଲା ଏବଂ ସେ ଅନୁତାପ କଲେ। ତେବେ ତାଙ୍କର ଗୋଟିଏ ମନ୍ତ୍ରର ଅଧା ମନେପଡ଼ିଲା। ଯାହାର ଅର୍ଥ ଥିଲା ମନୁଷ୍ୟ ଜୀବନର ମୁକ୍ତି ତଥା ସ୍ୱର୍ଗ ପ୍ରାପ୍ତି ପାଇଁ ଅର୍ଥାତ୍ ଯେଉଁଠାରେ ଭଗବାନ ଥାଆନ୍ତି ତାଙ୍କର ସାନ୍ନିଧ ବା ଶରଣାଗତି ପାଇଁ ମାଘମାସ ସ୍ନାନ ନିତାନ୍ତ ଆବଶ୍ୟକ। ତେଣୁ ସେ ମଣିଷ ଜନ୍ମରୁ ମୁକ୍ତି ତଥା ସ୍ୱର୍ଗ ପ୍ରାପ୍ତି ପାଇଁ ନର୍ମଦା ନଦୀକୂଳରେ ୯ଦିନଯାକ ସ୍ନାନ କଲେ। ଦଶମ ଦିନରେ ସେ ମୃତ୍ୟୁଲୋକକୁ ଚାଲିଗଲେ। ପୁରାଣରେ ବର୍ଣ୍ଣିତ ଅଛି, ସବୁ ଜଳାଶୟକୁ ମାଘମାସରେ ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ ଆଦି ତୀର୍ଥମାନେ ଆସିଥାନ୍ତି। ତେବେ ଏହି ଧର୍ମକ୍ଷେତ୍ରରେ ସ୍ନାନ କଲେ ମନ, ଶରୀରରେ ପବିତ୍ରତାର ଉର୍ଜା ଜାତ ହୁଏ। ସବୁପ୍ରକାର ପାପରୁ ମୁକ୍ତି ମିଳେ।

ଲୋକକଥାନୁସାରେ ଗ୍ରହମାନଙ୍କ ମଧ୍ୟରେ ଆଦିଗ୍ରହ ରାଜା। ତାଙ୍କର ଦୃଷ୍ଟିପଡ଼ିଥିଲା ଚନ୍ଦ୍ରଭାଗା କୂଳରେ। ଚନ୍ଦ୍ରଭାଗା ଉପରେ ନଜର ପଡୁ ପଡୁ ଚନ୍ଦ୍ରଭାଗା ଏଇ ନଦୀପାଖ ଏକ ନଦୀରେ ଆତ୍ମାହୂତି ଦେଇଥିଲେ। ତାଙ୍କରି ବିରହରେ ସୂର୍ଯ୍ୟ ସେଠି ରହିଥିଲେ। ପାପ, ତାପ ବିନାଶ ଓ ଚର୍ମଗତ ରୋଗକୁ ନାଶ କରିବା ପାଇଁ ଏହି ବୁଡ଼ ପକାନ୍ତି। ବୁଡ଼ ପକାଇସାରି ବାଲିରେ ବାଲୁକା ସ୍ଥାପନକରି ସୂର୍ଯ୍ୟଙ୍କ ଦର୍ଶନ କରନ୍ତି। ଏହିଦିନ ଅରଖ ପତ୍ରରୁ ସାତୋଟି ବା ତିନୋଟିରେ ଚନ୍ଦନ ବୋଳି ସୂର୍ଯ୍ୟଙ୍କୁ ଅର୍ଘ୍ୟ ସ୍ୱରୂପ ସମର୍ପଣ କରାଯାଏ। ଫଳରେ ନୀରୋଗ ଶରୀର, ଦୀର୍ଘ ଆୟୁ ଓ ସମ୍ପଦ ଲାଭ ହୁଏ। ସେଦିନ ଲୁଣ ନ ପକାଇ ପ୍ରସ୍ତୁତ ହୋଇଥିବା ଖାଦ୍ୟ ବ୍ରତଧାରୀମାନେ ଭୋଜନ କରନ୍ତି। ବିଧିବିଧାନ ପ୍ରତି ଲକ୍ଷ୍ୟ କଲେ ଲୋକେ, ଜୀବନର ଚରମ ଲକ୍ଷ୍ୟସ୍ୱରୂପ ଦୀର୍ଘାୟୁ, ସୁନ୍ଦର ସ୍ୱାସ୍ଥ୍ୟ ଓ ସମ୍ପଦ ଲାଭପାଇଁ ଯେ ମାଘସପ୍ତମୀ ବ୍ରତ ପାଳନ କରନ୍ତି ଏଥିରେ ସନ୍ଦେହ ନାହିଁ।


**ଖଜରା, କସର୍ଦା, କଟକ**

**ଫୋନ୍: ୮୯୧୭୬୯୦୮୪୯**

### ରେଜିଷ୍ଟ୍ରେସନ କରିପାରିଲେନି ବିଜେପି ଓ ସିନ୍ଦେଙ୍କ କର୍ପୋରେଟର

# ଟଳିଲା ବିଏମ୍‌ସି ମେୟର ନିର୍ବାଚନ




**ମୁମ୍ବାଇ ୨୪।୧:** ବୃହନମୁମ୍ବାଇ ମହାନଗର ନିଗମ(ବିଏମସି) ମେୟର ନିର୍ବାଚନ ଶେଷ ସମୟରେ ଟଳି ଯାଇଛି। ଏବେ ଏହି ନିର୍ବାଚନ ୩୧ ଜାନୁୟାରୀ ବଦଳରେ ଫେବୃଆରୀ ପ୍ରଥମ ସପ୍ତାହରେ ହେବ। କାରଣ ବିଜେପି ଓ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା କର୍ପୋରେଟରଙ୍କ ଗୃପ ରେଜିଷ୍ଟ୍ରେସନ ଶେଷ ହୋଇ ପାରିନାହିଁ। ଏହି ଅସୁବିଧା ଯୋଗୁ ବିଏମସି ମେୟର ନିର୍ବାଚନ ଅଟକି ଯାଇଛି। ମେୟର ପଦବୀ ନିମନ୍ତେ ରିଜର୍ଭେସନ ଘୋଷଣା ପରେ ବିଏମସି ଜାନୁୟାରୀ ୩୧ ତାରିଖରେ ଭୋଟିଂ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଥିଲା। ଯେଉଁ ପର୍ଯ୍ୟନ୍ତ ସବୁ ଗୃପ ମ୍ୟୁନିସିପାଲ ସେକ୍ରେଟାରୀଙ୍କ ଅଫିସରେ ସାର୍ଟିଫିକେଟ ଜମା ନ କରିଛନ୍ତି ସେ ପର୍ଯ୍ୟନ୍ତ ମେୟର ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିପାରିବ ନାହିଁ। ତେବେ ଶିବସେନା (ୟୁବିଟି) ଓ ଏମଏନଏସ୍ ର ୬୫ ଜଣ କର୍ପୋରେଟର ସେମାନଙ୍କ ରେଜିଷ୍ଟ୍ରେସନ ଶେଷ କରିଦେଇଛନ୍ତି। ମେୟର ନିର୍ବାଚନରେ ବିଳମ୍ବ ହେଉଥିବା ବେଳେ ମହାରାଷ୍ଟ୍ରରେ ଶାସକ ମେଣ୍ଟରେ ଫାଟ ଏବେ ଜଳଜଳ ହୋଇ ଦିଶୁଛି। ବିଳମ୍ବ ଯୋଗୁଁ ମେୟର ପଦବୀ କାହାକୁ ମିଳୁଛି ତାକୁ ମୁମ୍ବାଇ ଅପେକ୍ଷା କରିଛି। ତେବେ ମେୟର ନିର୍ବାଚନକୁ ନେଇ ବିବାଦ ବିଏମସିରେ ମହାୟୁତୀ ମେଣ୍ଟର ବିଜୟ ପରେ ହୋଇଛି। ବିଏମସିରେ ବିଜେପିକୁ ମୋଟ ୮୯ଟି ସିଟ୍ ମିଳିଛି। ସେହିପରି ମେଣ୍ଟ ସହଯୋଗୀ ଶିବସେନାକୁ ୨୯ ସିଟ୍ ମିଳିଛି। ବିଏମସିରେ ମ୍ୟାଜିକ ନମ୍ବର ୧୧୪ ଥିବା ବେଳେ ମହାୟୁତୀ ମେଣ୍ଟକୁ ୧୧୮ ଆସନ ମିଳିଛି।

### ଯୁବପିଢ଼ିଙ୍କୁ ମୋଦୀଙ୍କ ଭେଟି

# ବାଣ୍ଟିଲେ ୬୧,୦୦୦ ନିଯୁକ୍ତି ପତ୍ର

**ନୂଆଦିଲ୍ଲୀ,୨୪।୧:** ଯୁବପିଢ଼ିଙ୍କୁ ବଡ଼ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୧୮ତମ ନିଯୁକ୍ତି ମେଳାରେ ୬୧,୦୦୦ ଯୁବକ ଓ ଯୁବତୀଙ୍କୁ ସରକାରୀ ସେବା ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ନିଯୁକ୍ତି ପତ୍ରକୁ ନେସନ୍ ବିଲ୍ଡିଂ ବା ରାଷ୍ଟ୍ର ନିର୍ମାଣ ଭାବେ ବର୍ଣ୍ଣନା କରିଛନ୍ତି ମୋଦୀ। ଅର୍ଥାତ୍ ଏହି ନୁଯୁକ୍ତି ପତ୍ର ଦ୍ୱାରା କେବଳ ଯୁବକ ଯୁବତୀଙ୍କୁ ଚାକିରି ମିଳିବ ତା ନୁହେଁ, ଦେଶକୁ ଏକ ନୂଆ ଗତି ମିଳିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଆଜି ଏହି ଯୁବକମାନଙ୍କ ଜୀବନରେ ଏକ ନୂତନ ଦିଗ ଆରମ୍ଭ ହେଲା। ଏହି ନିଯୁକ୍ତି ପତ୍ରଗୁଡ଼ିକୁ କେବଳ ଏକ ଦସ୍ତାବିଜ ନୁହେଁ, ବରଂ ଏହା ଏକ 'ରାଷ୍ଟ୍ର ନିର୍ମାଣ ପାଇଁ ନିମନ୍ତ୍ରଣ ପତ୍ର' ଏବଂ ଏକ 'ସଂକଳ୍ପ ପତ୍ର'। ଯାହା ଏକ ବିକଶିତ ଭାରତ ନିର୍ମାଣକୁ ତ୍ୱରାନ୍ୱିତ କରିବ। ଏହି ନିଯୁକ୍ତି ମେଳାର ଏକ ପ୍ରମୁଖ ସଫଳତା ହେଉଛି ମହିଳା ସଶକ୍ତୀକରଣ। ଆଜିର କାର୍ଯ୍ୟକ୍ରମରେ ୮୦୦୦ରୁ ଅଧିକ ମହିଳା ସରକାରୀ ସେବା ପାଇଁ ନିଯୁକ୍ତି ପତ୍ର ପାଇଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ଦେଶର କାର୍ଯ୍ୟଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ପ୍ରାୟ ଦ୍ୱିଗୁଣିତ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ମୋଦୀ ଗର୍ବ ଅନୁଭବ କରିଛନ୍ତି। ଏହି ପରିବର୍ତ୍ତନ ସମାଜରେ ବଢୁଥିବା ସମାନତା ଏବଂ ବିକାଶରେ ମହିଳାମାନଙ୍କ ଅବଦାନକୁ ସ୍ପଷ୍ଟ କରୁଛି।



ଦ୍ରୁତଗତିରେ ବଦଳୁଥିବା ଟେକ୍ନୋଲୋଜିର ଏହି ଯୁଗରେ ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ନିରନ୍ତର ଶିଖିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଦେଶର ଆବଶ୍ୟକତା ଏବଂ ପରିବର୍ତ୍ତନ ସହିତ, ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ନିରନ୍ତର ନିଜକୁ ଅପଗ୍ରେଡ୍ କରିବାକୁ ପଡ଼ିବ। ଏହି କର୍ମଚାରୀଙ୍କ ପ୍ରୟାସ ଦେଶ ଗଠନରେ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

## ବେଲଣା କାଠିରେ ପିଟି ଝିଅକୁ ମାରିଦେଲା ବାପା

**ହରିୟାଣା ୨୪।୧:** ହରିୟାଣା ଫରିଦାବାଦରେ ଜଣେ ବାପା ତାଙ୍କ ଝିଅକୁ ନିର୍ଦ୍ଦୟ ଭାବେ କରିଛି ହତ୍ୟା। ୫୦ ଯାଏଁ ଗଣିପାରିଲାନି ବୋଲି ରାଗିଗଲେ ବାପା। ନିର୍ଦ୍ଦୟ ଭାବେ ବେଲଣା କାଠିରେ ଝିଅକୁ ପିଟିପିଟି ହତ୍ୟା କରିଛି। ଘଟଣା ପରେ ଅଭିଯୁକ୍ତ ବାପାକୁ ଗିରଫ କରିଛି ପୁଲିସ। ସ୍ତ୍ରୀଙ୍କୁ ଭୁଆଁ ବୁଲାଇବାକୁ ସେ କହିଥିଲେ ଯେ, ଝିଅଟି ଖେଳୁଥିବା ସମୟରେ ସିଡ଼ିରୁ ଖସି ପଡ଼ିଛି। କିନ୍ତୁ, ହସ୍ପିଟାଲରେ ପହଞ୍ଚିବା ପରେ ସତ୍ୟ ସାମ୍ନାକୁ ଆସିଥିଲା। ହସ୍ପିଟାଲରେ ମା'ଙ୍କର ହୋଇଥିଲା ସନ୍ଦେହ, କାରଣ ଝିଅଟିର ଶରୀରରେ ଲାଗିଥିଲା ଅନେକ ଆଘାତ। ନୀଳ ପଡିଯାଇଥିଲା ମୁହଁ। ପରେ ସେ ଥାନାରେ କରିଥିଲେ ଅଭିଯୋଗ। ଉତ୍ତର ପ୍ରଦେଶର ସୋନଭଦ୍ର ଜିଲ୍ଲାର ଖରନ୍ତିଆ ଗାଁର ବାସିନ୍ଦା କୃଷ୍ଣ ଜୟସୱାଲ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହିତ ଫରିଦାବାଦର ଝାରସେଣ୍ଟାଲି ଗାଁରେ ଏକ ଭଡ଼ାଘରେ ରହୁଥିଲେ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଘରୋଇ କମ୍ପାନୀରେ କାମ କରନ୍ତି। କୃଷ୍ଣ ଦିନବେଳା ଘରେ ରହି ପିଲାମାନଙ୍କର ଯତ୍ନ ନେଉଥିଲେ। ଜାନୁଆରୀ ୨୧ରେ, ସେ ତାଙ୍କର ସାଢ଼େ ଚାରି ବର୍ଷର ଝିଅକୁ ପାଠ ପଢାଉଥିଲେ। ପଢଉ ପଢଉ ୫୦ ପର୍ଯ୍ୟନ୍ତ ଗଣିବାକୁ କହିଥିଲେ। ହେଲେ ପିଲାଟି ନା ଗଣିପାରିଥିଲା, ନା ଲେଖିପାରିଥିଲା। ରାଗିଯାଇ ତାଙ୍କୁ ଏକ ବେଲଣା କାଠିରେ ପିଟିବାରୁ ସେ ଅଚେତ ହୋଇ ପ୍ରାଣ ହରାଇଥିଲା। ପ୍ରବଳ ମାଡ଼ ଯୋଗୁଁ ଝିଅଟିର ମୃତ୍ୟୁ ହୋଇଥିଲା।

## ବାହାଘର ପାର୍ଟିରେ ଆତ୍ମଘାତୀ ହମଲା, ୭ ମୃତ

**ଇସଲାମାବାଦ, ୨୪।୧:** ବାହାଘର ପାଇଁ ସମସ୍ତେ ଖୁସିଥିଲେ। କିଏ ଖୁସିରେ ନାଚୁଥିଲେ ତ ଆଉ କିଏ ଖାଇବା ଉପଭୋଗ କରୁଥିଲେ। କିନ୍ତୁ ହଠାତ୍ ଜଣେ ଆତ୍ମଘାତୀ ଆତଙ୍କବାଦୀ ଘଟାଇଛି ଭୟଙ୍କର କାଣ୍ଡ। ସେ ବାହାଘର ଭିଡ଼ ମଧ୍ୟରେ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଛି। ପାକିସ୍ତାନର ଖାୟବର ପାଖତୁନଖ୍ୱା ପ୍ରଦେଶରେ ଚାଲିଥିବା ଏହି ବାହାଘର ପାର୍ଟିରେ ଆତ୍ମଘାତୀ ହମଲା ଯୋଗୁ ୭ ଜଣ ପ୍ରାଣ ହରାଇଛନ୍ତି ଓ ୨୫ ଜଣ ଆହତ ହୋଇଛି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ମଧ୍ୟ ରହିଛି। ଆତ୍ମଘାତୀ ହମଲା ଡେରା ଇସ୍ମାଇଲ ଖାନ ଜିଲ୍ଲାରେ ରହୁଥିବା ସରକାର ସମର୍ଥିତ ସଂପ୍ରଦାୟର ନୁର ଆଲାମ ମେହସୁଦଙ୍କ ଘରେ ହୋଇଛି। ଜଣେ ଆତ୍ମଘାତୀ ଆତଙ୍କୀ ନିଜ ଦେହରେ ବିସ୍ଫୋରକ ଖଞ୍ଜି ଏପରି ବିସ୍ଫୋରଣ କରିଛି। ବିସ୍ଫୋରଣରେ ଖଣ୍ଡବିଖଣ୍ଡିତ ମୃତଦେହ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଅତିଥିମାନେ ଡ୍ୟାନ୍ସ କରୁଥିବା ବେଳେ ହିଁ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ରହିଥିଲା ଯେ, ଘରର ଛାତ ଭୁଶୁଡ଼ି ପଡ଼ିଛି। ଏହା ତଳେ ଚାପି ହୋଇ ରହିଥିବା ଲୋକଙ୍କୁ ଉଦ୍ଧାର କରିବାରେ ପୁଲିସ୍ ଟିମକୁ ବେଶ ନାକେଦମ ହେବାକୁ ପଡ଼ିଥିଲା। ଘଟଣା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି। ଘଟଣା ପାଇଁ କୌଣସି ସଂଗଠନ ଏଯାଏ ନିଜକୁ ଦାୟୀ କରି ନାହାନ୍ତି।

# ଆକ୍ରମଣ ହେଲେ ଦୃଢ଼ ଜବାବ ଦେବୁ: ଇରାନ

**ନୂଆଦିଲ୍ଲୀ,୨୪।୧:** ମଧ୍ୟପ୍ରାଚ୍ୟରେ ଆମେରିକା ସାମରିକ ଶକ୍ତି ବୃଦ୍ଧି କରୁଛି। ଏହାକୁ ନେଇ କଠୋର ଚେତାବନୀ ଜାରି କରିଛି ଇରାନ। ଯେକୌଣସି ଆକ୍ରମଣକୁ ପୂର୍ଣ୍ଣ-ସ୍ତରର ଯୁଦ୍ଧ ଭାବରେ ବିବେଚନା କରାଯିବ ବୋଲି ଇରାନ କହିଛି। ଏହାର କଠୋରତମ ତଥା ଦୃଢ଼ ଜବାବ ଦିଆଯିବ। ଜଣେ ବରିଷ୍ଠ ଇରାନୀ ଅଧିକାରୀ କହିଛନ୍ତି ଯେ, ଇରାନର ସାମରିକ ବାହିନୀ ହାଇ ଆଲର୍ଟରେ ଅଛି। ଯେକୌଣସି ସମ୍ଭାବ୍ୟ ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି।

ଆମେରିକା ମଧ୍ୟପ୍ରାଚ୍ୟରେ ଏହାର ସାମରିକ ଉପସ୍ଥିତି ବୃଦ୍ଧି କରୁଛି। ଆବ୍ରାହମ ଲିଙ୍କନ୍ ବିମାନବାହକ, ତିନୋଟି ବିଧ୍ୱଂସକ ଏବଂ ପ୍ରାୟ ୫୭୦୦ ଅତିରିକ୍ତ ସୈନ୍ୟ ସହିତ ପାରସ୍ୟ ଉପସାଗରରେ ମୁତୟନ କରାଯାଇଛି। ଏହା ସହିତ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ସ ଏବଂ ବ୍ରିଟିଶ ଟାଇଫୁନ୍ ଜେଟ୍ କାତାରରେ ମୁତୟନ କରାଯାଇଛି। ଗତବର୍ଷ ଇରାନ ପରମାଣୁ ଘାଟି ଉପରେ ଆମେରିକାର ଆକ୍ରମଣ ପରେ ଏହି ଅଞ୍ଚଳରେ ସାମରିକ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ନୌବାହିନୀ କେବଳ ସତର୍କତା ପାଇଁ ଥିଲା, କିନ୍ତୁ ଇରାନର ପ୍ରତ୍ୟେକ ପଦକ୍ଷେପ ଉପରେ କଡ଼ା ନଜର ରଖାଯାଇଛି। ଇରାନ ମଧ୍ୟ ଏକ ଘରୋଇ ସଙ୍କଟର ସମ୍ମୁଖୀନ ହେଉଛି, ଆର୍ଥିକ କଷ୍ଟ ଏବଂ ରାଜନୈତିକ ଦମନ ବିରୁଦ୍ଧରେ ଡିସେମ୍ବର ଶେଷଠାରୁ ପ୍ରତିବାଦ ଜାରି ରହିଛି।



### ହାଇ ଆଲର୍ଟରେ ସେନା



### ଆମେରିକାରେ ଭୀଷଣ ବରଫ ଝଡ଼

# ୮ ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ

**ୱାଶିଂଟନ, ୨୪।୧:** ଆମେରିକାରେ ଭୀଷଣ ବରଫ ଝଡ଼ କାରଣରୁ ୮ ହଜାରରୁ ଅଧିକ ବିମାନ ଉଡାଣ ରଦ୍ଦ କରାଯାଇଛି। ଏହି ଝଡ଼ ଯୋଗୁଁ ଦେଶର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ କାଟ୍ ଓ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବରଫ ଝଡ ପାଇଁ ନ୍ୟୁ ମେକ୍ସିକୋରୁ ଆରମ୍ଭ କରି ନ୍ୟୁ ଇଂଲଣ୍ଡ ପର୍ଯ୍ୟନ୍ତ ପାଖାପାଖି ୧୪୦ ନିୟୁତ ଲୋକଙ୍କ ଲାଗି ଶୀତକାଳୀନ ଝଡ଼ ସତର୍କତା ଜାରି କରାଯାଇଛି। ଜାତୀୟ ପାଣିପାଗ ସେବା ଭୀଷଣ ହୀମପାତ ସାଙ୍ଗକୁ ପୂର୍ବଟେକ୍ସାସରୁ ଉତ୍ତର କ୍ୟାରୋଲିନା ପର୍ଯ୍ୟନ୍ତ ବରଫ ଜମିବାର ଆଶାଙ୍କା କରିଛି। ବରଫପାତ ଯୋଗୁ ହେବାକୁ ଥିବା କ୍ଷୟକ୍ଷତି ଅଧିକ ହୋଇ ପାରେ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି।

ଟେକ୍ସାସରେ ବରଫ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଓକ୍ଲାହୋମାରେ ମଧ ହୀମପାତ ହେଉଛି। ଝଡ଼ ପୂର୍ବୋତ୍ତରକୁ ବଢ଼ିବାର ଆଶଙ୍କା କରାଯାଉଛି। ଏଣୁ ୱାଶିଂଟନରୁ ନ୍ୟୁୟର୍କ ଓ ବୋଷ୍ଟନରେ ୧ ଫୁଟ ବହଳର ବରଫ ଜମିପାରେ। ବରଫ ଝଡ ଯୋଗୁ ବିଭିନ୍ନ ରାଜ୍ୟର ଗଭର୍ଣ୍ଣରମାନେ ଆପତକାଳୀନ ପରିସ୍ଥିତି ଜାରି କରିଛନ୍ତି। ଟେକ୍ସାସ ଗଭର୍ଣ୍ଣର ଗ୍ରେଗ ଏବଟ କହିଛନ୍ତି ଯେ, ରାଜ୍ୟ ପରିବହନ ବିଭାଗ ବରଫରୁ ବର୍ତ୍ତିବା ପାଇଁ ଉପାୟ କରୁଛି ଓ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ବରଫ ଝଡ ପାଇଁ ବିଦ୍ୟୁତ ଯୋଗାଣକାରୀ କମ୍ପାନୀମାନେ ବିଜୁଳି କାଟ୍ ପ୍ରସ୍ତୁତି କରିଛନ୍ତି। କାରଣ ବରଫାବୃତ୍ତ ବୃକ୍ଷ ଝଡ଼ରେ ବିଦ୍ୟୁତ ତାର ଉପରେ ପଡିପାରେ। ସେହିପରି ଶୀତଳ ପବନ ଯୋଗୁ ତାପମାତ୍ରା ବିୟୁକ୍ତ ୪୦ ଡିଗ୍ରି ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ହ୍ରାସ ହୋଇପାରେ।

### ଦଳୀୟ ଆଭିମୁଖ୍ୟକୁ ଉଲ୍ଲଂଘନ କରିନି: ଥରୁର୍

# ରାଷ୍ଟ୍ରୀୟ ହିତକୁ ସର୍ବାଗ୍ରେ ରଖାଯିବା ଦରକାର

**ନୂଆଦିଲ୍ଲୀ,୨୪।୧:** କଂଗ୍ରେସ ଏବଂ ସାଂସଦ ଶଶି ଥରୁରଙ୍କ ମଧ୍ୟରେ ମତଭେଦ ଜଳଜଳ ହୋଇ ଦେଖାଯାଉଛି। ଏହାରି ଭିତରେ କଂଗ୍ରେସ ସାଂସଦ ଶଶି ଥରୁର ଶନିବାର କହିଛନ୍ତି ଯେ, ସଂସଦରେ କେବେ ବି ପାର୍ଟିର ଆଭିମୁଖ୍ୟକୁ ଉଲ୍ଲଂଘନ କରିନାହିଁ। କଂଗ୍ରେସ ସାଂସଦଙ୍କ ଏହି ବୟାନ ଏପରି ସମୟରେ ଅଛି, ଯେତେବେଳେ ପାର୍ଟି ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କ ମତଭେଦକୁ ନେଇ ଅନେକ ଚର୍ଚ୍ଚା କରାଯାଉଛି। ଶଶି ଥରୁର କହିଛନ୍ତି, ଜଣେ ପର୍ଯ୍ୟବେକ୍ଷକ ଓ ଲେଖକ ଭାବେ ସେ ପହଲଗାମ ଘଟଣା ପରେ ଖବରକାଗଜରେ ଆଲେଖ୍ୟରେ କହିଥିଲେ ଯେ, ବିନା ଦଣ୍ଡରେ ଏହି ମାମଲାକୁ ଛଡ଼ାଯିବା ଠିକ ନୁହେଁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଯଦି କୌଣସି କାର୍ଯ୍ୟାନୁଷ୍ଠାନ କରାଯିବ, ତେବେ କେବଳ ଆତଙ୍କବାଦୀ ଠିକଣା ଯାଏ ସୀମିତ ରହିବା ଦରକାର। ଥରୁରଙ୍କ ଅନୁସାରେ, ତାଙ୍କ ସୁପାରିଶ ଅନୁସାରେ ଭାରତ ସରକାର ପଦକ୍ଷେପ ନେଇଥିବାରୁ ସେ ମଧ ଆଶ୍ଚର୍ଯ୍ୟ ହୋଇଥିଲେ।



ସେ କହିଛନ୍ତି ଯେ, ଜବାହରଲାଲ ନେହରୁ ସେହି ପ୍ରସିଦ୍ଧ ପ୍ରଶ୍ନ ଉଠାଇଥିଲେ, ଯଦି ଭାରତ ମରିଯିବ, ତେବେ କିଏ ବଞ୍ଚିବ ? ଥରୁର କହିଛନ୍ତି, ଯେବେ ଭାରତର ସମ୍ମାନ ବାଜିରେ ଲାଗିଥିବ, ଯେବେ ଭାରତର ସୁରକ୍ଷା ଉପରେ ପ୍ରଶ୍ନ ଉଠାଯିବ, ସେତେବେଳେ ଭାରତ ସର୍ବପ୍ରଥମେ ଆସେ। ସେ ଏହା ମଧ କହିଛନ୍ତି ଯେ, ବିକଶିତ ଭାରତର ନିର୍ମାଣର ପ୍ରକ୍ରିୟାରେ ରାଜନୀତିକ ଦଳ ମଧ୍ୟରେ ମତଭେଦ ରହିପାରେ, କିନ୍ତୁ ଯେତେବେଳେ ରାଷ୍ଟ୍ରୀୟ ହିତ କଥା ଆସେ, ସେତେବେଳେ ଭାରତକୁ ସର୍ବାଗ୍ରେ ରଖାଯିବା ଦରକାର। ଏଥିରେ ଦଳଗତ ରାଜନୀତି କରାଯିବା ଆଦୌ ଠିକ୍ ନୁହେଁ।

### ଆମେରିକା, ୟୁକ୍ରେନ ଓ ରୁଷ ମଧ୍ୟରେ ତ୍ରିପାକ୍ଷିକ ବୈଠକ

## ଏପଟେ ଶାନ୍ତି ଆଲୋଚନା ସେପଟେ ଜୋରଦାର ଆକ୍ରମଣ



**ନୂଆଦିଲ୍ଲୀ,୨୪।୧:** ଗୋଟିଏ ପଟେ ଶାନ୍ତି ଆଲୋଚନା, ଅନ୍ୟପଟେ ଘନଘନ ଡ୍ରୋନ ଓ ମିସାଇଲ୍ ମାଡ଼। ସକାଳୁ ସକାଳୁ ୟୁକ୍ରେନକୁ ଥରାଇଦେଲା ରୁଷ। ୟୁକ୍ରେନର ଦୁଇଟି ବଡ଼ ସହର କିଭ୍ ଏବଂ ଖାରକିଭକୁ ଟାର୍ଗେଟ କରି ଶନିବାର ସକାଳେ ରୁଷ ଏକ ବଡ଼ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହି ଆକ୍ରମଣ ଆମେରିକା, ୟୁକ୍ରେନ ଏବଂ ରୁଷ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ୟୁଏଇରେ ଦ୍ୱିତୀୟ ଦିନରେ ପହଞ୍ଚିଛି। କିଭ୍ ଅଧିକାରୀମାନେ କହିଛନ୍ତି ଯେ, ରୁଷର ସଦ୍ୟ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ଅତି କମରେ ୧୫ ଜଣ ଆହତ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ରୁଷର ଆକ୍ରମଣ କରିଚାଲିଛି। ଆମେରିକା ନେତୃତ୍ୱାଧୀନ ଶାନ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଆବୁଧାବିରେ ପ୍ରତିନିଧିମଣ୍ଡଳି ବୈଠକ କରୁଥିବା ସମୟରେ ପୁଟିନ ୟୁକ୍ରେନ ବିରୁଦ୍ଧରେ ଏକ ନୃଶଂସ କ୍ଷେପଣାସ୍ତ୍ର ଆକ୍ରମଣର ନିର୍ଦ୍ଦେଶ ଦେଇଥିଲେ। ସେପଟେ ୟୁକ୍ରେନ ବାୟୁସେନା କହିଛି ଯେ, ଶନିବାର ଆକ୍ରମଣରେ ରୁଷ ୩୯୬ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରିଛି। ଆକ୍ରମଣ ପରେ ୟୁକ୍ରେନର ୮୦% ପର୍ଯ୍ୟନ୍ତ ଏବେ ଜରୁରୀକାଳୀନ ବିଦ୍ୟୁତ୍ କାଟ୍‌ର ସମ୍ମୁଖୀନ ହୋଇଛି।

# ଏମ୍‌ଭିଏକୁ ଫେରିବେ ଅଜିତ ପାୱାର: ସଞ୍ଜୟ

**ମୁମ୍ବାଇ ୨୪।୧:** ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର କହିଛନ୍ତି ଯେ, ମହାରାଷ୍ଟ୍ରର ଅଜିତ ପାୱାର ମହାବିକାଶ ଅଘାଡ଼ି (ଏମଭିଏ)କୁ ଫେରିବେ। କାରଣ ସେ ଏବେ ନିଜ ପରିବାରକୁ ସମର୍ଥନ କରୁଛନ୍ତି। ସାମ୍ବାଦିକଙ୍କ ସହ ଆଲୋଚନାରେ ରାଉତ କହିଛନ୍ତି ଯେ, ଅଜିତ ପାୱାରଙ୍କ ଏନସିପିର ଶରଦ ପାୱାରଙ୍କ ଏନସିପିରେ ବିଲୟ ହୋଇଯାଇଛି। କାରଣ ଉଭୟ ପାର୍ଟି ରାଜ୍ୟରେ ଆଗାମୀ ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ନିର୍ବାଚନକୁ ଘଡ଼ି ନିର୍ବାଚନ ଚିହ୍ନରେ ଲଢ଼ିବେ।

ସଞ୍ଜୟ ରାଉତ କହିଛନ୍ତି ଯେ, ଯଦିଓ ଅଜିତ ପାୱାର ମହାୟୁତୀର ସହଯୋଗୀ ହେଲେ ତାଙ୍କର ଏମଭିଏ ସହିତ ମଧ ସମ୍ପର୍କ ରହିଛି। ଶରତ ପାୱାର ଓ ଅଜିତ ପାୱାର ଏମଭିଏକୁ ଏକାଠି ଆସିବେ। କାରଣ ଅଜିତ ପାୱାର ଏକ ସମୟରେ ଦୁଇଟି ଡଙ୍ଗାରେ ଗୋଡ ରଖି ପାରିବେନି। ୨୦୨୪ରେ ଅଜିତ ପାୱାର ତାଙ୍କ ୮ ସମର୍ଥକ ଏମଏଲଏଙ୍କ ସହିତ ତତ୍କାଳୀନ ଏକନାଥ ସିନ୍ଦେ ସରକାରରେ ସାମିଲ ହୋଇଥିଲେ। ଏଣୁ ଏନସିପି ବିଭାଜିତ ହୋଇଯାଇଥିଲା। ଅଜିତ ପାୱାରଙ୍କ ନେତୃତ୍ୱାଧୀନ ପାର୍ଟିକୁ ଘଡ଼ି ନିର୍ବାଚନ ଚିହ୍ନ ଓ ପାର୍ଟି ମିଳିଥିଲା ଓ ଶରଦ ପାୱାରଙ୍କ ପାର୍ଟିକୁ ଏନସିପି(ଶରଦ) କୁହାଯାଉଛି।

ଏନସିପିର ବିଭିନ୍ନ ଗୋଷ୍ଠୀ ଚଳିତମାସ ପ୍ରାରମ୍ଭରେ ପୁଣେ ଓ ପିମ୍ପରୀ-ଚିଞ୍ଚୱାଡ ନଗରନିଗମ ନିର୍ବାଚନ ଲାଗି ମେଣ୍ଟ କରିଥିଲେ ଓ ଏବେ ସେମାନେ ନଗରନିଗମ ନିର୍ବାଚନର ୫ ଫେବୃଆରୀରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମେଣ୍ଟ ଘୋଷଣା କରିଛନ୍ତି। ଉଭୟ ଏନସିପି ଶରଦ ପାୱାରଙ୍କ ଏନସିପିର ନିର୍ବାଚନ ଚିହ୍ନ ଘଡ଼ିରେ ନିର୍ବାଚନ ଲଢ଼ିବେ। ରାଉତ କହିଛନ୍ତି ଯେ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ବୃହନମୁମ୍ବାଇ ମହାନଗର ପାଳିକା (ବିଏମସି) ମେୟର ନିର୍ବାଚନକୁ ନେଇ ବିଜେପି ଉପରେ ଅସନ୍ତୁଷ୍ଟ ଅଛନ୍ତି। ରାଉତ କହିଛନ୍ତି ଯେ, ଦିଲ୍ଲୀର କେନ୍ଦ୍ରୀୟ ନେତୃତ୍ୱ ମଧ ପ୍ରସଙ୍ଗରେ ନଇଁବାକୁ ରାଜି ହେଉ ନାହାନ୍ତି। ଏଣୁ ବିଏମସିରେ ବିଜେପି ମେୟର ନିଯୁକ୍ତ କରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।



### କାନାଡାକୁ ଟାର୍ଗେଟ କଲେ ଟ୍ରମ୍ପ

# କଥା ମାନ, ନହେଲେ ବର୍ଷକରେ ଚୀନ ଗିଳିଦେବ

ନୂଆଦିଲ୍ଲୀ ୨୪।୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥର କାନାଡାକୁ ଟାର୍ଗେଟ କରିଛନ୍ତି। ଯଦି କାନାଡା ଆମେରିକା-ସମର୍ଥିତ ସୁରକ୍ଷା ଯୋଜନାରୁ ନିଜକୁ ଦୂରେଇ ରଖେ ଓ ଚୀନ୍ର ନିକଟତର ହୁଏ, ତେବେ ଚୀନ୍ ଗୋଟିଏ ବର୍ଷ ମଧ୍ୟରେ ଏହାକୁ ଗିଳିଦେବ। କାନାଡା ତାଙ୍କର ପ୍ରସ୍ତାବିତ 'ଗୋଲ୍ଡେନ ଡୋମ୍' କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରକଳ୍ପକୁ ବିରୋଧ କରିବା ପରେ ଟ୍ରମ୍ପଙ୍କ ଏହି ବୟାନ ଆସିଛି।

ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ, କାନାଡା ଗ୍ରୀନଲ୍ୟାଣ୍ଡ ଉପରେ ଏକ ଗୋଲ୍ଡେନ ଡୋମ୍ ନିର୍ମାଣକୁ ବିରୋଧ କରୁଛି। ଯଦିଓ ଏହି ପ୍ରକଳ୍ପ କାନାଡାକୁ ମଧ ସୁରକ୍ଷା ଦେବ। ସେ ଅଭିଯୋଗ କରିଛନ୍ତି ଯେ, କାନାଡା ଚୀନ୍ ସହିତ ବାଣିଜ୍ୟକୁ ପ୍ରାଥମିକତା ଦେଇଛି। ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି ଯେ, ଚୀନ୍ ପ୍ରଥମ ବର୍ଷ ମଧ୍ୟରେ କାନାଡାକୁ ଧ୍ୱଂସ କରିବ।

ସମ୍ପ୍ରତି, ବିଶ୍ୱ ଅର୍ଥନୈତିକ ଫୋରମରେ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ବିଶ୍ୱ ରାଜନୀତି ଉପରେ ଭାଷଣ ଦେଇ କହିଥିଲେ ଯେ, ବିଶ୍ୱ ପ୍ରମୁଖ ରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଯୁଗରେ ପ୍ରବେଶ କରିଛି ଏବଂ ନିୟମ-ଆଧାରିତ ବ୍ୟବସ୍ଥା ଦୁର୍ବଳ ହେଉଛି। ସେ ଆମେରିକାର ଶୁଳ୍କ ନୀତି ଏବଂ ଚାପ ରାଜନୀତିକୁ ମଧ ପରୋକ୍ଷ ଭାବରେ ସମାଲୋଚନା କରିଥିଲେ। ଟଡୋନାଲ୍ଡ ଟ୍ରମ୍ପ, ଡାଭୋସରେ ତାଙ୍କ ଭାଷଣରେ ମାର୍କ କାର୍ନିଙ୍କୁ ଟାର୍ଗେଟ କରି କହିଥିଲେ ଯେ, କାନାଡା ଆମେରିକା ପ୍ରତି କୃତଜ୍ଞ ହେବା ଉଚିତ।





ଟ୍ରମ୍ପଙ୍କ ଅନୁସାରେ, ଆମେରିକା କାନାଡାକୁ ମାଗଣାରେ ସୁରକ୍ଷା ଭଳି ଅନେକ ସୁବିଧା ପ୍ରଦାନ କରେ। ସେ ଏପରି ମଧ କହିଥିଲେ ଯେ, କାନାଡା ଆମେରିକା ଯୋଗୁଁ ସୁରକ୍ଷିତ ଏବଂ କାନାଡା ଏହା ମନେ ରଖିବା ଉଚିତ। ଏହି ସମୟରେ କାନାଡା ଏବଂ ଚୀନ୍ ମଧ୍ୟରେ ବଢୁଥିବା ଘନିଷ୍ଠତା ଆମେରିକାକୁ ଆହୁରି ବିବ୍ରତ କରୁଛି। ଜାନୁଆରୀ ୧୭ରେ, ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଚୀନ୍ ସହିତ ଏକ ନୂତନ ବାଣିଜ୍ୟ ଚୁକ୍ତି ଘୋଷଣା କରିଥିଲେ। ଏହି ଚୁକ୍ତିନାମା ପ୍ରାୟ ୭ ବିଲିୟନ ଡଲାର ମୂଲ୍ୟର ନୂତନ ରପ୍ତାନି ବଜାରରେ କାନାଡାର ପ୍ରବେଶ ପ୍ରତିଶ୍ରୁତି ଦିଏ।

କାନାଡୀୟ ସରକାର କହିଛନ୍ତି ଯେ, ଏହା ଏକ ଅନିଶ୍ଚିତ ବିଶ୍ୱ ପରିବେଶରେ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କୁ ବିବିଧ କରିବାକୁ ଚାହୁଁଛି, ଏବଂ ଚୀନ ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଏହି ଚୁକ୍ତି ଅନୁଯାୟୀ, କାନାଡା ଚୀନ୍ ବୈଦ୍ୟୁତିକ ଯାନବାହନ ଉପରେ ୧୦୦% ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛି। ପ୍ରତି ବଦଳରେ, ଚୀନ୍ କାନାଡିୟ କୃଷି ଉତ୍ପାଦ, ବିଶେଷକରି କାନୋଲା ବିହନ ଉପରେ ଶୁଳ୍କ ୮୪% ରୁ ପ୍ରାୟ ୧୫% କୁ ହ୍ରାସ କରିବ। ଚୀନ୍ ରୁ କାନାଡାକୁ ଆମଦାନି ହେଉଥିବା ବୈଦ୍ୟୁତିକ ଯାନବାହନ ସଂଖ୍ୟା ଉପରେ ମଧ ଏକ ସୀମା ସ୍ଥିର କରାଯାଇଛି।

କାର୍ନି ଏପରିକି କହିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ଚୀନ୍ ଆମେରିକା ଅପେକ୍ଷା ଅଧିକ ନିର୍ଭରଯୋଗ୍ୟ ବାଣିଜ୍ୟିକ ଅଂଶୀଦାର ଭାବରେ ଉଭା ହୋଇଛି। ଏହି ବିବୃତ୍ତି ୱାଶିଂଟନର ଚିନ୍ତାକୁ ଆହୁରି ବୃଦ୍ଧି କରିଛି। କାନାଡା ବର୍ତ୍ତମାନ ଆମେରିକା ଶୁଳ୍କର ସମ୍ମୁଖୀନ ହେଉଛି। ଯେଉଁଥିରେ ଧାତୁ ଉପରେ ୫୦% ଶୁଳ୍କ ଏବଂ ଅଣ-ଆମେରିକୀୟ ଯାନବାହନ ଉପରେ ୨୫% ଶୁଳ୍କ ଅନ୍ତର୍ଭୁକ୍ତ।

### ପଶ୍ଚିମବଙ୍ଗରେ ଏସ୍‌ଆଇଆର୍

## ଚିନ୍ତା ପ୍ରକଟ କଲେ ଅମର୍ତ୍ତ୍ୟ ସେନ୍

**ବୋଷ୍ଟନ, ୨୪।୧:** ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ୍ ପଶ୍ଚିମବଙ୍ଗ ଏସଆଇଆରକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ଏହି କାମ ଏବେ ତରବରିଆ ଭାବେ କରାଯାଉଛି ଓ ଏହା ଦ୍ୱାରା ଗଣତାନ୍ତ୍ରିକ ଭାଗିଦାରୀ ବିପଦରେ ପଡିପାରେ। ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ମାତ୍ର ଆଉ କିଛି ସମୟ ବାକିଥିବା ବେଳେ ନିର୍ବାଚନ କମିଶନ ଏସଆଇଆର ପ୍ରକ୍ରିୟା ସାରି ପାରିନାହାନ୍ତି। ଏପରି ପ୍ରକ୍ରିୟା ଅତ୍ୟନ୍ତ ସାବଧାନତାର ସହ ଓ ପର୍ଯ୍ୟାପ୍ତ ସମୟ ହାତରେ ରଖି କରାଯିବାର ଥିଲା। ତେବେ ପଶ୍ଚିମବଙ୍ଗରେ ଏହି ଉଭୟ ସର୍ତ୍ତ ପାଳନ ହେଉନାହିଁ।



ସେ କହିଛନ୍ତି ଯେ, ଭୋଟରଙ୍କୁ ସେମାନଙ୍କ କାଗଜପତ୍ର ଜମା କରିବାକୁ ଓ ଆଗାମୀ ବିଧାନସଭା ନିର୍ବାଚନରେ ଭୋଟ ଦେବା ଲାଗି ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାକୁ ପର୍ଯ୍ୟାପ୍ତ ସମୟ ମିଳୁନି। ଏହାକୁ ଗଣତନ୍ତ୍ର ସହ ଧୋକା ଓ ଭୋଟରଙ୍କ ସହ ଅନ୍ୟାୟ ହେଉଥିବାର ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ଆୟୋଗଙ୍କ ଅଧିକାରୀ ତାଙ୍କ ପରଲୋକଗତ ମା ଅମିତା ସେନଙ୍କ ବୟସକୁ ନେଇ ପ୍ରଶ୍ନ କରିଛନ୍ତି। ଗ୍ରାମୀଣ ଭାରତରେ ଜନ୍ମିତ ଅନେକ ନାଗରିକଙ୍କ ଭଳି ତାଙ୍କର ମଧ୍ୟ ଜନ୍ମ ପ୍ରମାଣପତ୍ର ନାହିଁ। ଏଣୁ ଭୋଟର ହେବା ପାଇଁ ଅତିରିକ୍ତ କାଗଜ ବ୍ୟବସ୍ଥା କରିବାକୁ ପଡିଥିଲା। ତେବେ ମୋ ମାମଲାର ସମାଧାନ ହୋଇଯାଇଛି, ହେଲେ ମୁଁ ସେହି ନାଗରିକଙ୍କ ଲାଗି ଚିନ୍ତିତ ଯେଉଁମାନଙ୍କର ମୋ ଭଳି ସହୟତା ନାହିଁ। ସେନ କହିଛନ୍ତି ଯେ, ମୋ ବନ୍ଧୁମାନଙ୍କ ସହଯୋଗରୁ ମୋ କାମ ହୋଇଯାଇଛି ,ହେଲେ ଯେଉଁମାନଙ୍କର ବିଶ୍ୱସ୍ଥ ବନ୍ଧୁ ନାହାନ୍ତି ସେମାନଙ୍କର ଭୋଟର ଲିଷ୍ଟରେ ନାମ ଉଠିବ କେମିତି ? ଉଲ୍ଲେଖଯୋଗ୍ୟ ଯେ, ସେନଙ୍କୁ ଅସଙ୍ଗତି ଦୂର କରିବା ପାଇଁ ନିର୍ବାଚନ ଆୟୋଗ ଶୁଣାଣିକୁ ଡାକିଥିଲେ।

SANCHAR ସଂଚାର

# ୨୦ କୋଟିର ଠକେଇ ଅଭିଯୋଗ

## ଦମ୍‌ଦମ୍ ବିମାନବନ୍ଦର ଅଞ୍ଚଳରୁ ଜଣେ ଗିରଫ

**କୋଲକାତା, ୨୪।୧ (ସଂଚାର ବ୍ୟୁରୋ):** ବିହାର ଓ ପଶ୍ଚିମବଙ୍ଗରେ ଏକାଧିକ ନକଲି କମ୍ପାନୀ ଖୋଲିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସନ୍ଦୀପ ଶର୍ମା ନାମକ ଜଣେ ବ୍ୟକ୍ତି ପ୍ରାୟ ୨୦ କୋଟି ଟଙ୍କା ଠକେଇ କରିବା ପରେ ଏହି ରାଜ୍ୟର ବିମାନବନ୍ଦରର ଗେଟ ୨ ରେ ଥିବା ଏକ ବହୁତଳ କୋଠାର ପଞ୍ଚମ ମହଲାରେ ଲୁଚି ରହିଥିଲେ। ପୁଲିସ ସୂତ୍ର ଅନୁଯାୟୀ, ଗତ ୪ ବର୍ଷ ଧରି ଏହି ବ୍ୟକ୍ତିଙ୍କ ବିରୋଧରେ ଅନେକ ମାମଲା ଥିଲା। ବିହାର ପୁଲିସ ଏବଂ ରାଜ୍ୟ ପୁଲିସ ତାଙ୍କୁ ବହୁତ ଦିନ ଧରି ଖୋଜିବାକୁ ଚେଷ୍ଟା କରୁଥିଲେ, ଅନେକ ସ୍ଥାନରେ ଖୋଜାଖୋଜି କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଗିରଫ କରିପାରିନଥିଲେ। ବିହାର ପୁଲିସ ସୂତ୍ର ଅନୁଯାୟୀ, ଯେତେବେଳେ ବି ପୁଲିସ ଚଢ଼ାଉ କରୁଥିଲା, ଚଢ଼ାଉ ପୂର୍ବରୁ ବ୍ୟକ୍ତି ଜଣକ ସେହି ସ୍ଥାନରେ ଲୁଚି ରହୁଥିଲେ। ଅବଶେଷରେ ଅଭିଯୁକ୍ତ ଜଣକ ପୁଲିସ ହାତରେ ଧରାପଡ଼ିଲା। ପୁଲିସ ସୂତ୍ର ଅନୁଯାୟୀ, ଦମ୍‌ଦମ୍ ବିମାନବନ୍ଦର ଅଞ୍ଚଳର ଯେଉଁ ବାସଭବନରୁ ତାଙ୍କୁ ଗିରଫ କରାଯାଇଥିଲା, ସେଠାରେ ଜଣେ ମହିଳା ମଧ ଉପସ୍ଥିତ ଥିଲେ ଏବଂ ତାଙ୍କୁ ଅଟକ କରାଯାଇଛି।

### ପରେଡ୍ ଅଭ୍ୟାସ ସମୟରେ ବଡ଼ ଦୁର୍ଘଟଣା

# ବେପରୁଆ ଗାଡ଼ି ଗାର୍ଡରେଲ୍‌ରେ ପିଟିହେଲା

**କୋଲକାତା, ୨୪।୧ (ସଂଚାର ବ୍ୟୁରୋ):** ଗଣତନ୍ତ୍ର ଦିବସ ପରେଡର ଅଭ୍ୟାସ ସମୟରେ କୋଲକାତାରେ ଏକ ବଡ଼ ଦୁର୍ଘଟଣା ଘଟିଗଲା। ଶନିବାର ସକାଳ ପ୍ରାୟ ସାଢ଼େ ୭ଟାରେ ରେଡ୍ ରୋଡ୍‌ରେ ଏହି ଘଟଣା ଘଟିଥିଲା। ଜାଣିବାକୁ ମିଳିଛି ଯେ କାରଟି ଦ୍ରୁତ ଗତିରେ ଯାଉଥିଲା। କାରଟି ନିୟନ୍ତ୍ରଣ ହରାଇ ରେଡ୍ ରୋଡ୍‌ରେ ଥିବା ଗାର୍ଡରେଲ୍‌ରେ ପିଟି ହୋଇଗଲା। ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ମୃତାହତଙ୍କ ଖବର ମିଳିନାହିଁ। ସୂଚନା ଅନୁଯାୟୀ, ଏକ କଳା ସ୍କୋଡା ଅକ୍ଟାଭିଆ କାର ବେପରୁଆ ଭାବରେ ଦ୍ରୁତ ଗତିରେ ଆସି ପୁଲିସ ଗାର୍ଡରେଲକୁ ଧକ୍କା ଦେଇଥିଲା। ଦୁର୍ଘଟଣାଗ୍ରସ୍ତ କାରଟିକୁ ମଇଦାନ ଥାନାକୁ ନିଆଯାଇଛି। ଜାଣିବାକୁ ମିଳିଛି ଯେ, ଡ୍ରାଇଭରଙ୍କ ବ୍ୟତୀତ ସେହି ସମୟରେ କାରରେ ଆହୁରି କିଛି ଯୁବକ ଏବଂ ଯୁବତୀ ଥିଲେ। ପୁଲିସ ସମସ୍ତଙ୍କୁ ପଚରାଉଚରା କରୁଛି। ଜାଣିବାକୁ ମିଳିଛି ଯେ, କାରର ବୀମା ଏବଂ ପ୍ରଦୂଷଣ କାଗଜପତ୍ର ଠିକ୍ ନଥିଲା।

### ଡିଜିଟାଲ ଆରେଷ୍ଟ କରି ୨୩ କୋଟି ଚଲୁ

# ସରକାର, ସିବିଆଇ ଓ ଆରବିଆଇକୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ, ୨୪।୧:** ପୁଣି ଏକ ବଡ଼ ସାଇବର୍ ଠକେଇର ମାମଲା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତିଙ୍କଠୁ ୧ଲକ୍ଷ କି ୧କୋଟି ଟଙ୍କା ନୁହେଁ ପୂରା ୨୩ କୋଟି ଟଙ୍କା ଲୁଟିନେଇଛି ସାଇବର ଠକ। ସାଇବର ଠକଙ୍କ ଜାଲରେ ନପଡ଼ିବା ପାଇଁ ପ୍ରତିଦିନ ସଚେତନ କରାଯାଉଛି। ସରକାରଙ୍କ ତରଫରୁ ହେଉ, ପୁଲିସ ତରଫରୁ ହେଉ କି ଗଣମାଧମ ହେଉ ସବୁ କ୍ଷେତ୍ରରେ ଲୋକଙ୍କୁ ସାଇବର ଫ୍ରଡରୁ ବଞ୍ଚିବା ପାଇଁ ସଚେତନ କରାଯାଉଛି। ତଥାପି ଲୋକେ ସାଇବର ଠକଙ୍କ ଶିକାର ହେଉଛନ୍ତି। ବର୍ତ୍ତମାନ ସାଇବର ଠକ ଲୋକଙ୍କୁ ଡିଜିଟାଲ୍ ଆରେଷ୍ଟ କରି ଟଙ୍କା ଲୁଟି ନେଉଛନ୍ତି। ଯାହାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ସିବିଆଇ ଏବଂ ଆରବିଆଇକୁ ନୋଟିସ୍ ଜାରି କରିଛନ୍ତି।



ସୂଚନା ଆଧାରରେ ନରେଶ ମଲହୋତ୍ରା ନାମକ ଜଣେ ୭୮ ବର୍ଷିୟ ବୃଦ୍ଧଙ୍କୁ ଟାର୍ଗେଟ୍ କରିଥିଲା ସାଇବର ଠକ। ସାଇବର୍ ଅପରାଧୀମାନେ ନିଜକୁ ଇଡି ଏବଂ ସିବିଆଇ ଅଧିକାରୀର ପରିଚୟ ଦେଇ ଅବସରପ୍ରାପ୍ତ ବ୍ୟାଙ୍କର ନରେଶ ମଲହୋତ୍ରାଙ୍କୁ ପ୍ରାୟ ୧ମାସ ଧରି ଡିଜିଟାଲ୍ ଆରେଷ୍ଟ କରି ରଖିଥିଲା ଏବଂ ପରେ ତାଙ୍କଠୁ ୨୩ କୋଟି ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ନରେଶଙ୍କ ଅଭିଯୋଗ ଆଧାରରେ ତାଙ୍କ ଆଧାର କାର୍ଡ, ଡ୍ରଗ୍ସ ଚାଲାଣ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଏବଂ ପୁଲବାମା ଆତଙ୍କୀ ଆକ୍ରମଣ ସହ ଜଡ଼ିତ ବୋଲି ସାଇବର ଠକ କହିଥିଲା। ତାପରେ ତଦନ୍ତ ବାହାନାରେ ନରେଶଙ୍କୁ ୧ମାସ ଧରି ଡିଜିଟାଲ୍ ଆରେଷ୍ଟ କରି ରଖିଥିଲା। ତାଙ୍କଠୁ ୨୨.୯୨ କୋଟି ଟଙ୍କା ଲୁଟିନେଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର, ସିବିଆଇ ଏବଂ ଆରବିଆଇକୁ ନୋଟିସ୍ ଜାରି କରିଛନ୍ତି।

ପୁଲିସର କହିବା ଅନୁସାରେ ତାଙ୍କୁ ଘରୁ ନବାହାରିବାକୁ ଠକମାନେ ନିର୍ଦ୍ଦେଶ ଦେଇଥିଲେ ଏବଂ ଗୋଟିଏ ମାସ ମଧ୍ୟରେ ତାଙ୍କର ସଞ୍ଚୟ ଧନକୁ ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ବାଧ କରିଥିଲେ। ପରେ ଠକାମୀର ଶିକାର ହୋଇଥିବା ଜାଣି ନରେଶ ସାଇବର ଥାନାରେ ଅଭିଯୋଗ କରିଥିଲେ, ଆଉ ଅଭିଯୋଗ ପରେ ଘଟଣାଟି ସାମ୍ନାକୁ ଆସିଛି।

### ● ବଡ଼ବିଲ ବ୍ୟାଙ୍କ୍ ଡକାୟତି ଘଟଣା

# ଧାନବାଦରୁ ୨ ମୁଖ୍ୟ ଅଭିଯୁକ୍ତ ଗିରଫ

**ଯୋଡ଼ା, ୨୪।୧ (ସଂଚାର ବ୍ୟୁରୋ):** ଗତ ୧୯ ତାରିଖରେ କେନ୍ଦୁଝର ବଡ଼ବିଲସ୍ଥିତ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରରୁ ଗ୍ରାହକ ଓ ବ୍ୟାଙ୍କ୍ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପାଖାପାଖି ୫ କୋଟି ଟଙ୍କାର ସୁନା ଓ ୮ ଲକ୍ଷ ନଗଦ ଟଙ୍କା ଲୁଟ୍ କରିଥିଲେ ଲୁଟେରା। ଏହି ଡକାୟତି ଘଟଣାରେ ସ୍ଥାନୀୟ ପୁଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଆଜି ଏହି ମାମଲାରେ ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ଝାଡ଼ଖଣ୍ଡର ଧାନବାଦରୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କଠାରୁ ପୁଲିସ୍ ୨୮୮ ଗ୍ରାମ ଓଜନର ସୁନା ସହ ଦୁଇଟି ସ୍କର୍ପିଓ ଓ ୪ଟି ମୋବାଇଲ ମଧ ଜବତ କରିଛି। ଏହି ଡକାୟତି ଘଟଣାର ତଦନ୍ତ ପାଇଁ କେନ୍ଦୁଝର ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଧାନବାଦ ଯାଇଥିବା ବେଳେ ଆଜି ସେମାନଙ୍କୁ ସଫଳତା ମିଳିଛି। କେନ୍ଦୁଝର ଓ ଝାଡ଼ଖଣ୍ଡ ଧାନବାଦ ପୁଲିସର ଏକ ମିଳିତ ଟିମ ଧାନବାଦର ନିରସା ଓ ସିନ୍ଦିରି ଅଞ୍ଚଳରେ ଚଢ଼ାଉ କରିଥିଲେ। ଗିରଫ ହୋଇଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ହେଲେ ରାଜକୁମାର ସିଂ ଓ କୁନାଲ ରାଜ ବର୍ମା। ତେବେ ଏହି ଡକାୟତି ଘଟଣା ସହ ଜଡ଼ିତ ଆଉ କେତେକ ଅଭିଯୁକ୍ତ ଫେରାର୍ ହୋଇଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ୍ ତଦନ୍ତକୁ ଜୋର୍‌ଦାର କରିଛି।

# ଆଗୁଆ ହେବ ପଞ୍ଚାୟତ ନିର୍ବାଚନ!

**ଭୁବନେଶ୍ୱର, ୨୪।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ଆଗୁଆ ହୋଇପାରେ ପଞ୍ଚାୟତ ନିର୍ବାଚନ। ଏ ନେଇ ଆଜି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ ରାଜ୍ୟ ସରକାର ଧାର୍ଯ୍ୟ ସମୟ ପୂର୍ବରୁ ପଞ୍ଚାୟତ ନିର୍ବାଚନ କରିବା ନେଇ ଯୋଜନା କରୁଛନ୍ତି। ପଞ୍ଚାୟତ ନିର୍ବାଚନ ଜାନୁଆରୀ-ଫେବୃଆରୀରେ ଅନୁଷ୍ଠିତ ହେବା ନେଇ ପୂର୍ବରୁ ସୂଚନା ଦିଆଯାଇଛି। କିନ୍ତୁ ଏହି ସମୟରେ ରାଜ୍ୟରେ ଜନଗଣନା ବି ହେବ। ତେଣୁ ଉଭୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ କୌଣସି ପ୍ରକାର ବିଭ୍ରାଟକୁ ଏଡ଼ାଇବା ସକାଶେ ରାଜ୍ୟ ସରକାର ଆଗୁଆ ପଞ୍ଚାୟତ ନିର୍ବାଚନ କରିପାରିନ୍ତି। ଏନେଇ ବିଜେପି ପକ୍ଷରୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସ୍ୱତନ୍ତ୍ର ଟାସ୍କ ପ୍ରଦାନ କରାଯାଇଛି ବୋଲି ଶ୍ରୀ ସାମଲ କହିଛନ୍ତି।

# ଗୁଳିମାଡ଼ ମାମଲାରେ ଅଭିନେତା କମଲ ଆର ଖାନ ଗିରଫ



**ମୁମ୍ବାଇ, ୨୪।୧:** ବିବାଦୀୟ ମନ୍ତବ୍ୟ ପାଇଁ ଖବରରେ ଥିବା ଅଭିନେତା ତଥା ଚଳଚ୍ଚିତ୍ର ସମାଲୋଚକ କମଲ ଆର ଖାନ ପୁଣି ଥରେ ଗୁରୁତର ଆଇନଗତ ସମସ୍ୟାରେ ଫସିଛନ୍ତି। ମୁମ୍ବାଇ ପୁଲିସ ତାଙ୍କୁ ଏକ ଗୁଳିମାଡ଼ ଘଟଣାରେ ହେପାଜତକୁ ନେଇଛି। ଅଭିଯୋଗ ହୋଇଛି ଯେ, ସେ ଏକ ଆବାସିକ କୋଠା ଆଡକୁ ଚାରି ରାଉଣ୍ଡ ଗୁଳି ଚଳାଇଥିଲେ। ପୁଲିସ ତାଙ୍କ ନିକଟରୁ ବ୍ୟବହୃତ ଅସ୍ତ୍ରକୁ ମଧ ଜବତ କରିଛି। ଏହି ମାମଲାରେ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲିଛି ଏବଂ ତାଙ୍କୁ ଖୁବ୍ ଶୀଘ୍ର କୋର୍ଟରେ ହାଜର କରାଯିବ। ସୂଚନା ମିଳିଛି ଯେ, ଜାନୁଆରୀ ୨୩ ତାରିଖରେ ଗୁଳିମାଡ଼ର ଶବ୍ଦ ଓଶିୱାରାରେ ଆତଙ୍କ ସୃଷ୍ଟି କରିଥିଲା। ଅଭିଯୋଗ ହୋଇଛି ଯେ, ସେ ଏକ ଆବାସିକ କୋଠାକୁ ଟାର୍ଗେଟ୍ କରି ଗୁଳି ଚଳାଇଥିଲେ, ଯାହା ସୋସାଇଟିର ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ତାଙ୍କୁ ଅଟକ ରଖିଛି। ପ୍ରାରମ୍ଭିକ ତଦନ୍ତରେ ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି, ଯାହାକୁ ଫୋରେନସିକ୍ ପରୀକ୍ଷା ପାଇଁ ପଠାଯାଇଛି। ସେ କହିଛନ୍ତି ଯେ, ସେ ତାଙ୍କ ବନ୍ଧୁକକୁ ସଫାକରିବା ପରେ ପରୀକ୍ଷା କରୁଥିଲେ ଏବଂ ଜାଣିଶୁଣି ନିକଟସ୍ଥ ଅଞ୍ଚଳ ଆଡ଼କୁ ଗୁଳି ଚଳାଇଥିଲେ, ଯାହାକୁ ସେ ନିର୍ଜନ ମନେ କରୁଥିଲେ। ପ୍ରବଳ ପବନ ଯୋଗୁଁ ଗୁଳିଟିର ଦିଗ ପରିବର୍ତ୍ତନ ହୋଇଯାଇଥିଲା ।

### କେୱାଇସି ଅପଡେଟ୍ ଆଳରେ କୋଟି କୋଟି ଠକେଇ

# ଝାଡ଼ଖଣ୍ଡ, ବଙ୍ଗଳାରୁ ୪ ଗିରଫ

**ନୂଆଦିଲ୍ଲୀ, ୨୪।୧:** କେୱାଇସି ଅପଡେଟ୍ ଆଳରେ ବ୍ୟାଙ୍କ ଗ୍ରାହକମାନଙ୍କୁ ଠକୁଥିବା ଏକ ପ୍ରମୁଖ ଆନ୍ତଃରାଜ୍ୟ ସାଇବର ଠକ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି ପୁଲିସ। ପୁଲିସ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ଚାରି ଜଣଙ୍କୁ ଗିରଫ କରିଛି, ଯେଉଁମାନେ ନିଜକୁ ବ୍ୟାଙ୍କ ଅଧିକାରୀ ବୋଲି କହି ସେମାନଙ୍କୁ ଫାଶରେ ପକାଇଥିଲେ। ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ ଏବଂ ଠକେଇ ସହିତ ଜଡିତ ଡିଜିଟାଲ୍ ପ୍ରମାଣ ଜବତ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ଶିବ କୁମାର ରବିଦାସ (୨୨), ସଞ୍ଜୟ ରବିଦାସ (୩୩), ଦିନେଶ ରବିଦାସ (୨୯) ଏବଂ ଶୁଭମ୍ କୁମାର ବର୍ଣ୍ଣୱାଲ (୨୫) ବୋଲି ଚିହ୍ନଟ ହୋଇଛନ୍ତି। ଏହି ଗ୍ୟାଙ୍ଗ ବ୍ୟାଙ୍କ ଅଧିକାରୀ ଭାବରେ ନିଜକୁ କଲ୍ ଏବଂ ହ୍ୱାଟ୍ସଆପ୍ ମେସେଜ୍ ବ୍ୟବହାର କରି ସେମାନଙ୍କର କେୱାଇସି ଆକାଉଣ୍ଟ୍ ଅପଡେଟ୍ କରିବାର ପ୍ରତିଶ୍ରୁତି ଦେଇଥିଲେ। ତା'ପରେ ସେମାନେ ବେଆଇନ ଭାବରେ ସେମାନଙ୍କ ମୋବାଇଲ୍ ଫୋନ୍ ଏବଂ ବ୍ୟାଙ୍କିଂ ଆପ୍ ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ଏପିକେ ଫାଇଲ୍ ବ୍ୟବହାର କରିଥିଲେ।

# ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**କୋଲକାତା, ୨୪।୧ (ସଂଚାର ବ୍ୟୁରୋ):** ଶନିବାର ସକାଳେ ଜଣେ ବ୍ୟବସାୟୀଙ୍କୁ ନମାଜ ପାଠ କରିବାକୁ ଯାଉଥିବା ସମୟରେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ପୁଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଛି। ମୃତକଙ୍କ ନାମ ଶରିଫୁଦ୍ଦିନ। ସେ ହୀରାପୁର ଥାନାର ନର୍ସିଂ ବନ୍ଧ ଅଞ୍ଚଳର ବାସିନ୍ଦା। ତାଙ୍କର ସେଠାରେ ଏକ ହାର୍ଡୱେର ଦୋକାନ ଅଛି। ଶରିଫୁଦ୍ଦିନ ନମାଜ ପାଠ କରିବାକୁ ଘରୁ ବାହାରିଥିଲେ। ସେତେବେଳେ ଗୁଳିକାଣ୍ଡ ଘଟିଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଆସାନସୋଲ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ବିଜେପିର ଅନ୍ୟ ନାମ ବିକାଶ: ମନମୋହନ

**ଭୁବନେଶ୍ୱର, ୨୪।୧ (ସଂଚାର ବ୍ୟୁରୋ):** ସାରା ବିଶ୍ୱ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱକୁ ଗ୍ରହଣ କରିଛି। ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରର ପ୍ରତିଶ୍ରୁତିରୁ ଅଧିକାଂଶ ପୂରଣ ହୋଇସାରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି।

**ସାମିଲ୍ ହେଲେ ୭ ସମିତି ସଭ୍ୟ ଓ ୨ ସରପଞ୍ଚ**



ସାଂସଦ ଓ ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଏକତରଫା ଭାବେ ଆଦୃତି ଲାଭ କରିଛି। କଂଗ୍ରେସ ସବୁବେଳେ ଆଦିବାସୀ, ଦଳିତ ଓ ପଛୁଆବର୍ଗ ବିରୋଧୀ। ସ୍ୱାଧୀନତାର ୭୮ ବର୍ଷେ ପରେ ବି ରାୟଗଡ଼ା ଜିଲ୍ଲା ବିକାଶ ଧାରାରେ ସାମିଲ ହୋଇପାରି ନ ଥିଲା। ଏଭଳି ଅବହେଳିତ ଜିଲ୍ଲାର ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ବିଜେପିର ଅନ୍ୟ ନାମ ହେଉଛି ବିକାଶ। ଏଥିଯୋଗୁଁ ଲୋକେ ଅନ୍ୟ ରାଜନୈତିକ ଦଳ ପରତ୍ୟାଗ କରି ବିଜେପିମୁହାଁ ହେବାରେ ଲାଗିଛନ୍ତି ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ବିରୋଧୀ ବିଜେଡି ଓ କଂଗ୍ରେସ ଛାଡ଼ି ୭ ଜଣ ସମିତି ସଭ୍ୟ ଓ ୨ ଜଣ ସରପଞ୍ଚ ବିଧିବଦ୍ଧ ଭାବେ ବିଜେପିରେ ସାମିଲ୍ ହୋଇଛନ୍ତି।

ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ଆଜି ଏକ ସୁଖଦ ଦିନ। ରାୟଗଡ଼ା ଜିଲ୍ଲାର ବିକାଶ ପାଇଁ ସେଠାକାର ବହୁ ସମିତି ସଭ୍ୟ ଓ ସରପଞ୍ଚ ସେମାନଙ୍କ ଦଳ ଛାଡ଼ି ଆଜି ବିଜେପିରେ ସାମିଲ ହୋଇଛନ୍ତି। ପୂର୍ବରୁ ସେ ଯେତେବେଳେ ରାୟଗଡ଼ା ଜିଲ୍ଲା ଗ୍ରସ୍ତ କରିଥିଲେ, ସେତେବେଳେ କଂଗ୍ରେସର କେତେଜଣ ସ୍ଥାନୀୟ ପ୍ରତିନିଧି କହିଥିଲେ ଯେ ସେମାନେ ଦଳରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ସମାନ ଅବସ୍ଥା ବିଜେଡିରେ ମଧ ଥିଲା। ରାୟଗଡ଼ା ଜିଲ୍ଲାର ବିକାଶ ପାଇଁ ଏବେ ସେମାନେ ବିଜେପିରେ ଯୋଗଦେଇଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, କୋଷାଧକ୍ଷ ଅଜୟ କୁମାର ଅଗ୍ରୱାଲ, ପୂର୍ବତନ କୋଷାଧକ୍ଷ ବିନୋଦ ଦାଶ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାୟଗଡ଼ା ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଉପସ୍ଥିତ ଥିଲେ।

# ଜାତୀୟ କନ୍ୟା ଶିଶୁ ଦିବସ ପାଳିତ

**ଭୁବନେଶ୍ୱର, ୨୪।୧ (ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜଠାରେ ଥିବା ପି.ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ କନ୍ୟା ଶିଶୁ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟା ସଶକ୍ତିକରଣ'କୁ ନେଇ ଏହି ଦିବସ ପାଳିତ ହୋଇଯାଇଛି। ସମାରୋହରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ଼ ସନ୍ତୋଷ କୁମାର ରାଉତ, ବେକଥ୍ରୁ ସଂସ୍ଥାର ରାଜ୍ୟ ମୁଖ୍ୟ ଡ଼ ରୁକ୍ମଣୀ ପଣ୍ଡା, ଓସେପା ଷ୍ଟେଟ୍ ଜେଣ୍ଡର କୋଅର୍ଡିନେଟର୍ ଲହରି ମହାନ୍ତି, ଜିଲ୍ଲା ଜେଣ୍ଡର କୋଅର୍ଡିନେଟର୍ ପ୍ରଣୀତା ସାବତ, ଅନ୍ତର୍ଜାତୀୟ କବି ଡ଼ ସ୍ନିଗ୍ଧାରାଣୀ ସ୍ୱାଇଁ, ଲେଖିକା ତଥା ସାମାଜିକ କର୍ମୀ ଚିନ୍ମୟୀ ପଣ୍ଡା, ପ୍ରସିଦ୍ଧ ଗାୟିକା ପ୍ରିୟଙ୍କା ରଥ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ସୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କନ୍ୟା ଶିକ୍ଷା ଓ ସମାଜରେ ସେମାନଙ୍କ ସମାନ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଏହି ସଚେତନତାରେ ପରିବାରର ବିଶେଷ ଭୂମିକା ରହିଛି ବୋଲି ମତପ୍ରକାଶ କରିଛନ୍ତି। ଶିକ୍ଷିତ ଓ ସଶକ୍ତ କନ୍ୟା ଏକ ସୁସ୍ଥ, ସମୃଦ୍ଧ ଓ ସମାନତାପୂର୍ଣ୍ଣ ସମାଜ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା ଦେଲେ ଦେଶ ଉନ୍ନତିର ପଥରେ ଆଗେଇଯିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅସନ୍ତୁଷ୍ଟଙ୍କୁ...

**ଯାହା ପାଖରେ ଯାହା ପ୍ରସ୍ତାବ ଅଛି, ସେମାନେ ଦଳୀୟ ଫୋରମରେ ଦିଅନ୍ତୁ। ୨୦୨୪ରେ ବିଜେଡି ହାରିଲା କାହିଁକି:-** ୨୪ ବର୍ଷର ସରକାର ବିରୋଧୀ ହାୱା ଓ ବିଜେଡି ବିରୋଧରେ ସୃଷ୍ଟି କରାଯାଇଥିବା ନ୍ୟାରେଟିଭକୁ କାଉଣ୍ଟର କରିପାରିଲୁନାହିଁ। ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି, ସେମାନେ ମଧ ଏହାର ଅର୍ଥ ଜାଣନ୍ତି ନାହିଁ। ବଳଭଦ୍ର ମହାପ୍ରଭୁ ପଡ଼ିଗଲେ ଏହା କ'ଣ ଓଡିଆ ଅସ୍ମିତା? ପୋଲାଭରମ ବନ୍ଦ କରିପାରିଲେ ଓଡ଼ିଶା ଅସ୍ମିତାକୁ ସମ୍ମାନ ବୋଲି କୁହାଯିବ। ଯଦି ୧୫ ଦିନରେ ମହାନଦୀ ବିବାଦର ସମାଧାନ ହୋଇ ଓଡ଼ିଶାକୁ ନ୍ୟାଯ୍ୟ ହକ ମିଳିବ, ତାହା ହେବ ଓଡ଼ିଆ ଅସ୍ମିତା।

**ପାଣ୍ଡିଆନଙ୍କ ପାଇଁ କ'ଣ ଦଳ ହାରିଗଲା:-** ହାରିଗଲା ପରେ ବହୁ ଲୋକ ବହୁ କଥା କହିବେ। ଏହା ଏକ ଅସନ୍ତୋଷର ପରିପ୍ରକାଶ। ବହୁ ଲୋକ ନୈରାଶ୍ୟ ସହ ଡିଲ କରି ଶିଖିନାହାଁନ୍ତି। ଅନେକ କାରଣ ଏକାଠି ହୋଇଗଲା, ଯେଉଁଥିପାଇଁ ଆମେ ବିଜେପିଠାରୁ ଅଧିକ ଭୋଟ ପାଇ ବି ହାରିଗଲୁ।

**ବିଜେପି-ବିଜେଡି ମଧ୍ୟରେ ସଲାସୁତୁରା ଅଭିଯୋଗ:-** ଏସବୁ ଏକ କାଳ୍ପନିକ ଗଣିତ। ନବୀନ ଦୁଇ ଦୁଇ ଥର ନୂଆପଡା ଗଲେ, କିନ୍ତୁ ଦଳ ହାରିଲା କାହିଁକି:- ସେ ଛତିଶଗଡରୁ ଲୋକ ଆଣିଲେ। ପ୍ରାର୍ଥୀ ଚୋରି କଲେ। ଏହା ଗଣତନ୍ତ୍ର ପାଇଁ ଠିକ ନୁହେଁ। ବିଜେପି ପାଇଁ ଜିତିବା ଅତ୍ୟାବଶ୍ୟକ ଥିଲା।

**ବିଜେପୁରରେ ବିଜେଡି ମଧ ପ୍ରାର୍ଥୀ ଚୋରି କରିଥିଲା:-** ଇତିହାସରେ ଯଦି କିଛି ଭୁଲ ହୋଇଛି, ସେ ଭୁଲର ପୁନରାବୃତ୍ତି କରିବା ଉଚିତ ନୁହେଁ।

**ନବୀନ ବାବୁଙ୍କ କ୍ରେଜ ପ୍ରତି ଆଞ୍ଚ ଆସିଲାନି କି:-** ଏବେ ନିର୍ବାଚନ ବିଭିନ୍ନ ପ୍ରକ୍ରିୟାରେ ଜିତାଯାଉଛି। ନବୀନ ବାବୁଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ସମ୍ମାନ ଅଛି। ତାହା ଭୋଟରେ ରୂପାନ୍ତରିତ ନ ହେବାର ଅନ୍ୟ କାରଣ ରହିଛି। ଭୋଟ ଲୋକପ୍ରିୟତାର ମାନଦଣ୍ଡ ନୁହେଁ। **ନେତାଙ୍କ ଭିତରେ ଅସନ୍ତୋଷ ଦଳ ପାଇଁ କ୍ଷତିକାରଣ ନୁହେଁ ତ:-** ଅସନ୍ତୋଷ ଦଳ ମଧ୍ୟରେ ପରିପ୍ରକାଶ ହେବା ଉଚିତ। ସଭାପତିଙ୍କୁ ଚିଠି ଲେଖି ଜଣାଇପାରିବେ। କିନ୍ତୁ ଚିଠି ଲେଖି ମିଡିଆକୁ ଛାଡ଼ିବା ଶୃଙ୍ଖଳା ନୁହେଁ।

**ନବୀନ ବାବୁ କ'ଣ ଚିଠି ପଢନ୍ତି:-** ସବୁ ଚିଠି ନବୀନ ବାବୁଙ୍କ ପାଖକୁ ପଠାଯାଏନି। କେବଳ ଦଳ ଓ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଚିଠି ତାଙ୍କ ପାଖକୁ ପଠାଯାଏ। **ଅରବିନ୍ଦ ମହାପାତ୍ର ଏବେ ବି ପ୍ରମାଣ ମାଗୁଛନ୍ତି:-** ସବୁ ଦଳ ଅନୁଶାସନ ମଧ୍ୟରେ ଚାଲେ। ଯିଏ ଅନୁଶାସନରେ ନ ରହିବ ସେ ଆପେ ଆପେ ଚାଲିଯିବା କଥା। ଯଦି କିଛି ସମସ୍ୟା ଅଛି, ତେବେ ତାହା ଦଳ ଭିତରେ ଆଲୋଚନା ହେବା ଉଚିତ। ଦଳ ବାହାରେ ଆଲୋଚନାକୁ ବିଶୃଙ୍ଖଳା ବୋଲି କୁହାଯାଏ। ପ୍ରୋଟୋକଲ ଭିତରେ ସେ ପ୍ରମାଣ ଖୋଜିବା ଦରକାର। ସର୍ବସାଧାରଣରେ ଆଲୋଚନା ହେବା ଉଚିତ ନୁହେଁ।

**ରାଜ୍ୟସଭାରେ ବିଜେପିକୁ ବିଜେଡି ସହଯୋଗ କରିବ କି:-** ବିଜେଡି ପ୍ରାର୍ଥୀଙ୍କୁ ବିଜେପି କାହିଁକି ସହଯୋଗ ନ କରିବ? ତେଣୁ ସେଭଳି କଳ୍ପନାଜଳ୍ପନା ନ କରିବା ଉଚିତ। ନିର୍ବାଚନ କେବଳ ଗଣିତରେ ଜିତାଯାଏନି।

**ଯଦି ଆପଣଙ୍କୁ ରାଜ୍ୟସଭା ପାଇଁ ସୁଯୋଗ ମିଳେ:-** ମୁଁ ଅନୁଷ୍ଠାନରେ ଅନୁଶାସନକୁ ବିଶ୍ୱାସ କରେ। ମତେ ଯେତେବେଳେ ଯେଉଁ ଦାୟିତ୍ୱ ଦିଆଯାଏ, ମୁଁ ତାକୁ ଦାୟିତ୍ୱର ସହ ତୁଲାଇବାକୁ ଚେଷ୍ଟା କରେ। **୨୫ ବର୍ଷ ପରେ ପିଏସିର ଆବଶ୍ୟକତା କାହିଁକି:-** ମୁଁ ଭାବୁଛି, କ୍ଷମତାରେ ଥିବା ବେଳେ ରାଜ୍ୟ ବିକାଶ କରିବାକୁ ଯାଇ ନିଜ ପରିବାରକୁ ଅବହେଳା କରାଯାଇଥିଲା। ଏବେ କ୍ଷମତାରେ ନ ଥିବାରୁ ପରିବାର କଥା ବୁଝିବାକୁ ସମୟ ମିଳିଛି।

## ବାଂଲାଦେଶ...

ମିଳିବା ଫଳରେ ବାଂଲାଦେଶକୁ ଟି-୨୦ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଛି। ତା'ଛଡ଼ା ଆଇସିସିକୁ କୌଣସି ପ୍ରକାର ଉତ୍ତର ଦେବା ପୂର୍ବରୁ ବିସିବି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବା ମଧ ଆଇସିସି ପ୍ରୋଟୋକଲ୍‌ର ଆଉ ଏକ ଉଲ୍ଲଙ୍ଘନ ବୋଲି ଉକ୍ତ ଇମେଲ୍ ବାର୍ତ୍ତାରେ କୁହାଯାଇଛି। ପୂର୍ବରୁ ବାଂଲାଦେଶ କ୍ରୀଡ଼ା ମନ୍ତ୍ରୀ ଆସିଫ୍ ନଜରୁଲ୍ ବିସିବିକୁ ଖେଳାଳିମାନଙ୍କୁ ଭାରତ ପଠାଇବା ବିପଦମୁକ୍ତ ନୁହେଁ ବୋଲି କହିଥିଲେ। ଏନେଇ ଆଇସିସି ପକ୍ଷରୁ ବାରମ୍ବାର ଆଶ୍ୱାସନା ଦିଆଯାଇଥିଲେ ମଧ ଏହା ଶ୍ରୀ ନଜରୁଲ୍‌ଙ୍କୁ ସନ୍ତୁଷ୍ଟ କରିପାରିନଥିଲା। ଅନ୍ୟପକ୍ଷରେ ଟି-୨୦ ବିଶ୍ୱକପ୍‌ରେ ଭାଗ ନେବା ସକାଶେ କୌଣସି ବିଧିବଦ୍ଧ ସୂଚନା ପାଇନଥିବା କ୍ରିକେଟ୍ ସ୍କଟ୍‌ଲ୍ୟାଣ୍ଡ ପକ୍ଷରୁ କୁହାଯାଇଛି। କିନ୍ତୁ ସେମାନଙ୍କ ଭାଗ ନେବା ଏକରକମ ନିଶ୍ଚିତ ଥିବା ବେଳେ କେବଳ ବିଧିବଦ୍ଧ ସୂଚନା ପାଇବା ବାକି ଅଛି। ବାଂଲାଦେଶ ବାଦ୍ ପଡ଼ିବା ଫଳରେ ସ୍କଟ୍‌ଲ୍ୟାଣ୍ଡ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ମ୍ୟାଚ୍ ଖେଳିବ। ଦଳ ପ୍ରଥମେ ଆସନ୍ତା ୭ରେ ୱେଷ୍ଟଇଣ୍ଡିଜ୍‌କୁ, ପରେ ୯ରେ ଇଟାଲୀକୁ, ୧୪ରେ ଇଂଲଣ୍ଡକୁ ଓ ୧୭ରେ ନେପାଳକୁ ଭେଟିବ। ଭିକେ

ପାଣ୍ଡିଆନ ଅଦୃଶ୍ୟ ଶକ୍ତି ଭାବେ କାମ କରୁଛନ୍ତି କି:- ମୁଁ ବ୍ୟକ୍ତିବିଶେଷଙ୍କ ଉପରେ ଆଲୋଚନା କରିବାକୁ ଚାହୁଁନି। କିନ୍ତୁ ମୁଁ କେବେ ତାଙ୍କୁ କୌଣସି ବୈଠକରେ ଦେଖିନାହିଁ। ୨୦୨୯ରେ ନବୀନଙ୍କ ନେତୃତ୍ୱରେ ବିଜେଡି ନିର୍ବାଚନ ଲଢ଼ିବ କି:- ନବୀନ ପଟ୍ଟନାୟକ ଦଳର ଆଭ୍ୟନ୍ତରୀଣ ପ୍ରକ୍ରିୟାକୁ ଦୃଢ଼ କରୁଛନ୍ତି। ତାଙ୍କ ନେତୃତ୍ୱରେ ହିଁ ବିଜେଡି ୨୦୨୯ ନିର୍ବାଚନ ଲଢ଼ିବ।

## ଆୟୋଗଙ୍କ...

ରୂପାନ୍ତରଣ ପ୍ରକ୍ରିୟା ଦ୍ୱାରା ଓଡ଼ିଶା ଆର୍ଥିକ ଶୃଙ୍ଖଳାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟର ମାନ୍ୟତା ପାଇଛି ବୋଲି କହିଥିଲେ। ରାଜ୍ୟରେ ଶିଳ୍ପାୟନ ପାଇଁ ଏକ ସ୍ଥିର ଏବଂ ଶିଳ୍ପ ଉପଯୋଗୀ ବାତାବରଣ ସୃଷ୍ଟି କରିଛନ୍ତି ରାଜ୍ୟ ସରକାର। ସେ ରାଜ୍ୟର ଶିଳ୍ପାୟନ ଧାରାକୁ ମଧ ପ୍ରଶଂସା କରିଥିଲେ। ତେବେ ଭୁବନେଶ୍ୱରକୁ ଏକ ମଡେଲ ସହର ଭାବେ ତିଆରି କରିବାକୁ ଉପଯୁକ୍ତ ଧାନ ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଉପଯୁକ୍ତ ସ୍ୱେରେଜ ପରିଚାଳନା, ସଫେଇ, ସବୁଜ ବଳୟ ସୃଷ୍ଟି ଏବଂ ଦୃଢ଼ ସହରୀ ଭିତ୍ତିଭୂମି ଜରିଆରେ ଭୁବନେଶ୍ୱରକୁ ସାରା ଦେଶ ପାଇଁ ଏକ ମଡେଲ ସହର ଭାବେ ବିକଶିତ କରାଯାଇପାରିବ ବୋଲି ନୀତି ଆୟୋଗ ଉପାଧକ୍ଷ ପ୍ରସ୍ତାବ ଦେଇଥିଲେ। ନୀତି ଆୟୋଗ ସହଯୋଗରେ ରାଜ୍ୟରେ ଆରମ୍ଭ ହୋଇଥିବା ଅକ୍ଷୟ ଶକ୍ତି ବିକାଶ, ଅନଲାଇନ ପ୍ରଶାସନ, ଦକ୍ଷତା ବିକାଶ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି, ଅନୁସୂଚିତ ଜନଜାତି ବିକାଶକୁ ମଧ ସେ ପ୍ରଶଂସା କରିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟର ସ୍ୱତନ୍ତ୍ର ନୀତି ଓ ସମନ୍ୱିତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସଂକଳ୍ପକୁ ମଧ ସେ ସାବାସୀ ଦେଇଥିଲେ। ଜାତୀୟ ରୂପାନ୍ତରଣ ନୀତି ସହ ତାଳ ଦେଇ ରାଜ୍ୟ ସରକାର ଓଡ଼ିଶାରେ ନିବେଶ ପାଇଁ ଇଜ ଅଫ ଡୁଇଂକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀତି ଆୟୋଗଙ୍କ ସହଭାଗିତା ମିଳିଲେ ରାଜ୍ୟର ବିକାଶ ଯାତ୍ରା ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଶିଳ୍ପାୟନ ଓ ଲୋକଙ୍କ ଜୀବନ ଧାରଣ ମାନରେ ମଧ ଉନ୍ନତି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ୯୧ ଆକାଉଣ୍ଟରୁ...

ଚଢ଼ାଉ କରିଥିଲା। ମାଫିଆଙ୍କ କଳା ସାମ୍ରାଜ୍ୟ ଉପରେ ପୁଲିସ ଚଢ଼ାଉ କରିଥିବା ବେଳେ ୫୦ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରାଯାଇ କୋର୍ଟଙ୍କ ନିର୍ଦ୍ଦେଶରେ ବାଜ୍ୟାପ୍ତି କରାଯିବ ବୋଲି ଏସ୍‌ପି କହିଛନ୍ତି। ଗତ ୧୭ ତାରିଖରେ ୧୦ ଜଣ ଗୋ-ମାଫିଆଙ୍କୁ ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ନଗଦ ୧ କୋଟି ୫୨ ଲକ୍ଷ ୮୨ ହଜାର ୫୦୫ ଟଙ୍କା ଜବତ ହୋଇଥିଲା। ସେହିପରି ସେତେବେଳେ ସୁନା ୧ କିଲୋ ୧୩୧ ଗ୍ରାମ, ରୁପା ୩ କିଲୋ ୮୦ ଗ୍ରାମ, ୨୪ଟି ଚାରିଚକିଆ, ୨୩ଟି ଦୁଇଚକିଆ, ୧୩ଟି ମୋବାଇଲ ଓ ୨୧ଟି ଦାମୀ ହାତଘଣ୍ଟା ଜବତ ହୋଇଥିଲା। ବିପୁଳ ନଗଦ ଟଙ୍କା ସୁନା, ରୁପା ଓ ବେଆଇନ ସମ୍ପତ୍ତି ଜବତ ହୋଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ଓ ଲକର୍‌ରେ ଆହୁରି ଅନେକ ଦାମୀ ସାମଗ୍ରୀ ରହିଥିବା ପୁଲିସ ସନ୍ଦେହ କରିଥିଲା। ଏହି କାରଣରୁ ଆଜି ୪ଟି ଜିଲ୍ଲାର ୪୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା, ଯାହାକି ରାଜ୍ୟ ପୁଲିସ୍ ପାଇଁ ସବୁଠାରୁ ବଡ଼ ଚଢ଼ାଉ। ଅଭିଯୁକ୍ତଙ୍କ ୫ଟି ଜିଲ୍ଲାରେ ବିଭିନ୍ନ ବ୍ୟାଙ୍କରେ ୨୦୦ରୁ ଅଧିକ ଆକାଉଣ୍ଟ ଓ ୬୦ ଲକର ପୁଲିସ ଚିହ୍ନଟ୍ କରିଥିଲା। ଏକାଉଣ୍ଟଗୁଡ଼ିକ ଫ୍ରିଜ୍ କରିବା ସହ ଲକର ସିଲ୍ କରିଥିଲା ପୁଲିସ। ଫ୍ରିଜ୍ କରାଯାଇଥିବା ଆକାଉଣ୍ଟଗୁଡ଼ିକରେ କେତେ କଳା ଟଙ୍କା ରହିଛି, ତା' ଯାଞ୍ଚ କରାଯାଇଥିଲା। ଜିଲ୍ଲା ପୁଲିସ ପକ୍ଷରୁ ଦକ୍ଷ ପୁଲିସ ଅଧିକାରୀଙ୍କୁ ନେଇ ଟିମ୍ ଗଠନ ହୋଇଛି। ଦୈତାରୀ ଥାନାଧିକାରୀ ହୃଷୀକେଶ ବେହେରାଙ୍କୁ ନେଇ ଗଠିତ ଟିମ୍ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁ ଯାଜପୁର ଜିଲ୍ଲା, ପାଟଣା ଥାନାଧିକାରୀ କିରଣ ସାହୁଙ୍କ ନେତୃତ୍ୱରେ ଟିମ୍ ମୟୂରଭଞ୍ଜ ଜିଲ୍ଲା ଓ ଆନନ୍ଦପୁର ଥାନାଧିକାରୀ ଫନିନ୍ଦ୍ର ନାୟକଙ୍କ ନେତୃତ୍ୱରେ ଟିମ୍ ଭଦ୍ରକ ଜିଲ୍ଲାରେ ଗୋ-ମାଫିଆଙ୍କ ଉପରେ ଚଢ଼ାଉ ପାଇଁ ନିୟୋଜିତ ହୋଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୯୧ଟି ଏକାଉଣ୍ଟ ଯାଞ୍ଚ କରିବା ପରେ ଏହି ଅର୍ଥରାଶି ଜମା ରହିଛି। ପୁଲିସ ଉକ୍ତ ଆକାଉଣ୍ଟକୁ ଯାଞ୍ଚ କରିବା ପରେ ତାହା ଅଚଳ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଆକାଉଣ୍ଟଧାରୀ ଉକ୍ତ ଆକାଉଣ୍ଟରେ କାରବାର କରିପାରିବେ ନାହିଁ ବୋଲି କଟକଣା କରାଯାଇଛି। ଅବଶିଷ୍ଟ ଚିହ୍ନଟ୍ ହୋଇଥିବା ଏକାଉଣ୍ଟ ଖୁବ୍‌ଶୀଘ୍ର ଯାଞ୍ଚ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଆକାଉଣ୍ଟ ଯାଞ୍ଚ ପରେ ଲକର ଖୋଲାଯିବ ବୋଲି ସୂଚନା ମିଳିଛି।

## ଓଡ଼ିଆରେ...

ସହ ପ୍ରାଥମିକତା କ୍ଷେତ୍ର ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ସହ ସରକାରୀ ଅଧିକାରୀଙ୍କ ତାଲିମ ନେଇ ମଧ ଆଲୋଚନା ହୋଇଛି। ଏହାଦ୍ୱାରା ରାଜ୍ୟରେ ଦୀର୍ଘସ୍ଥାୟୀ ଏଆଇ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇପାରିବ। ଆସନ୍ତା ଫେବୃଆରୀ ୫ ଓ ୬ ତାରିଖରେ ହେବାକୁ ଥିବା ବ୍ଲାକ ସ୍ୱାନ ସମ୍ମିଟ ଅବସରରେ ଏମଓୟୁ ସ୍ୱାକ୍ଷର ହେବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା କେବଳ ଟେକ୍ନୋଲୋଜିକୁ ଅନୁକରଣ କରିବ ନାହିଁ ବରଂ ନୂଆ ଟେକ୍ନୋଲୋଜିକୁ ଆପଣାଇବାରେ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶକ ସାଜିବ। ପ୍ରଶାସନିକ ବ୍ୟବସ୍ଥାରେ ଓଡ଼ିଶାର ଏଆଇ ଅନ୍ୟ ରାଜ୍ୟ ପାଇଁ ମାଇଲଖୁଣ୍ଟ ହେବ। ଏହାଦ୍ୱାରା ଲୋକଙ୍କୁ ସେବା ପ୍ରଦାନ ସହଜ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

## ପଞ୍ଚମ...

ସେନେଇ କିଛି ବି ସ୍ପଷ୍ଟ କରିନି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଲୋକଙ୍କ ନାଁ ଚର୍ଚ୍ଚାକୁ ଆସୁଛି। କେତେବେଳେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି ତ ଆଉ କେତେବେଳେ ସଂତୃପ୍ତ ମିଶ୍ରଙ୍କୁ ନେଇ ଚର୍ଚ୍ଚା ହେଉଛି। ଏ ଭିତରେ ୨୦୦୦ ମସିହାରେ ବିଜୟ ମହାପାତ୍ରଙ୍କୁ ବିଜେଡିରୁ ବିଦା କରିବାର ସୂତ୍ରଧର ସାଜିଥିବା ଅବସରପ୍ରାପ୍ତ ଆଇଏଏସ ଅଫିସର ସନ୍ତୋଷ ଶତପଥୀଙ୍କ ନାଁ ବି ଉଡୁଛି। ନିଜେ ବବି ଦାସ ଓ ଅନଙ୍ଗ ଉଦୟ ସିଂଦେଓ ମଧ ଜଣେ ଜଣେ ଦାବିଦାର ଥିବା କୁହାଯାଉଛି। ବିଜେଡି ଓ ବିଜେପିରେ ପ୍ରାର୍ଥୀ ଚୂଡ଼ାନ୍ତ ହୋଇ ନ ଥିବା ବେଳେ ନିଆଁରେ ଘିଅ ଢାଳିବା ଭଳି କଂଗ୍ରେସ ନିଜର ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛି। କଂଗ୍ରେସର ମାତ୍ର ୧୪ ବିଧାୟକରେ ସଭାପତି ରାଜ୍ୟସଭାରେ ପ୍ରାର୍ଥୀ ଦେବାକୁ ହାଇକମାଣ୍ଡଙ୍କ ସହ ଆଲୋଚନା କରିଥିବା କହୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଜିତିବାକୁ ହେଲେ ପ୍ରଥମ ପସନ୍ଦର ୩୦ ଖଣ୍ଡ ଭୋଟ ଆବଶ୍ୟକ। ଏହି ଭୋଟ୍ ଆସିବ କେଉଁଠୁ? ବିଜେଡି ମଧ କଂଗ୍ରେସକୁ ସମର୍ଥନ କରିବାର ସମ୍ଭାବନା କମ୍। ବିଜେପି ବି ସମର୍ଥନ ଦେବନି। ତେଣୁ ସିଧାସଳଖ ଭାବେ କଂଗ୍ରେସ ପ୍ରାର୍ଥୀ ଅର୍ଥାତ ପଞ୍ଚମ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନରେ ବଡ଼ ଧରଣର କ୍ରସ ଭୋଟିଂ ହେବା ଏକପ୍ରକାର ଥୟ।

## ଆଇନ...

ବାହାରକୁ ଆସିଥିଲେ ଦିଲ୍ଲୀପ ରାୟ। ତେବେ ଭେଟଘାଟ ନେଇ ସେ କୌଣସି ପ୍ରକାର ମନ୍ତବ୍ୟ ଦେଇନଥିବା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଆମ ଘର ସହ ତାଙ୍କର ପାରିବାରିକ ସମ୍ପର୍କ ରହିଛି। ପୂର୍ବରୁ ମଧ ସେ ଆମ ଘରକୁ ଆସିଛନ୍ତି। ବାପା ବିଶ୍ୱଭୂଷଣ ହରିଚନ୍ଦନ ମଧ ମୋ ସହ ଅଛନ୍ତି। ତାଙ୍କୁ ମଧ ଦିଲ୍ଲୀପ ରାୟ ଭେଟିଛନ୍ତି। ଦୁଇ ଦିନ ତଳେ ଗଣମାଧମ ଆଗରେ ଆଇନ ମନ୍ତ୍ରୀ କହିଥିଲେ ଯେ ଚତୁର୍ଥ ସିଟ୍ ବିଜେପି ହାତକୁ ଯିବ। ଜିତିବାର ରଣକୌଶଳ ଆମକୁ ଜଣା ଅଛି ବୋଲି ସେ କହିଥିଲେ। ଏହାପରେ ଏହି ଭେଟଘାଟ ଏପରି ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି।

## ପୂରଣ...

ଏହି ଷ୍ଟେମ୍ ଲ୍ୟାବଗୁଡ଼ିକ ଆଗାମୀ ଦିନରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଆମର ଛାତ୍ରଛାତ୍ରୀଙ୍କୁ ବିଶେଷକରି ଛାତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନ ପାଇଁ ପ୍ରସ୍ତୁତ କରିବ। ଏହା ସେମାନଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଏକ ବଳିଷ୍ଠ ମାଧମ ସାଜିବ। ଶ୍ରୀ ପ୍ରଧାନ ମିସାଇଲମ୍ୟାନ ଭାରତରତ୍ନ ଏପିଜେ ଅବଦୁଲ କଲାମଙ୍କ ସଫଳତାର ଉଦାହରଣ ଦେବା ସହ ପିଲାଙ୍କ ମଧ୍ୟରେ ମୌଳିକ ସ୍ପଷ୍ଟତା ଓ 'କ୍ରିଟିକାଲ ଥିଙ୍କିଂ' ବୃଦ୍ଧି କରିବା ପାଇଁ ବିଜ୍ଞାନ ସମେତ ଅନ୍ୟାନ୍ୟ ବିଷୟକୁ ମାତୃଭାଷାରେ ପଢ଼ାଇବା ଉପରେ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ହୋଇଥିବା ବେଳେ ଶିକ୍ଷାବର୍ଷ ୨୦୨୬-୨୭ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହା 'ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା' (ଓଏସସିଏଫ) ଉପରେ ଆଧାରିତ ହେବ। ରାଜ୍ୟର ୧ ଲକ୍ଷ ୬୭ ହଜାର ଶିକ୍ଷକଙ୍କୁ ନୂତନ ପାଠ୍ୟକ୍ରମରେ ଦକ୍ଷ କରିବା ପାଇଁ ଏନସିଇଆରଟି ଏବଂ ଆଇଆଇଟି ମାଡ୍ରାସ ସହାୟତାରେ ଏଆଇ ମାଧମରେ ପ୍ରଶିକ୍ଷଣ ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ, ଯାହାଦ୍ୱାରା ପିଲାମାନଙ୍କର ମୌଳିକ ଶିକ୍ଷା ମୂଳଦୁଆ ଶକ୍ତ ହେବ। ଏହାଛଡ଼ା ଓଡ଼ିଶାର ପିଲାମାନଙ୍କ ସ୍ୱାସ୍ଥ୍ୟଗତ ଯତ୍ନ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସ୍କୁଲର ମୁଖପତ୍ର 'ବୈଜୟନ୍ତୀ'କୁ ଶ୍ରୀ ପ୍ରଧାନଙ୍କ ଉନ୍ମୋଚନ କରିଛନ୍ତି।

## କଲରା...

ଅନୁସାରେ, ଗତକାଲି ରାତିରେ ଅନନ୍ତପ୍ରସାଦ ଗ୍ରାମର ଯୁବକ ଶୁଭ୍ରାଂଶୁ ଭୋଳଙ୍କ ଜୟପୁର ଫାର୍ମରେ ହଠାତ୍ ଉକ୍ତ କଲରା ପତରିଆ ବାଘଟି ପଶିଥିଲା। ତାକୁ ଦେଖି ସେଠାରେ ଥିବା କୁକୁରମାନେ ଭୁକିଥିଲେ। ଏହି ଭୁକିବା ଶୁଣି ଶୁଭ୍ରାଂଶୁ ଉଠିପଡ଼ିଥିଲେ। ତେବେ ସେତେବେଳକୁ ତାଙ୍କ ଆଗରେ ଛିଡ଼ା ହୋଇଥିବା ଉକ୍ତ ବାଘ। କିନ୍ତୁ ଶୁଭ୍ରାଂଶୁ ଏଥିରେ ଭୟଭୀତ ହୋଇନଥିଲେ ଏବଂ ବାଘଟି ତାଙ୍କୁ ଆକ୍ରମଣ କରିବା କ୍ଷଣି ସେ ନିଜକୁ ବଞ୍ଚାଇବା ପାଇଁ ସଂଘର୍ଷ କରିଥିଲେ। ଏହି ସମୟରେ ଉକ୍ତ ଫାର୍ମ ହାଉସ୍‌ରେ ଥିବା ଏକ ଛୁରୀ ଆଣି ଶୁଭ୍ରାଂଶୁ ବାଘକୁ ଆକ୍ରମଣ କରିଥିଲେ। ଏଥିରେ ଆହତ ହୋଇ ବାଘଟି ସେଠାରେ ପଡ଼ିଯାଇଥିଲା। ଖବର ପାଇ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚିବା ବେଳକୁ ବାଘଟି ମରିସାରିଥିଲା। ସେମାନେ ତା'ର ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଶୁଭ୍ରାଂଶୁଙ୍କ ଅଦମ୍ୟ ସାହସକୁ ସ୍ଥାନୀୟ ଲୋକେ ବେଶ୍ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳରେ ନିୟମିତ ଭାବେ ବନ୍ୟପ୍ରାଣୀ ଜନପଦକୁ ମାଡ଼ିଆସୁଥିବାରୁ ଲୋକେ ଭୟର ବାତାବରଣ ମଧ୍ୟରେ ବଞ୍ଚିବାକୁ ବାଧ ହେଉଛନ୍ତି।

# ବେପାରୀଙ୍କ କଚେପୁଅ ବାର



ପ୍ୟାକ୍ସ କର୍ତ୍ତୃପକ୍ଷଙ୍କ ତ୍ରୁଟି, ପରିଣାମ ଭୋଗୁଛି ଚାଷୀ

ସରକାର କିଣିବାକୁ କୁଛକୁଛ, ବେପାରୀଙ୍କୁ ଫାଇଦା

ପରିଶ୍ରମର ଉଚିତ ପ୍ରାପ୍ୟ ମିଳୁନି, କାନ୍ଦୁଛି ଚାଷୀ

କୁଇଣ୍ଟାଲ ପିଛା ୧୬ରୁ ୧୮ଶହ ଦେଉଛି ବେପାରୀ

**କାକଟପୁର/ଅସ୍ତରଙ୍ଗ,୨୪।୧ (ସଂଚାର ବ୍ୟୁରୋ):** ଟୋକନରେ କାଣ୍ଟଛାଣ୍ଟ। ପଞ୍ଜିକୃତ ଜମି ପରିମାଣ ଅନୁଯାୟୀ ଆସୁନି ଟୋକନ। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଛି। ଅମଳ ଧାନ ମଣ୍ଡିରେ ବିକିବାକୁ ପାଖରେ ଆବଶ୍ୟକ ଟୋକନ ନାହିଁ। ତେଣୁ ଚାଷୀ ଶାଗ ମାଛ ଦରରେ ବର୍ଷକର ପରିଶ୍ରମ ବେପାରୀ ହାତକୁ ଟେକି ଦେବାକୁ ବାଧ ହୋଇଛି। ପୂର୍ବରୁ ବେପାରୀ ଚାଷୀ ପାଖକୁ ଯାଇ ମଣ୍ଡି ଅବ୍ୟବସ୍ଥା ଦେଖାଇ ପ୍ରଭାବିତ କରୁଥିଲା। ହେଲେ, ଏ ବର୍ଷ ଚିତ୍ର ବଦଳିଛି। ସ୍ଥିତି ଏମିତି ଯେ, ବେପାରୀଙ୍କୁ ଖୋଜା ପଡ଼ିଲାଣି। ଘରେ ରହି ନଷ୍ଟ ହେବା ଅପେକ୍ଷା ଅଳ୍ପ ଟଙ୍କା ହେଲେ ମଧ ବେପାରୀ ହାତକୁ ଟେକି ଦେବାକୁ ଚାଷୀ ଅଣ୍ଟା ଭିଡିଲେଣି।

ଚଳିତ ବର୍ଷ, ଚାଷୀ ପଞ୍ଜିକରଣଠୁ ନେଇ ଧାନ ବିକ୍ରି ଯାଏଁ, ଅବ୍ୟବସ୍ଥାର ଫର୍ଦ ଲମ୍ବି ଚାଲିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ଅଧିକାଂଶ ଚାଷୀ ଟୋକନ କାଣ୍ଟଛାଣ୍ଟର ଶିକାର ହୋଇଛନ୍ତି। ଯେତିକି ଜମିରେ ଚାଷ କରିଥିଲେ, ସେହି ଅନୁଯାୟୀ ଟୋକନ ଆସୁନି। ଫଳରେ ବଳକା ଧାନ କେଉଁଠି ବିକିବେ, ସେ ନେଇ ଚିନ୍ତାରେ ଥିବା ବେଳେ ଅଭାବୀ ବିକ୍ରିର ମାତ୍ରା ବଢ଼ି ଚାଲିଛି। ରାଜ୍ୟସ୍ତରରୁ ଟୋକନ ଆସୁଥିବା କହି ପ୍ୟାକ୍ସ କର୍ତ୍ତୃପକ୍ଷ ଓ ଯୋଗାଣ ବିଭାଗ ହାତ ଟେକି ଦେଉଥିବା ବେଳେ ଚାଷୀର ଗୁହାରି ଶୁଣିବାକୁ କେହି ନାହିଁ। ମଣ୍ଡିରେ ବିକ୍ରି କଲେ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୩୧ଶହ ଟଙ୍କା ରହିଛି। କିନ୍ତୁ ଟୋକନ ପରିମାଣ କମାଇ ଦେଇଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଜଳ ଜଳ ଦିଶିଲାଣି। ମଣ୍ଡିରେ ବିକିବାର ସମସ୍ତ ବାଟ ବନ୍ଦ ଥିବାରୁ ଅନେକ ସ୍ଥାନରେ ବେପାରୀଙ୍କୁ ବିକୁଥିବା ଦେଖିବାକୁ ମିଳୁଛି। ଗତବର୍ଷ ବେପାରୀ କୁଇଣ୍ଟାଲ ପିଛା ୧୮ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ଧାନ କିଣୁଥିଲେ। ହେଲେ ଏ ବର୍ଷ ଟୋକନ ସମସ୍ୟା ଜାଣି ବେପାରୀ ଧାନର ମୂଲ୍ୟ ମଧ କମାଇଛନ୍ତି। ଅସ୍ତରଙ୍ଗ ବ୍ଲକ ଅଂଚଳରେ ନୂଆ ଧାନ କୁଇଣ୍ଟାଲ ପିଛା ୧୬ଶହ ଟଙ୍କା ଥିବା ବେଳେ ପୁରୁଣା ଧାନ ୧୮ଶହ ଟଙ୍କାରେ ବେପାରୀ କିଣି ନେଉଛନ୍ତି। ସରକାରୀ ଦର ଠାରୁ ୧ହଜାରରୁ ୧୩ଶହ ଟଙ୍କା କମ୍ ଥିବାରୁ ଉପାୟ ଶୂନ୍ୟ ଚାଷୀ କାନ୍ଦିବା ସାର ହୋଇଛି। ସେପଟେ ବେପାରୀ ଗାଁ ଗଣ୍ଡାରୁ ମିନିଟ୍ରକରେ ଧାନ ବୋହି ନେଉଥିବାର ଚିତ୍ର ସାମ୍ନାକୁ ଆସିଛି।

## ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳିତ



**ଖୋର୍ଦ୍ଧା,୨୪।୧ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଆଜି ପୂର୍ବାହ୍ନରେ ବକ୍ସି ଜଗବନ୍ଧୁଙ୍କ ରାଜ୍ୟ ସ୍ତରୀୟ ଶ୍ରାଦ୍ଧ ଦିବସ -୨୦୨୬ ସ୍ଥାନୀୟ ପୌର ପରିଷଦ ଟାଉନ୍ ହଲ୍, ଖୋର୍ଦ୍ଧା ଠାରେ ପାଳିତ ହୋଇ ଯାଇଛି । ଯେଉଁ ମାଟିର ଇତିହାସ ଯେତେ ଚର୍ଚ୍ଚିତ ହେବ ସେ ଜାତିର ସେତେ ବିକାଶ ହେବ । ଏଣୁ ନିଜ ମାଟିର ଇତିହାସକୁ ଚିହ୍ନିବାକୁ ହେଲେ ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁ ବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, ଜୟୀ ରାଜଗୁରୁ, କୃତିବାସ ପାଟଶାଣୀ ଭଳି ସ୍ୱାଧୀନତା ବୀର ଯୋଦ୍ଧା ସଂଗ୍ରାମୀ ମାନଙ୍କର ଛାତ୍ର ଛାତ୍ରୀ ମାନେ ସେମାନଙ୍କ ଜିବନା ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିନ୍ଧାଣି ହେବାକୁ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ, ଓଡ଼ିଶା ସରକାର ପୃଥ୍ୱୀ ରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆହ୍ୱାନ ଦେଇଛନ୍ତି । ସମାରୋହର ସଭାପତି ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ସ୍ୱାଗତ ଭାଷଣ ଦେବା ପୂର୍ବକ ନିଜ ସଭାପତି ଅଭିଭାଷଣରେ କହିଥିଲେ ଖୋର୍ଦ୍ଧାରେ ପ୍ରଥମ ପାଇକ ବିଦ୍ରୋହ ସ୍ୱାଧିନତା ସଂଗ୍ରାମକୁ ତେଜିଆନ କରିଥିଲା। ମହାନ୍ ସଂଗ୍ରାମୀ ବକ୍ସି ଜମି,ମାଟି ପାଇଁ ଲଢେଇରେ ମୁଖ୍ୟ ପୁରୋଧା ଥିଲେ । ଖୋର୍ଦ୍ଧା ମାଟିର ଇତିହାସ ଅନନ୍ୟ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ ବକ୍ସିଙ୍କ ସହୀଦ ଦିବସର ମହତ୍ୱ ଓ ଗୁରୁତ୍ୱ ବୁଝିବାର ଅଛି । ଆଉ ଦୁଇ ବର୍ଷରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ୨୦୦ବର୍ଷ ଶ୍ରାଦ୍ଧ ବାର୍ଷିକୀ ପୂର୍ତ୍ତି ପାଳନ ହେବ । ଏଣୁ ତାଙ୍କର ତ୍ୟାଗ ଓ ଆଦର୍ଶ ଏ ଜାତି ପାଇଁ ପ୍ରେରଣାଦାୟୀ ହେବ ବୋଲି ଅଭିଭାଷଣ ରଖିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ବକ୍ସିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ପାରାଦୀପ ଚମ୍ପିୟାନ ଟ୍ରଫି ଉଦ୍‌ଘାଟନ କଲେ ଶିଳ୍ପ ମନ୍ତ୍ରୀ ସମ୍ପଦ

● ଭାଗ ନେଇଛନ୍ତି ୪୦ଟି ଟିମ



**ପାରାଦୀପ,୨୪।୧ (ସଂଚାର ବ୍ୟୁରୋ):** ରାହାମା କଲେଜ ପଡିଆରେ ପାରାଦୀପ ଚମ୍ପିୟାନ ଟ୍ରଫିର ଉଦଘାଟନ କଲେ ଶିଳ୍ପ ମନ୍ତ୍ରୀ। ପାରାଦୀପ ନିର୍ବାଚନ ମଣ୍ଡଳୀର ୩୬ଟି ପଞ୍ଚାୟତ ଓ ପାରାଦୀପ ପୌର ପରିଷଦର ୪ଟି ଟିମ୍‌କୁ ନେଇ ଆରମ୍ଭ ହୋଇଛି 'ପାରାଦୀପ ଚମ୍ପିୟାନ୍ ଟ୍ରଫି' ୨୦୨୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଆୟୋଜିତ ଏହି ଚମ୍ପିୟାନ ଟ୍ରଫି ର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରାହାମା ବଜାର ରୁ ଏକ ମଶାଲ ଶୋଭାଯାତ୍ରାରେ ଆସି ରାହାମା ସାରଳା ମହାବିଦ୍ୟାଳୟ ଖେଳ ପଡିଆରେ ପହଞ୍ଚିବା ପରେ ଚମ୍ପିୟନ ଟ୍ରଫିର ଶୁଭାରମ୍ଭ ହୋଇଛି। ଗୋଟିଏ ପ୍ଲାଟଫର୍ମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ୪୦ଟି ଟିମ୍ ଏକତ୍ରିତ ହେବା ନେଇ ଯେଉଁ ପରିକଳ୍ପନା କରାଯାଇଥିଲା ତାହା ପ୍ରଥମ ସୋପାନରେ ସଫଳ ହୋଇଛି ବୋଲି ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ କହିଛନ୍ତି। ଏହି ଖେଳ ମାଧମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମର ଯୁବ ଖେଳାଳୀମାନେ ନିଜ ନିଜର ଦକ୍ଷତା ଓ କ୍ରୀଡା ପ୍ରତି ଆଗ୍ରହ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ଫେବୃଆରୀ ୮ତାରିଖରେ ଉଦଯାପିତ ହେବ ବୋଲି ଆୟୋଜକ କମିଟିର ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ କହିଛନ୍ତି।

## ସମ୍ ହସ୍ପିଟାଲରେ 'ଜାତୀୟ ଆଇଭି ନର୍ସ ଦିବସ' ପାଳିତ




**ଭୁବନେଶ୍ୱର,୨୪।୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍‌ର ନର୍ସିଂ ବିଭାଗ ପକ୍ଷରୁ ହସ୍ପିଟାଲ ପରିସରରେ ଗୁରୁବାର 'ଜାତୀୟ ଆଇଭି ନର୍ସ ଦିବସ' ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଜାନୁଆରୀ ୨୫ ତାରିଖରେ 'ଜାତୀୟ ଆଇଭି ନର୍ସ ଦିବସ' ପାଳନ କରାଯାଇଥାଏ।

ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ 'ଲେଟେଷ୍ଟ ଆଡଭାନସେସ୍ ଇନ୍ ବେଷ୍ଟ ପ୍ରାକ୍ଟିସେସ୍ ଆଣ୍ଡ ଇନୋଭେସନ୍'କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥି ସହିତ ଏକ ପୁସ୍ତିକା ମଧ ଉନ୍ମୋଚନ କରାଯାଇଥିଲା।

ଏହି ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ (ବ୍ଲଡ୍ ସେଫ୍ଟି) ଡାକ୍ତର ଦେବାଶିଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ହେଉଛନ୍ତି ହସ୍ପିଟାଲର ମେରୁଦଣ୍ଡ। ସେମାନଙ୍କର ନିଃସ୍ୱାର୍ଥପର ସେବା ମନୋବୃତିଅସହ୍ୟ ପୀଡିତ ଥିବା ଲୋକଟି ମୁଖରେ ହସ ଫୁଟାଇଥାଏ। ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସିଂ ଭଳି ଏକ ମହାନ ବୃତିକୁ ଗ୍ରହଣ କରିଥିବା ସମସ୍ତ ନର୍ସ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଖୋର୍ଦ୍ଧା ଜିଲ୍ଲା ଲେପ୍ରସି କନ୍‌ସଲଟାଂଟ୍ ଡାକ୍ତର ସୌମ୍ୟକାନ୍ତ ସତ୍ୟସୁନ୍ଦର ସମ୍ମାନିତ ଅତିଥି ଭାବେ ଓ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଗିରିଜାନନ୍ଦିନୀ କାନୁନ୍‌ଗୋ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

ଏହି କାର୍ଯ୍ୟକ୍ରମରେ ଇଣ୍ଡିଆ ଇନ୍‌ଫ୍ୟୁଜନ୍ ନର୍ସ ସୋସାଇଟି (ଆଇଏନ୍‌ଏସ୍)ର ଭୁବନେଶ୍ୱର ସିଟି ଚାପ୍ଟରର ସଦସ୍ୟ, ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ୍ ଓ ନର୍ସିଂ କଲେଜରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ନର୍ସିଂ ଅଫିସରମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ପ୍ରଶିକ୍ଷଣ ମଧ ଦିଆଯାଇଥିଲା।

## ଦେବୀନଦୀରେ ମୃତ ତିମି

● ତିମିର ଲମ୍ବ ପାଖାପାଖି ପ୍ରାୟ ୨୫ଫୁଟ



**କାକଟପୁର/ଅସ୍ତରଙ୍ଗ,୨୪।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ଦେବୀ ନଦୀ ମଧ ବର୍ତ୍ତୀ ଅଂଚଳରେ ଶନିବାର ସକାଳୁ ମୃତ ତିମି ଦେଖିବାକୁ ମିଳିଛି। ଏହା ବ୍ରାଇଡ୍ସ ତିମି ନା ନୀଳ ତିମି, ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତିମିଟି ପୁରୀ ଡିଭିଜନ ଅଧୀନ ନା ରାଜନଗର ଡିଭିଜନ ଏହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଅସ୍ତରଙ୍ଗ ବନ୍ୟ ପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର କହିଛନ୍ତି ଏହା ରାଜନଗର ଅଂଚଳରେ ଯାଉଛି। ଯାହାଫଳରେ ମୃତ ତିମି ସଂପର୍କିତ ତଥ୍ୟ ଅସ୍ତରଙ୍ଗ ବନାଞ୍ଚଳ ନିକଟରେ ନାହିଁ। କିନ୍ତୁ ସ୍ଥାନୀୟ ଅଞ୍ଚଳ ମତ୍ସ୍ୟଜୀବୀ କହିଛନ୍ତି ମୃତ ତିମି ଲମ୍ବ ପାଖାପାଖି ୨୫ଫୁଟ ହେବ। ଏହା କିପରି ମୃତ୍ୟୁବରଣ କଲା ସ୍ପଷ୍ଟ ଜଣା ମଧ ପଡିନି।

## ବିରଜା ମନ୍ଦିର ଉନ୍ନୟନ ନାମରେ ହାରୁନେତାଙ୍କ ଅସ୍ତିତ୍ୱ ସଂଘର୍ଷ



● ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ହାରୁନେତା ଉପସ୍ଥିତ

**ଯାଜପୁର,୨୪।୧ (ସଂଚାର ବ୍ୟୁରୋ):** ଯାଜପୁରର ଆସ୍ଥା, ପରମ୍ପରା ଓ ପରିଚୟର ପବିତ୍ର କେନ୍ଦ୍ର ମା' ବିରଜାଙ୍କ ମନ୍ଦିର। ଏହାର ପାରିପାର୍ଶ୍ୱିକ ଉନ୍ନୟନ ନେଇ ହୋଇଥିବା ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ ଲୋକଙ୍କ ଆଶାକୁ ଜଗାଇବା କଥା ଥିଲା। କିନ୍ତୁ ବୈଠକ ଚିତ୍ର ଦେଖି ଯାଜପୁରବାସୀ ଆଶ୍ଚର୍ଯ୍ୟ ଓ କ୍ରୋଧ ଦୁଇଟି ଏକାସାଥିରେ। କାରଣ ସ୍ପଷ୍ଟ,ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯାଜପୁରର ନିର୍ବାଚିତ ଲୋକପ୍ରତିନିଧି ବିଜେପି ସାଂସଦ କି ବିଧାୟକ ନାହାଁନ୍ତି, ହେଲେ ବାରମ୍ବାର ନିର୍ବାଚନରେ ହାରିଥିବା ବିଧାୟକ ପ୍ରାର୍ଥୀ ତଥା ବିଜେପି ନେତା ଗୌତମ ରାୟ ଉପସ୍ଥିତ।

ପ୍ରଶ୍ନ ଏଠି ଗମ୍ଭୀର ସରକାରୀ ସମୀକ୍ଷା ବୈଠକ କି ହାରୁନେତାଙ୍କ ପାଇଁ "ରିଲେଭାନ୍ସ ରିଭାଇଭ୍" ମଞ୍ଚ, ଲୋକମତରେ ପରାସ୍ତ ହୋଇଥିବା ଜଣେ ନେତା କେଉଁ ଆଧାରରେ ସରକାରୀ ଟେବୁଲ୍‌ରେ ବସିଛନ୍ତି। ଅଧିକ ଆଶ୍ଚର୍ଯ୍ୟର କଥା, ସେହି ବୈଠକରେ ବିଜେପିର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ନାହାଁନ୍ତି କି ଯାଜପୁରର ବର୍ତ୍ତମାନ ବିଧାୟିକା ସୁଜାତା ସାହୁ, ଯିଏ ଗୌତମ ରାୟଙ୍କୁ ନିର୍ବାଚନରେ ପରାସ୍ତ କରିଥିଲେ ସିଏ ବି ନାହାନ୍ତି। ଏହା କ'ଣ ଯାଜପୁର ସାଂସଦଙ୍କ ପ୍ରତି ଅସମ୍ମାନ ନୁହେଁ। ସୂତ୍ର ଅନୁସାରେ, ଏହି ସମୀକ୍ଷା ବୈଠକ ସମ୍ପର୍କରେ ମାନ୍ୟବର ସାଂସଦଙ୍କୁ ସୂଚନା ମଧ ଦିଆଯାଇନଥିଲା ଯାହା ରାଜନୈତିକ ମହଲରେ ନୂଆ ଚର୍ଚ୍ଚାକୁ ଜନ୍ମ ଦେଉଛି। ସ୍ଥାନୀୟ ସଚେତନ ନାଗରିକଙ୍କ କଥା ସ୍ପଷ୍ଟ "ମା' ବିରଜାଙ୍କ ଉନ୍ନୟନ ଆମ ଆସ୍ଥା ସହ ଜଡିତ। କିନ୍ତୁ ଏହାକୁ ରାଜନୀତିର ରଙ୍ଗ ଦେଇ, ସରକାରୀ ବୈଠକକୁ ହାରିଥିବା ନେତାଙ୍କ ପ୍ରଚାର ମଞ୍ଚ କରାଯିବା ଦୁଃଖଦ ଘଟଣା।"

ଯାଜପୁର ଲୋକେ ଏଯାବତ୍ ଭୁଲିନାହାନ୍ତି ବିଜେଡି ଶାସନ ସମୟରେ କିପରି ସେତେବେଳର ବିଧାୟକ ପରମେଶ୍ୱର ସେଠିଙ୍କୁ "ସଖି କଣ୍ଢେଇ" କରି ରଖିବା ଚେଷ୍ଟା କରିଥିଲେ ବରିଷ୍ଠ ନେତା ଜଣକ,ଏବଂ ଶେଷରେ ତା'ର ପରିଣାମ କ'ଣ ହୋଇଥିଲା। ଯାଜପୁର ପଚାରୁଛି, ସେହି ଭୁଲର ପୁନରାବୃତ୍ତି ହେଉଛି କି, ଲୋକମତକୁ ଅଣଦେଖା କରି ବାରମ୍ବାର ହାରୁଥିବା ଜଣେ ନେତାକୁ ଆଗକୁ ଆଣିଲେ ଏହା ଉନ୍ନୟନ ନୁହେଁ, ରାଜନୀତିର ଆତ୍ମଘାତୀ ରାସ୍ତା।

## ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ବୋର୍ଡ ପକ୍ଷରୁ କମ୍ବଳ ବଣ୍ଟନ




**ଧାମନଗର,୨୪।୧ (ସଂଚାର ବ୍ୟୁରୋ):** "ମାନବ ସେବା ହିଁ ମାଧବ ସେବା" ଏହି ଅବସରରେ ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ ଠାରେ ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ବୋଡ଼ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ପକ୍ଷରୁ ଧାମନଗର ଅଞ୍ଚଳ ନୁହେଁ ଭଦ୍ରକ ଜିଲ୍ଲା ବାହାରେ ବି ଏହାର କାର୍ଯ୍ୟକର୍ତ୍ତା ମାନେ ମାନବ ସେବା କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି।

ଏହି ଶୀତ ଋତୁରେ ଧାମନଗର ଠାରୁ ଭଦ୍ରକ ରେଳ ଷ୍ଟେସନ ଓ ବସଷ୍ଟାଣ୍ଡ ଗାଁ ଗହଳିରେ ଥିବା ବୁଢା ବୁଢି ଏବଂ ନିହାତି ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରି ଆସୁଥିବା ବେଳେ ତତସହିତ ୨୦୨୬ ଜାନୁଆରୀ ମାସରେ ଜିଲ୍ଲା ଅନ୍ତର୍ଗତ ବନ୍ତ ଛକ ଆରଡ଼ି ଛକ ଲେପ୍ରସି କଲୋନୀ ବାଘୁରାଇ ରାନ୍ଧିଆ ଏଇଭଳି ବିଭିନ୍ନ ସ୍ଥାନରେ ଗରିବ ଘରର ବିବାହ ବ୍ରତ ବା ଶୁଦ୍ଧି କ୍ରିୟା ପାଇଁ ବି ସାହାଯ୍ୟର ହାତ ବଢ଼ାଇ ଲୋକଙ୍କ ପାଖରେ ପ୍ରିୟ ଭାଜନ ହୋଇ ପାରିଛି ଏହି ଟ୍ରଷ୍ଟ। ମାନବ କଲ୍ୟାଣ ସଂଘ ଟ୍ରଷ୍ଟର ସଭାପତି ଦଶରଥୀ ଦାଶ, ଉପସଭାପତି ବିଶ୍ୱଜିତ ଜେନା, ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସହସମ୍ପାଦକ ସଚିନ ଦାସ,କୋଷାଧକ୍ଷ ବୃହସ୍ପତି ନାୟକ, ମିଡିଆ ପରିଚାଳିକ ପ୍ରଦୀପ କୁମାର ବାରିକ ଇଭେଣ୍ଟ ମ୍ୟାନେଜର ତଥା ଡାକ୍ତରୀ ପରାମର୍ଶଦାତା ଜତୀନ କୁମାର ଦାସ,ଅତିରିକ୍ତ ଇଭେଣ୍ଟ ମ୍ୟାନେଜର ଏବଂ ପ୍ରୋଜେକ୍ଟ ବିଶ୍ଳେଷଣ-ଆରୁପନନ୍ଦ ଦାସ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିଲେ ମେୟର



**କଟକ,୨୪।୧ (ସଂଚାର ବ୍ୟୁରୋ):** ଆଜି ସକାଳ ୯ଘଟିକା ସମୟରେ ବକ୍ସି ଜଗବନ୍ଧୁଙ୍କ ୧୯୭ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ କଟକ ମେୟର ସୁବାସ ସିଂହ କଟକ ବକ୍ସି ବଜ଼ାର ଛକ ନିକଟରେ ଥିବା ବକ୍ସି ଜଗବନ୍ଧୁଙ୍କ ଅବୟ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମେୟର ସୁବାସ ସିଂହଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମଟି ଅଧକ୍ଷା ଏ. ଶ୍ରୀଦେବୀ, କର୍ପୋରେଟର ଲିଝ଼ାରାଣୀ ରାଉତ, ଚନ୍ଦନ ଜେନା, ସତ୍ୟରାମ ସାହୁ, ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଏବଂ ଯୁବକ ଓ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଥାନା ଅଧିକାରୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା



**ଫୁଲବାଣୀ,୨୪।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନାରେ ଦୀର୍ଘ ଦୁଇ ବର୍ଷ ଧରି କାର୍ଯ୍ୟରତ ଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କୁ ଥାନା କର୍ମଚାରୀମାନଙ୍କ ତରଫରୁ ବିଦାୟ କାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛ। ଏହାସହ ନୂତନ ଭାବରେ ଏହି ଫିରିଙ୍ଗିଆ ଥାନାରେ ଥାନା ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ମୁରଲୀଧର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ସଦର ଏସ୍‌ଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧରେ ଥାନାରେ କାର୍ଯ୍ୟରତ ଏସଆଇ ପ୍ରମୋଦ କୁମାର ବେହେରା, ଦିପକ କୁମାର ରାଉତ, ଅଜୟ କୁମାର ସାହୁ, ଏଏସଆଇ ପ୍ରିୟରଂଜନ ନାଏକ, କୃଷ୍ଣ ଚନ୍ଦ୍ର ଗୌଡ଼ଙ୍କ ସହ ଥାନାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ଛାତ୍ରପୁର ଉଚ୍ଚ ବିଦ୍ୟାଳୟରେ ପ୍ରସ୍ତୁତି ବୈଠକ



**ନୀଳଗିରି,୨୪।୧ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ବଣସୀମା ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତର ଛତ୍ରପୁର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁରେଶ ଶଙ୍ଖୁଆ, ନିଶିକାନ୍ତ ମହାପାତ୍ର, ଅମରେନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ପ୍ରଧାନଶିକ୍ଷକ ଅଜୟ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ । ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ଓ ପୁରାତନ ଶିକ୍ଷକ ମାନଙ୍କ ନିଷ୍ପତି ମୁଳେ ଆଗାମୀ ଦିନରେ ଖୁବ ଧୁମଧାମରେ ପାଳନ କରାଯିବାକୁ ସହମତି ପ୍ରକାଶ ପାଇଥିଲା ବେଳେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ପୂର୍ବତନ ଶିକ୍ଷକ ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆଲୋଚନାରେ ଭାଗ ନେଇଥିଲେ।

## ଅବହେଳିତ ଅବସ୍ଥାରେ ପଡ଼ି ରହିଛି କୋଠା

### କୋଟି କୋଟି ଟଙ୍କା ଖର୍ଚ୍ଚ କରି କିଏ କରିଥିଲା କାହା ପାଇଁ?



**ଆନନ୍ଦପୁର,୨୪।୧ (ସଂଚାର ବ୍ୟୁରୋ):** ଘଷିପୁରାରେ 'ଭୂତ କୋଠା' କୋଟି କୋଟି ଟଙ୍କା ଖର୍ଚ୍ଚ, ଦଶ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ୍ ପଛ ପଟ ସ୍ଥିତ ଗୋଟିଏ ବିଶାଳ କୋଠା ଦୀର୍ଘ ଦଶ ବର୍ଷ ଧରି ପଡ଼ି ରହିଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ କେବେ କେଉଁ ପ୍ରକଳ୍ପ ପାଇଁ ଏହି ନିର୍ମାଣ ହୋଇଥିଲା, କେଉଁ ବିଭାଗ କରିଥିଲା ଓ କାହା ପାଇଁ ଏତେ ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ସ୍ପଷ୍ଟ ନାହିଁ।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ଏହି ବିଲ୍ଡିଂ ବର୍ତ୍ତମାନ 'ଭୂତ କୋଠା'ର ଆକାର ନେଇଛି। ଚାରିପଟେ ଘନ ଗଛ-ଲତାରୁ ଆକ୍ରାନ୍ତ ହୋଇ ପଡ଼ି ରହିଛି। ସ୍ଥାନୀୟ ଲୋକ ନିକଟକୁ ଯିବାକୁ ମଧ ଭୟ କରୁଛନ୍ତି। ସହରବାସୀ ଅଭିଯୋଗ କରୁଛନ୍ତି ଯେ, ସନ୍ଧ୍ୟା ପରେ ଏହି ଭବନ ଭିତରେ ଅନୈତିକ କାର୍ଯ୍ୟ-କଳାପ ଚାଲୁଛି। କିନ୍ତୁ ଆନନ୍ଦପୁର ପ୍ରଶାସନ ପକ୍ଷରୁ କୌଣସି ଯାଞ୍ଚ କିମ୍ବା ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ଉଠିଛି। ଏହା କେଉଁ ପଦାଧିକାରୀଙ୍କ ସମୟରେ କିମ୍ବା କେଉଁ ବିଭାଗ ଦ୍ୱାରା ନିର୍ମିତ ହୋଇଥିଲା ବର୍ତ୍ତମାନ କୌଣସି ଡକ୍ୟୁମେଣ୍ଟେସନ୍ କିମ୍ବା ବୋର୍ଡ ମଧ ମିଳୁନାହିଁ। ଏହା ପ୍ରତି, ବୁଦ୍ଧିଜୀବୀ ଓ ସମାଜ ସେବୀ ଆନନ୍ଦପୁର ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି। ସେମାନଙ୍କ ମତାନୁସାରେ ଯଦି ପ୍ରଶାସନ ନିଷ୍ପତ୍ତି ନେବେ ତେବେ ଏହାକୁ କମ୍ୟୁନିଟି ହଲ୍, ହେଲ୍ଥ ସେଣ୍ଟର, ସ୍ପୋର୍ଟସ ଅକାଡେମି କିମ୍ବା ଲାଇବ୍ରେରୀ ଭଳି ସରକାରୀ ସାମାଜିକ କାମରେ ବ୍ୟବହାର କରାଯାଇପାରେ। କେଉଁ ବିଭାଗ କରିଥିଲା କାମ? କାହା ପାଇଁ ଥିଲା ପ୍ରକଳ୍ପ? କେତେ ଟଙ୍କା ଖର୍ଚ୍ଚ ହୋଇଥିଲା? ପଡ଼ିଥିବା ସମ୍ପତ୍ତିର ଦାୟିତ୍ୱ କାହାର ବୋଲି ପ୍ରଶ୍ନ ଉଠିଛି। ତେବେ ପ୍ରଶାସନ ଶୀଘ୍ର ତଥ୍ୟ ସଂଗ୍ରହ କରି ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା କରୁଛନ୍ତି। ତେବେ ଦେଖିବାକୁ ବାକି ରହିଲା ଆନନ୍ଦପୁର ପ୍ରଶାସନ ଏଥିପ୍ରତି କେବେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।

## ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



**ପାରାଦୀପ,୨୪।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ସହରର ଚାଟରା ଗ୍ରାମର ବାସୁଦେବ ଦାସ ନାମକ ଜଣେ ବ୍ୟକ୍ତି ଗତ ଗୁରୁବାର ଦିନ ସ୍ଥାନୀୟ ସୋମନାଥ ହାଟକୁ ଯାଇଥିବା ବେଳେ ସେଠାରେ ରତିକାନ୍ତ ପାଢ଼ୀ ଓ ଯଦୁଆ ବାରିକଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିଲା। ଫଳରେ ଦୁଇଜଣ ମିଶି ବାସୁଦେବ ଦାସକୁ ଏକ ଠେଙ୍ଗା ସାହାଯ୍ୟରେ ପିଟି ପିଟି ମାରିଥିଲେ। ଏପରିକି ଘରେ ଥିବା ତାଙ୍କ ପତ୍ନୀଙ୍କୁ ମଧ ମାଡ ମରା ଯାଇଥିଲା। ଫଳରେ ଦୁହିଁଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ଡାକ୍ତର ବାସୁଦେବକୁ ମୃତ୍ୟୁ ଘୋଷଣା କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ମୃତଦେହକୁ ରଖି, ଜଗତସିଂହପୁର-ଅଡ଼ଶପୁର ରାସ୍ତା ଅବରୋଧ କରିବା ସହିତ ପୋଡାଜଳା କରିଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ ମଧ ସ୍ଥାନୀୟ ଲୋକେ ପୁଲିସ କଥାକୁ ଶୁଣି ନଥିଲେ। ଫଳରେ ବାଧ ହୋଇ ପୋଲିସ ଲୋକଙ୍କୁ ଘଉଡେଇବା ସହ ମୃଦୁ ଲାଠି ଚାଳନା କରିଥିଲା। ପୁଲିସ ଉପସ୍ଥିତିରେ ରାସ୍ତାରୁ ମୃତଦେହ ହଟାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

## ଦୁଇ ଛାତ୍ର ମଦ ପିଇ ରାସ୍ତାରେ ଗଡ଼ିଲେ

**ଫୁଲବାଣୀ,୨୪।୧ (ସଂଚାର ବ୍ୟୁରୋ):** ସରସ୍ୱତୀ ପୂଜାକୁ ନେଇ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀଙ୍କ ମଧରେ ଉତ୍ସାହ ରହିଥିଲା। ପୂଜା କରିବାକୁ ନୂଆ ପୋଷାକ ପିନ୍ଧି ଭୋଗ ଧରି ବିଦ୍ୟାଦାତ୍ରୀଙ୍କ ପାଖରେ ପହଞ୍ଚିଥିଲେ। ଅପରପକ୍ଷେ କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳରେ ଦେଖିବାକୁ ମିଳିଥିଲା ଭିନ୍ନ ଦୃଶ୍ୟ। ଶୁକ୍ରବାର ଦିନ ପ୍ରାୟ ସାଢ଼େ ୧୨ଟାରେ ଟିକାବାଲି ପୋଷ୍ଟ୍ ଅଫିସ୍ ନିକଟ ବିଏସ୍‌ଏନ୍‌ଏଲ୍ ଟାୱାର ତଳେ ଦୁଇ ନାବାଳକ ଛାତ୍ର ମଦ ପିଇ ନିଶାସକ୍ତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକ ଏହା ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ଦୁଇ ଛାତ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତରୀ ପରୀକ୍ଷା ପରେ ଉଭୟ ଛାତ୍ର ଅତ୍ୟଧିକ ମଦ ପିଇଥିବା ଜଣାପଡ଼ିଥିଲା।

ଦୁଇ ଛାତ୍ର ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ହଷ୍ଟେଲରେ ରହି ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅଜାଣତରେ ବାହାରକୁ ଆସି ମଦ ସେବନ କଲେ କେମିତି ବୋଲି ପ୍ରଶ୍ନ ଉଠିଛି। ସ୍କୁଲ ୟୁନିଫର୍ମ ପିନ୍ଧିଥିବା ନାବାଳକଙ୍କୁ ମଦ ବିକ୍ରି କଲା କିଏ ? ବିଦ୍ୟାଳୟ ପରିସରଠାରୁ ୧୦୦ ମିଟର ଭିତରେ ନିଶାଦ୍ରବ୍ୟ ବିକ୍ରି ନିଷେଧ ଥିବାବେଳେ ଏହି ପିଲାମାନଙ୍କ ପାଖକୁ ନିଶା ପହଞ୍ଚିଲା କେଉଁଠୁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଘଟଣାକୁ ନେଇ ଛାତ୍ର ଙ୍କ ପରିବାରକୁ ଅବଗତ କରାଯାଇଛି । ଏହାକୁ ନେଇ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲା ଶିକ୍ଷା ଅଧିକାରୀ । ଦୁଇ ଛାତ୍ର ଚିକିତ୍ସା ପରେ ଭଲ ରହିଥିବା କହିଛନ୍ତି ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର।

## ରାଜା ଯଯାତିକେଶରୀ ପାର୍କ ଅବହେଳିତ

◆ ଯାଜପୁରର ଗର୍ବ ଅବହେଳାରେ

◆ ଉନ୍ନତି ନାମରେ ଅର୍ଥ ସ୍ଥାନାନ୍ତର ନେଇ ପ୍ରଶ୍ନଚିହ୍ନ



**ଯାଜପୁର,୨୪।୧ (ସଂଚାର ବ୍ୟୁରୋ):** ଯାଜପୁରର ଐତିହ୍ୟ, ଗର୍ବ ଓ ଗୌରବର ପ୍ରତୀକ ରାଜା ଯଯାତି କେଶରୀଙ୍କ ନାମରେ ନିର୍ମାଣ ହେବାକୁ ଥିବା ପାର୍କ ଆଜି ଅବହେଳାର ଜୀବନ୍ତ ଦୃଷ୍ଟାନ୍ତ ପାଲଟିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଚିତ୍ରପୁର ପଞ୍ଚାୟତ ଅନ୍ତର୍ଗତ ଗୋଖନା ନିକଟସ୍ଥ ସଢ଼େଇ ପୋଖରୀକୁ ଅତ୍ୟାଧୁନିକ କରିବା ସହ ଚାରିପାଖରେ ପାର୍କ ନିର୍ମାଣ ଓ ସେଠାରେ ମହାରାଜା ଯଯାତି କେଶରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ପ୍ରକଳ୍ପ ଆରମ୍ଭ ହେବା ସମୟରେ ଏଠାରୁ ବେଆଇନ ଅବସ୍ଥାନକାରୀଙ୍କୁ ଉଚ୍ଛେଦ କରାଯାଇଥିଲା। ମହାରାଜା ଯଯାତି କେଶରୀ ସହ ବିଦ୍ୱାନ ପଣ୍ଡିତଙ୍କ ପ୍ରତିମୂର୍ତ୍ତି ମଧ ତିଆରି ହୋଇଥିଲା। କିନ୍ତୁ ଦୁଃଖର ବିଷୟ, ପ୍ରତିମୂର୍ତ୍ତି ନିର୍ମାଣ ପରେ ପ୍ରକଳ୍ପ ଆଗକୁ ବଢ଼ିନାହିଁ। ଇତିମଧରେ ୩ ବର୍ଷରୁ ଅଧିକ ସମୟ ବିତିଗଲେ ମଧ ପାର୍କ ନିର୍ମାଣ କାମ ବନ୍ଦ ରହିଛି। ପରିତ୍ୟକ୍ତ ଅବସ୍ଥାରେ ପ୍ରତିମୂର୍ତ୍ତିଗୁଡ଼ିକ ଖୋଲା ଆକାଶ ତଳେ ପଡ଼ି ରହିଥିବା ବେଳେ ଯାଜପୁରବାସୀଙ୍କ ଭାବନାକୁ ଆଘାତ ପହଞ୍ଚୁଛି।

ଅନ୍ୟପକ୍ଷରେ, ପ୍ରତିମୂର୍ତ୍ତି ନିର୍ମାଣ ଅର୍ଥକୁ ବାଦ ଦେଲେ ବାକି ରାଶିକୁ 'ଚତୁରତାର ସହିତ' ଏନସି କଲେଜକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ଉଠିଛି। ପ୍ରାୟ ୩ ବର୍ଷ ପୂର୍ବରୁ ଏହି ଅର୍ଥ ଏନସି କଲେଜକୁ ଯାଇଥିବା କୁହାଯାଉଛି। ଯୁକ୍ତି ଦିଆଯାଇଥିଲା ଯେ, ଏନସି କଲେଜର +୨ ଶାଖାକୁ ଅଲଗା କରି ଅନ୍ୟ ସ୍ଥାନରେ ସ୍ଥାପନ କରାଯିବ। ଏହି କ୍ରମରେ ବିରଜା ମନ୍ଦିର ନିକଟସ୍ଥ ଆଲିବାଗ ପଡ଼ିଆରେ +୨ କଲେଜ ନିର୍ମାଣ ହେଲା। କିନ୍ତୁ ବିଡ଼ମ୍ବନା ହେଲା- ଏହି କଲେଜ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏବେ ଏହା ଗୋଟିଏ 'ଭୂତ କୋଠି'ର ଆକାର ନେଇଛି। ଏଠାରେ ପ୍ରଶ୍ନ ଉଠୁଛି କେଉଁ ପରିସ୍ଥିତିରେ ପର୍ଯ୍ୟଟନ ବିଭାଗର ଅର୍ଥ ଶିକ୍ଷା ବିଭାଗକୁ ସ୍ଥାନାନ୍ତର ହେଲା, କାହା ନିର୍ଦ୍ଦେଶରେ +୨ କଲେଜ ନିର୍ମାଣ ହେଲା, ଏ ସମ୍ପର୍କରେ ଏନସି କଲେଜ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପାଖରେ ସ୍ପଷ୍ଟ ଉତ୍ତର ନଥିବା ଜଣାପଡ଼ିଛି।

ଗମନାଗମନ ସୁବିଧା ନଥିବା ସ୍ଥାନରେ କଲେଜ ନିର୍ମାଣ ପଛରେ ଉଦ୍ଦେଶ୍ୟ କ'ଣ ଏହାକୁ ନେଇ ସ୍ୱଚ୍ଛ ତଦନ୍ତ ଦାବି ଜୋର ଧରିଛି।



ଯୋରନ୍ଦା ମହିମା ଗାଦିର ଉଭୟ ବକଳ ଓ କଉପନି ଧାରୀ ସମ୍ପ୍ରଦାୟର ପ୍ରମୁଖ ସନ୍ୟାସୀମାନେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ମାଘ ମେଳାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି । ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ସମ୍ମତି ପ୍ରଦାନ କରିଛନ୍ତି। ଏହି ଅବସରରେ ମହିମା ଗାଦିର ବିକାଶ କାର୍ଯ୍ୟ ବିଷୟରେ ମଧ ସନ୍ୟାସୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲେଚନା କରିଥଲେ।

# ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳକୁଦ ଜରୁରୀ

- ବ୍ୟାଡମିଣ୍ଟନ ଖେଳିବା ସହ କ୍ରୀଡ଼ାବିତଙ୍କୁ ଉତ୍ସାହିତ କଲେ କେନ୍ଦ୍ରମନ୍ତ୍ରୀ
- ଏନ୍‌ଇପିରେ କ୍ରୀଡ଼ାକୁ ପାଠ୍ୟକ୍ରମର ଏକ ଅଂଶ ଭାବରେ ନିଆଯାଇଛି
- କଲେଜ ପରିସରରେ 'କର୍ମଚାରୀ ଆବାସ'ର ମଧ ଉଦଘାଟନ କଲେ

**କୁଲୁଣ୍ଡି/ସମ୍ବଲପୁର, ୨୪।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର କୁଲୁଣ୍ଡି ସ୍ଥିତ 'ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ' ପରିସରରେ ପ୍ରାୟ ୧୦ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଅତ୍ୟାଧୁନିକ 'ଇନଡୋର ଷ୍ଟାଡିୟମ' ଏବଂ 'କର୍ମଚାରୀ ଆବାସ'ର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଷ୍ଟାଡିୟମରେ ଫିତା କାଟି ଏହାର ଉଦଘାଟନ କରିଥିଲେ। ଉଦଘାଟନ ପରେ ଶ୍ରୀ ପ୍ରଧାନ ନିଜେ ଇନଡୋର ହଲରେ ବ୍ୟାଡମିଣ୍ଟନ ଖେଳିବା ସହ କ୍ରୀଡ଼ା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ସେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଖେଳିବ ଭାରତ ତ' ବଢ଼ିବ ଭାରତ' ସଂକଳ୍ପ ଅନୁଯାୟୀ କେବଳ ପାଠ ପଢ଼ିଲେ ହେବ ନାହିଁ, ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳକୁଦ ମଧ ଅପରିହାର୍ଯ୍ୟ। ନୂତନ 'ଜାତୀୟ ଶିକ୍ଷା ନୀତି'ରେ କ୍ରୀଡ଼ାକୁ ପାଠ୍ୟକ୍ରମର ଏକ ଅଂଶ ଭାବରେ ଗ୍ରହଣ କରାଯାଇଛି। ଆଜି ଲୋକାର୍ପିତ ଏହି ଇନଡୋର ଷ୍ଟାଡିୟମ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବ ଏବଂ ନୂତନ କର୍ମଚାରୀ ଆବାସ ଦ୍ୱାରା ଶିକ୍ଷାଦାନ କାର୍ଯ୍ୟ ଅଧିକ ସୁବ୍ୟବସ୍ଥିତ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ। ସମସ୍ତ ଅତିଥି କଲେଜ ପରିସରରେ ଆୟୋଜିତ ଏକ ପ୍ରଦର୍ଶନୀ ଭଲିବଲ୍ ମ୍ୟାଚ୍ ଉପଭୋଗ କରିବା ସହ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।



## ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା



**କାଶୀପୁର,୨୪।୧(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରାଙ୍କ ନିଖୋଜ ଘଟଣାର ପର୍ଦ୍ଦାଫାସ କରିଛି ଦୋରାଗୁଡ଼ା ପୁଲିସ। ଗୁଣି ସନ୍ଦେହରେ ବୃଦ୍ଧ ଗୋପାଳଙ୍କୁ ହତ୍ୟା କରାଯାଇଥିବା ଜଣା ଯାଇଛି। ଏନେଇ ପୁଲିସ ୬ ଜଣଙ୍କୁ ଗିରଫ କରିଛି । ସେଥିମଧ୍ୟରୁ ୫ଜଣଙ୍କୁ ଦୋରାଗୁ ଅଂଚଳରେ ଗିରଫ କରିଥିବା ବେଳେ ଜଣଙ୍କୁ ପୁରୀରୁ ଗିରଫ କରାଯାଇଥିବା ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି । ପୁରୀରୁ ଈଶ୍ୱର ଦୋରା ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିବା ପୁଲିସ ସୂଚନା ଦେଇଛି । ଗିରଫ ଅନ୍ୟ ୫ଜଣ ହେଲେ ଇନୋ ଦୋରା, ରାମାରାଓ ଦୋରା, ନାଚି ଦୋରା, ରାଜୁ ଦୋରା, ମୋହନରାଓ ଦୋରା । ନିଖୋଜ ନେଇ ପରିବାର ଲୋକେ ଚଳିତ ମାସ ନଅ ତାରିଖରେ ଦୋରା ଗୁଡ଼ା ଥାନାରେ ଏତଲା ଦେଇଥିଲେ। ଗତ ଗୁରୁବାର ନିଖୋଜ ଗୋପାଳଙ୍କ ହାତ ଗୋଡ଼ ବନ୍ଧା ଅବସ୍ଥାରେ ଥିବା ମୃତଦେହକୁ ଗାଁ ପାଖ ଏକ ନାଳରୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାଯାଇଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଇଉକାଲିପଟାସ କାଠ, ପ୍ଲାଷ୍ଟିକ ବ୍ୟାଗ ଓ ଦଉଡ଼ିକୁ ପୋଲିସ ଜବତ କରିଥିବା ଏସଡିପିଓ ସାହୁ ସୂଚନା ଦେଇଛନ୍ତି । ଡାକ୍ତରୀ ମାଇନା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କୋରାପୁଟରୁ ଦିଲ୍ଲୀ ଗଞ୍ଜେଇ ଚାଲାଣ:୧ ଗିରଫ



**କୋରାପୁଟ,୨୪।୧(ସଂଚାର ବ୍ୟୁରୋ):** କୋରାପୁଟରୁ ଦିଲ୍ଲୀକୁ ଗଞ୍ଜେଇ ଚାଲଣ କରୁଥିବା ଯୁବକଙ୍କୁ ରେଳବାଇ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦିଲ୍ଲୀର ପୁନିତ କୁମାର ନାମକ ଯୁବକ ଏକ ଟଲିବ୍ୟାଗରେ ଚାରିଟା ବଣ୍ଡଲ ଗଞ୍ଜେଇ ନେଇ ଟ୍ରେନ୍‌ରେ ଦିଲ୍ଲୀ ଯିବା ପାଇଁ କୋରାପୁଟ ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ରେଲୱେ ପୁଲିସ ସନ୍ଦେହରେ ବ୍ୟାଗ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ୨୧କେଜି ୫ ଶହ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ଗଞ୍ଜେଇକୁ ଜବତ କରିବା ସହିତ ଯୁବକଙ୍କୁ କୋର୍ଟ ଚାଲଣ କରିଛନ୍ତି।

## ୪୧ କେଜି ଗଞ୍ଜେଇ ଓ ସ୍କର୍ପିଓ ଜବତ୍; ୨ ଗିରଫ



**ଖୋର୍ଦ୍ଧା,୨୩।୧(ସଂଚାର ବ୍ୟୁରୋ):** ବୋଲଗଡ ପୁଲିସ ଏକ ସ୍କର୍ପିଓରୁ ୪୧କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ କନ୍ଧମାଳର ସୁକାନ୍ତ ବିନ୍ଧାଣି (୩୨) ଓ ଅଜିତ ଦିଗଲ (୩୨)। କନ୍ଧମାଳ ଆଡ଼ୁ ଏକ ସ୍କର୍ପିଓ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷସୂତ୍ରରୁ ପୁଲିସ ଖବର ପାଇଥିଲା। ଏସ.ଆଇ ଆଶାମାରିଆ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ୫୭ନଂ ଜାତୀୟ ରାଜପଥର ବରହମପୁରା ଛକ ଠାରେ ଗାଡି ଯାଂଚ କରିଥିଲେ। ଏହି ସମୟରେ ଓଡି.୦୨ବି.ଏନ-୭୭୭୨ ନଂ ବିଶିଷ୍ଟ ଏକ ସ୍କର୍ପିଓ ଗାଡି ଭିତରେ ଦୁଇଟି ଜରି ବସ୍ତାରେ ରହିଥିବା ୪୧କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା। ଏଥିସହିତ ଗଞ୍ଜେଇ ଚାଲାଣରେ ବ୍ୟବହୃତ ସ୍କର୍ପିଓ ଏବଂ ୨ଟି ମୋବାଇଲ ଫୋନକୁ ମଧ ପୁଲିସ ଜବତ କରିଛି।

# ତାରିଖ ଗଡ଼ାଇ ଚାଲିବା ଗ୍ରହଣୀୟ ନୁହେଁ: ହାଇକୋର୍ଟ

### ଉଷା ପାଢ଼ୀଙ୍କ ସମେତ ୫ ଜଣଙ୍କ ବିରୋଧରେ ବର୍ଷିଲେ



**କଟକ,୨୪।୧(ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟ ସରକାରୀ ଅଧିକାରୀଙ୍କ ଉପରେ କ୍ଷୁବ୍ଧ ହୋଇ ତାରିଖ ପରେ ତାରିଖ ମାଗିଚାଲିବା ଗ୍ରହଣୀୟ ନୁହେଁ ବୋଲି ଚେତାଇ ଦେଇଛନ୍ତି। ଜାନୁଆରୀ ୨୨ ତାରିଖ ମାମଲା ଶୁଣାଣି ପାଇଁ ଥିଲା। ସେହିଦିନ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଅଧିକାରୀମାନେ ଅଦାଲତଙ୍କଠାରୁ ପୁଣି ସମୟ ଲୋଡ଼ିଥିଲେ। ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ତାରିଖ ପରେ ତାରିଖ ମାଗିଚାଲିବା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେବା ସହ ଏହା ଅଦାଲତଙ୍କ ଆଦେଶର ଅବମାନନା ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ପୁଲିସ୍ କମିସନର ସଚିବ ଉଷା ପାଢ଼ୀ ଓ ଅନ୍ୟମାନଙ୍କୁ ଗିରଫ କରି ଆସନ୍ତା ୩୦ ତାରିଖ ସକାଳ ସାଢ଼େ ୧୦ଟାରେ ଅଦାଲତରେ ହାଜର କରାଇବେ। ଅବଶ୍ୟ ଧାର୍ଯ୍ୟ ସମୟ ମଧରେ ଯଦି ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇଥାଏ ତାହେଲେ ଉଷା ପାଢ଼ୀ ଓ ଅନ୍ୟ ଅଧିକାରୀମାନଙ୍କୁ ହାଜର କରାଇବା ଆବଶ୍ୟକ ନାହିଁ। ପିଲୋନା ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି ୨୦୨୫ ଡିସେମ୍ବର ୧୨ରେ ହେବାକୁ ଧାର୍ଯ୍ୟ ହୋଇଥିଲା। ପ୍ରତିପକ୍ଷ ଜବାବ ପାଇଁ ସମୟ ଲୋଡ଼ିଥିଲେ। ତେଣୁ ଅଦାଲତ ଜାନୁଆରୀ ୨୨ ତାରିଖକୁ ଧାର୍ଯ୍ୟ କରିଥିଲେ। କିନ୍ତୁ ୨୨ରେ ମଧ ପ୍ରତିପକ୍ଷ ସମୟ ଲୋଡିଥିଲେ। ହାଇକୋର୍ଟ ଆଦେଶରେ କହିଛନ୍ତି ଯେ, ଏହିସବୁ ମାମଲାର ସ୍ୱତନ୍ତ୍ର ଶୁଣାଣି ପାଇଁ ଏହି ସାମ୍ବିଧାନିକ କୋର୍ଟ ବସୁଛି। ଏହି କୋର୍ଟର କାର୍ଯ୍ୟ ନୁହେଁ ବାରମ୍ବାର ସମୟ ଗଡ଼ାଇଚାଲିବା। ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ଏହି ଅଦାଲତର କାର୍ଯ୍ୟ ବୋଲି ହାଇକୋର୍ଟ କହିଛନ୍ତି। ନଗର ଉନ୍ନୟନ ସଚିବ ଉଷା ପାଢ଼ୀ, ପୌର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ୍ ପ୍ଲାନିଂର ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଆଠଗଡ଼ ସ୍ୱତନ୍ତ୍ର ପ୍ଲାନିଂ ଅଥରିଟି ଡ. ପ୍ରଦୀପ କୁମାର ସାହାଙ୍କୁ ପୁଲିସ୍ କମିସନର୍ ହାଜର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟରେ ଶୀତଲହର ଜାରି

- ରାତି ତାପମାତ୍ରାରେ ପରିବର୍ତ୍ତନ ହେବନି
- ୩ ଦିନ ପର୍ଯ୍ୟନ୍ତ କୁହୁଡ଼ି କରିବ ରାଜ୍

**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଶୀତ ପ୍ରଭାବ ଜାରି ରହିଛି। ଆଗାମୀ ୪ ଦିନ ଯାଏଁ ରାତ୍ରି ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ପଶ୍ଚିମ ଓ ଉତ୍ତର ଓଡ଼ିଶାର ଅନେକ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୯ରୁ ୧୩ ଡିଗ୍ରୀ ସେଲସିୟସ୍ ମଧରେ ରହିବା ସହ ଫୁଲବାଣୀ, ରାଉରକେଲା ଓ ଝାରସୁଗୁଡ଼ା ଭଳି ଅଞ୍ଚଳରେ ଶୀତର ତୀବ୍ରତା ଅଧିକ ଅନୁଭବ ହେବାର ସମ୍ଭାବନା ରହିଛି। ସେପଟେ ଉପକୂଳ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା ୧୪ରୁ ୧୮ ଡିଗ୍ରୀ ସେଲସିୟସ୍ ମଧରେ ରହିବାର ସମ୍ଭାବନା ରହିଛି। ତେବେ ପରବର୍ତ୍ତୀ ୨ରୁ ୩ ଦିନ ମଧରେ ରାତ୍ରି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ। ସେହିପରି ଆଗାମୀ ୩ ଦିନ ଯାଏଁ ସକାଳ ସମୟରେ ରାଜ୍ୟର କିଛି ଜିଲ୍ଲାରେ ହାଲୁକାରୁ ମଧମ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି ଦେଖାଦେଇପାରେ। ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୦.୬ ଡିଗ୍ରୀ ଓ ସର୍ବନିମ୍ନ ୧୪.୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବା ବେଳେ ସକାଳ ବେଳେ ହାଲୁକା କୁହୁଡ଼ି ଦେଖାଦେଇଥିଲା।

## ଶ୍ରୀମନ୍ଦିରରେ ନାବାଳକକୁ ମାଡ଼

**ପୁରୀ ୨୪।୧(ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିର ବାହାର କାଠ ନିକଟରେ ନାବାଳକକୁ ପୁଲିସର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନାବାଳକ କାନରେ ଲାଗିଛି ଗଭୀର ଆଘାତ। ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ପୁରୀ ହସ୍ପିଟାଲରେ ତାଙ୍କୁ କରାଯାଇଛି ଭର୍ତ୍ତି। ଖବର ଅନୁଯାୟୀ, ନାବାଳକ ଜଣକ ଭଦ୍ରକ ଭଣ୍ଡାରୀପୋଖରୀ ଅଞ୍ଚଳର। ଶୁକ୍ରବାର ରାତିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପରିବାର ଲୋକଙ୍କ ସହିତ ପୁରୀ ଆସିଥିଲା ନାବାଳକ। ହେଲେ ନାବାଳକଙ୍କୁ ଶ୍ରୀମନ୍ଦିର ମଧରେ ମାଡ଼ ମାରିଥିବାର ଅଭିଯୋଗ ହୋଇଛି। ସିଟି ଡିଏସପି ଓ ସିଂହଦ୍ୱାରା ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଏହା ସହିତ ଶ୍ରୀମନ୍ଦିର ନାଟ ମଣ୍ଡପରେ ଲାଗିଥିବା ଫୁଟେଜକୁ ବି ଯାଞ୍ଚ କରୁଛି ପୁଲିସ । ତେବେ ନାବାଳକକୁ ପୁଲିସ କିମ୍ବା ଜେଟିପି, କିଏ ମାଡ଼ ମାରିଛନ୍ତି। ସେନେଇ ଜାରି ରହିଛି ତଦନ୍ତ।

- ପୁରୀ ପୁଲିସର 'ଅପରେସନ୍ ଚକ୍ର'

## ମଦ ବିକ୍ରିକରି ୮୪୬ ଗିରଫ

**ପୁରୀ, ୨୪।୧ (ସଂଚାର ବ୍ୟୁରୋ):** ପୁରୀ ପୁଲିସ ଦ୍ୱାରା ୨୦୨୫ ମସିହାରେ ଅପରେସନ୍ ଚକ୍ର ନାମରେ ଏକ ବ୍ୟାପକ ବିଶେଷ ଅଭିଯାନ ଚାଲୁ କରାଯାଇଥିଲା। ଏହି ଅଭିଯାନ ପୁରୀ ଏସପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଏକାଧିକ ସ୍ଥାନରେ ସମନ୍ୱିତ ଭାବରେ ପରିଚାଳିତ ହୋଇଥିଲା। ଏହି ଅଭିଯାନର ଲକ୍ଷ୍ୟ ଥିଲା ଅବୈଧ ମଦ ବ୍ୟବସାୟରେ ଜଡିତ ଅସାଧୁ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ପୁଲିସର ବିଭିନ୍ନ ଟିମ୍ ଦ୍ୱାରା ଏକାଧିକ ଗୁପ୍ତ ସୂଚନା ଆଧାରରେ ଅଚାନକ ଚଢ଼ଉ କରାଯାଇଥିଲା। ଅପରେସନ୍ ଚକ୍ର ଅଭିଯାନ ଅଧୀନରେ ପୁରୀ ପୁଲିସ ମୋଟ ମାମଲା ୮୫୩ ଟି ମାମଲା କରି ୮୪୬ ଜଣଙ୍କୁ ଗିରଫ କରିଛି। ସେଥିମଧ୍ୟରୁ ୬୩ ଜଣ ମହିଳା ଅଭିଯୁକ୍ତ ଅଛନ୍ତି। ବିଦେଶୀ ମଦ ୧୪୬୨ ଲିଟର, ଦେଶୀ ମଦ ୮୧୯୩ ଲିଟର, ଭାଙ୍ଗ ୮ କିଲୋ ୪୦୦ ଗ୍ରାମ, ତରଳ ଭାଙ୍ଗ ୬୫ ଲିଟର, ପୋଚ ୧୮୭୦ ଲିଟର, ନଗଦ ରାଶି ୬,୪୬, ୧୩୪ ଟଙ୍କା ଜବତ କରାଯାଇଛି। ଅବୈଧ ମଦ ଚାଲାଣ ଓ ବିକ୍ରୟ ଏକ ସୁଯୋଜିତ ଚକ୍ର ଦ୍ୱାରା ଚାଲିଥିଲା, ଯାହାକୁ ପୁଲିସ ଦ୍ୱାରା ଭାଙ୍ଗି ଦିଆଯାଇଛି।

## ଗଞ୍ଜାମରେ ବେଳାଭୂମି ସଫେଇ ପଦଯାତ୍ରା

- ପ୍ରଥମ ଥର ପାଇଁ ୬ ହଜାରରୁ ଅଧିକ ଲୋକ ସାମିଲ
- ଏକକାଳୀନ ୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ ହେଲା
- ପର୍ଯ୍ୟଟକଙ୍କ ପାଇଁ ଆଣିଦେବ ସୁଖଦ ଅନୁଭୂତି



**ଛତ୍ରପୁର,୨୪।୧(ସଂଚାର ବ୍ୟୁରୋ):** ବହୁପ୍ରତୀକ୍ଷିତ ଗୋପାଳପୁର ବେଳାଭୂମି ମହୋତ୍ସବ ପରିପ୍ରେକ୍ଷୀରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଗଞ୍ଜାମର ପ୍ରମୁଖ ବେଳାଭୂମି ଗୁଡ଼ିକୁ 'ବେଳାଭୂମି ମହୋତ୍ସବ ସଫେଇ ପଦଯାତ୍ରା' ମାଧମରେ ସଫା କରାଯାଇ 'ସ୍ୱଚ୍ଛ ବେଳାଭୂମି, ସୁନ୍ଦର ଓଡିଶା'ବାର୍ତ୍ତା ସମଗ୍ର ରାଜ୍ୟକୁ ଦିଆଯାଇଛି।

ଜନସାଧାରଣଙ୍କ ମଧରେ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା, ପର୍ଯ୍ୟଟକମାନଙ୍କୁ ଏକ ସୁଖଦ ଅନୁଭୂତି ଦେବା ଏବଂ ସର୍ବୋପରି ସାମୁଦ୍ରିକ ପରିସଂସ୍ଥାକୁ ସୁରକ୍ଷା ଦେବା ଲକ୍ଷ୍ୟରେ ଆଜି ଗଞ୍ଜାମ ଜିଲ୍ଲାର ୧୪ ଟି ସ୍ଥାନରେ ବେଳାଭୂମି ସଫେଇ ଅଭିଯାନ ସଫଳତାର ସହ ଆୟୋଜନ କରାଯାଇଛି। ସେହି ବେଳାଭୂମି ଗୁଡିକ ହେଲେ ଗୋଖରକୁଦା, ଗୋପାଳପୁର, ବଟେଶ୍ୱର, ପୋଡ଼ମପେଟା, ମାର୍କଣ୍ଡି, ହରିପୁର, ସୁନାପୁର, ପ୍ରୟାଗୀ, ଅଳେଶ୍ୱର, ନୋଳିଆ ଗାଁ, ଗରମପେଟା, ଧବଳେଶ୍ୱର-୧, ରାମାୟାପାଟନା, ଧବଳେଶ୍ୱର-୨, ପୋଡ଼ମପେଟା, ଡଙ୍କାଲପାଡୁ ଏବଂ ଗରମପେଟା।

ଏହି କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଡା. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟ୍ଟା, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ପୁଲିସ ଅଧିକାରୀଙ୍କ ଫାର୍ମ ହାଉସ୍‌ରୁ ଜବତ ହେଲା ୫୦୫୦ ବୋତଲ କଫ ସିରପ୍



**ବରଗଡ଼,୨୪।୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲାର ଗାଁଠୁ ସହର ସବୁଠି ଅବାଧରେ ଚାଲିଛି ନିଶା କାରବାର। ଚିରାଚରିତ ଢଙ୍ଗରେ ପୁଲିସ ଓ ଅବକାରୀ ବିଭାଗ ଧରପଗଡ଼ କରୁଛନ୍ତି। ଚୋରାମଦ, କଫ ସିରପ୍, ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ ଜବତ ହେଉଛି। କିନ୍ତୁ ନିଶାଦ୍ରବ୍ୟ କାରବାରର କିଙ୍ଗପିନ୍‌ଙ୍କ ପାଖକୁ ନା ପୁଲିସ ପହଞ୍ଚୁଛି, ନା ଅବକାରୀ ତାଙ୍କୁ ଗିରଫ କରିପାରୁଛି। ଅନ୍ୟପଟେ ଏଭଳି କାରବାର ପଛରେ କଫ ସିରପ୍ ମାଫିଆଙ୍କ ସହିତ ପୁଲିସ, ଅବକାରୀ ଲିଙ୍କ୍‌କୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଛି। ବୁଧବାର ବରଗଡ଼-କଟାପାଲି ରାସ୍ତାପାର୍ଶ୍ୱ ବାଞ୍ଜିବାହାଲି କେନାଲ ବ୍ରିଜ ଅନତି ଦୂରରେ ରହିଥିବା ଏକ ଘରୁ ସ୍ଥାନୀୟ ଟାଉନ ଥାନା ପୁଲିସ ୫୦୫୦ ବୋତଲ କଫ ସିରପ୍ ଜବତ ଘଟଣା ପରେ କଫ ସିରପ୍ ମାଫିଆ-ପୁଲିସ ଅଧିକାରୀଙ୍କ ସମ୍ପର୍କ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ପରେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଘଟଣା ପଦାକୁ ଆସିଛି।

ବରଗଡ଼ ଟାଉନ ଥାନା ପୁଲିସ ଯେଉଁ ଘରୁ ଏଭଳି ବିପୁଳ ପରିମାଣରେ କଫ ସିରପ୍ ଜବତ କରିଥିଲା, ତାହା ଜିଲା ବାହାରେ ପୁଲିସ ବିଭାଗର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଜଣେ ବରିଷ୍ଠ ଏବଂ ପୁଲିସ ଅଧିକାରୀଙ୍କ ଫାର୍ମ ହାଉସ୍ ବୋଲି ସୂଚନା ମିଳିଛି।

ଏହି ଘଟଣାରେ ପୁଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିବା ବେଳେ ୨ନାବାଳକଙ୍କୁ ଅଟକ ରଖିଥିଲା, ମାତ୍ର ଏତେ ପରିମାଣର କଫ ସିରପ୍ ଯେଉଁ ଫାର୍ମ ହାଉସ୍ ଘରେ ଗଚ୍ଛିତ ଥିଲା, ସେହି ଫାର୍ମ ହାଉସ୍ ମାଲିକଙ୍କ ନାମ ଜବତ କଫ ସିରପ୍ ମାମଲାରେ ମଧ ନାହିଁ। ଏହି କ୍ଷେତ୍ରରେ ସମ୍ପୃକ୍ତ ଫାର୍ମ ହାଉସ୍ ମାଲିକଙ୍କୁ ଅନୁକମ୍ପା ଓ ସୁରକ୍ଷା ବରଗଡ଼ ପୁଲିସର ଦକ୍ଷତାକୁ ପଦାରେ ପକାଇ ଦେଇଛି। ସମ୍ପୃକ୍ତ ଫାର୍ମ ହାଉସ୍ ମାଲିକ ଜଣେ ଏସ୍‌ଡିପିଓ ହୋଇଥିବାରୁ ତାଙ୍କ ପ୍ରତି ବରଗଡ଼ ପୁଲିସ ସେଭଳି ଅନୁକମ୍ପା ପ୍ରଦର୍ଶନ କରିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ପୁଲିସ ବିଭାଗର ଜଣେ ଏସ୍‌ଡିପିଓ ପାହ୍ୟାର ଅଧିକାରୀଙ୍କ ଫାର୍ମ ହାଉସ୍‌ରେ କଫ ସିରପ୍ କାରବାର ଚାଲିଥିବା ଘଟଣା ପଦାକୁ ଆସିବା ପରେ ଏହା ଜିଲାବାସୀଙ୍କ ମନକୁ ଆନ୍ଦୋଳିତ କରି ପକାଇଛି। ସମ୍ପୃକ୍ତ ଅଧିକାରୀ ଜିଲା ବାହାରେ କାର୍ଯ୍ୟ କରୁଥିଲେ ହେଁ ତାଙ୍କ ଫାର୍ମ ହାଉସରେ ଚାଲିଥିବା ଏଭଳି କଫ ସିରିପ୍ କାରବାର ପ୍ରତି କିଭଳି ଅଜ୍ଞ ଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବରଗଡ଼ ପୁଲିସ ପ୍ରଶାସନ ଏହି ଘଟଣାରେ ଯେଉଁମାନଙ୍କୁ ଗିରଫ କରିଛି, ସେମାନେ ଗଛର ଡାଳ, ପତ୍ର ସଦୃଶ। ପୁଲିସ ଚେରକୁ ଉପାଡୁ ଏବଂ ଯେଉଁ ଘରେ ଏଭଳି କାରବାର ଚାଲିଥିଲା, ସେହି ଘର ମାଲିକଙ୍କୁ ମଧ ଗିରଫ କରୁ।

## ବ୍ରାଉନସୁଗର ଜବତ, ୨ ଗିରଫ

**ବାରିପଦା, ୨୪।୧(ସଂଚାର ବ୍ୟୁରୋ):** ଆଜି ବାରିପଦା ଟାଉନ ଥାନା ପୁଲିସ ସ୍ଥାନୀୟ ଷ୍ଟେସନ ବଜାର ହାଟ ପଡିଆ ନିକଟରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୬.୯୨ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଦୁଇ ଜଣ ଅଭିଯୁକ୍ତ ହେଲେ ବାରିପଦା ଶୁନଗଡିଆ ଅଞ୍ଚଳର ସନୁ ମୁଖି ଏବଂ ତକତପୁର ଅଞ୍ଚଳର ପ୍ରଭାସ କୁମାର ପତି ଏହି ଦୁଇ ଅଭିଯୁକ୍ତ ବ୍ରାଉନସୁଗର ବିକ୍ରି କରୁଥିବା ପୁଲିସ ଖବର ପାଇଥିବା ବେଳେ ଆଜି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି । ଆଜି ସେମାନଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ।



# ଉଠୁନି ଧାନ, ଚାଷୀଙ୍କୁ ଘାରିଛି ମଣ୍ଡି ଯନ୍ତ୍ରଣା

- ଆସୁନାହାନ୍ତି କର୍ମଚାରୀ, ମିଲର୍ସଙ୍କ ଦେଖାନାହିଁ
- ଶୀତ କାକରରେ ଫସଲ ଜଗିଛି ଚାଷୀ
- ବୈପାରୀଗୁଡ଼ାରେ ମଣ୍ଡିରୁ ଉଠୁନି ଧାନ



**ଭୁବନେଶ୍ୱର, ୨୪।୧(ସଂଚାର ବ୍ୟୁରୋ):** ଚାଷୀଙ୍କ ମୁଣ୍ଡ ଗୋଲ ହେଲାଣି। ମୁଣ୍ଡବିନ୍ଧାର କାରଣ ପାଲଟିଛି ମଣ୍ଡି। ପଶ୍ଚିମରୁ ଦକ୍ଷିଣ ଯେଉଁଠି ଦେଖିବେ ମଣ୍ଡି ସମସ୍ୟା। କେଉଁଠି ଟୋକେନ୍, କେଉଁଠି ଟାର୍ଗେଟ୍, ଆଉ କେଉଁଠି ସବୁ ଥାଇ ଧାନ ଉଠୁନି। କୋରାପୁଟ ବୈପାରିଗୁଡ଼ା ବ୍ଲକରେ ଦୀର୍ଘ ୫ ଦିନ ଧରି ମଣ୍ଡିରୁ ଧାନ ଉଠୁନି। ଶୀତ କାକରରେ ଚାଷୀ ଫସଲକୁ ଜଗି ବସିଛି। ମିଲର୍ସ ଓ ଲ୍ୟାମ୍ପସ୍ କର୍ମଚାରୀ ଆସୁନଥିବାରୁ ଧାନ ଉଠିପାରୁ ନଥିବା ଅଭିଯୋଗ ଆସିଛି।

ଅନ୍ଧାର ଶୀତ କାକର ରାତି। ଗଦା ଗଦା ବସ୍ତା ଥୁଆ ହୋଇଛି। ଏ ବସ୍ତା ସବୁକୁ କିଛି ଲୋକ ଜଗି ବସିଛନ୍ତି। ଏମାନେ ହେଉଛନ୍ତି ଅସହାୟ ଚାଷୀ । ଯେଉଁ ଶୀତରେ ଘରୁ ବାହାରିବାକୁ ଭୟ ଲାଗୁଛି, ସେଥିରେ ଏମାନେ ଗାମୁଛା ଖଣ୍ଡେ ଘୋଡ଼ାଇ ହୋଇ ନିଜ ଅମଳକୁ ଜଗି ବସିଛନ୍ତି। ବୈପାରୀଗୁଡ଼ା ବ୍ଲକ ଦଶମନ୍ତପୁର ଧାନ ମଣ୍ଡିର ସ୍ଥିତି ଏମିତି।

ଜାନୁଆରି ୧ରୁ କିଛି ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିପାରିନି। ଆଉ କିଛି ଚାଷୀ ଗତ ସୋମବାର ଠାରୁ ମଣ୍ଡିରେ ଧାନ ଗଦା କରି ରଖିଛନ୍ତି। କିନ୍ତୁ ମିଲର୍ସଙ୍କ ଦେଖା ମିଳୁନି। ଆର୍‌ଏମ୍‌ସି କିମ୍ବା ଲ୍ୟାମ୍ପସ କର୍ମଚାରୀ ମଧ ମଣ୍ଡିକୁ ଆସୁନଥିବା ଅଭିଯୋଗ କରିଛନ୍ତି ଚାଷୀ। ମଣ୍ଡିରେ ୨ଶହ ଚାଷୀଙ୍କ ୯ ହଜାର କ୍ୱିଣ୍ଟାଲ୍ ଧାନ ପଡ଼ିରହିଛି। ଧାର ଉଧାର କରି ଚାଷ କରିଥିବା ଚାଷୀ ଏବେ ବିକ୍ରିକୁ ନେଇ ଚିନ୍ତାରେ ପଡ଼ିଛି। ତୁରନ୍ତ ମଣ୍ଡିରୁ ଧାନ ନଉଠିଲେ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି। ଖୁବଶୀଘ୍ର ସମସ୍ତ ଧାନ ଉଠିବ ବୋଲି କହିଛନ୍ତି ଲ୍ୟାମ୍ପସ କର୍ମଚାରୀ। ତୁରନ୍ତ ସରକାର ମଣ୍ଡି ସମସ୍ୟା ଦିଗରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆବଶ୍ୟକ।

## ୮୦ ବର୍ଷର ବୃଦ୍ଧାଙ୍କୁ ଜାଳିଦେଲେ



ସୁନ୍ଦରଗଡ଼ : ବର୍ବର, ଅମାନୁଷିକ, ଅଭାବନୀୟ ଘଟଣା । ୮୦ ବର୍ଷର ବୃଦ୍ଧାଙ୍କୁ ଜିଅନ୍ତା ଜାଳିଦେଲେ ଦୁର୍ବୃତ୍ତ। ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ରଙ୍ଗିଆଡ଼ିପା ଗାଁରେ ଘଟିଛି ଲୋମଟାଙ୍କୁରା କାଣ୍ଡ । ବୃଦ୍ଧା ଜଣକ ଦିନତମାମ ଘରୁ ନବାହାରିବାରୁ ସନ୍ଦେହରେ କବାଟ ଖୋଲିବା ପରେ ବୃଦ୍ଧାଙ୍କ ଦଗଧ ମୃତଦେହ ଠାବ ହୋଇଛି । ପ୍ରକାଶ, ବୃଦ୍ଧା ସୁମିତ୍ରା ବାଗ ଗତ ବୁଧବାର ଦିନ ପଞ୍ଚାୟତରୁ ୩୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ନେଇ ଘରକୁ ଫେରି ଥିଲେ । ବୁଧବାର ଠାରୁ ଗୁରୁବାର ରାତି ତମାମ କବାଟ ଖୋଲି ନଥିଲେ କି ଘରୁ ବାହାରି ନଥିଲେ । ଶୁକ୍ରବାର ବୃଦ୍ଧାଙ୍କ ଜଣେ ସମ୍ପର୍କୀୟ ନାତି ଆସି କବାଟ ବାଡେଇ ଥିଲେ । କିନ୍ତୁ ବୃଦ୍ଧା କବାଟ ଖୋଲି ନଥିଲେ,ନାତି ମନରେ ସନ୍ଦେହ ହେବାରୁ କବାଟ ଡାଡି ଘର ଭିତରକୁ ପଶି ଦେଖିଲା ବେଳକୁ ବୃଦ୍ଧାଙ୍କ ମୃତ ଦେହ ଖଟରେ ପଡ଼ିଥିଲା । ଏପରିକି ବୃଦ୍ଧାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା । ସେ ତୁରନ୍ତ ସ୍ଥାନୀୟ ଲୋକଙ୍କୁ କହିବା ପରେ ପଡୋଶୀ ବୃଦ୍ଧାଙ୍କ ଝାରସୁଗୁଡ଼ାରେ ରହୁଥିବା ଦୁଇ ପୁଅଙ୍କୁ ଖବର ଦେଇଥିଲେ । ଦୁଇ ପୁଅ ଆସି ହେମଗିରି ଥାନାରେ ଏତଲା ଦେବା ପରେ ପୋଲିସ ଓ ସାଇନ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାର ୭୦୦ ବିଲିୟନ ଡଲାର ପାର

ନୂଆଦିଲ୍ଲୀ ୨୪।୧: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶୁକ୍ରବାର ବୈଦେଶିକ ମୁଦ୍ରାଭଣ୍ଡାର ନେଇ ସାପ୍ତାହିକ ସୂଚନା ଜାରି କିରଛନ୍ତି। ଏଥିରେ ୧୬ ଜାନୁୟାରୀରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୧୪.୧୬ ବିଲିୟନ ଡଲାର ବଢ଼ି ୭୦୧.୩୬ ବିଲିୟନ ଡଲାର ପାର ହୋଇଯାଇଥିବା ସୂଚିତ କରାଯାଇଛି। ଏହା ପୂର୍ବ ସପ୍ତାହରେ ମୋଟ ମୁଦ୍ରାଭଣ୍ଡାର ୩୯.୨ କୋଟି ଡଲାର ବଢ଼ି ୬୮୭.୧୯ ବିଲିୟନ ଡଲାର ଥିଲା। ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାର ସେପ୍ଟେମ୍ବର ୨୦୨୪ରେ ୭୦୪.୮୯ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚତମ ସ୍ତରକୁ ଛୁଇଁଥିଲା।




କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ଅନୁସାରେ ୧୬ ଜାନୁୟାରୀ ସପ୍ତାହନ୍ତ କାଳରେ ବିଦେଶୀ ମୁଦ୍ରା ଆସେଟ୍ ୯.୬୫ ବିଲିୟନ ଡଲାର ବଢ଼ି ୫୬୦.୧ ବିଲିୟନ ଡଲାର ହୋଇଯାଇଛି। ଡଲାର ରୂପେ ବ୍ୟକ୍ତ କରାଯାଉଥିବା ବିଦେଶୀ ମୁଦ୍ରା ଆସେଟ୍ ରେ ବୈଦେଶିକ ମୁଦ୍ରାଭଣ୍ଡାରରେ ଥିବା ୟୁରୋ, ପାଉଣ୍ଡ ଓ ୟେନ ଭଳି ଅଣ ଆମେରିକୀୟ ମୁଦ୍ରା ମାନଙ୍କର ମୂଲ୍ୟ ବୃଦ୍ଧି ଓ ମୂଲ୍ୟ ହ୍ରାସ ମଧ୍ୟ ସାମିଲ। ଆରବିଆଇ କହିଛନ୍ତି ଯେ ସମୀକ୍ଷାଧୀନ ସପ୍ତାହରେ ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ୪.୬୨ ବିଲିୟନ ଡଲାର ବଢ଼ି ୧୧୭.୪୫ ବିଲିୟନ ଡଲାର ହୋଇଯାଇଛି।

ଶୀର୍ଷ ବ୍ୟାଙ୍କ କହିଛନ୍ତି ଯେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଯୋଗୁ ବିଶେଷ ଆହରଣ ଅଧିକାର (ଏସଡିଆର) ୩.୫ କୋଟି ଡଲାର ହ୍ରାସ ହୋଇ ୧୮.୭୦ ବିଲିୟନ ଡଲାର ହୋଇଯାଇଛି। ଶୀର୍ଷ ବ୍ୟାଙ୍କର ତଥ୍ୟ ଅନୁସାରେ ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ରେ ଭାରତର ଆରକ୍ଷିତ ସ୍ଥିତି ୭.୩ କୋଟି ଡଲାର ହ୍ରାସ ହୋଇ ୪.୬୮ ବିଲିୟନ ଡଲାର ହୋଇଯାଇଛି। ବଜାର ଏବେ ଖୁବ୍ ତଳ ଉପର ହେଉଛି। ଏଣୁ ମୁଦ୍ରାଭଣ୍ଡାର ଉପରେ ଚାପ ପଡୁଛି। ଖସ କରି ସେତେବେଳେ ଯେତେବେଳେ ଟଙ୍କା ର ମୂଲ୍ୟ ହ୍ରାସ ହେଉଛି। ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ମୁଦ୍ରାଭଣ୍ଡାରକୁ ଉପଯୋଗ କରାଯାଉଛି।



## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।

# ପ୍ରତ୍ୟକ୍ଷ ପୁଞ୍ଜିନିବେଶ ପରିମାଣ ହ୍ରାସ

ନୂଆଦିଲ୍ଲୀ, ୨୪।୧: ଭାରତକୁ ବିଭିନ୍ନ ଦେଶରୁ ଆସୁଥିବା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ପରିମାଣ ନଭେମ୍ବରରେ ହ୍ରାସ ପାଇଛି। ଫଳରେ କ୍ରମାଗତ ୪ ମାସ ହେଲା ଏଫ୍‌ଡିଆଇ ହ୍ରାସ ପାଇବାରେ ରହିଛି। ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କରେ ଥିବା ସାଂପ୍ରତିକ ସମସ୍ୟା ଓ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଦେଶକୁ ବାହାର ରାଷ୍ଟ୍ରରୁ ଆସୁଥିବା ପ୍ରତ୍ୟକ୍ଷ ପୁଞ୍ଜିନିବେଶ ପରିମାଣ ହ୍ରାସ ପାଇଛି। ଏହାଛଡ଼ା ବିଭିନ୍ନ ବିଦେଶୀ କଂପାନିଙ୍କ ପୁଞ୍ଜି ପ୍ରତ୍ୟାହାର ଯୋଜନା ଯୋଗୁ ମଧ୍ୟ ଭାରତକୁ ଆସୁଥିବା ଏଫଡିଆଇ ପ୍ରଭାବିତ ହୋଇଛି। ସେପ୍ଟେମ୍ବରରେ ମାସରେ ଅନ୍ୟ ଦେଶର ପୁଞ୍ଜିନିବେଶକାରୀଙ୍କ ମାଧ୍ୟମରେ ଭାରତକୁ ଆସିଥିଲା ୭୦୦ କୋଟି ଡଲାରର ନିଟ୍ ବିଦେଶୀ ପୁଞ୍ଜିନିବେଶ। ତେବେ ଏହି ପୁଞ୍ଜିନିବେଶ ପରିମାଣ ଅକ୍‌ଟୋବର ମାସରେ ୬୫୦ କୋଟି ଡଲାରକୁ ହ୍ରାସ ପାଇଥିଲା। ନଭେମ୍ବରରେ ମଧ୍ୟ ହ୍ରାସର ଧାରା ଜାରି ରହିଥିଲା। ୨୦୨୫ ନଭେମ୍ବରରେ ଦେଶକୁ ମୋଟ




୬୪୦ କୋଟି ଡଲାର ମୂଲ୍ୟର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବା ଏଫ୍‌ଡିଆଇ ଆସିଛି। ଅନ୍ୟପକ୍ଷରେ ୨୦୨୪ ନଭେମ୍ବରରେ ଦେଶକୁ ଆସିଥିବା ପୁଞ୍ଜିନିବେଶ ପରିମାଣ ଠାରୁ ଏହା ୨୭.୫ ପ୍ରତିଶତ କମ୍ ବୋଲି ନିକଟରେ ପ୍ରକାଶିତ ଭାରତୀୟ ରିଜର୍ଭ

### ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ

ବ୍ୟାଙ୍କ ବୁଲେଟିନ୍‌ରୁ ଜଣାପଡ଼ିଛି। ଜଣାପଡ଼ିଛି। ସୂଚନାଯୋଗ୍ୟ ଭାରତକୁ ଆର୍ଥିକ ସେବା କ୍ଷେତ୍ରରେ ସର୍ବାଧିକ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ଆସିଥାଏ। ଏହା ପଛକୁ ଉତ୍ପାଦନ ଓ ରିଟେଲ ବ୍ୟବସାୟରେ ବିଦେଶୀ କଂପାନିଗୁଡ଼ିକ ଭାରତରେ ସିଧାସଳଖ ପୁଞ୍ଜିନିବେଶ କରିଥାନ୍ତି। ସୂଚନାଯୋଗ୍ୟ, ଭାରତକୁ ଆସୁଥିବା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ମଧ୍ୟରେ ଜାପାନ, ସିଙ୍ଗାପୁର ଓ ଆମେରିକୀୟ ସଂସ୍ଥାଗୁଡ଼ିକ ଦ୍ୱାରା ୭୫ ପ୍ରତିଶତ ପୁଞ୍ଜିନିବେଶ ହୋଇଥାଏ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ଭାରତ ଉପରେ ୨୫% ଶୁଳ୍କ ହ୍ରାସ କରିପାରେ ଆମେରିକା

ୱାଶିଂଟନ ଡିସି, ୨୪।୧: ବଦଳିଲା ଟ୍ରମ୍ପଙ୍କ ମିଜାଜ। ଭାରତ ଉପରେ ଶୁଳ୍କ ହ୍ରାସ କରିବେ ଟ୍ରମ୍ପ ସରକାର। ଆମେରିକା ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଶୁଳ୍କ ହ୍ରାସ ନେଇ ସବୁଜ ସଂକେତ ଦେଇଛି। ଋଷ ଠାରୁ ତେଲ କିଣିବା ଅଭିଯୋଗ କରି ଆମେରିକା ଭାରତ ଉପରେ ୨୫ ପ୍ରତିଶତ ଜାବାବୀ ଶୁଳ୍କ ସମେତ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା। ଏସୀୟ ଦେଶମାନଙ୍କ ଠାରୁ ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲା ଆମେରିକା। ବର୍ତ୍ତମାନ ଟ୍ରମ୍ପ ସରକାର ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଇବାକୁ ବିଚାର କରୁଛନ୍ତି ବୋଲି ବେସେଣ୍ଟ କହିଛନ୍ତି। ତେବେ ଭାରତ ଋଷ ଠାରେ ତେଲ କିଣିବା କମାଇ ଦେଇଥିବାରୁ ଟ୍ରମ୍ପ ସରକାର ସୁଳ୍କ ହ୍ରାସ କରିବାକୁ ବିଚାର କରୁଛନ୍ତି ବୋଲି ବେସେଣ୍ଟ କହିଛନ୍ତି।

ଆମେରିକୀୟ ପତ୍ରିକା ପଲିଟିକୋକୁ ସାକ୍ଷାତକାର ଦେଇ ବେସେଣ୍ଟ କହିଛନ୍ତି ଯେ ଭାରତ ରୁଷୀୟ ତୈଳ ଆମଦାନୀ ହ୍ରାସ କରିଛି। ତେଣୁ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ କମ କରିବାକୁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ସେ କହିଛନ୍ତି “ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ଆମର ଏକ ବଡ଼ ସଫଳତା। ଭରତର ଋଷ ତୈଳ ଆମଦାନୀ ଢାଞ୍ଚା ଧ୍ୱଂଶ ହୋଇଯାଇଛି। ତେବେ ବି ଟାରିଫ ଜାରି ରହିଛି। ତେଣୁ ମୋତେ ଲାଗୁଛି, ଏବେ ଶୁଳ୍କ ପ୍ରତ୍ୟାହାର କରିବାକୁ ବାଟ ଖୋଲିଛି।” ଇଣ୍ଟରଭ୍ୟୁରେ ଭାରତ ବିଷୟରେ ବିଷୋଦ୍ଗାର କରିଛନ୍ତି ବେସେଣ୍ଟ। ୟୁରୋପ ଭାରତ ବିରୁଦ୍ଧରେ ଶୁଳ୍କ ଲଗାଇବାକୁ ଚାହୁଁ ନାହିଁ। କାରଣ ସେ ଭାରତ ସହିତ ବଡ଼ ଟ୍ରେଡ୍ ଡିଲ୍ କରିବାକୁ ଚାହୁଁଛି। ଭାରତ ଠାରୁ




ରିଫାଇଣ୍ଡ ଏନର୍ଜି ପ୍ରଡକ୍ଟ କିଣିବା ୟୁରୋପର ବୋକାମି ବୋଲି ବେସେଣ୍ଟ କହିଛି।

ଗତ ସପ୍ତାହରେ ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ ଅବସରରେ ବେସେଣ୍ଟ ଫକ୍ସ ନ୍ୟୁଜ ସହ ଆଲୋଚନା କଲା ବେଳେ କହିଥିଲେ ଯେ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଭାରତ, ରୁଷୀୟ ତୈଳ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ୟୁକ୍ରେନ ସହ ବିବାଦ ଆରମ୍ଭ ହେବା ପରେ ଭାରତ ଋଷ ଠାରୁ ତୈଳ ଆମଦାନୀ ଆରମ୍ଭ କରିଥିଲା। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ଉପରେ ୨୫% ଶୁଳ୍କ ଲଗାଇଥିଲେ। ଏହାପରେ ଭାରତ ଗିୟର ବଦଳାଇ ଋଷ ଠାରୁ ତୈଳ ଆମଦାନୀ ବନ୍ଦ କରିଦେଇଛି। ନିକଟରେ ଆମେରିକୀୟ ଉଦ୍ୟୋଗୀ ଚମାଥ ପାଲିହାପିଟିଆଙ୍କ ଅଲ୍-ଇନ୍ ପଡକାଷ୍ଟରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଥିଲେ ମୋଦୀ ଟ୍ରମ୍ପଙ୍କୁ ଫୋନ କଲେ ନାହିଁ ବୋଲି ଭାରତ ଉପରେ ଶୁଳ୍କ ଲାଗିଥିଲା। ଲୁଟନକି କହିଥିଲେ ସବୁକିଛି ଠିକ୍ ଥିଲା। ହେଲେ ମୋଦୀ ଟ୍ରମ୍ପଙ୍କୁ ଗୋଟେ ଫୋନ କଲେ ନାହିଁ କି ତାଙ୍କ କଥାରେ ରାଜି ହେଲେ ନାହିଁ। ତେଣୁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗା ଗଲା। ଏହି ସ୍ୱୀକାରୋକ୍ତି ପରେ ଟ୍ରେଡ୍ ଡିଲ୍ ନ ହେବା ପଛରେ ଟ୍ରମ୍ପଙ୍କର ଅହଂକାର ଲୁଚି ରହିଥିବା ଜଣାପଡ଼ିଥିଲା। ଆଉ ଏବେ ଆମେରିକା ବାଣିଜ୍ୟମନ୍ତ୍ରୀଙ୍କ ଶୁଳ୍କ କମାଇବା ନେଇ ବୟାନ କିଛି ଅଲଗା ବୟାନ କରୁଛି। ମିଡିଆ ରିପୋର୍ଟ ଅନୁସାରେ ଭାରତ ଯଦିଓ ଋଷ ଠାରୁ ତେଲ କିଣିବା କମାଇ ଦେଇଛି, ହେଲେ ସମ୍ପୂର୍ଣ୍ଣ ବନ୍ଦ କରି ନାହିଁ। ତେବେ ଇୟୁ ସହିତ ଭାରତର ଟ୍ରେଡ୍ ଡିଲ ଓ ସହ ଆମେରିକା ଏକଘରକିଆ ପଡ଼ିଯିବା, ଭାରତ ବିରୁଦ୍ଧରେ ଶୁଳ୍କ ହ୍ରାସ କରିବା ପାଇଁ ଟ୍ରମ୍ପ ସରକାରଙ୍କ ଉପରେ ଚାପ ପକାଇଥାଇ ପାରେ ବୋଲି ଏକ୍ସପର୍ଟମାନେ କହୁଛନ୍ତି।

## ୮ମ ବେତନ କମିଶନ

# ଫେବୃଆରୀ ୨୫ରେ ବୈଠକ ପରେ ନିଷ୍ପତ୍ତି

ନୂଆଦିଲ୍ଲୀ,୨୪।୧:ଲକ୍ଷ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀ ବର୍ତ୍ତମାନ ଗୋଟିଏ ଖବର ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି, ତାହା ହେଉଛି ୮ମ ବେତନ କମିଶନ। ନଭେମ୍ବରରେ ଏହାର ଗଠନର ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ସରକାରୀ ବିଭାଗଗୁଡ଼ିକରେ ହଇଚଇ ସୃଷ୍ଟି ହୋଇଛି। କମିଶନକୁ ଏହାର ରିପୋର୍ଟ ଦାଖଲ କରିବା ପାଇଁ ୧୮ ମାସ ସମୟ ଦିଆଯାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ନୂଆ ବେତନ କମିଶନ ୨୦୨୭ ଶେଷ କିମ୍ବା ୨୦୨୮ ପ୍ରାରମ୍ଭରେ କାର୍ଯ୍ୟକାରୀ ହୋଇପାରେ। କିନ୍ତୁ ସମସ୍ତଙ୍କ ମଧ୍ୟରେ ସବୁଠାରୁ ବଡ଼ ବିତର୍କ ହେଉଛି "ଫିଟମେଣ୍ଟ ଫ୍ୟାକ୍ଟର"। ଏହା ହେଉଛି ସେହି ସଂଖ୍ୟା ଯାହା ମାସ ଶେଷରେ ଆପଣଙ୍କ ଆକାଉଣ୍ଟରେ କେତେ ଟଙ୍କା ଜମା ହେବ ତାହା ନିର୍ଣ୍ଣୟ କରେ। ସମ୍ପ୍ରତି, ଫେଡେରେସନ ଅଫ୍ ନ୍ୟାସନାଲ୍ ପୋଷ୍ଟାଲ୍ ଅର୍ଗାନାଇଜେସନ୍ସ (ଏଫଏନପିଓ) ସରକାରଙ୍କୁ ଏକ ପ୍ରମୁଖ ପ୍ରସ୍ତାବ ଦେଇଛି, ଯାହା ଏହି ବିତର୍କକୁ ଆହୁରି ତ୍ୱରାନ୍ୱିତ କରିଛି। ସମସ୍ତଙ୍କ ନଜର ଏବେ ଫେବୃଆରୀ ୨୫ ଉପରେ ରହିଛି। ଏଫଏନପିଓ ସଦସ୍ୟ ଶିବାଜୀ ଭାସିରେଡ୍ଡିଙ୍କ ଅନୁଯାୟୀ, ସେହି ଦିନ ଜାତୀୟ




ପରିଷଦ ଯୁଗ୍ମ ମନିଟରିଂ କମିଟି (ଏନସିଜେଏମସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକର ଉଦ୍ଦେଶ୍ୟ ହେଉଛି ସମସ୍ତ କର୍ମଚାରୀଙ୍କ ଦାବିକୁ ଏକାଠି କରିବା ଏବଂ ଏକ ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ କରିବା। ବୈଠକ ପରେ, ଖସଡ଼ାକୁ ୮ମ ବେତନ କମିଶନର ଅଧ୍ୟକ୍ଷା ରଞ୍ଜନା ପ୍ରକାଶ ଦେଶାଇଙ୍କ ନିକଟକୁ ପଠାଯିବ। ଏହି ବୈଠକ ମୁଖ୍ୟତଃ କର୍ମଚାରୀଙ୍କ ଦାବିଗୁଡ଼ିକୁ କମିଶନଙ୍କ ନିକଟରେ କେତେ ପରିମାଣରେ ଉପସ୍ଥାପନ କରାଯିବ ତାହା ନିର୍ଣ୍ଣୟ କରିବ। ଯଦି ଫିଟମେଣ୍ଟ ଫ୍ୟାକ୍ଟର ୨ କିମ୍ବା ୩ ହୁଏ, ତେବେ ଜଣେ ପିଅନଙ୍କଠାରୁ ବରିଷ୍ଠ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦରମାରେ କ'ଣ ପରିବର୍ତ୍ତନ ଆସିବ ଆାସନ୍ତୁ ବୁଝିବା। ସରକାରୀ କର୍ମଚାରୀଙ୍କ ଦରମା ନିର୍ଣ୍ଣୟ କରିବାରେ ଫିଟମେଣ୍ଟ ଫ୍ୟାକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଏମିତି ଏକ ଗୁଣନ ଯାହା ଆପଣଙ୍କ ମୂଳ ଦରମା ବା ବେସିକ ସାଲାରୀକୁ ମଲଡିପ୍ଲାଏ କରେ। ସପ୍ତମ ବେତନ କମିଶନ ସମୟରେ, ଏହି ଫ୍ୟାକ୍ଟର ୨.୫୭ ଥିଲା, ଯାହା ମୂଳ ଦରମା ବା ବେସିକ୍ ସାଲାରି ୭,୪୪୦ ରୁ ୧୮,୦୦୦ କୁ ବୃଦ୍ଧି କରିଥିଲା। ବର୍ତ୍ତମାନ, ଜାତୀୟ ପରିଷଦକୁ ଏକ ଚିଠି ଲେଖି, ଡାକ କର୍ମଚାରୀ ସଂଘ, ଏଫଏନପିଓ, ଦାବି କରିଛି ଯେ ଗ୍ରୁପ ଏ, ବି, ସି ଏବଂ ଡି ରେ କର୍ମଚାରୀମାନଙ୍କ ପାଇଁ ଫିଟମେଣ୍ଟ ଫ୍ୟାକ୍ଟର ୩ ରୁ ୩.୫ ମଧ୍ୟରେ ସ୍ଥିର କରାଯାଉ। ସେମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଏକ ସମ୍ମାନଜନକ ଦରମା ବୃଦ୍ଧିର ଆବଶ୍ୟକତା ରହିଛି। ତଥାପି, ଏହା ମଧ୍ୟ ଆଲୋଚନା ହେଉଛି ଯେ ସରକାର ଏହାକୁ ୨ ରେ ସୀମିତ ରଖିପାରନ୍ତି। ଏହି ଦୁଇଟି ପରିସ୍ଥିତି ମଧ୍ୟରେ ଏକ ଆକାଶ-ପାତାଳ ପାର୍ଥକ୍ୟ ଅଛି। ଧରାଯାଉ ସରକାର ଟିକେ କଠୋର ଆଭିମୁଖ୍ୟ ଗ୍ରହଣ କରି ଫିଟମେଣ୍ଟ ଫ୍ୟାକ୍ଟରକୁ ୨ ରେ ସ୍ଥିର ରଖୁଛନ୍ତି। ନେକ୍ସଡିଜିମ୍ ସଲ୍ୟୁସନ୍ସର ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ମୌଳିକ ଦରମା ବା ବେସିକ ସାଲାରି ଉପରେ ସିଧାସଳଖ ପ୍ରଭାବ ପକାଇବ। ଲେବଲ-୧ କର୍ମଚାରୀ (ଯେପରିକି ପିଅନ କିମ୍ବା ପ୍ରବେଶ-ସ୍ତରୀୟ କର୍ମଚାରୀ), ଯାହାଙ୍କ ବର୍ତ୍ତମାନର ଆନୁମାନିକ ମୌଳିକ ଦରମା ୧୮,୦୦୦ ରହିଛି, ସେମାନଙ୍କ କ୍ଷେତ୍ରରେ ଫ୍ୟାକ୍ଟର ୨ ଲାଗୁ ହେଲେ, ତାଙ୍କ ନୂତନ ମୌଳିକ ଦରମା ୧୮,୦୦୦ ରୁ ସିଧାସଳଖ ୩୬,୦୦୦କୁ ବୃଦ୍ଧି କରିବ।

# କଳାହାଣ୍ଡି ବାଲି ଛତିଶଗଡ଼କୁ ବେଆଇନ ଚାଲାଣ

- ପ୍ରଶାସନ ବାଲି ଗାଡି ଧରି ଛାଡି ଦେଉଛି
- ପ୍ରଶାସନ ନିରବଦ୍ରଷ୍ଟା: ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଳାହାଣ୍ଡି,୨୪।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ବେଆଇନ ବାଲିଚାଲାଣ ଚାଲିଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। କଳାହାଣ୍ଡିରୁ ଛତିଶଗଡ଼ ଆନ୍ଧ୍ରପ୍ରଦେଶକୁ ବାଲିଚାଲାଣ ହେଉଥିବା ବେଳେ ଏନେଇ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୧୦୪ ଟି ବାଲିଘାଟ ଥିବା ବେଳେ ବିଭିନ୍ନ ବାଲିଘାଟରେ କାଗଜପତ୍ର ନଥିବା ବେଳେ ଆନୁଷଙ୍ଗିକ ଅନୁମତି ନଥାଇ ମଧ ବେଧଡ଼କ ବାଲି ଉଠାଣ ଚାଲିଛି। ଧର୍ମଗଡ଼ ବ୍ଲକ୍‌ର ଛତିଶଗଡ଼ ସୀମାନ୍ତରେ ଥିବା ତେଲନଦୀରୁ ପ୍ରତିଦିନ ଶହ ଶହ ଟ୍ରିପ୍ ହାଇୱାରେ ବେଆଇନ ବାଲି ଉଠାଣ ହୋଇ ଛତିଶଗଡ଼ ଚାଲାଣ ହେଉଛି। ରାଜନେତାମାନଙ୍କ ଛତ୍ରଛାୟା ତଳେ ବାଲି ଲୁଟ୍ ହେଉଥିବା ଯୋଗୁଁ ଖଣି ବିଭାଗ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ପାଇଁ ନିରବଦ୍ରଷ୍ଟା ସାଜୁଛନ୍ତି। ଜିଲ୍ଲାର ଭବାନୀପାଟଣା ସଦର ତୁର୍କେଲ ବ୍ରିଜ ଅଞ୍ଚଳରେ ବ୍ୟାପକ ବାଲି ଉଠାଣ ଯୋଗୁଁ ବର୍ତ୍ତମାନ ପୋଲଟି ଦବିଯାଇଛି। ଏଥିଯୋଗୁଁ ପ୍ରାୟ ୪ ମାସ ଧରି ଯାତାୟାତ ଠପ୍ ହୋଇପଡ଼ିଛି। ଜିଲ୍ଲାର ହାତୀନଦୀ, ତେଲନଦୀ, ଉଦନ୍ତୀ, ସାନ୍ଦୁଲ, ଶଗଡ଼ା ନଦୀ ପ୍ରଭୃତି ଅଞ୍ଚଳରୁ ବାଲି ଉଠାଣ



ହୋଇଛି। ଗୋଟିଏ ଟିପିରେ ଶହ ଶହ ଟ୍ରିପ୍ ହାଇୱା ବୋଝେଇ ବାଲି ରାୟଗଡ଼ା ଦେଇ ଆନ୍ଧ୍ରପ୍ରଦେଶର ବିଜୟନଗରମ ଅଞ୍ଚଳକୁ ଚାଲାଣ ହେଉଛି। କେସିଙ୍ଗା ବ୍ଲକର ଅମାଠ, ଜୋଲକୋ, ଜୁନାଗଡ଼ ବ୍ଲକର ଦାସିଗାଁ, ମିଚାଶୋଲା, ପାଣିଗାଁ, ବୋଦେଲ, ବଲଦିଆମାଲ, କଳମପୁର ବ୍ଲକ୍‌ର ବିରିପୁର, ମାଟିଖାଲ, ବଙ୍କାପଲା ସମେତ ବିଭିନ୍ନ ଅଞ୍ଚଳରୁ ବାଲି ଲୁଟ୍ ହେଉଛି। କିଛି ମାଫିଆ କମ୍ ପରିମିତ ଅଞ୍ଚଳ ଲିଜ୍ ନେଇ ଖୋଲାଖୋଲି ଭାବେ ବହୁ ଅଧିକ ଅଞ୍ଚଳରୁ ବାଲି ଉଠାଣ କରି ରାଜସ୍ୱ ଫାଙ୍କୁଛନ୍ତି। ସମସ୍ତ ବାଲିଘାଟର ଭିଡିଓଗ୍ରାଫି ଓ ଜିପିଏସ୍ ବ୍ୟବସ୍ଥା କରାଗଲେ ବାଲି ମାଫିଆଙ୍କ ରହସ୍ୟ ଉନ୍ମୋଚିତ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛିନ୍ତୁ ଏନେଇ ଖଣି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କିଛି ପ୍ରତିକ୍ରିୟା ମିଳିପାରି ନାହିଁ।ଛତିଶଗଡ଼ ବାଲି ମାଫିଆଙ୍କ ଇଙ୍ଗିତରେ କଳାହାଣ୍ଡି ଜିଲ୍ଲା ର ବିଭିନ୍ନ ନଦୀ ଘାଟରୁ ପ୍ରତେକ ଶହ ଶହ ଗାଡ଼ିରେ ବେଆଇନ ବାଲି ଚାଲାଣ ହେବା ସହ ପଡୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଥିବା ଜଣା ପଡ଼ିବା ପରେ ମଧ ଆଖି ବୁଜିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।ବାଲି ମାଫିଆ ଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବ୍ରାଉନସୁଗର ଜବତ ଜଣେ ଗିରଫ



**କଳିଙ୍ଗନଗର,୨୪।୧(ସଂଚାର ବ୍ୟୁରୋ):** ଆଜି ସକାଳୁ ଦାନଗଦୀ ମିଲିଟାରୀ ଛକ ନିକଟରୁ ୬ ଗ୍ରାମ ବ୍ରାଉନସୁଗାର ସହ ଜଣେ ଯୁବକ କୁ ଦାନଗଦୀ ପୋଲିସ ଜବତ କରିଛି, ଖବର ମତେ କୋଣସି ସୂତ୍ରରୁ ଦାନଗଦୀ ପୋଲିସ ଖବର ପାଇଲେ ଯେ ଦାନଗଦୀ ରୁ ପ୍ରଦୀପ ସାହୁଙ୍କ ପୁଅ ଦିବ୍ୟଜ୍ୟୋତି (୨୫) ବବୁଲୁ ଏକ ପଲସର ବାଇକ ନମ୍ବର ଓଡିଶାଃ ଟି ୬୭୨୪ ରେ କିଛି ବ୍ରାଉନ ସୁଗାର ଧରି ବିକିବା ପାଇଁ ମିଲିଟାରୀ ଛକରେ ଯାଉଥିବା ବେଳେ ପୋଲିସ ପିଛା କରି ଧରିଥିଲେ, ଅଭିଯୁକ୍ତ କୁ କେସ ନମ୍ବର ୫୫/୨୬ ରେ ଗିରଫ କରି କୋର୍ଟ ଚାଲାଣ କରିଛି, କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର ବେପାର ବୃଦ୍ଧି ବୁଦ୍ଧିଜୀବୀ ମାନଙ୍କର ଚିନ୍ତାର କାରଣ ହେଲାଣି କାରଣ ଏସବୁ ଗାଁ ଗହଳି ରେ ନିର୍ଭୟ ରେ ବିକ୍ରି ହେଉଥିବା ରୁ ଚୋରୀ, ଗଣ୍ଡଗୋଳ, ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି।

## ଯାଜପୁରରେ ଭବ୍ୟ ମାତୃ ସମ୍ମିଳନୀ ଉତ୍ସବ!

- ମାଆଙ୍କ ହାତରେ ଭବିଷ୍ୟତ, ମାଆଙ୍କ ଚିନ୍ତାରେ ସମାଜ!



**ଯାଜପୁର,୨୪।୧ (ସଂଚାର ବ୍ୟୁରୋ):** ଯାଜପୁର ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୁଲ୍ୟରେ ଆଜି ପବିତ୍ର "ମାତୃ ସମ୍ମିଳନୀ ଉତ୍ସବ" ବହୁ ଆଡମ୍ବର ଓ ଆତ୍ମୀୟତାର ସହିତ ସଫଳତାରେ ଅନୁଷ୍ଠିତ ହୋଇଯାଇଛି।ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦର ଯୁଗ୍ମ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ପାରମିତା ମହଲାଜୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ଆଜିର ସମାଜରେ ମାଆମାନଙ୍କର ଭୂମିକା, ଦାୟିତ୍ୱ ଓ ସଂସ୍କାର ଗଢ଼ିବାରେ ତାଙ୍କର ଅବଦାନ ବିଷୟରେ ଗଭୀର ମାର୍ଗଦର୍ଶନ ପ୍ରଦାନ କରିଥିଲେ। ମାଆଙ୍କ ହାତରେ ଭବିଷ୍ୟତ ପିଢ଼ିର ମୂଲ୍ୟବୋଧ ଗଢ଼ିଉଠେ ବୋଲି ସେ ଉଲ୍ଲେଖ କରିଥିଲେ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ କୃତ୍ତିବାସ ରାଉତ ଅତିଥିମାନଙ୍କ ପରିଚୟ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସଭାର ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଯୁଗ୍ମ ସମ୍ପାଦିକା ମାନନୀୟା ଶ୍ରୀମତୀ ମନୋଜା ମଞ୍ଜରୀ ରାୟ। ସମଗ୍ର କାର୍ଯ୍ୟକ୍ରମର ସୁସଂଚାଳନା କରିଥିଲେ ବରିଷ୍ଠା ଆଚାର୍ଯ୍ୟା ଶ୍ରୀମତୀ ସରୋଜିନୀ ମିଶ୍ର। କାର୍ଯ୍ୟକ୍ରମ ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଗଦାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବଳାଙ୍ଗୀ ମହୋତ୍ସବର ପ୍ରସ୍ତୁତି ବୈଠକ

### ଅବଲୁପ୍ତ ପ୍ରାୟ କଳା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ- ବକ୍ତା ଗଣ

**ବାରିପଦା,୨୪।୧(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ୨୪ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୬ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ମାସରେ ୭ଦିନ ଧରି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜଭୁତ



କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୫ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ତଥା ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକଶିତ ବାରିପଦା ତଥା ବିକଶିତ ମୟୁରଭଞ୍ଜ ଗଠନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଅବଲୁପ୍ତ ପ୍ରାୟ କଳା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ ବୋଲି କହିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବାଲିପାଟଣା,୨୪।୧(ସଂଚାର ବ୍ୟୁରୋ):** ବାଲିପାଟଣା ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି।ଉତ୍ସବରେ ଶିକ୍ଷା, ସଂସ୍କୃତି ଓ ନୀତିମୂଲ୍ୟର ସମନ୍ୱୟ ଦୃଶ୍ୟମାନ ହୋଇଥିଲା। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ରତ୍ନପ୍ରଭା ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଲିପାଟଣା ତହସିଲଦାର କଳ୍ପନା ଦାସ, ମୁଖ୍ୟବକ୍ତା ଭାବେ ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ସମ୍ମାନିତ ଅତିଥି ଭାବେ ବନମାଳିପୁର ଫାଣ୍ଡି ଅଧିକାରୀ ରାକେଶ ସାମଲ, ସବ ଇନ୍ସପେକ୍ଟର ପାୟଲ ପ୍ରଧାନ, ଡଃ ପ୍ରଭାତ କୁମାର ରଥ ପ୍ରମୁଖ ଯୋଗଦେଇ ଶିକ୍ଷାରେ ନୀତିଗତ ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ସେହିଭଳି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପୋଲିସର ଡେପୁଟି କମାଣ୍ଡାଣ୍ଟ ଲଳିତେନ୍ଦୁ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଶଶିଭୂଷଣ ପାତ୍ର, ସମ୍ମାନିତ ଅତିଥି ଭାବେ ଡଃ ରତି ରଞ୍ଜନ ସ୍ୱାଇଁ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଅରୁଣ ଶତପଥୀ, ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗଦେଇ ବ୍ୟକ୍ତିବର୍ଗ ଶିକ୍ଷାରେ ନୀତିଗତ ମୂଲ୍ୟବୋଧ, ସଂସ୍କାର ଓ ଚରିତ୍ର ଗଢ଼ିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଦେଶଭକ୍ତିମୂଳକ ନୃତ୍ୟ, ସଙ୍ଗୀତ ଓ ନାଟକ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା।ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ଓ ଶିକ୍ଷକମଣ୍ଡଳୀ ସମସ୍ତ ଅତିଥି, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିବାରେ କୃତଜ୍ଞତା ଜଣାଇଥିଲେ।

## ମନୁସଂହିତାକୁ ଜାଣିଶୁଣି ପୋଡ଼ିବା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବାକୁ ନେଇ ଥାନାରେ ଅଭିଯୋଗ

**ନାଉଗାଁ,୨୪।୧ (ସଂଚାର ବ୍ୟୁରୋ):** ଜନୈକ ଯୁବକ ସାର୍ବଜନୀନ ଭାବରେ ହିନ୍ଦୁ ହୋଲି ଶାସ୍ତ୍ର (ମନୁ ସଂହିତା)କୁ ଜାଣି ଶୁଣି ପୋଡି ସୋସିଆଲ ମିଡିଆରେ ପ୍ରସାରିତ କରିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା



ବଜରଙ୍ଗ ଦଳ ପକ୍ଷରୁ ନାଉଗାଁ ଥାନାରେ ଶନିବାର ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ୨୦୨୫ ଡିସେମ୍ବର ୨୫ ତାରିଖରେ ଜନୈକ ବ୍ୟକ୍ତି ସହ ଅନ୍ୟ କିଛି ବ୍ୟକ୍ତି ଜାଣିଶୁଣି ସାର୍ବଜନୀନ ଭାବରେ ମନୁସ୍ମୃତିକୁ ଜାଳି ଦେଉଥିବାର ସୋସିଆଲ ମିଡିଆ (ଫେସବୁକ)ରେ ବ୍ୟାପକ ଭାବରେ ପ୍ରସାରିତ ଦେଖାଯାଉଛି। ଉକ୍ତ କାର୍ଯ୍ୟଟି ଉଦ୍ଦେଶ୍ୟମୂଳକ, ଉତ୍ତେଜକ ଏବଂ ହିନ୍ଦୁ ଧାର୍ମିକ ଭାବନାକୁ ଆଘାତ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମନେ ହେଉଛି।ଏହି ଘଟଣା ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଭାବରେ ସେୟାର କରାଯାଇଛି, ଯାହାଦ୍ୱାରା ଘୃଣା ବ୍ୟାପିଛି, ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରୁଛି। ଏହିଭଳି ଘଟଣାକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଗତସିଂହପୁର ଜିଲ୍ଲା ବଜରଙ୍ଗ ଦଳର ସଦସ୍ୟ ଜ୍ଞାନରଞ୍ଜନ ଜେନା, ଶିବପ୍ରସାଦ ରାଉତ, ଜ୍ଞାନରଞ୍ଜନ ଲେଙ୍କା, ରାଜେଶ ରାଉତ, ତୁଷାର କୁମାର ଲେଙ୍କା, ନନ୍ଦକିଶୋର ଦାସ ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି।

## କବିସୂର୍ଯ୍ୟଙ୍କ ସାହିତ୍ୟକୃତୀକୁ ୟୁନେସ୍କୋରେ ସ୍ଥାନିତ ଦାବି

**ଦିଗପହଣ୍ଡି,୨୪।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ବଜାର ଗାନ୍ଧୀ ଛକଠାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ





ହୋଇଯାଇଛି। ପରିଷଦର ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନଜୀବୀ ହରପ୍ରସାଦ ରଥ ସଂଯୋଜନା କରିଥିଲେ। ଐତିହାସିକ ତଥା ଗବେଷକ ଡଃ. ଅନନ୍ତରାମ କର, ସୁସାହିତ୍ୟିକ ଡଃ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଆଇଏଏସ୍ ଡଃ. ବାଳକୃଷ୍ଣ ପଣ୍ଡା, ଗୋପାଳପୁର ମହାବିଦ୍ୟାଳୟର ଅଧାପକ ଡଃ. ରାଜେନ୍ଦ୍ର କୁମାର ମହାପାତ୍ର, ଚିକିଟି ମହାବିଦ୍ୟାଳୟର ଅଧାପକ ଡଃ. ସଞ୍ଜୟ କୁମାର ପଣ୍ଡା, ବଡ଼ଖେମୁଣ୍ଡି ରାଜପୁତ୍ର ସିଦ୍ଧାନ୍ତ ଗଙ୍ଗଦେବ, ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ବିଶିଷ୍ଟ ଲୋକକଳା ବିଶେଷଜ୍ଞ ସନ୍ତୋଷ କୁମାର ପାଢ଼ୀ, ଚିତ୍ରଶିଳ୍ପୀ ଅମର ନାୟକ, ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ମୁଖ୍ୟ ପରିଚାଳକ ଆଲୋକ ବିଷୋୟୀ, ଶିକ୍ଷାବିତ୍ ବିଜୟ ପଣ୍ଡା, ଉପାଧକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସରପଞ୍ଚ ମନୋରଞ୍ଜନ ଗୌଡ଼, ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାପାତ୍ର, କବି ବୃନ୍ଦାବନ ପଣ୍ଡା, ପରିଷଦର କାର୍ଯ୍ୟକର୍ତ୍ତା ରାଧାକାନ୍ତ ମହାଙ୍କୁଡ, ଚିତ୍ରସେନ ଗୌଡ଼, ସନ୍ତୋଷ କୁମାର ସେଠୀ, ସନ୍ତୋଷ କୁମାର ପାତ୍ର, ଉଜ୍ଜଳ ମହାନ୍ତି, କେ. ସଞ୍ଜୀବ କୁମାର ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ତତ୍କାଳୀନ ବଡ଼ଖେମୁଣ୍ଡି ରାଜ୍ୟର ବିଜୟନଗରର ଗଡ଼ରେ ଜନ୍ମିତ କବିସୂର୍ଯ୍ୟ ବଳଦେବଙ୍କ ଜୀବନୀ, ରଚନାବଳୀ ସାହିତ୍ୟକୃତୀକୁ ୟୁନେସ୍କୋରେ ସ୍ଥାନିତ ପାଇଁ ସଭାରେ ମତପ୍ରକାଶ ପାଇଥିଲା।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ଜୋରଦାର



**ଦାରିଙ୍ଗବାଡି,୨୪।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ହେଲିପ୍ୟାଡ଼ ପଡିଆରେ ସୋମବାର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏ ନେଇ ବ୍ଲକ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି। ଗତ କିଛି ଦିନ ହେଲା ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ, ଉଚ୍ଚ ମାଧମିକ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଚନା, ଚିତ୍ରାଙ୍କନ, ସଙ୍ଗୀତ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଛି। ଶନିବାର ସାମୁହିକ ପରେଡ ଅଭ୍ୟାସ ଜୋରଦାର ଚାଲିଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପରେଡ ଅଭ୍ୟାସ କରୁଥିବା ବେଳେ ତାଙ୍କୁ ଉତ୍ସାହିତ କରିବା ସହ ପରେଡ୍‌କୁ ଆହୁରି ଆକୃଷ୍ଟ କରିବା ପାଇଁ ନିଜେ ବିଡିଓ ପ୍ରୀତିରଞ୍ଜନ ରଥ ଏବଂ ଆଇଆଇଆସି ସଂଗ୍ରାମ କେଶରୀ ଜେନା ବିଦ୍ୟାର୍ଥୀଙ୍କ ସହ ସାମିଲ ହୋଇଥିଲେ।

## ଜାତୀୟ ଶିଶୁ କନ୍ୟା ଦିବସ ପାଳିତ: ଶିଶୁ କନ୍ୟାଙ୍କ ସୁରକ୍ଷା ଓ ସଶକ୍ତିକରଣ ଉପରେ ଜୋର



**ପୁରୀ,୨୪।୧(ସଂଚାର ବ୍ୟୁରୋ):** ସଂପର୍କ ଅନୁଷ୍ଠାନ ତରଫରୁ ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ ପରିସରରେ ଭାରତ ବିକାଶ ପରିଷଦ ଶ୍ରୀ ଜଗନ୍ନାଥଃଧାମ ଶାଖା ସହାୟତା ରେ ଜାତୀୟ ଶିଶୁ କନ୍ୟା ଦିବସ–୨୦୨୬ ଉତ୍ସାହ ଓ ସଚେତନତାର ସହିତ ପାଳନ କରାଯାଇଛି। ଶିଶୁ କନ୍ୟାଙ୍କ ଶିକ୍ଷ୍ୟା, ସୁରକ୍ଷା, , ସ୍ୱାବଲମ୍ବନ, ସମ୍ମାନ, ଓ ସଶକ୍ତିକରଣକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ ମାଧମରେ ଉଦଘାଟନ କରାଯାଇଥିଲା। ପରେ ସମୂହ ବନ୍ଦେ ମାତରଂ ଗାନ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ପରିଚୟ ମହାବିଦ୍ୟାଳୟର ଅଧାପକ ଶ୍ରୀଯୁକ୍ତ ରାକେଶ ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ସ୍ମିତା ସାହୁ ସ୍ୱାଗତ ଭାଷଣରେ ଦେଇ କହିଥିଲେ ଯେ, ଶିଶୁ କନ୍ୟାମାନେ କେବଳ ଆଗାମୀ ପିଢ଼ି ନୁହେଁ, ସେମାନେ ବର୍ତ୍ତମାନର ସାମାଜିକ ପରିବର୍ତ୍ତନର ମୁଖ୍ୟ ଶକ୍ତି। ସେ କହିଥିଲେ ଯେ ଶିକ୍ଷା ଓ ସୁରକ୍ଷା ମାଧମରେ ମାତ୍ର ଏକ ସୁସ୍ଥ ସମାଜ ଗଠନ ସମ୍ଭବ। ସଂପର୍କ ସଂଗଠନ ସମ୍ପର୍କରେ ଆଲୋଚନା କରି ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଥିଲେ ଯେ, ସଂପର୍କ ଦୀର୍ଘଦିନ ଧରି ଶିଶୁ, ମହିଳା ଓ ଯୁବମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ କାମ କରିଆସୁଛି।

## ତୃତୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦଘାଟିତ

**ଫୁଲବାଣୀ,୨୪।୧(ସଂଚାର ବ୍ୟୁରୋ):** ଏ ବି ବି ଯୁବକ ସଂଘ ଦ୍ୱାରା ଅନୁଷ୍ଠିତ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ପ୍ରତିବର୍ଷ ଭଳି ଚଳିତ ବର୍ଷ ତୃତୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଫିରୀଙ୍ଗିଆ,ଡମାଙ୍ଗ ପଦର ବି ଏସ ଏଫ କ୍ୟାମ୍ପ ଖେଳ ପଡିଆ ଠାରେ ଉଦଘାଟିତ ହୋଇଛି । ଉଦଘାଟନୀ ଫୁଟବଲ ଟୁର୍ନାମେଣ୍ଟ ରେ ମୁଖ୍ୟ ଅତିଥି ଭାବରେ ୧୩୬ ବି ଏସ ଏଫ ମିଙ୍ଗୁନ ପଦର କମାଣ୍ଡର ନିର୍ମଳ ଚନ୍ଦ୍ର ଦାଶ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଏହି ଫୁଟବଲ ଖେଳ କୁ ଆରମ୍ଭ କରିଥିଲେ। ସନମାନିତ ଅତିଥି ଭାବରେ ସୁମେରୁ ବନ୍ଧ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ବିଗ କହଁର, ସମିତି ସଭ୍ୟ ରବୀନ୍ଦ୍ର କହଁର, ଯୁବକ ସଂଘ ସଭାପତି ରବୀନ୍ଦ୍ର ଠେଲା ଯୋଗ ଦେଇଥିଲେ । ପ୍ରଥମ ଖେଳ ଆଇ ଜି ଜେ ଷ୍ଟାର ସହିତ କଟାପଙ୍ଗା ମଧ୍ୟରେ ଖେଳିବାକୁ ଥିବା ବେଳେ ଆଇ ଜି ଜେ ଷ୍ଟାର ବୃଡ଼ିଗୁଡା ସହ ମିଙ୍ଗୁନ ପଦର ୧୩୬ ବାଟାଲିଅନ ଟିମ ସହ ଅନୁଷ୍ଠିତ ହୋଇଥିଲା ଏଥିରେ ୧୩୬ ବାଟାଲିଅନ ମିଙ୍ଗୁନ ପଦର ୧-୦ ଗୋଲ ରେ ବିଜୟୀ ଲାଭ କରିଥିଲା । ୨୩ ତାରିଖ ଠାରୁ ଏହି ଗ୍ରାମାଞ୍ଚଳ ଫୁଟବଲ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ଫିରିଙ୍ଗିଆ ବ୍ଲକ ର ବଛା ବଛା ୧୬ ଟି ଫୁଟବଲ ଟିମ ଅଂଶ ଗ୍ରହଣ କରିବେ ଏବଂ ଆସନ୍ତା ୨୬ ତାରିଖରେ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସଂଘ ର ସଭାପତି ରବୀନ୍ଦ୍ର ଠେଲା ସୂଚନା ଦେଇଛନ୍ତି ।

## ସଂସ୍କୃତି ଭାଇଚାରା ଏକତା ବୃଦ୍ଧି କରେ

**କାକଟପୁର/ଅସ୍ତରଙ୍ଗ,୨୪।୧ (ସଂଚାର ବ୍ୟୁରୋ):** କଳା, ସାହିତ୍ୟ, ସ୍ଥାପତ୍ୟ, ଐତିହ୍ୟ ପରମ୍ପରା ଧର୍ମ କୁ ନେଇ ସଂସ୍କୃତିର ସୃଷ୍ଟି। ସଂସ୍କୃତି ଦ୍ୱାରା ନିରୂପିତ ପରିସ୍ଥିତି ଓ ପରିବେଶ ର ମୂଲ୍ୟବୋଧ ହିଁ ସଭ୍ୟତା।ଯାହା ପ୍ରମୁଖ ଧର୍ମ ଜୀବନର ସୁଖ ଓ ଆନନ୍ଦ ଉପରେ ପ୍ରତିଷ୍ଠିତ। କୋଟି ହୃଦୟର ଦେବତା ନୀଳାଚଳନାଥ ପ୍ରଭୁ ଶ୍ରୀଜଗନ୍ନାଥ।ସମୟର ଉତଥାନ ଓ ପତନ ମଧ୍ୟରେ ସଂସ୍କୃତି ର ଅଭ୍ୟୁଧାନ ଘଟିଛି, ପୁନର୍ବାର ଉଜ୍ଜୀବିତ ହୋଇଛି ଐତିହାସିକ ମାଘ ସପ୍ତମୀ ମେଳାର ପୁନଃରାମ୍ଭ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଶ୍ରୀ ଶ୍ରୀ ଅଣାକାର ଗାଦିବ୍ରହ୍ମ (ଉଦୟ ମଠ)ରେ ମାଘ ସପ୍ତମୀ ଅବସରରେ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ଆଧାତ୍ମିକ ପରିବେଶରେ ଦିବ୍ୟ ଅନୁଭବ। ମହାପ୍ରଭୁ ଙ୍କ ବେଶ ଦର୍ଶନ କରି କୃତାର୍ଥ ଶ୍ରଦ୍ଧାଳୁ। ଗୋଟିଏ ସ୍ଥାନରେ ଶ୍ରୀଜୀଉ ଙ୍କର ୧୦ପ୍ରକାର ବେଶ। ବିରଳ ବେଶ ଦର୍ଶନ ପାଇଁ





ଲାଗିଛି ଗହଳି। କାଳିଆ ଠାକୁର ଙ୍କ ଦୈନନ୍ଦିନ ବେଶ ସହିତ ୧୨ମାସରେ ହେଉଥିବା ଭିନ୍ନ ଭିନ୍ନ ବେଶ ର ରହିଛି ବିଶେଷ ମହତ୍ୱ। ଏ ବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏ ବିଶ୍ୱାସ କୁ ଆଧାର କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀ ଶ୍ରୀ ଅଣାକାର ଗାଦିବ୍ରହ୍ମ ନିକଟରେ ଐତିହାସିକ ମାଘ ସପ୍ତମୀ ମେଳା ପୁନଃରାମ୍ଭ" ମୋ ଗାଁ ମୋ ଗର୍ବ " ତରଫରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଉଦୟ ମଠ ପରିସରରେ ଅନୁଷ୍ଠିତ ହୋଇଛି।ଦୀର୍ଘ ତିନି ଦଶନ୍ଧି ଧରି ଅନୁଷ୍ଠିତ ହୋଇପାରିନଥିଲା। ଐତିହାସିକ ମାଘ ସପ୍ତମୀ ମେଳା, ଏହାକୁ ପୁନଃରାମ୍ଭ ପାଇଁ ବିଶିଷ୍ଟ ସମାଜ ସେବୀ ତଥା ଆବାହକ ଅରୁଣ କୁମାର ବିଶ୍ୱାଳ ଙ୍କ ତତ୍ୱାବଧାନ ରେ ସ୍ଥାନୀୟ ସମାଜ ସେବୀ, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ସମେତ ପାଞ୍ଚୋଟି ଗ୍ରାମ ଯଥା ଆଳସାହି, ନଗର, ଆଳଙ୍ଗପୁର, ନଈଗୁଆଁ ଓ ଅସ୍ତରଙ୍ଗ ର ସାମୁହିକ ପ୍ରୟାସ ରେ "ମୋ ଗାଁ -ମୋ ଗର୍ବ " ଜନ ସାଧାରଣ ଙ୍କୁ ନେଇ ପୁନଃରାମ୍ଭ ହୋଇଛି। ଗୋଟିଏ ସ୍ଥାନରେ ପଦର୍ଶିତ ହୋଇଛି ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ୧୦ପ୍ରକାର ବେଶ। ସେଗୁଡିକ ମଧ୍ୟରେ ତଡ଼ପଉତ୍ତରୀ ବେଶ, ଗୁରୁବାର ମଧାହ୍ନ ଧୂପ ବେଶ, ଗଜାନନ ବେଶ,ଯାମାଲାଗି ବେଶ, ଚନ୍ଦନ ଲାଗି ବେଶ, ଘୋଡ ଲାଗି ବେଶ, ନବାଙ୍କ ବେଶ, ପୁଷ୍ୟାଭିଷେକ ସୁନା ବେଶ, ଶ୍ରାଦ୍ଧ ବେଶ, ଚାଚେରୀ ବେଶ ପଦର୍ଶିତ ହୋଇଛି ଏହି ସୁନ୍ଦର ଦିବ୍ୟ ବେଶ ମହାପ୍ରଭୁଙ୍କ ଦେଖି ଭକ୍ତ ବିଭୋର ହେଉଛି।

## ଶ୍ରୀ ଶ୍ରୀ ବଡ଼ ଗୋପାଳ ଜୀ ମହାପ୍ରଭୁଙ୍କ ଭବ୍ୟ ମନ୍ଦିର ବିଜେ ଉତ୍ସବ ଆରମ୍ଭ

- ପରିଚାଳନା କମିଟି ଓ ଉପ ଜିଲ୍ଲାପାଳ, ସାମ୍ବାଦିକ ସମ୍ମିଳନୀ



**ସୁବର୍ଣ୍ଣପୁର,୨୪।୧ (ସଂଚାର ବ୍ୟୁରୋ):** ଦୀର୍ଘ ୪୨ ବର୍ଷ ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ ହେବେ ଓ ଭବ୍ୟ ସମାରୋହ ରେ ପୁନଃ ପ୍ରତିଷ୍ଠା ଉତ୍ସବ ଲାଗି ମନ୍ଦିରରେ ବିଜେ ହେବେ ଶ୍ରୀ ଶ୍ରୀ ବଡ ଗୋପାଳଜୀ ମହାପ୍ରଭୁ। ସୋନପୁର ରାଜବାଟୀ ଆଗରେ ଥିବା ଶ୍ରୀ ବଡ଼ ଗୋପାଳ ଜୀ ମହାପ୍ରଭୁ ଙ୍କ ଏହି ପୁନଃ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ସୁବର୍ଣ୍ଣପୁର ସହର ଚଳ ଚଞ୍ଚଳ ହୋଇ ଉଠିଛି। ଠାକୁର ନିଜ ମନ୍ଦିର କୁ ବିଜେ କରିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଦ୍ୱାରା ଆବଶ୍ୟକୀୟ ମରାମତି କରାଯିବାରୁ ମନ୍ଦିର ଝଲକି ଉଠୁଛି। ଭୁବନେଶ୍ୱର ସି.ବି.ଆଇ ମାଲଖାନା ରୁ ସୋନପୁର କୋଷାଗାର କୁ ଅଣାଯିବା ପରେ ଦୀର୍ଘ ଏକ ମାସ ପୂର୍ବରୁ ଶ୍ରୀ ଗୋପାଳ ଜୀ ମହାପ୍ରଭୁଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଲାଗି ଓ ପୁନଃ ପ୍ରତିଷ୍ଠା ଉତ୍ସବ ପାଳନ ପ୍ରସ୍ତୁତି ପାଇଁ ଦେବୋତ୍ତର ବିଭାଗ ଅଧିକାରୀ ତଥା ଉପ ଜିଲ୍ଲାପାଳ ଡ଼ ସୌମ୍ୟ ରୂପା ରଥ, ଏହି ମନ୍ଦିରରେ ଡେରା ପକାଇଛନ୍ତି। ଜିଲ୍ଲାପାଳ, ଡ଼ ନୃପ ରାଜ ସାହୁ ମଧ ଅନେକ ଥର ମନ୍ଦିର ପରିଦର୍ଶନରେ ଯାଇ ପୁରୀ ମହନ୍ତ ଶ୍ରୀ ବଂଶୀଧର ଦାସ ମହାରାଜଙ୍କ ଠାରୁ ବିଭିନ୍ନ ପରାମର୍ଶ ନେଇଛନ୍ତି। ଏହି ଭବ୍ୟ ଉତ୍ସବ ଓ ଭକ୍ତଙ୍କ ପ୍ରବଳ ଭିଡ଼ ଆଶଙ୍କାକୁ ନେଇ ଦେବୋତ୍ତର ବିଭାଗ, ଜିଲ୍ଲା ପୋଲିସ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

## ଭଞ୍ଜ ସାହିତ୍ୟର ପ୍ରଚାର ପ୍ରସାର ଲୋଡ଼ା

**ଭଞ୍ଜନଗର,୨୪।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗରଭଞ୍ଜ ସାହିତ୍ୟ ପରିଷଦଠାରେ ଶୁକ୍ରବାର ରାତିରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ୮୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଏସ୍‌ଡିପିଓ ଡ.ଦୀପକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାନ କବି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏଥିସହ ଭଞ୍ଜ ସାହିତ୍ୟର ପ୍ରଚାର ପ୍ରସାର ଲୋଡ଼ା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଭଞ୍ଜ ପ୍ରବକ୍ତା ଷଡଙ୍ଗୀ ଯୋଗଦେଇ ଭଞ୍ଜ ସାହିତ୍ୟରେ ଜଗନ୍ନାଥଙ୍କ କଥାମୃତ ଓ ସମାଜ ଚେତନା, ଶବ୍ଦ ଚାତୁରୀ, ରସ ଏବଂ ସୌନ୍ଦର୍ଯ୍ୟ ବୋଧର ଅନେକ ଦୃଷ୍ଟାନ୍ତ ଦେଇଥିଲେ। ତାଙ୍କ ରଚିତ ସବୁ ଶବ୍ଦରେ ତଥା କାବ୍ୟରେ ଶାସ୍ତ୍ରୀୟ ଆଧାରର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ।

## ପଲ୍ୟୁସନ ସାର୍ଟିଫିକେଟ ପାଇଁ ବାଧକ ସାଜିଛି ମୋବାଇଲ ନେଟୱାର୍କ: ଲୋକେ ହନ୍ତସନ୍ତ



**ଦାରିଙ୍ଗବାଡି,୨୪।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏବେ ଗାଡି ମାଲିକମାନେ ନିଜ ପଲ୍ୟୁସନ ସାର୍ଟିଫିକେଟ କରାଇବା ପାଇଁ ଲାଗିପଡ଼ିଛନ୍ତି। କିନ୍ତୁ ଏଥିରେ ବଡ଼ ଚିନ୍ତା ଦେଖାଯାଇଛି। ପୂର୍ବରୁ ଦାରିଙ୍ଗବାଡିର ଏକ ପେଟ୍ରୋଲ ଟାଙ୍କିରେ ପଲ୍ୟୁସନ କରାଇବା ବ୍ୟବସ୍ଥା ରହିଥିବାବେଳେ ଗତ କିଛି ବର୍ଷ ହେଲା ଏହି ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଦାରିଙ୍ଗବାଡିବାସୀଙ୍କ ପାଇଁ ପଲ୍ୟୁସନ ସାର୍ଟିଫିକେଟ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଥିବା ଜଣାପଡିଛି। ତେବେ ଗଞ୍ଜାମ ଜିଲାର ଏକ ଭ୍ରାମ୍ୟମାଣ ପଲ୍ୟୁସନ ପରୀକ୍ଷା ଟିମ୍ ଦାରିଙ୍ଗବାଡିର ସିମନବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କ ଗାଡିର ପଲ୍ୟୁସନ ଯାଞ୍ଚ ଓ ସାର୍ଟିଫିକେଟ ପ୍ରଦାନ ବ୍ୟବସ୍ଥା କରାଇଥିଲେ। ତେବେ ବହୁ ଗାଡି ମାଲିକଙ୍କ ବିଏସଏନଏଲ ମୋବାଇଲ ନମ୍ବରରେ ଓଟିପି ଆସୁଥିବା ବେଳେ ବିଏସଏନଏଲ ସେବା ଅଚଳ ଯୋଗୁ ଲୋକଙ୍କ ପଲ୍ୟୁସନ ହୋଇପାରି ନ ଥିବା ଦେଖାଯାଇଛି। ପଲ୍ୟୁସନ ପାଇଁ ବିଏସଏନଏଲ ସେବା ବାଧକ ସାଜିଥିବା ଓ ଜନସାଧାରଣ ହଇରାଣ ଭୋଗୁଥିବା ଜଣାପଡିଛି।

- ୩୭ ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ

## ସୁନ୍ଦରଗଡ଼ ଦଳ ସେମି ଫାଇନାଲରେ ପ୍ରବେଶ

**ସୁବର୍ଣ୍ଣପୁର,୨୪।୧(ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ଲାଲମନି ସ୍ମାରକୀ କ୍ରିକେଟର ଷଷ୍ଠ ଦିବସରେ ସୁନ୍ଦରଗଡ଼ ନବଜୀବନ କ୍ଲବ ଓ ଝାଡଖଣ୍ଡ ରାଇଜିଙ୍ଗ ଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୨୬ ରନ କରିଥିଲେ। ଦଳ ପକ୍ଷରୁ ସୌରଭ ଚନ୍ଦା ୪୧ ବଲ ରେ ୬୭ ରନ ବିଭାସ ସା ୩୦ ବଲ ରେ ୬୧ ରନ ଆଦିତ୍ୟ ଆନନ୍ଦ ୨୭ ବଲରେ ୫୨ ରନ, ୱାଲଟର ଟପୋ ୧୭ ବଲରେ ୨୪ ରନ କରିଥିଲେ। ଝାଡଖଣ୍ଡ ଦଳ ପକ୍ଷରୁ ଆକାଶ ସାହୁ ସର୍ବାଧିକ ୨ ୱିକେଟ୍ ଉଇକେଟ ହାସଲ କରିଥିଲେ। ଅନୁପ ଯାଦବ, ସାହିଲ ଶର୍ମା, କ୍ରିଷ୍ଣା ମାହାତୋ ଓ ରଞ୍ଜିତ ଅଗ୍ରୱାଲ ପ୍ରତ୍ୟେକ ୧ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ପ୍ରତିଉତ୍ତରରେ ଝାଡଖଣ୍ଡ ଦଳ ୧୮.୫ ଓଭରରେ ୧୭୨ ରନ କରି ଅଲ ଆଉଟ ହୋଇଥିଲେ।




SANCHAR
ସଂଚାର ରବିବାର ୨୫ ଜାନୁଆରୀ ୨୦୨୬

# ସ୍ୱାସ୍ଥ୍ୟ



## ପଣସ ଖାଇବା ପରେ କ'ଣ ଖାଇବା ଅନୁଚିତ

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ପଣସ ଖାଇବାକୁ ମିଳିଥାଏ। ତେବେ ଡାଇବେଟିସ୍ ଠାରୁ ଆରମ୍ଭ କରି ହାଇ ବ୍ଲଡ ପ୍ରେସର ପର୍ଯ୍ୟନ୍ତ ରୋଗୀଙ୍କ ପାଇଁ ପଣସ ଉପକାରୀ ହୋଇଥାଏ। ଏହା ସହ ପଣସ ଖାଇବା ପାଇଁ ବହୁତ ସ୍ୱାଦିଷ୍ଟ ହୋଇଥାଏ। ଅଧିକାଂଶ ଲୋକ ପଣସକୁ ଖାଇବା ପାଇଁ ପସନ୍ଦ କରନ୍ତି। ଏଥିରେ ପ୍ରଚୁର ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି', ଭିଟାମିନ୍ 'ବି', ପୋଟାସିୟମ୍, କାର୍ବୋହାଇଡ୍ରେଟ୍, ଆଇରନ୍ ଏବଂ କ୍ୟାଲସିୟମ୍ ଥାଏ। ଏହି ସମସ୍ତ ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେବେ ପଣସ ଖାଇବା ପରେ କିଛି ଜିନିଷକୁ ଖାଇବାକୁ ଏଡାଇବା ଉଚିତ୍। ନଚେତ ଆଗକୁ ଯାଇ ବଡ ସମସ୍ୟା ହୋଇପାରେ। ତାହେଲେ ଆସନ୍ତୁ ଜାଣିବା ଯେ ପଣସ ଖାଇବା ପରେ କେଉଁ ଜିନିଷ ଖାଇବା ଉଚିତ୍ ନୁହେଁ।

କ୍ଷୀର: ଯେତେବେଳେ ଆପଣ ପଣସ ଖାଆନ୍ତି, ସେତେବେଳେ ଆପଣ କ୍ଷୀର କିମ୍ବା ସେଥିରେ ତିଆରି ଜିନିଷ ଖାଇବା ଉଚିତ୍ ନୁହେଁ। ଯଦି ଆପଣ କ୍ଷୀର ପିଉଛନ୍ତି ତେବେ ତୁରନ୍ତ ପଣସ ଖାଇବା ଉଚିତ୍ ନୁହେଁ। ପଣସ ଏବଂ କ୍ଷୀରକୁ ଏକାଠି ଖାଇବା ଦ୍ୱାରା ଚର୍ମ ରୋଗ ହୋଇପାରେ। ଏହା ଦାଗ, କୁଣ୍ଡେଇ, ଏକଜେମା ଏବଂ ସୋରିୟାସିସ୍ ଭଳି ରୋଗର କାରଣ ହୋଇପାରେ। ଏହା ହଜମ କରାଇବାରେ ମଧ୍ୟ କଷ୍ଟକର ହୋଇଥାଏ।

ମହୁ: ପଣସ ଏବଂ ମହୁର ମିଶ୍ରଣ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଯଦି ଆପଣ ପଣସ ଖାଇବା ପରେ ତୁରନ୍ତ ମହୁରୁ ପ୍ରସ୍ତୁତ କିଛି ଖାଆନ୍ତି, ତେବେ ଶରୀରରେ ବ୍ଲଡ ସୁଗାର ଲେବଲ ଅଧିକ ହୋଇପାରେ। ବିଶେଷକରି ପାଚିଲା ପଣସ ଖାଇବା ପରେ ମହୁ ଖାଆନ୍ତୁ ନାହିଁ।

ଭେଣ୍ଡି: କିଛି ଲୋକ ପଣସ ଏବଂ ଭେଣ୍ଡି ମିଶାଇ ଖାଆନ୍ତି, ଯାହା ଠିକ୍ ନୁହେଁ। ଆପଣ ପଣସ ଏବଂ ଭେଣ୍ଡି ମିଶାଇ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଏହା ଚର୍ମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ। ଏହି ମିଶ୍ରଣ ଧଳା ଦାଗର ସମସ୍ୟା ମଧ୍ୟ ସୃଷ୍ଟି କରିପାରେ।

ଅମୃତଭଣ୍ଡା: ଯେତେବେଳେ ଆପଣ ପଣସ ଖାଆନ୍ତି, ତେବେ ଆପଣ ଏହା ପରେ ଅମୃତଭଣ୍ଡା ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଏହା ସହ ପଣସ ସହିତ କେବେ ହେଲେ ଅମୃତଭଣ୍ଡା ଖାଇବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଆଗକୁ ଯାଇ ବଡ ସମସ୍ୟା ହୋଇପାରେ।

ପାନ: ଯଦି ଆପଣ ଭୋଜନ ପରେ ପାନ ପତ୍ର ଖାଇବାକୁ ଭଲ ପାଆନ୍ତି, ତେବେ ପଣସ ଖାଇବା ପରେ ଏହାକୁ ଖାଇବା ପୂର୍ବରୁ ସାବଧାନ ରୁହନ୍ତୁ। ତେବେ ପଣସ ଖାଇବା ପରେ ପାନ ପତ୍ର ଖାଇବା ଦ୍ୱାରା ପେଟ ଏବଂ ସ୍କିନ୍ ସହ ଜଡିତ ଅନେକ ସମସ୍ୟା ହୋଇପାରେ। ସେଥିପାଇଁ ପଣସ ଖାଇବା ପରେ ଏହି ସମସ୍ତ ଜିନିଷ ଖାଇବା ଠାରୁ ଦୂରେଇ ରହିବା ଉଚିତ।



## ଚାଲିବା ନା ବ୍ୟାୟାମ କରିବା ?

ସାଧାରଣରେ ଧାରଣା ରହିଛି ଯେ ଚାଲିବା ସର୍ବଶ୍ରେଷ୍ଠ ବ୍ୟାୟାମ। ଡାକ୍ତର, ବୈଦ୍ୟ, ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟାୟାମ କରୁଥିବା ବ୍ୟକ୍ତି ବିଶେଷ ମଧ୍ୟ ଧରି ନେଇଛନ୍ତି। ପ୍ରକୃତରେ ଏହା ଆଦୌ ବ୍ୟାୟାମ ନୁହେଁ। ବରଂ ଏହା ମଣିଷର ସହଜାତ ପ୍ରବୃତ୍ତି। ଖାଇବା, ଶୋଇବା ଓ ଠିଆ ହେବା ପରି ଚାଲିବା ମଧ୍ୟ ମଣିଷର ଏକ ପ୍ରାକୃତିକ କର୍ମ। ଧିରେ ଧିରେ ମଣିଷର ଜୀବନ ଅତ୍ୟାଧୁନିକ ହେବାରେ ଲାଗିଛି, ଫଳରେ ଆମେ ବିଭିନ୍ନ ଯାନ୍ତ୍ରିକ ଉପକରଣ ଉପରେ ନିର୍ଭରଶୀଳ ହେବାରେ ଲାଗିଛେ। ଫଳରେ ଶରୀର ପାଇଁ ଆବଶ୍ୟକ ଥିବା ଶାରୀରିକ ପ୍ରକ୍ରିୟାକୁ ବଜାୟ ରଖିବା ସହଜ ହେଉନାହିଁ। ମଣିଷର ପାଚନ ପ୍ରକ୍ରିୟା, ନିଷ୍କାସନ ପ୍ରକ୍ରିୟା, ରକ୍ତ ସଞ୍ଚାଳନ ଓ ଦହନ ପ୍ରକ୍ରିୟା ପର୍ଯ୍ୟାପ୍ତ ଚଲାବୁଲା ଉପରେ ନିର୍ଭରଶୀଳ। ଚଲାବୁଲା କମିବା ଦ୍ୱାରା ଏହି ପ୍ରକ୍ରିୟାଗୁଡିକ ଧୀମା ହେବା ସହ ଶାରୀରିକ ଅସୁସ୍ଥତା ଆରମ୍ଭ ହୋଇଥାଏ। ସୁସ୍ଥ ରହିବା ପାଇଁ ଖାଦ୍ୟ ଓ ନିଦ୍ରାର ଆବଶ୍ୟକତା ଭଳି ଚଲାବୁଲାର ମଧ୍ୟ ଆବଶ୍ୟକତା ରହିଛି। ନିୟମିତ ବ୍ୟାୟାମ କରୁଥିବା ଲୋକ ଭାବନ୍ତି ଯେ ସେମାନେ ଦୈନିକ ୧ ଘଣ୍ଟା ବ୍ୟାୟାମ କରୁଥିବା ଯୋଗୁ ଚାଲିବାର ଆବଶ୍ୟକତା ନାହିଁ। ସେହିପରି ସକାଳୁ ଉଠି ଏକକାଳୀନ ୩ରୁ ୪ କି.ମି ଚାଲୁଥିବା ବ୍ୟକ୍ତି ଭାବନ୍ତି ଯେ ତାଙ୍କର ଚାଲିବା ପୂରଣ ହୋଇଯାଇଛି। କିନ୍ତୁ ଏହା ଭ୍ରାନ୍ତ ଧାରଣା। ବ୍ୟାୟାମ ଦ୍ୱାରା ଶରୀରର ମାଂସପେଶୀ, ହୃଦୟ ଓ ଫୁସ୍‌ଫୁସ୍‌ର କାର୍ଯ୍ୟ ଦକ୍ଷତା, ଅନ୍ତସ୍ରାବୀ ଗ୍ରନ୍ଥିମାନଙ୍କର କ୍ଷମତା, ହାଡ଼ ଓ ଖଞ୍ଜାର ସୁସ୍ଥତା ଓ ଆକର୍ଷଣୀୟ ଶାରୀରିକ ଗଠନ କ୍ଷେତ୍ରରେ ଲାଭ ହୋଇଥାଏ। କିନ୍ତୁ ଜାଗ୍ରତ ଥିବା ସମୟରେ ଚଲାବୁଲା ନ କରି ଅଧିକ ସମୟ ବସି ରହିଲେ ପାଚନ କ୍ଷମତା ଓ ନିଷ୍କାସନ କ୍ଷମତା କ୍ରମଶଃ ଦୁର୍ବଳ ହୋଇଚାଲେ। ଘଣ୍ଟା ଉଦ୍ଭାବନ କରିଥିବା ଜାପାନି ବୈଜ୍ଞାନିକମାନେ ୧୦,୦୦୦ ପାଦ ଚାଲିବାକୁ ଏକ ମାନଦଣ୍ଡ ବୋଲି ସ୍ଥିର କରିଥିଲେ। ବାସ୍ତବରେ ଏହା ସ୍ୱାସ୍ଥ୍ୟ ପାଇଁ ଅନିବାର୍ଯ୍ୟ ନୁହେଁ। ସକାଳୁ ଉଠି କିଛି ସମୟ ଚାଲିବା, ମୁକ୍ତ ବାୟୁ ଓ ମାନସିକ ଶାନ୍ତି ପାଇଁ ଅତ୍ୟନ୍ତ ଉପଯୋଗୀ। କିନ୍ତୁ ପ୍ରକୃତରେ ସୁସ୍ଥ ରହିବା ପାଇଁ ଆମକୁ ଦିନ ସାରା ଯେତେବେଳେ ସମୟ ମିଳୁଛି ଖାଲିରେ ବସି ରହିବା ପରିବର୍ତ୍ତେ ଚଳପ୍ରଚଳ କରିବା ଉଚିତ୍। ଚାଲିବା, ସିଢ଼ି ଚଢ଼ିବା, କେତେବେଳେ କେମିତି ଦୌଡିବା ଆଦି ଶାରୀରିକ ଭାବେ ସୁସ୍ଥ ରହିବା ପାଇଁ ଖୁବ୍ ଜରୁରି। ପାଦ ଗଣି ଚାଲିବା ପରିବର୍ତ୍ତେ ଚଳପ୍ରଚଳ ଆରମ୍ଭ କରି ଦିଅନ୍ତୁ। ସୁସ୍ଥ ରହିବେ ନିଶ୍ଚୟ।

## ଶରୀରରେ ପ୍ରୋଟିନ୍ ଅଭାବ ହୋଇନି ତ !



ପ୍ରୋଟିନ୍ ମାଂସପେଶୀକୁ ମରାମତି କରିବା, କୋଷ ନିର୍ମାଣ କରିବାଓ ହର୍‌ମୋନ୍ ପାଇଁ ଖୁବ୍‌ଜରୁରି। ଏହାର ଅଭାବରେଶରୀରରେ ଅନେକ ଲକ୍ଷଣଦେଖା ଦେଇଥାଏ। ପ୍ରୋଟିନ୍ ଶରୀର ପାଇଁ 'ବିଲ୍ଡିଂ ବ୍ଲକ୍ସ' ପରି କାମ କରିଥାଏ। ଅବଶ୍ୟ ଲୋକଙ୍କ ଧାରଣା ଯେ ଜିମ୍ ଯାଉଥିବା ଲୋକମାନଙ୍କ ପାଇଁ ପ୍ରୋଟିନ୍ ଜରୁରି ହୋଇଥାଏ। କିନ୍ତୁ ମାଂସପେଶୀର ନିର୍ମାଣଠାରୁ ଆରମ୍ଭ କରି ହର୍‌ମୋନାଲ୍ ସନ୍ତୁଳନ ଏବଂ କୋଷିକାର ମରାମତି ଯାଏ ଶରୀରର ପ୍ରତ୍ୟେକ ଫଙ୍କସନ୍ ପାଇଁ ପ୍ରୋଟିନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବୟସର ବ୍ୟକ୍ତିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ମାତ୍ରାର ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଚାଲନ୍ତୁ ଜାଣିବା ଦିନକୁ ଜଣେ ବ୍ୟକ୍ତି କେତେ ପ୍ରୋଟିନ୍ ଖାଇବା ଜରୁରି ? ସେହିପରି ଶରୀରରେ ପ୍ରୋଟିନ୍ ଅଭାବରେ କି କି ଲକ୍ଷଣ ଦେଖିବାକୁ ମିଳିଥାଏ ?

ପ୍ରୋଟିନ୍‌ର ମାତ୍ରା ବ୍ୟକ୍ତିର ବୟସ, ଓଜନ, ଲିଙ୍ଗ ଓଶାରୀରିକ ସକ୍ରିୟତା ଉପରେ ନିର୍ଭର କରିଥାଏ।ଚାଲନ୍ତୁ ଏହାକୁ ବୁଝିବା।

ସାମାନ୍ୟ ଜୀବନଶୈଳୀ: ଯଦି ଆପଣନିୟମିତ ଭାବେ ବ୍ୟାୟାମ କରୁ ନଥାନ୍ତି, ତେବେଶରୀର ଓଜନର ଏକ କିଲୋ ପ୍ରତି .୮ ଗ୍ରାମ୍‌ପ୍ରୋଟିନ୍ ନେବା ଉଚିତ୍।

ସକ୍ରିୟ ଜୀବନଶୈଳୀ: ଯଦି ଆପଣ ମଧ୍ୟମଧରଣର ବ୍ୟାୟାମ କରୁଛନ୍ତି କିମ୍ବା ଚାଲିବା ପରିଗତିବିଧି କରୁଥାନ୍ତି, ତେବେ ୧.୧ ଗ୍ରାମରୁ ୧.୩ଗ୍ରାମ୍ ପ୍ରତି କିଲୋ ପିଛା ପ୍ରୋଟିନ୍ ଖାଇବା ଜରୁରି।

ଆଥ୍‌ଲେଟ୍ ବା ବଡି ବିଲଡିଂ: ଅଧିକବ୍ୟାୟାମ କରୁଥିବା ଲୋକମାନଙ୍କ ପାଇଁ ୧.୬ରୁ୨.୨ ଗ୍ରାମ୍ ପ୍ରତି କିଲୋ ହିସାବରେ ପ୍ରୋଟିନ୍ ନେବା ଜରୁରି।

ଗର୍ଭବତୀ ବା ସ୍ତନ୍ୟପାନ କରାଉଥିବା ମହିଳା: ଏମାନେ ସାମାନ୍ୟ ଅଧିକ ୨୦ରୁ ୨୫ ଗ୍ରାମର ପ୍ରୋଟିନ୍ ନେବା ଆବଶ୍ୟକ। ପ୍ରୋଟିନ୍ ଅଭାବର ଲକ୍ଷଣ ବାରମ୍ବାର ଭୋକ ଲାଗିବା, ମିଠା ଖାଇବାକୁ ଇଚ୍ଛା ହେବା, ପ୍ରୋଟିନ୍ ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖିଥାଏ। ଏହାର ଅଭାବରେ ରକ୍ତରେ ଶର୍କରା ସ୍ତର ତୀବ୍ର ବେଗରେ କମିଚାଲେ।ଫଳରେ ବାରମ୍ବାର ଭୋକ ଲାଗିବା ସହ ଉଚ୍ଚ କ୍ୟାଲୋରୀଯୁକ୍ତ ସ୍ନାକ୍ସ ଖାଇବାକୁ ଇଚ୍ଛା ହୋଇଥାଏ।

ମାଂସପେଶୀ ଏବଂ ଗଣ୍ଠି ଦୁର୍ବଳ: ମାଂସପେଶୀ ସୁସ୍ଥ ରହିବା ପାଇଁ ପ୍ରୋଟିନ୍ ଆବଶ୍ୟକ। ଏହାର ଅଭାବରେ ମାଂସପେଶୀ ଢିଲା ହେବା ସହ ଶରୀର ଦୁର୍ବଳ ଲାଗିବା ଓ ଗଣ୍ଠିରେ ଯନ୍ତ୍ରଣା ଅନୁଭବ ହୋଇଥାଏ।

କେଶ, ତ୍ୱଚା ଓ ନଖ ସମସ୍ୟା: ନଖ, କେଶ ଓ ତ୍ୱଚା ମୁଖ୍ୟତଃ ପ୍ରୋଟିନ୍‌ରେ ତିଆରି ହୋଇଥାଏ। ପ୍ରୋଟିନ୍‌ର ଅଭାବ ହେଲେ କେଶ ଝଡିବା, ନଖଭାଙ୍ଗିବା ଓ ତ୍ୱଚା ରୁକ୍ଷ ଲାଗିଥାଏ।

ବାରମ୍ବାର ରୋଗରେ ପଡିବା: ରୋଗପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରୋଟିନ୍‌ରଆବଶ୍ୟକତା ରହିଥାଏ। ଯଦି ବାରମ୍ବାର ଥଣ୍ଡାକାଶ ବା ସଂକ୍ରମଣ ହେଉଥାଏ, ତେବେ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥାଇପାରେ। ପ୍ରୋଟିନ୍‌ର ଅଭାବ ଏହାର ଅନ୍ୟତମ କାରଣ।

ଥକ୍କା ଓ ଚିଡ୍‌ଚିଡାପଣ: ଭରପୂର ପ୍ରୋଟିନ୍‌ନ ମିଳିବା ଯୋଗୁ ଶରୀରରେ ଶକ୍ତି ସ୍ତର କମିଚାଲେ। ଫଳରେ ଥକ୍କାପଣ ସାଙ୍ଗକୁ ମୁଡ୍ ଖରାପ ରହିଥାଏ।

## ବୟସ ବଢ଼ିଲେ ଓ ଭିଟାମିନ୍ ଅଭାବରୁ ହାତ ଥରେ

ହାତ ଥରିବାକୁ ପ୍ରାୟତଃ ଥକ୍କାପଣ ବା ଷ୍ଟ୍ରେସ୍‌ର କାରଣ ବୋଲି ଧରି ନିଆଯାଏ। କିନ୍ତୁ ଜାଣନ୍ତି କି ଏହା ଭିଟାମିନ୍ ଓ ମିନେରାଲ୍ ଅଭାବର ମଧ୍ୟ ଲକ୍ଷଣ ହୋଇପାରେ। ହାତ ଥରିବାର ମୁଖ୍ୟ କାରଣ-

ଭିଟାମିନ୍, ମିନେରାଲ୍ସର ଅଭାବ: ଭିଟାମିନ୍-ବି୧୨, ଡି, ଇ, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍ ଓ ପୋଟାସିୟମ୍ ଅଭାବରୁ ହାତ ଥରିଥାଏ।

ଥକ୍କାପଣ ଓ ଷ୍ଟ୍ରେସ୍: ନିଦର ଅଭାବ ଓ ମାନସିକ ଚାପରୁ ମଧ୍ୟ ହାତ ଥରିଥାଏ।

ନିମ୍ନ ଶର୍କରାସ୍ତରଃ ମଧୁମେହ କିମ୍ବା ଦୀର୍ଘ ସମୟ ଯାଏ ଖାଲି ପେଟରେ ରହିବା ଦ୍ୱାରା ମଧ ହାତଗୋଡ ଥରିଥାଏ।

ଥାଇରଏଡ୍ ସମସ୍ୟା: ହାଇପୋଥାଇରଏଡ୍‌ଜିମ୍ ରୋଗୀଙ୍କଠାରେ ଏହି ସମସ୍ୟା ପ୍ରାୟତଃ ଦେଖା ଦେଇଥାଏ।

ସ୍ନାୟୁ ବ୍ୟବସ୍ଥାରେ ଗଡ଼ବଡ଼: ସ୍ନାୟୁ ଦୁର୍ବଳ ହେଲେ କିମ୍ବା ନଷ୍ଟ ହେବା ଦ୍ୱାରା ମଧ ହାତ ଥରିବା ପରି ସମସ୍ୟା ଦେଖା ଦେଇଥାଏ। ଲକ୍ଷଣ ହାତ ଏବଂ ଆଙ୍ଗୁଳି ହାଲ୍‌କା କିମ୍ବା ଜୋର୍ ଥରିବା, ଦୁର୍ବଳତା ବା ଥକ୍କାପଣ ଜଲଦୀ ଅନୁଭବ ହେବା, ମାଂସପେଶୀରେ ଟାଣିଭିଡି ହେବା, ହାତପାଦ ଝିମ୍‌ଝିମ୍ ଲାଗିବା, ଧ୍ୟାନକେନ୍ଦ୍ରୀତ କରିବାରେ ସମସ୍ୟା ଓ ହୃଦ୍‌ସ୍ପନ୍ଦନ ତୀବ୍ର ହେବା ପରି ଲକ୍ଷଣମାନ ଦେଖିବାକୁ ମିଳିଥାଏ।

କେଉଁ ଭିଟାମିନ୍‌ର ଅଭାବରୁ ହାତ ଥରେ ?

ଭିଟାମିନ୍ ବି ୧୨: ଏହା ସ୍ନାୟୁକୁ ମଜଭୁତ କରିବା ସହ ମସ୍ତିଷ୍କ ପାଇଁ ଖୁବ୍ ଜରୁରି। ଏହାର ଅଭାବରେ ମାଂସପେଶୀ ଦୁର୍ବଳ ଲାଗିବା ସହ ହାତ ଥରିବା ପରି ସମସ୍ୟା ଦେଖା ଦେଇଥାଏ। ଉତ୍ସ: କ୍ଷୀର, ଦହି, ପନୀର୍, ଅଣ୍ଡା, ସୋୟା ଓ ଛତୁ।

ଭିଟାମିନ୍ ଡି: ଏହା ମାଂସପେଶୀ ଓ ହାଡ଼କୁ ମଜଭୁତ କରିଥାଏ। ଏହାର ଅଭାବରୁ ମାଂସପେଶୀ ଦୁର୍ବଳ ଲାଗିବା ଓ ହାତ ଥରିବା ସମସ୍ୟା ଦେଖାଦେଇଥାଏ। ଉତ୍ସ: ସକାଳର ଖରା, ଅଣ୍ଡାର ହଳଦିଆ ଅଂଶ, ଛତୁ ଓ ଫର୍ଟିଫାଏଡ୍ ଖାଦ୍ୟ।

ଭିଟାମିନ୍ ଇ: ଏହା ମାଂସପେଶୀ ଓ ସ୍ନାୟୁକୁ ସୁସ୍ଥ ରଖେ। ଏହାର ଅଭାବ ହେଲେ ସ୍ନାୟୁ ନଷ୍ଟ ହେବା ସହ ହାତ ଥରିଥାଏ। ଉତ୍ସ: ବାଦାମ, ଆଖରୋଟ୍, ପାଳଙ୍ଗ ଶାଗ, ସୂର୍ଯ୍ୟମୁଖୀ ମଞ୍ଜି।



କ୍ୟାଲସିୟମ୍: ଏହା ମାଂସପେଶୀ ଓ ହାଡ଼କୁ ମଜଭୁତ କରିଥାଏ। କ୍ୟାଲସିୟମ୍ ଅଭାବରେ ହାତପାଦ ଦୁର୍ବଳ ଲାଗିବା ସହ ଥରିବା ପରି ସ୍ଥିତି ଉପୁଜିଥାଏ। ଉତ୍ସ: କ୍ଷୀର, ପନୀର, ରାଶି ଓ ପାଳଙ୍ଗ।

ମ୍ୟାଗ୍ନେସିୟମ୍: ଏହା ଶରୀରର ସ୍ନାୟୁ ଓ ମାଂସପେଶୀକୁ ରିଲାକ୍ସ କରିଥାଏ। ଏହାର ଅଭାବରେ କ୍ରାମ୍ପ ହେବା ସହ ହାତ ଥରିଥାଏ। ଉତ୍ସ: କାଜୁ, ଆଲମଣ୍ଡ, ସବୁଜ ପତ୍ରଯୁକ୍ତ ପରିବା ଓ ଡାଲି।

ପୋଟସିୟମ୍: ଏହା ସ୍ନାୟୁ ଓ ମାଂସପେଶୀର ଗୁରୁତ୍ୱପୂର୍ଣ୍ଣ ଇଲେକ୍ଟ୍ରୋଲାଇଟ୍। ଏହାର ଅଭାବରେ ମାଂସପେଶୀ ଦୁର୍ବଳ ଲାଗିବା ସହ ହାତ ଥରିଥାଏ।

ଉତ୍ସ: କଦଳୀ, ନଡ଼ିଆ ପାଣି, ଆଳୁ ଓ ଡାଲି ହାତ ଥରିବା କେବଳ ଥକ୍କାପଣର ପରିଣାମ ନୁହେଁ। ବରଂ ପୋଷକ ତତ୍ତ୍ୱ ଅଭାବର ସଙ୍କେତ ମଧ୍ୟ। ତେଣୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇ ନେବା ଉଚିତ।



## ପାଟି ଦୁର୍ଗନ୍ଧ ହେଉଛି କି ?

ଅନେକ ସମୟରେ ୨ଥର ବ୍ରଶ କରିବା ପରେ ମଧ୍ୟ ଲୋକଙ୍କର ନିଶ୍ୱାସ ନେଲାବେଳେ ଅଜବ ପ୍ରକାରର ଦୁର୍ଗନ୍ଧ ବାହାରିଥାଏ। ପାଟି ଦୁର୍ଗନ୍ଧ ହେବା କାରଣରୁ ଆପଣଙ୍କୁ ଲୋକଙ୍କ ସାମନାରେ ଲଜ୍ଜିତ ହେବାକୁ ପଡିଥାଏ। ଆଜି ଆମେ ଆପଣଙ୍କୁ କିଛି ଏମିତି ଉପାୟ ଜଣାଇବାକୁ ଯାଉଛୁ ଯାହାର ବ୍ୟବହାର ଦ୍ୱାରା ନିଶ୍ୱାସ ଦୁର୍ଗନ୍ଧ ହେବାରୁ ମୁକ୍ତି ପାଇ ପାରିବେ।

ଆମେ ପ୍ରତିଦିନ ଖାଇସାରିବା ପରେ ଭଲ ଭାବରେ କୁଳି କରି ପାଟି ସଫା କରିବା ଦରକାର। ନ ହେଲେ ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ ଦାନ୍ତସନ୍ଧିରେ ରହି ଦୁର୍ଗନ୍ଧ ସୃଷ୍ଟି କରିଥାଏ। ତେବେ ଜଣେ ଡାଇବେଟିସ୍ ରୋଗୀ ଏଥିପ୍ରତି ସତର୍କ ହେବା ନିହାତି ଦରକାର। ପାଟିରୁ ଦୁର୍ଗନ୍ଧ ବାହାରୁଥିଲେ ଏଥିପାଇଁ ଦାୟୀ ଜୀବାଣୁ ଦାନ୍ତକୁ ମଜଭୁତ କରୁଥିବା ଟିସୁକୁ ଦୁର୍ବଳ କରିଦିଏ। ଏଥିଯୋଗୁ ପାଟିରୁ ଖରାପ ଦୁର୍ଗନ୍ଧ ବାହାରିବା ସହ ମାଢ଼ି ଲାଲ୍ ପଡ଼ିଯାଏ, ରକ୍ତ ବାହାରେ ଏବଂ ଦାନ୍ତ ଦୁର୍ବଳ ହୋଇପଡ଼େ।

ଏପରି ସମସ୍ୟା ଡାଇବେଟିସ୍ ରୋଗୀ ଶରୀରରେ କୋଟାଏସିଡୋସିସ୍ ନାମକ ତତ୍ତ୍ୱ ସୃଷ୍ଟି କରିଥାଏ। ଏହାର ମାତ୍ରା ଅଧିକ ହୋଇଗଲେ ଜଣେ ଡାଇବେଟିସ୍ ରୋଗୀକୁ ବାରମ୍ବାର ପରିସ୍ରା ଲାଗିବା ସହ ବାନ୍ତି ଲାଗେ, ରକ୍ତରେ ଗ୍ଲୁକୋଜର ସ୍ତର ବଢ଼ିଯାଏ, ଏପରି କି ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ପ୍ରତିଦିନ ଦାନ୍ତକୁ ଦୁଇଥର ବ୍ରସ କରନ୍ତୁ। ଜିଭକୁ ମଧ୍ୟ ଭଲଭାବରେ ସଫା କରିବାକୁ ଭୁଲନ୍ତୁ ନାହିଁ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖନ୍ତୁ। ନିଶ୍ୱାସ ଦୁର୍ଗନ୍ଧକୁ ଦୂର କରିବା ପାଇଁ ଟୀ ଟ୍ରୀ ତେଲର ବ୍ୟବହାର କରନ୍ତୁ। ଟୀ ଟ୍ରୀ ତେଲ ମୁହଁକୁ ଫ୍ରେଶନେସ ଦେବା ସହିତ ବ୍ୟାକ୍ଟେରିଆ ଠାରୁ ମୁକ୍ତି ଦେଇଥାଏ।

ଆପୁଲ ଭିନେଗାର ପାଟିର ଦୁର୍ଗନ୍ଧକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାକୁ ବ୍ୟବହାର କରିବା ପାଇଁ ଅଧା କପ ପାଣିରେ ଦୁଇ ଚାମଚ ଭିନେଗାର ମିଶାଇ ମୁହଁରେ ରଖନ୍ତୁ। ୨୦ ମିନିଟ ପରେ ଏହାକୁ କୁଳି କରନ୍ତୁ। ଏହିଭଳି କରିବା ଦ୍ୱାରା ନିଶ୍ୱାସର ଦୁର୍ଗନ୍ଧ ଦୂର ହୋଇଯାଇଥାଏ। ନଡିଆ ତେଲ ନିଶ୍ୱାସର ଦୁର୍ଗନ୍ଧକୁ ଦୂର କରିବା ପାଇଁ ସହାୟକ ହୋଇଥାଏ। ମୁହଁରେ ଏକ ଚାମଚ ନଡିଆ ତେଲ ପକାଇ ୨୦ ମିନିଟ ପର୍‌ଯ୍ୟନ୍ତ ଚାରି ଆଡକୁ ବୁଲାନ୍ତୁ। ଏହିଭଳି କରିବା ଦ୍ୱାରା ପାଟିରେ ହେଉଥିବା ଦୁର୍ଗନ୍ଧ କମ୍ ହୋଇଯାଏ। ପାନମଧୁରୀକୁ ମାଉଥ୍ ଫ୍ରେସନର ରୂପେ ନିଆଯାଏ। ଏହା ମୁହଁରେ ଥିବା କିଟାଣୁକୁ ମାରିବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ଦିନ ଖାଦ୍ୟ ଖାଇବା ପରେ ଏକ ଚାମଚ ପାନମଧୁରୀ ଦ୍ୱାରା ହେଉଥିବା ଦୁର୍ଗନ୍ଧ ଦୂର ହୋଇଥାଏ।

# ୨୩ତମ ଲୋକ ଉତ୍ସବ ଉଦ୍‌ଯାପିତ



**ବଲାଙ୍ଗିର,୨୪।୧(ସଂଚାର ବ୍ୟୁରୋ):** ସ୍ଥାନୀୟ କୋଶଳ କଳା ମଣ୍ଡପରେ ୫ଦିନଧରି ଆୟୋଜିତ ହେଉଥିବା ୨୩ତମ ଲୋକ ଉତ୍ସବ ଉଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ସକାଳେ ଜୟଦେବ କଳାସଂସଦ, ବଲାଙ୍ଗିର ଦ୍ୱାରା ନୂତନ ମଞ୍ଚଠାରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରହଲ୍ଲାଦ ଦର୍ଜି, ଭାଗରଥି ଦାସ ଏବଂ ଦେବାଧୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ଦଳୀୟ ନାଟକ ପ୍ରତିଯୋଗିତାରେ ଚିକଲବାହାଲର ଶତ୍ରୁଘନ ବେହେରା ଓ ଦଳ, ସିକୁଆର ରାମଜୀ ପାଠାଗାର, କୁଟେବପାଲିର ଭବାନୀ ଶଙ୍କର କଳା ପରିଷଦ, ମୁଦଲସରର ରାମଲୀଲା ଦଳ, ଦେଉଲଗା ରାମଲୀଲା ଦଳ, ରାମଲୀଲା ଦଳ ତମିଆଁ, ସିଲଣ୍ଡ ର ମାଁ ଦୁଆରସେନୀ ଦଣ୍ଡ, ସଇଁତଳାର ବୀରାଟ ଦରବାର ଦଳ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଲୋକଉତ୍ସବ ସାଂସ୍କୃତିକ କମିଟି ଆନୁକୁଲ୍ୟରେ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକ ସଂଗୀତ ବିଚିତ୍ରା ନୂତନ ମଞ୍ଚରେ ଅନୁଷ୍ଠିତ ହୋଇଥିଲା।ଅତିରିକ୍ତ ଜିଲ୍ଲାପାଳ ତଥା ଲୋକଉତ୍ସବ ଉପାଧକ୍ଷ ଡ଼ଃ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଲୋକ ଉତ୍ସବର ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ସନ୍ଧ୍ୟା କାର୍ଯ୍ୟକ୍ରମରେ ବରଣ୍ୟ ଅତିଥି ଭାବେ ବିଧାୟକ, ବଲାଙ୍ଗିର କଳିକେଶ ନାରାୟଣ ସିଂହଦେଓ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ତରଣି ସୁନା, ସମ୍ପାଦକ, ଲୋକଉତ୍ସବ ସମିତି, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଅର୍ଥ କମିଟି ସହ ଅଧକ୍ଷ୍ୟ ସାଗର ସଂଗମ ଶତପଥି, ବରିଷ୍ଠ କଳାକାର ବିରଞ୍ଚି ନାରାୟଣ ତ୍ରିପାଠୀ, ଅଭ୍ୟର୍ଥନା କମିଟି ସହ ଅଧକ୍ଷ ଦେବଦତ୍ତ ବେହେରା ଓ ଦିନେଶ ଶର୍ମା ପ୍ରମୁଖ ମଞ୍ଚାସିନ ଥିଲେ। ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ପଞ୍ଚମ ତଥା ଶେଷ ସନ୍ଧ୍ୟାର ଶୁଭ ଉଦଘାଟନ ହୋଇଥିଲା।

## ବିଦ୍ୟାଳୟରେ ନେତାଜୀ ସୁଭାଷ ବୋଷ ଜୟନ୍ତୀ ପାଳନ



**କନ୍ଧମାଳ,୨୪।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଠାରେ ନେତାଜୀ ସୁବାଷ ବୋଷ ଉଚ୍ଚ ମାଧମିକ ବିଦ୍ୟାଳୟରେ ନେତାଜୀ ସୁବାଷ ବୋଷଙ୍କ ୧୨୯ ତମ ଜୟନ୍ତୀ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଡ଼ଃ. ସୁନୀଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥ୍ ଭାବେ ତୁମୁଡିବନ୍ଧ ପଞ୍ଚାୟତ ସମିତିର ଅଧକ୍ଷା ଶ୍ରୀମତୀ ବାସନ୍ତି ମାଝୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ତଥା ବରିଷ୍ଠ ବିଜେପି ନେତା ଶ୍ରୀଯୁକ୍ତ ନେତ୍ର ମାନସେଠ, ସମ୍ମାନିତ ଅତିଥ୍ ଭାବେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ରାଜୀବ ପାତ୍ର, ଜଣାଶୁଣା ଭଦ୍ର ବ୍ୟକ୍ତି ଶ୍ରୀଯୁକ୍ତ ପରମାନନ୍ଦ ବେହେରଦଳାଇ, ତୁମୁଡିବନ୍ଧ ଅଗ୍ନିଶମ ବିଭାଗୀୟ ଅଧିକାରୀ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ଅଧାପକ ଡଃ. ସତ୍ୟରଞ୍ଜନ ପାଣିଗ୍ରାହୀ ମଞ୍ଚାସିନ ଅତିଥ୍ ମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ନେତାଜୀ ସୁବାଷ ବୋଷ ଜୀବନୀ ଉପରେ କହି ତାଙ୍କ ବୀରତ୍ୱର ଦୃଢ଼ ନେତୃତ୍ୱରେ କିପରି ଇଂରେଜ ସରକାର ଧରାଶାୟୀ ହୋଇ ସ୍ୱାଧୀନତା ରାସ୍ତା ଉନ୍ମୁକ୍ତ କରିଥିଲେ କହିଥିଲେ।

## ଗୁଟିଙ୍ଗିଆ ଠାରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ପଞ୍ଚ ମହାଯଜ୍ଞ ?

**କନ୍ଧମାଳ,୨୪।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଗୁଟିଙ୍ଗିଆ ଗ୍ରାମରେ ଥିବା ହନୁମାନ ମନ୍ଦିର ପଡ଼ିଆ ଠାରେ ଦୁଇ ଦିନିଆ ହିନ୍ଦୁ ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଟିଙ୍ଗିଆ ହିନ୍ଦୁ ସମ୍ମିଳନୀ କମିଟି ର ସଭାପତି ବନୁ ପ୍ରଧାନ ଙ୍କ ତତ୍ତ୍ୱାବଧାନ ରେ ହୋଇଥିବା ବେଳେ ଏଥିରେ ମୁଖ୍ୟ ପ୍ରବଚକ ଓଡିଶା ରାଜ୍ୟ ପରିବ୍ରାଜକ ଆର୍ଯ୍ୟସମାଜ ର ପୂଜ୍ୟ ସନ୍ଥ ଶ୍ରୀ ଆତ୍ମା ସରସ୍ୱତୀ, ପ୍ରବଚିକା ମୁକ୍ତି ସାଧନା ସେବାକେନ୍ଦ୍ର ଗିନ୍ଦାପାଙ୍ଗା ଆଶ୍ରମ ର ସନ୍ୟାସୀନି ସୁଶ୍ରୀ ମାନସୀ ଗଙ୍ଗା ଦେବୀ ଅନ୍ତମୁଖୀ, ମୁଖ୍ୟବକ୍ତା ଚକାପାଦ ଗୁରୁକୁଳ ଆଶ୍ରମ ପ୍ରଧାନ ଆଚାର୍ଯ୍ୟ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଜିଲ୍ଲା ପୂର୍ବତନ ବୌଦିକ ର ପ୍ରମୁଖ ଜଗବନ୍ଧୁ ଦାସ, ଅତିଥି ଭାବେ ପୂର୍ବତନ କନ୍ଧମାଳ ଜିଲ୍ଲା ଆର୍ଯ୍ୟ ସମାଜ ସଭାପତି ତଥା ଗୁଟିଙ୍ଗିଆ କୁଇ ସମାଜ ସଭାପତି ବାଳକୃଷ୍ଣ ପ୍ରଧାନ, ପ୍ରବଚକ ଗୁଡ଼ିକିଆ ତପବନ ଆଶ୍ରମ ର ବୈକୁଣ୍ଠ ଆଚାର୍ଯ୍ୟ, ସମ୍ମାନିତ ଭାବେ ସାମ୍ବାଦିକ ବାଳକୃଷ୍ଣ କହଁର, ହରିକଥା ପ୍ରବଚିକା ସୁଶ୍ରୀ ଅନ୍ତିମ କହଁର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲ୍ଲା ପ୍ରଚାରକ ଶ୍ରୀମାନ



କର୍ଣ୍ଣ ପ୍ରଧାନ, ଟିକାବାଲି କାର୍ଯ୍ୟଭାର ବାବୁନ୍ଦର ପ୍ରଧାନ ଙ୍କ ସହ ବିଶିଷ୍ଟ ଜ୍ଞାନି ବୁଦ୍ଧିଜୀବି ଯୋଗଦେଇଥିଲେ। ଏହି ସମ୍ମିଳନୀ କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ୧୦୦ ବର୍ଷ ପୂର୍ତ୍ତି ଅବସରରେ ଆୟାଜନ କରାଯାଇଅଛି।

## ପରଲୋକରେ ବରିଷ୍ଠ ସାମ୍ବାଦିକ ରାମକୁମାର ଅଗ୍ରୱାଲ



**ବଲାଙ୍ଗୀର,୨୪।୧(ସଂଚାର ବ୍ୟୁରୋ):** ବଲାଙ୍ଗୀରର ବରିଷ୍ଠ ସାମ୍ବାଦିକ ରାମ କୁମାର ଅଗ୍ରୱାଲ (୭୯)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଘରୁ ବାହାରୁ ନଥିଲେ। ୧୯୪୭ ମସିହାରେ ଜନ୍ମଗ୍ରହଣ କରିଥିବା ରାମ କୁମାର ୭୦ ଦଶକ ଆରମ୍ଭରୁ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ରହିଥିଲେ। 'ଧରିତ୍ରୀ' ସମେତ ପ୍ରତିଷ୍ଠିତ ଇଂଲିଶ ଖବର, ହିନ୍ଦୀ ଖବରକାଗଜ, ଅଲ ଇଣ୍ଡିଆ ରେଡିଓ, ଦୂରଦର୍ଶନରେ ବହୁ ବର୍ଷ ଧରି ଖବର ପରିବେଷଣ କରିଥିଲେ। ତାଙ୍କ ସ୍ତ୍ରୀ, ପୁତ୍ର ଡା. ସଞ୍ଜୀବ କୁମାର ଅଗ୍ରୱାଲ, ବୋହୂ, ନାତିନାତୁଣୀ ଓ ପରିବାରର ଅନ୍ୟ ସଦସ୍ୟ ଅଛନ୍ତି। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

## ପିକେବି ଉଚ୍ଚ ବିଦ୍ୟାଳୟ ଜେ. ରାଏବଗା ଠାରେ ବାର୍ଷିକ କ୍ରୀଡା ଉତ୍ସବ



**ସୁନ୍ଦରଗଡ଼,୨୪।୧(ସଂଚାର ବ୍ୟୁରୋ):** ନଭେମ୍ବର ୨୪ ତାରିଖ ଶନିବାର ଦିନ ଲେଫ୍ରୀପଡା ବ୍ଲକ ଅନ୍ତର୍ଗତ ପିକେବି ଉଚ୍ଚ ବିଦ୍ୟାଳୟ ଜେ. ରାଏବଗା ଠାରେ ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ଦୁର୍ଗା ମାଧବ ମେମୋରିଆଲ ନାମରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗ୍ରାମ ପଞ୍ଚାୟତ ସରପଞ୍ଚ ଇନ୍ଦ୍ରମଣି କାଲୋ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେ. ରାଏବଗା କ୍ଲଷ୍ଟର ର ସିଆରସିସି ସୁଶାନ୍ତ କୁମାର ପଟେଲ ଓ ନାରାୟଣ କଛରିଆ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ତନ୍ତୀ ଖେଳ ଆରମ୍ଭ କରିବା ପାଇଁ ଅନୁମତି ଦେଇଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଲମ୍ଫଡିଆଁ, ଦୌଡ଼, ଉଚ୍ଚଡ଼ିଆଁ, ସଟପୁଟ୍, ମ୍ୟୁଜିକ୍ ଚେୟାର, ଫୁଟବଲ ଖେଳ ହୋଇଥିଲା। ଖେଳ ଶିକ୍ଷକ ରମେଶ ଭଏଁସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ ଆଲୋକ କୁମାର ପଟେଲ, ରଜତ କୁମାର ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଚୂଳଦେବ ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶୀଲ କୁମାର କାଲୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଖତ ଖାଉଛି ୪୪ ଲକ୍ଷର କୋଠା ସାହାଯ୍ୟ ମାଗୁଛି ପର୍ଯ୍ୟଟକ ସାହାଯ୍ୟ କେନ୍ଦ୍ର



**ରାୟଗଡା,୨୪।୧(ସଂଚାର ବ୍ୟୁରୋ):** ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀର ବିକାଶ ସହ ପର୍ଯ୍ୟଟକଙ୍କ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ଏସବୁ ଯୋଜନାର ସଫଳ ରୂପାୟନ ହୋଇପାରୁନି । ଯାହାର ଜ୍ୱଳନ୍ତ ଉଦାହରଣ ପାଇକପଡ଼ା ପର୍ଯ୍ୟଟକ ସାହାଯ୍ୟ କେନ୍ଦ୍ର। ପ୍ରଶାସନର ଦୂରଦୃଷ୍ଟିର ଅଭାବ ଯୋଗୁ ଦୀର୍ଘ ୧୦ ବର୍ଷ ହେଲାଣି କେନ୍ଦ୍ରରେ ତାଲା ଝୁଲୁଛି। ଟିକିଏ ନଜର ପକାନ୍ତୁ ଏହି ଦୃଶ୍ୟ ଉପରେ। ପାହାଡ଼ ଉପରକୁ ପାଦରେ ଚାଲି ଚାଲି ଗଲେ ଦୂରରୁ ଦିଶୁଛି ଗୋଟିଏ କୋଠା । ଏହି କୋଠାଟିକୁ ଅନାବନା ଗଛ ଘେରି ରହିଛନ୍ତି। ଚାରିଆଡ଼ ଶୂନଶାନ୍ । ଏ ହେଉଛି ପର୍ଯ୍ୟଟକ ସାହାଯ୍ୟ କେନ୍ଦ୍ର । ଉଦଘାଟନ୍‌କୁ ୧୦ ବର୍ଷ ବିତିଗଲାଣି, କିନ୍ତୁ ଆଜି ପର୍ଯ୍ୟନ୍ତ କୋଠାରୁ ତାଲା ଫିଟୁପାରୁନି, ଭିତରେ ବିଦ୍ୟୁତ ସଂଯୋଗ ହୋଇପାରୁନି । ପଡ଼ି ପଡ଼ି ଭୂତକୋଠୀ ପାଲଟିଗଲାଣି ସାହାଯ୍ୟ କେନ୍ଦ୍ର । ଏବେ ଏଠି ପର୍ଯ୍ୟଟକଙ୍କ ବଦଳରେ ଜମୁଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା । ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ପାଇକପଡ଼ା ଗାଁରେ ରହିଛି ହଜାରେ ବର୍ଷ ତଳର ପ୍ରାଚୀନ କୀର୍ତ୍ତିରାଜି ପ୍ରଭୁ ପାତାଳେଶ୍ୱର ମନ୍ଦିର । ମନ୍ଦିରକୁ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି । ୨୦୧୪-୧୫ରେ ପର୍ଯ୍ୟଟକଙ୍କ ପାଇଁ ପାହାଡ଼ ଉପରେ ନିର୍ମାଣ କରାଯାଇଥିଲା ଏହି ପର୍ଯ୍ୟଟକ ସାହାଯ୍ୟ କେନ୍ଦ୍ର । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମିତ ଏହି କେନ୍ଦ୍ର ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖର୍ଚ୍ଚ ହୋଇଥିଲା ୪୪ ଲକ୍ଷ ଟଙ୍କା । ୨୦୧୬ରେ ତତ୍କାଳୀନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକା ଏହାକୁ ଉଦଘାଟନ କରିଥିଲେ। ଇତି ମଧ୍ୟରେ ୧୦ ବର୍ଷ ବିତିଗଲାଣି, ଏହା କର୍ଯ୍ୟକ୍ଷମ ହୋଇପାରିଲାନି । ଅନ୍ୟପଟେ ସହର ଓ ମନ୍ଦିର ଠାରୁ ବହୁ ଦୂରରେ ନିଛାଟିଆ ଜାଗାରେ କେନ୍ଦ୍ରଟି ଥିବାରୁ ପର୍ଯ୍ୟଟକ ଏଠାକୁ ଆସିବାକୁ ଅମଙ୍ଗ ହେଉଛନ୍ତି । ସହର ଠାରୁ ଦୂରରେ କେନ୍ଦ୍ର ନିର୍ମାଣ ପଛର କାରଣ କ'ଣ? କେବେ ପ୍ରଶାସନର ନଜର ପଡ଼ିବ? କେବେ ସଚଳ ହେବ ପର୍ଯ୍ୟଟକ ସାହାଯ୍ୟ କେନ୍ଦ୍ର? ଏବେ କେବଳ ତାକୁ ହିଁ ଅପେକ୍ଷା ।

## ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**ସୁବର୍ଣ୍ଣପୁର,୨୪।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସହରର ପଟାଭାଡି ଛକ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ଜନ୍ମ ଜୟନ୍ତୀ ପାଳନ ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ଓ ଅଧକ୍ଷା, ସୋନପୁର ମ୍ୟୁନିସିପାଲିଟି, ଶ୍ରୀମତି ତାମସୀ ତାମସ୍ମିତା ନାୟକ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କୁ ସ୍ମରଣ କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ଦେଶଭକ୍ତି ଓ ବଳିଦାନକୁ ସ୍ମରଣ କରି ପଟାଭାଡି ଅଞ୍ଚଳର ବ୍ୟବସାୟୀମାନେ ମଧ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପଞ୍ଚାୟତ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅର୍ଜୁନ ମାଝୀ, ମୁନିସିପାଲଟି ନିର୍ବାହୀ ଅଧିକାରୀ ଶ୍ରୀ ଋଷି ମାଝୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ଜନସାଧାରଣମାନେ ଉପସ୍ଥିତ ରହି ଧୂପ ଦେଇ ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## କେଜିଆଇ ସ୍ପୋର୍ଟସ ଏକାଡେମୀ ଉଦ୍‌ଘାଟିତ



**ଯାଜପୁର ରୋଡ଼, ୨୪।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତାରାପୁର ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ କଳିଙ୍ଗ ଗ୍ରୁପ ଅଫ ଇନ୍ସିଚ୍ୟୁଟ ଅନୁଷ୍ଠାନର ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଅଛି। ଏହି କଲେଜର ଚେୟାରମ୍ୟାନ ଶ୍ରୀ ଅଲେକଜ୍ୟାଣ୍ଡର ଦାସ'ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ଦାସ, ଉଦୟ ଭାରତର ପ୍ରତିଷ୍ଠାତା ଦୀପକ ରଥ, କଟକ କ୍ରିକେଟ ଆସୋସିୟସନ ଚିଫ କୋଡିନେଟର ଡାନିୟଲ ରାଉତ, ଜାତୀୟ କ୍ରୀଡ଼ାବିତ ଦୁତି ଚାନ୍ଦ, ପୂର୍ବତନ ଜାତୀୟ ଫୁଟ ବଲ ଖେଳାଳି ଇନ୍ଦ୍ରାଣୀ ସରକାର, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଓଡିଶା ଫୁଟବଲ ଆସୋସିଏସନର ଚେୟାରମ୍ୟାନ ଏମଡି ସାହିଦ ଯାବର, ଜିଲ୍ଲା କ୍ରୀଡା ସମ୍ପାଦକ ସମ୍ବିତ ମହାନ୍ତି'ଙ୍କ ସମେତ ଜାତୀୟ ଫୁଟ ବଲ ଖେଳାଳି ସୁଶାନ କାନାଡୁ, ଅମୀରାଟୁ ଏନ ଡିଜିଅମ୍ବାର, ମାଟିଡ଼ା କାଡ୍ରି, ପୁଷ୍ପା ଦାସ, ମିନତୀ ରାୟ, ଦୀପାଳି ଦାସ, ସମାଜସେବୀ ମଣ୍ଟୁ ଦାସ, ଓ କ୍ରୀଡ଼ାବିତ ବିଏସକେ ସାମଲ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଏହି କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ। ବିଭିନ୍ନ କ୍ରୀଡାର ପ୍ରତିଯୋଗିତା ହେବା ସଂଗେ ସଂଗେ ଏହି ଉଦଘାଟନୀ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ପ୍ଲେ ବ୍ୟାକ ସିଙ୍ଗର ସତ୍ୟଜିତ ପ୍ରଧାନ ଓ ସିନେ ପ୍ରଯୋଜକ ସୁଧାକର ବସନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ

**ବୈଶିଙ୍ଗା,୨୪।୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧିନ ଦୁର୍ଗାପୁର ଗ୍ରାମରେ ବାବା ମଞ୍ଜେଶ୍ୱର ମହାଦେବ ଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଜି ଆରମ୍ଭ ହୋଇ ଥିବାର ଜଣାଯାଇଛି। ଚାରି ବେଦର ନିମନ୍ତ୍ରିତ ବେଦଜ୍ଞ ବ୍ରାହ୍ମଣମାନେ ଶନିବାର ଉପନୀତ ହେବା ପରେ ଯଜ୍ଞ ପାଇଁ ଅଧିବାସ ଓ ମଙ୍ଗଳାରୋପଣ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ପର୍ଶୁରାମ ମିଶ୍ର ଯୋଗ ଦେଇ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରବଚନ ମାଧମରେ ଶାନ୍ତିର ବାର୍ତ୍ତା ଶୁଣାଇଥିଲେ। ୨୫ ତାରିଖ ରବିବାର ଦିନ ପଦ୍ମପୁର ଜଗନ୍ନାଥ ମନ୍ଦିର ନିକଟ ପୁଷ୍କରିଣୀ ରୁ ଘଟୋଭଳନ କରାଯାଇ ମନ୍ଦିର ସ୍ଥଳୀକୁ ଶୋଭାଯାତ୍ରାରେ ନିଆଯିବା ପରେ ଯଜ୍ଞାରମ୍ଭ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଆରମ୍ଭ କରାଯିବ। ସନ୍ଧ୍ୟାରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଜ୍ଞାନଯଜ୍ଞ ମାଧମରେ ସାଂସାରିକ ଜୀବନର ତତ୍ତ୍ୱ ବଖାଣିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ୨୬ ତାରିଖ ସୋମବାର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇ ସନ୍ଧ୍ୟାରେ ପ୍ରବଚକ ଦୀନବନ୍ଧୁ ସାମଲ ପ୍ରବଚନ ପ୍ରଦାନ କରିବେ।

## ବ୍ୟାସନଗର ପୌରାଞ୍ଚଳ କଂଗ୍ରେସ ସଭାପତି ହେଲେ ତପନ କୁମାର ନାୟକ



**ଯାଜପୁର ରୋଡ଼,୨୪।୧(ସଂଚାର ବ୍ୟୁରୋ):** ବ୍ୟାସନଗର ପୌର ପରିଷଦର ୱାର୍ଡ ନମ୍ବର -୧୬ର ପୂର୍ବତନ କାଉନସିଲର ତପନ କୁମାର ନାୟକ ବ୍ୟାସନଗର ପୌରାଞ୍ଚଳ କଂଗ୍ରେସ'ର ସଭାପତି ଭାବରେ ମନୋନୀତ ହୋଇଛନ୍ତି। ତାଙ୍କୁ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ବୈକୁଣ୍ଠ ଜେନା ଦ୍ୱାରା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାଶ ଓ ଓ.ପି.ସି.ସି ଆଡମିଷ୍ଟ୍ରେଟର ସମିର କୁମାର ରାଉତ ରାୟ ଏହି ଦାୟିତ୍ୱ ଦେଇଛନ୍ତି। ଦୀର୍ଘଦିନ ହେବ ସେ ବ୍ୟାସନଗରରେ ସମାଜସେବା କାର୍ଯ୍ୟରେ ନିଜକୁ ସାମିଲ କରି ନିଜର ଉଦ୍ୟମ ଜାରି ରଖିଥିଲେ। ବନ୍ୟା, ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକ ସମୟରେ ବିପନ୍ନମାନଙ୍କ ପାଖରେ ପହଂଚି ସେମାନଙ୍କୁ ସହାୟତାର ବଢ଼ାଇଥାନ୍ତି। ଶ୍ରୀନାୟକ ସଭାପତି ଦାୟିତ୍ୱ ନେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ତେଣୁ ସେ ରାଜ୍ୟ ଓ ଜିଲ୍ଲା ସ୍ତରିୟ କଂଗ୍ରେସର ସମସ୍ତ ନେତୃବୃନ୍ଦ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ଉଦଘାଟିତ



**ଭୁବନେଶ୍ୱର,୨୪।୧(ସଂଚାର ବ୍ୟୁରୋ):** ଓଡିଶା ଉଷୁ ଆସୋସିଏସନ ସହଭାଗିତାରେ ଖୋର୍ଦ୍ଧା ଉଷୁ ଆସୋସିଏସନ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ଭୁବନେଶ୍ୱର ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଶନିବାର ଆରମ୍ଭ ହୋଇଛି। ଏହି ପ୍ରତିଯାଗିତାରେ ରାଜ୍ୟର ୨୧ଟି ଜିଲ୍ଲାରୁ ୩୫୦ରୁ ଅଧିକ ପୁରୁଷ ଓ ମହିଳା ପ୍ରତିଯୋଗୀ ଓ ୫୦ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଉଷୁ ଆସୋସିଏସନ ପ୍ରତିଷ୍ଠାତା ତଥା ଅଧକ୍ଷ ଇଂ. ଏସ.ଏସ. ହରିଚନ୍ଦନ, ସଭାପତି ଇଂ. ବିଷ୍ଣୁମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ରବିବାର ଏହି ପ୍ରତିଯୋଗିତା ଉଦଯାପିତ ହେବ।

## ଇନ୍ଦୁପୁର ସତସଙ୍ଗ କେନ୍ଦ୍ର ପ୍ରକଳ୍ପର ନିର୍ମାଣ ଆରମ୍ଭ

**କେନ୍ଦ୍ରାପଡ଼ା,୨୪।୧(ସଂଚାର ବ୍ୟୁରୋ):** ଇନ୍ଦୁପୁର ସତସଙ୍ଗ କେନ୍ଦ୍ର ପ୍ରକଳ୍ପ ନିର୍ମାଣର ଭୂମି ପୂଜନ, ପବିତ୍ର ଘଟ ସ୍ଥାପନ ଓ ବାର୍ଷିକ ସତସଙ୍ଗ ଅଧିବେଶନ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି । ସତସଙ୍ଗ ସହ ପ୍ରତିଋତ୍ୱିକ ରମେଶ ଚନ୍ଦ୍ର ରାଉତ ଉକ୍ତ ସତସଙ୍ଗରେ ଅଧକ୍ଷତା କରିଥିବା ବେଳେ ସହ ପ୍ରତିଋତ୍ୱିକ ଦୁର୍ଯ୍ୟୋଧନ ରଥ, ଗୁରୁଚରଣ ପରିଡା, ବିଜୟ କେତନ ମହାପାତ୍ର, ନିରଞ୍ଜନ ବେହେରା, ପ୍ରହ୍ଲାଦ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ପବିତ୍ର ପଞ୍ଜାଧାରୀ କର୍ମୀ ପ୍ରଦ୍ୟୁମ୍ନ କୁମାର ଜେନା ସତସଙ୍ଗର ଉଦେଶ୍ୟ ଓ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଜୀବନ ଉପରେ ଆଲୋକପାତ କରିଥିଲେ । ପବିତ୍ର ପାଞ୍ଜାଧାରୀ କର୍ମୀ ରବିନ୍ଦ୍ର ନାୟକ, ବିନୟ କୁମାର ବୋଷ, ମନୋରଞ୍ଜନ ବୋଷ, ଦୈତାରୀ ସାହୁ, କସ୍ତୁରୀ ଚରଣ ପ୍ରଧାନ, ଶରତ ଚନ୍ଦ୍ର ରାଉତ, ଭରତ ଚନ୍ଦ୍ର ଦାଶ, ଅଭୟ ଚରଣ ଦାଶ, ଭାଗିରଥି ମହାନ୍ତି, ଶ୍ରୀଧର ଦାଶଙ୍କ ସମେତ ସହ ବହୁ ସଂଖ୍ୟାରେ ଆଳିକ ଗୁରୁଭ୍ରାତା ମା\' ସତସଙ୍ଗ ପିପାସୁ ଶ୍ରଦ୍ଧାଳୁ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ସର୍ବ ଶେଷରେ ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ପଞ୍ଜାଧାରୀ କର୍ମୀ ବିଜୟ କୁମାର ଜେନା ବନ୍ଦେପୁରୁଷୋମ ଧ୍ୱନି ଦେଇ ସତସଙ୍ଗ ସମାପନ ହୋଇଥିଲା ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ



**ଗଞ୍ଜାମ,୨୪।୧(ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅନ୍ତର୍ଗତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏନେଇ ଜିଲାପାଳଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଲିଖିତ ଅବଗତ କରାଯାଇଛି। ଆରଆଇ, ଅମିନ, ସୁପରଭାଇଜର ଓ ଅନ୍ୟାନ୍ୟ କର୍ମଚାରୀ ରହିଥିବା ବେଳେ ଜଣେ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହେଉଛି।

# ପାଣିରେ ବୁଡି ବିବାହିତ ମହିଳାଙ୍କ ମୃତ୍ୟୁ



**ଫୁଲବାଣୀ,୨୪।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନରେ ଥିବା ରତଙ୍ଗ ପଞ୍ଚାୟତ ର ଲଦା ଡେଲରପଡା ସାହିରେ ଶୁକ୍ରବାର ଦିନ ପ୍ରାୟ ଦଶଟା ସମୟରେ ପାଣିରେ ବୁଡି ଜାଇ ଜଣେ ବିବାହିତ ମହିଳା ଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ମହିଳା ଜଣକ ସେହି ଡେଲରପଡା ସାହିର ଶତ୍ରୁଘନ ମାଝୀ ଙ୍କ ସ୍ତ୍ରୀ ମିଲି ସାହୁ ୨୭ ବର୍ଷ ବୋଲି ଜଣା ପଡିଛି। ସୂଚନା ଅନୁସାରେ ଆଗରୁ ଦୀର୍ଘ ଦିନ ଧରି ମହିଳା ଜଣକ ଅପସ୍ମାର ରୋଗରେ ପିଡିତ ଥିବା ବେଳେ ଶୁକ୍ରବାର ସକାଳୁ ସେ ଗାଁ ପାଖରେ ଥିବା ଏକ କୁଅଁ କୁ ସବୁଦିନ ପରି ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ହଟାତ ତାଙ୍କର ରୋଗ ବାହାରିପଡିଥିଲା। ଯାହା ଫଳରେ ସେ କୂଅ ରେ ପଡ଼ି ବୁଡ଼ିଯାଇଥିଲେ ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କୁଅ ରୁ ମହିଳା ଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଖାନରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରେ ଖବର ପାଇ ଥାନା ଅଧିକାରୀ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ମହିଳା ଏଏସଆଇ ମଞ୍ଜୁ ବେହେରା ଙ୍କ ସହ ଏଏସଆଇ କୃଷ୍ଣ ଚନ୍ଦ୍ର ଗୌଡ଼ ପହଞ୍ଚି ଶବ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠେଇ ଦେଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି। ଘଟଣା କୁ ନେଇ ଫିରିଙ୍ଗିଆ ଥାନାରେ ୦୧/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି।

# ରୋଗ ଶଯ୍ୟାରେ ପଡ଼ି ସର୍ବସ୍ୱାନ୍ତ ଧୀରେନ

### ସାହାଯ୍ୟ ପାଇଁ ନିବେଦନ କଲେ ପରିବାର



**ବାରିପଦା,୨୪।୧(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅନ୍ତର୍ଗତ ଡୁମୁରଡିହା ପଞ୍ଚାୟତର ହଳଦିଆ ଗ୍ରାମର ଧିରେନ କୁମାର ନାଥ କିଡନୀ ରୋଗରେ ପୀଡିତ ହୋଇ ଗତ ଅଗଷ୍ଟ ମାସ ପାଖରୁ କୀମସ୍ ହସ୍ପିଟାଲ୍ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି ଓ ୨ଟି ଯାକ କିଡନୀ ନଷ୍ଟ ହୋଇଯିବା ପରେ ଡାକ୍ତର କିଡନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦେଇଛନ୍ତି ଓ ଆୟୁଷ୍ମାନ କାର୍ଡର ସମସ୍ତ ୫ଲକ୍ଷ ଟଙ୍କା ଖର୍ଚ୍ଚ ସରିବା ପରେ ନିଜର ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ କରିସାରି ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଧିରେନ ଓ ବର୍ତ୍ତମାନ ଟ୍ରାନସପ୍ଲାଣ୍ଟ ର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବା ନିମନ୍ତେ ସେ ଅକ୍ଷମ। ପରିବାରରର ଏକ ମାତ୍ର ସାହାଭରସା। ଧିରେନଙ୍କ ୨ଟି ଝିଅ, ୭ବର୍ଷର ଗୋଟେ ପୁଅ ଅଛନ୍ତି ଓ ତାଙ୍କ ଧରମପତ୍ନୀ ଚନ୍ଦ୍ରମଣୀ ଗୋଟିଏ କିଡ଼ନୀ ଦେବାର ସମସ୍ତ ପ୍ରସ୍ତୁତି ହୋଇସାରିଥିବା ବେଳେ ଟ୍ରାନସପ୍ଲାଣ୍ଟ ପାଇଁ ଅର୍ଥ ସାଜିଛି ବାଧକ ଓ ଅନ୍ୟ କୋଣସି ଉପାୟ ନ ପାଇ ସେ ଓ ତାଙ୍କ ସ୍ତ୍ରୀ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି ଓ ଖବର ପାଇ ସମାଜସେବୀ ଡଃ ନିରୋଜ କୁମାର ପୋଥାଲ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ ଓ ଅରବିନ୍ଦ ମୁଖି ପ୍ରମୁଖ ତାଙ୍କ ସହ ଯୋଗାଯୋଗ କରି ନିଜ ସକ୍ଷମ ଅନୁସାରେ ସାହାଯ୍ୟ ର ହାତ ବଢ଼ାଇଛନ୍ତି। ତତ ସହିତ ସମସ୍ତେ କିଛି କିଛି ଦାନ କରିଲେ ଏହି ପରିବାର ଟି ମହା ବିପତ୍ତି ରୁ ଉଦ୍ଧାର ପାଇ ଯାଆନ୍ତା ବୋଲି ସମାଜସେବୀ ମାନେ ନିବେଦନ କରିଛନ୍ତି ।

## ଶିଖର ଧାନମଣ୍ଡି ଉଦ୍‌ଘାଟିତ



**ନାଉଗାଁ,୨୪।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ ସମିତିର ସଭାପତି ନିଳମଣୀ ମହାପାତ୍ର ଯୋଗ ଦେଇ ଫିତା କାଟି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ପୂର୍ବତନ ସଭାପତି ତଥା ବୋର୍ଡ ସଦସ୍ୟ ସୁରେନ୍ଦ୍ରନାଥ ସ୍ୱାଇଁ, ଚାଷୀ ଦିଲ୍ଲିପ ଲେଙ୍କା, ବୈକୁଣ୍ଠ ନାୟକ, ସମିତିର ପୂର୍ବତନ ସଭାପତି ଗିରିଧାରୀ ସ୍ୱାଇଁ, ପ୍ରସନ୍ନ କୁମାର ବେହୁରା, ଅକ୍ଷୟ କୁମାର ବେହୁରା, ପ୍ରହଲ୍ଲାଦ ପୁହାଣ, ବିଜୟ ବାରିକ, ଡିଇଓ ଆଲୋକ କୁମାର ସ୍ୱାଇଁ, ଶୁଭେନ୍ଦୁ ମହାପାତ୍ର, ରଶ୍ମିକାନ୍ତ ରାଉତ ଆଦି ଯୋଗ ଦେଇଥିଲେ। ଏହି ସମବାୟ ସମିତିରେ ୪୩୧ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଂଜୀକୃତ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫ ହଜାର କୁଇଂଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆସନ୍ତା ମଙ୍ଗଳବାର ଠାରୁ ଧାନ ସଂଗ୍ରହ କରାଯିବ ବୋଲି ସମିତି ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଶିବ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟିନେଲେ



**ପରଜଙ୍ଗ,୨୪।୧(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ତୋର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗାଁ ଶିବ ମନ୍ଦିରରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ମନ୍ଦିର ସାମଗ୍ରୀ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମନ୍ଦିର କବାଟ ତାଲା ଭାଙ୍ଗି ମନ୍ଦିର ଭିତରେ ଥିବା ପିତ୍ତଳ ସାମଗ୍ରୀ, ମାଆଙ୍କ ମୁକୁଟ, ରୁପା ସାମଗ୍ରୀ ଆଦି ଲୁଟ୍ କରିନେଇଛନ୍ତି ଦୁର୍ବୃତ୍ତ। ଏଥିସହିତ ମନ୍ଦିର ନିକଟରେ ଥିବା ପାଣି ପମ୍ପ ହାଉସ୍ ଘରର ତାଲା ମଧ ଭାଙ୍ଗି ଦେଇଛନ୍ତି। ତେବେ ସେଠାରୁ କିଛି ଚୋରି ହୋଇ ନ ଥିବା ଜଣାପଡ଼ିଛି। ମାତ୍ର ଅଞ୍ଚଳରେ ବାରମ୍ବାର ଚୋରିକୁ ନେଇ ଏବେ ଆତଙ୍କିତ ଅଛନ୍ତି ଅଞ୍ଚଳବାସୀ। ତୁରନ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।